# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ଅଗଷ୍ଟ ୨୨ /୨୦୧୮ (୧୬ ପୃଷ୍ଠା+ସାହିତ୍ୟାୟନ) | Berhampur, Wednesday, August 22 / 2018 | ★★★

୧୪ ଶ ଭାଗ ୨୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## କବାଡ଼ି ଖେଳିବେ କଙ୍ଗନା ରାଣାଓ୍ବତ୍

ପରଦାରେ କବାଡ଼ି ଖେଳିବେ ଅଭିନେତ୍ରୀ କଙ୍ଗନା ରାଣାଓ୍ବତ୍। ଫିଲ୍ମ 'ପଙ୍ଗା'ରେ କଙ୍ଗନା କବାଡ଼ି ଖେଳାଳି ଭୂମିକାରେ ଦେଖିବାକୁ ମିଳିବେ।

୦୨

୧୩

## ଗ୍ରିଭାନ୍ସ ଅଧିକାରୀ ନିଯୁକ୍ତି ଲାଗି ହ୍ୱାଟ୍‌ସଆପ୍‌କୁ ନିର୍ଦ୍ଦେଶ

ଘରୋଇ ବଜାର ଲାଗି ଜଣେ ଗ୍ରିଭାନ୍ସ ଅଧିକାରୀ ନିଯୁକ୍ତ କରିବାକୁ ହ୍ୱାଟ୍‌ସଆପ୍‌କୁ ନିର୍ଦ୍ଦେଶ ଦିଆଯାଇଥିବା ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି।






Dutee Chand
Sports Personality

PLEDGE 'PLASTIC-FREE' ODISHA

#PlasticFreeOdisha
ଧରିତ୍ରୀ DHARITRI
TEAM

02 OCTOBER


## ସିଦ୍ଧୁ ଶାନ୍ତିଦୂତ: ଇମ୍ରାନ



**ଇସ୍‌ଲାମାବାଦ/ଚଣ୍ଡିଗଡ଼,୨୧।୮(ପି.ଟି.):** ପାକିସ୍ତାନ ଗସ୍ତ ପାଇଁ ବିଭିନ୍ନ ମହଲରେ ସମାଲୋଚିତ ହୋଇଛନ୍ତି ପଞ୍ଜାବ ପର୍ଯ୍ୟଟନ ମନ୍ତ୍ରୀ ତଥା ପୂର୍ବତନ କ୍ରିକେଟର୍ ନବ୍‌ଜ୍ୟୋତ୍ ସିଂ ସିଦ୍ଧୁ। ଏଭଳି ସମୟରେ ବନ୍ଧୁ ସିଦ୍ଧୁଙ୍କ ସମର୍ଥନରେ ବାହାରି ପଡ଼ିଛନ୍ତି ପାକିସ୍ତାନର ନୂଆ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍। ସମାଲୋଚକଙ୍କୁ ଭର୍ତ୍ସନା କରିବା ସହ ସିଦ୍ଧୁଙ୍କୁ ସେ ଶାନ୍ତିର ଦୂତ ବୋଲି ବିବେଚନା କରିଛନ୍ତି। ଇମ୍ରାନ କହିଛନ୍ତି, ନିମନ୍ତ୍ରଣ ରକ୍ଷାକରି ପାକିସ୍ତାନ ଆସିଥିବାରୁ ସିଦ୍ଧୁଙ୍କୁ ଧନ୍ୟବାଦ। ସେ ଶାନ୍ତିର ଦୂତହୋଇ ପାକିସ୍ତାନ ଆସିଥିଲେ ଏବଂ ଦେଶବାସୀଙ୍କଠାରୁ ଅଭୂତପୂର୍ବ ସ୍ନେହ ଓ ଶ୍ରଦ୍ଧା ପାଇଥିଲେ। ତାଙ୍କୁ ବିରୋଧ କରୁଥିବା ଲୋକେ ଉପମହାଦେଶର ବଡ଼ ଅସନ୍ତୋଷ ଗୋଷ୍ଠୀ। ଶାନ୍ତି ବିନା ଆମର ଉନ୍ନତି ଅସମ୍ଭବ। ଏଣୁ ସବୁ ମତଭେଦକୁ ଦୂରକରି ସ୍ଥାଣୁ ହୋଇ ରହିଥିବା ଭାରତ-ପାକିସ୍ତାନ ଆଲୋଚନା ପ୍ରକ୍ରିୟାକୁ ଆଗେଇ ନେବାକୁ ହେବ। ଦୁଇଦେଶ ଶାନ୍ତି ଆଲୋଚନ ଉପରେ ଗୁରୁତ୍ୱ ଦେବା ଉଚିତ। କଶ୍ମୀର ବିବାଦର ସମାଧାନ କରି ବାଣିଜ୍ୟ କାରବାର ଆରମ୍ଭ କରିବା ଉଚିତ ବୋଲି ଇମ୍ରାନ ଟୁଇଟ୍ କରି କହିଛନ୍ତି। ନିଜର ପାକ୍ ଗସ୍ତ ନେଇ ସିଦ୍ଧୁ ☞ପୃଷ୍ଠା-୧୨

### ଆଜିର ମନ୍ତବ୍ୟ

" ଦେଶରେ ଗଣତନ୍ତ୍ର ସମ୍ପୂର୍ଣ୍ଣ ଭୁଶୁଡ଼ିପଡ଼ିଛି ।

– ଶତ୍ରୁଘ୍ନ ସିହ୍ନା, ଭାଜପା ଏମ୍‌ପି

### କିଛି ତଥ୍ୟ

୨୦୧୭ ଡିସେମ୍ବର ଶେଷ ସୁଦ୍ଧା ଦେଶରେ ମୋଟ ୩୫ କୋଟି ୯୪ ଲକ୍ଷ ଲୋକଙ୍କୁ ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର(ପାନ୍) ମିଳିଥିଲା। ୨୦୧୮ ମାର୍ଚ୍ଚ ଶେଷ ସୁଦ୍ଧା ଏହା ୩୭.୯ କୋଟିକୁ ବୃଦ୍ଧି ପାଇଛି।

–ଆୟକର ବିଭାଗ

## ମଲେ ଗଲେ

ନିକଟରେ ଅର୍ଥାତ୍ ଅଗଷ୍ଟ ୯ ଓ ୧୧ରେ ଯଥାକ୍ରମେ କଟକର ନରାଜ ଏବଂ କଳାହାଣ୍ଡି ଜିଲାର ଭବାନୀପାଟଣାରେ ପୋଲିସ କନଷ୍ଟେବଳ ନିଯୁକ୍ତି ପରୀକ୍ଷା ଦେବାକୁ ଯାଇଥିବା ସୁସ୍ଥସବଳ ଦୁଇ ଓଡ଼ିଆ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଅଗଷ୍ଟ ୨୧ରେ ପୁନର୍ବାର ତୃତୀୟ ଥର ପାଇଁ ଅନ୍ୟ ଜଣେ ଯୁବକଙ୍କ ଏହି ପୋଲିସ ଚାକିରି ପ୍ରବେଶିକା ପରୀକ୍ଷା ସମୟରେ ବୌଦ୍ଧରେ ମୃତ୍ୟୁ ଘଟିଛି। ଏହା ଧରାବନ୍ଧା କଥା ଯେ, ପୋଲିସ ଚାକିରି ପାଇଁ ଇଚ୍ଛୁକ ଯୁବକଙ୍କ ସର୍ବନିମ୍ନସ୍ତରର ଶାରୀରିକ ଯୋଗ୍ୟତା ରହିବା କଥା। କିନ୍ତୁ ଲାଗ୍ ଲାଗ୍ ତିନିଜଣ ଯୁବକଙ୍କ ମୃତ୍ୟୁ କେବଳ ଏହି ବର୍ଷ ଘଟିନାହିଁ। ପୂର୍ବବର୍ଷଗୁଡ଼ିକରେ ମଧ୍ୟ ଏହିଭଳି ଘଟଣା ଶୁଣିବାକୁ ମିଳିଛି। ଉଲ୍ଲେଖର ବିଷୟ ହେଉଛି ଯେ, ଆଜିର ଓଡ଼ିଶା ପୋଲିସ ଦାୟିତ୍ୱରେ ଥିବା ମହାନିର୍ଦ୍ଦେଶକ ଏବଂ କମିଶନରଙ୍କଠାରୁ ଆରମ୍ଭ କରି ଅଧିକାଂଶ ଥାନା ଅଧିକାରୀଙ୍କ ପର୍ଯ୍ୟନ୍ତ କେହି ବି ଏହିଭଳି ପରୀକ୍ଷା ଦେଇ ବଞ୍ଚି ଚାକିରିରେ ପୁନର୍ବାର କାର୍ଯ୍ୟ କରିପାରିବେ ନାହିଁ। ଏହା ଏକ ଖୋଲା ଚ୍ୟାଲେଞ୍ଜ ଦିଆଯାଇପାରିବ। ଏଭଳି ପରିସ୍ଥିତିରେ ଗରିବ ଓଡ଼ିଆ ଯୁବକଙ୍କ ପ୍ରାଣ ନେଉଥିବା ନିର୍ଦ୍ଦୟ ପୋଲିସ କର୍ମକର୍ତ୍ତାଙ୍କ ବିରୋଧରେ କାହିଁକି ହତ୍ୟା ମାମଲା ରୁଜୁ କରାଯିବନାହିଁ, ତାହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେବା ଆବଶ୍ୟକ।

ଏଭଳି ମୃତ୍ୟୁ ଘଟଣା ସ୍ପଷ୍ଟ ଦର୍ଶାଉଛି ଯେ, ପ୍ରାରମ୍ଭିକସ୍ତରରେ ଚାକିରି ଆଶାୟୀ ଯୁବକଙ୍କ ଡାକ୍ତରୀ ପରୀକ୍ଷା କରାଯାଉନାହିଁ। ଯିଏ ଆସିଲେ ଦୌଡ଼ିଲେ। ଏହା ବ୍ୟତୀତ ଦୌଡ଼ିବା ସମୟରେ ଗ୍ଲୁକୋଜ୍, ଲେମ୍ବୁପାଣି ଏବଂ ଡାକ୍ତରଙ୍କ ଉପସ୍ଥିତିର ମନେହେଉଛି ଯେପରି ଅଭାବ ରହୁଛି। ଏବେ କାଗଜପତ୍ରରେ ଏହିସବୁ ଦୁର୍ବଳତାକୁ ଘୋଡ଼ାଇଦେବାର ପ୍ରୟାସ ଆରମ୍ଭ ହୋଇଯିବଣି। ପୋଲିସ ବିଭାଗ ହୋଇଥିବାରୁ ତଦନ୍ତ କରିବା ପାଇଁ କୌଣସି ଅଧିକାରୀ ଇଚ୍ଛାପ୍ରକାଶ କରିବେ ନାହିଁ। ସେହି ବିଭାଗର କର୍ମକର୍ତ୍ତା ନିଜ ବିଷୟରେ କେବେହେଲେ ସତ୍ୟାସତ୍ୟ ପ୍ରକାଶ କରିବେ ନାହିଁ। ଅପରପକ୍ଷରେ ରାଜ୍ୟ ସରକାର ଏଭଳି ମାରାତ୍ମକ ଘଟଣାର ବିଚାରବିଭାଗୀୟ ତଦନ୍ତ କରାଇବାକୁ ଆଗେଇ ଆସୁନାହାନ୍ତି କିମ୍ବା ମୃତ ଯୁବକଙ୍କ ପରିବାରକୁ କ୍ଷତିପୂରଣ ଦେବାର ଇଚ୍ଛା ପ୍ରକାଶ କରୁନାହାନ୍ତି।

ଏହା ସ୍ୱୀକାରଯୋଗ୍ୟ ଯେ, ଥରେ ଓଡ଼ିଶା ପୋଲିସ ଚାକିରିରେ ପ୍ରବେଶ କରିବା ପରେ, ସମ୍ଭବତଃ, ୯୯% ଅଧିକାରୀ ନିଜ ଜୀବନ ବଞ୍ଚାଇବାକୁ ଦୌଡ଼ି ପାରିବେ ନାହିଁ। କେବଳ ନିରୀହ ଜନସାଧାରଣଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିବା, ଅପରାଧୀଙ୍କ ସହିତ ହାତ ମିଳାଇବା, ତଦନ୍ତରେ ବାରମ୍ବାର ନିଜର ଅପାରଗତା ପ୍ରମାଣ କରିବା, ମାଓବାଦୀଙ୍କ ବିରୋଧରେ ଅନ୍ୟ ରାଜ୍ୟର ପୋଲିସ ନେଉଥିବା ପଦକ୍ଷେପକୁ ନିଜର ବୋଲି ଦାବି କରିବା, ସବୁ ପ୍ରକାରର ଦୁର୍ନୀତି ଏବଂ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ରହିବା ହୋଇଗଲାଣି ଓଡ଼ିଶା ପୋଲିସର ପରିଚୟ। ଏହି ପ୍ରଚ୍ଛଦପଟରେ ବାରମ୍ବାର ଚାକିରି ଆଶାୟୀ ଓଡ଼ିଆ ଯୁବକଙ୍କ ମୃତ୍ୟୁ ଘଟୁଥିବା ସତ୍ତ୍ୱେ ବ୍ୟବସ୍ଥାର ପରିବର୍ତ୍ତନ କରା ନ ଯିବା ହେଉଛି ବିକୃତ ସରକାରୀ ମାନସିକତାର ପ୍ରତୀକ। ଏହା ଅତ୍ୟନ୍ତ ଦୁଃଖଦାୟକ ଯେ, ସରକାରୀ କର୍ମକର୍ତ୍ତାଙ୍କ ଦ୍ୱାରା କରାଯାଉଥିବା ହତ୍ୟା ପ୍ରତି ଆମର ନ୍ୟାୟ ବ୍ୟବସ୍ଥାରେ କୌଣସି ପ୍ରତିକାର ନାହିଁ। ତାହାଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ସାମାଜିକ ଓ ଗଣମାଧ୍ୟମସ୍ତରରେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ କେହି ନାହିଁ। ଆଜି ଓଡ଼ିଆ ଯୁବକ 'ମଲେ ଗଲେ'। ସେମାନଙ୍କର କେହି ସାହାଭରସା ନାହିଁ।

**ତଥାଗତ ସତପଥୀ**

# ଆମ୍ବକୋଇଲି ପିଠା ଖାଇ ପରିବାରର ୩ ମୃତ

- ସମସ୍ତ ମୃତକ ମହିଳା, ଜଣେ ଗୁରୁତର
- ମୃତକଙ୍କ ମଧ୍ୟରେ ଜଣେ ଓ୍ୱାର୍ଡ ସଭ୍ୟା
- ଗାଁରୁ ଜବତ ହେଲା କୋଇଲି ଗୁଣ୍ଡ
- ଝାଡ଼ାବାନ୍ତି ହେବାରୁ ଗୁଣିଗାରେଡି ସନ୍ଦେହରେ କରିଥିଲେ ଝଡାଫୁଙ୍କା



ମଇନାପଦର ଗାଁରେ ପ୍ରଶାସନିକ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ନବରଙ୍ଗପୁର/ଝରିଗାଁ ୨୧।୮(ବି.ପ୍ର./ସ୍ୱ.ପ୍ର.)**

ଆମ୍ବକୋଇଲି ପିଠା ଖାଇ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଗୁରୁତର ଅସୁସ୍ଥ ହୋଇପଡ଼ିଛନ୍ତି। ଘଟଣାଟି ଘଟିଛି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଗୁରୁସିଙ୍ଗା ପଞ୍ଚାୟତର ମଇନାପଦର। ମୃତକମାନେ ହେଲେ ଡମ୍ବରୁ ସାନ୍ତାଙ୍କ ୨ ବୋହୂ ସୁଧମଣି ସାନ୍ତା (୩୦), ପ୍ରମିଳା ସାନ୍ତା (୨୮) ଓ ଝିଅ ନମିତା ସାନ୍ତା (୧୬)। ଗୁରୁତର ଅବସ୍ଥାରେ ଡମ୍ବରଙ୍କ ନାତି ପ୍ରକାଶ(୬)କୋରାପୁଟ ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି। ଏହି ଖବର ପାଇବା ପରେ ଗାଁରେ ଡାକ୍ତରୀ ଟିମ, ବିଡିଓ, ତହସିଲଦାର, ଜିଲାପରିଷଦ ସଭ୍ୟ ମୋହନ ନାୟକ ପହଞ୍ଚି ଅନ୍ୟ ଘର ମାନଙ୍କରେ ଥିବା ଆମ୍ବ କୋଇଲି ଗୁଣ୍ଡ ଓ ତିଆରି ହୋଇଥିବା ପିଠା ଜବତ କରିଛନ୍ତି। ସୁଧମଣି ହେଉଛନ୍ତି ଗୁରୁସିଙ୍ଗା ପଞ୍ଚାୟତର ଓ୍ୱାର୍ଡ ସଭ୍ୟା।

ମଇନାପଦର ଗାଁର ଡମ୍ବରୁ ସାନ୍ତାଙ୍କ ଦୁଇ ପୁଅ ହେଲେ ଅର୍ଜୁନ ଓ ଅବିନାଶ। ଗତ ବୁଧବାର ଡମ୍ବରଙ୍କ ଘରେ ଆମ୍ବ କୋଇଲି ଗୁଣ୍ଡରେ ପିଠା ତିଆରି ହୋଇଥିଲା। ଏହାକୁ ଗ୍ରାମର ସମସ୍ତେ ଖାଇଥିଲେ। ଅର୍ଜୁନଙ୍କ କହିବା ଅନୁଯାୟୀ ସୋମବାର ସକାଳେ ଟ୍ରାକ୍ଟର ନେଇ ବାଲି ଆଣିବା ପାଇଁ ସେ ଯାଇଥିଲେ। ସାନଭାଇ ଅବିନାଶ ଜମିକୁ ଯାଇଥିଲେ। ବାପା ଡମ୍ବରୁ ଘରେ ନ ଥିଲେ। ଅର୍ଜୁନଙ୍କ ସ୍ତ୍ରୀ ସୁଧମଣି ଆମ୍ବ କୋଇଲି ଗୁଣ୍ଡରୁ ପିଠା ତିଆରି କରିଥିଲେ। ତାହାକୁ ସୁଧମଣି, ☞ପୃଷ୍ଠା-୧୨

# ଚାକିରି ପାଇଁ ଜୀବନ ଗଲା

## ଆଇଆର୍‌ବିରେ ନିଯୁକ୍ତି ପାଇଁ ଦୌଡ଼ ବେଳେ ଜଣେ ପରୀକ୍ଷାର୍ଥୀ ମୃତ, ୨ ଗୁରୁତର

**ବୌଦ୍ଧ,୨୧।୮(ସ୍ୱ.ପ୍ର.)**

ଚାକିରି ପାଇଁ ଆସି ଜଣେ ଯୁବକଙ୍କ ଜୀବନ ଯାଇଛି। ବୌଦ୍ଧ ଜିଲାରେ ଥିବା ପଞ୍ଚମ ଭାରତୀୟ ରିଜର୍ଭ ବାଟାଲିୟନ (ଆଇଆର୍‌ବି)ରେ ନିଯୁକ୍ତି ପାଇଁ ମଙ୍ଗଳବାର ଦୌଡ଼ ପ୍ରତିଯୋଗିତା ବେଳେ ଘଟିଛି ଏଭଳି ଘଟଣା। ମୃତକ ହେଲେ ନୟାଗଡ଼ ଜିଲା ନୂଆଗାଁ ଥାନା ସୋରଡ଼ା ଗ୍ରାମର ପ୍ରବାସୀ ନାଏକ (୨୧)। ସେହିପରି ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କରଡ଼ି ଗ୍ରାମର ପ୍ରଭାତ କୁମାର ସାହୁ ଓ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଗେଲେଇକୁଟୁଣି ଗ୍ରାମର କୁନା ନାଏକ ମଧ୍ୟ ଦୌଡୁଥିବାବେଳେ ଗୁରୁତର ଅସୁସ୍ଥ ହୋଇପଡ଼ିଛନ୍ତି। ଉଭୟଙ୍କୁ ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଚିକିତ୍ସା ପରେ ଏବେ ସେମାନେ ବିପଦମୁକ୍ତ ଥିବା ଡାକ୍ତର ପ୍ରକାଶ କରିଛନ୍ତି।

ବୌଦ୍ଧ ଆଇଆର୍‌ବିରେ ବିଭିନ୍ନ ବର୍ଗର ୧୮୧ ଯବାନ ପଦବୀ ପାଇଁ ମଙ୍ଗଳବାର ନିଯୁକ୍ତି ପ୍ରକ୍ରିୟା ଚାଲିଥିଲା। ଏଥିପାଇଁ ବିଭିନ୍ନ ଜିଲାର ପ୍ରାୟ ୧୨ ହଜାର ପ୍ରାର୍ଥୀ ଆବେଦନ କରିଥିଲେ। ଏତେ ସଂଖ୍ୟକ ପ୍ରାର୍ଥୀ ଥିବାରୁ ଗତ ୬ ତାରିଖରୁ ଭିନ୍ନ ଭିନ୍ନ ଦିନରେ ଚୟନ ପ୍ରକ୍ରିୟା ଚାଲିଥିଲା। ମଙ୍ଗଳବାର ଏକ ନିର୍ଦ୍ଦିଷ୍ଟ ବର୍ଗର ୪୦ ପ୍ରାର୍ଥୀଙ୍କ ଦୌଡ଼ ଦକ୍ଷତା ପରୀକ୍ଷା କରାଯାଉଥିଲା। ବୌଦ୍ଧ ବ୍ଲକ ଗିରାସିଙ୍ଗାସ୍ଥିତ ଆଇଆର୍‌ବି କାର୍ଯ୍ୟାଳୟଠାରୁ ରାସ୍ତାରେ ୫ କିଲୋମିଟର ଦୌଡ଼ ପ୍ରତିଯୋଗିତା କରାଯାଇଥିଲା। ଅନ୍ୟ ପ୍ରାର୍ଥୀମାନଙ୍କ ସହ ଏଥିରେ ପ୍ରବାସୀ, ପ୍ରଭାତ ଓ କୁନା ଭାଗ ନେଇଥିଲେ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଆଉ ମାତ୍ର ୨୦୦ ମିଟର ☞ପୃଷ୍ଠା-୧୨






## ସତ୍ୟପାଲ ମଲିକ୍ ଜମ୍ମୁ-କଶ୍ମୀର ରାଜ୍ୟପାଳ



**ନୂଆଦିଲ୍ଲୀ,୨୧।୮(ପି.ଟି.)**

ବିହାର ରାଜ୍ୟପାଳ ସତ୍ୟପାଲ ମଲିକ୍‌ଙ୍କୁ ଜମ୍ମୁ-କଶ୍ମୀରର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି। ସେ ଏନ୍.ଏନ୍. ଭୋରାଙ୍କ ସ୍ଥାନରେ ଅବସ୍ଥାପିତ ହେବେ। ଅନ୍ୟପକ୍ଷରେ ବରିଷ୍ଠ ଭାଜପା ନେତା ଲାଲଜୀ ଟଣ୍ଡନଙ୍କୁ ବିହାର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଥିବା ନେଇ ମଙ୍ଗଳବାର ରାଷ୍ଟ୍ରପତି ଭବନରୁ ଜାରି ଏକ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ମିଳିଥିବା ସୂଚନାନୁସାରେ ସତ୍ୟଦେବ ନାରାୟଣ ଆର୍ଯ୍ୟଙ୍କୁ ହରିୟାଣା ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବବିରାଣୀ ମୌର୍ଯ୍ୟଙ୍କୁ ଉତ୍ତରାଖଣ୍ଡର ନୂଆ ରାଜ୍ୟପାଳ କରାଯାଇଛି। ହରିୟାଣା ରାଜ୍ୟପାଳ କପ୍ତାନ୍ ସିଂ ସୋଲାଙ୍କିଙ୍କୁ ତ୍ରିପୁରା ବଦଳି କରାଯାଇଛି। ତ୍ରିପୁରା ରାଜ୍ୟପାଳ ତଥାଗତ ରାୟଙ୍କୁ ମେଘାଳୟ ରାଜ୍ୟପାଳ ଭାବେ ଅବସ୍ଥାପିତ କରାଯାଇଛି। ମେଘାଳୟ ରାଜ୍ୟପାଳ ଗଙ୍ଗାପ୍ରସାଦଙ୍କୁ ସିକ୍କିମ୍‌ର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି।

ପରଲୋକରେ ଯଦୁନାଥ ଦାସମହାପାତ୍ର ୪







NECC NATIONAL EGG CO-ORDINATION COMMITTEE | 21.08.2018 | Venco Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 62 | 109 | 119 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


## ମଣ୍ଡସୌର୍ ଗଣବଳାତ୍କାର

# ୨ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ

**ମଣ୍ଡସୌର୍,୨୧।୮(ପି.ଟି.)**

ମଣ୍ଡସୌର୍ ଗଣବଳାତ୍କାର ମାମଲାରେ ମଙ୍ଗଳବାର ଦୁଇଜଣଙ୍କୁ ମୃତ୍ୟୁଦଣ୍ଡାଦେଶ ହୋଇଛି। ଦୁଇମାସ ମଧ୍ୟରେ ସମ୍ପୂର୍ଣ୍ଣ ତଦନ୍ତ ଏବଂ ନ୍ୟାୟିକ ପ୍ରକ୍ରିୟା ଶେଷ ହେବା ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହୋଇଛି। ମଧ୍ୟପ୍ରଦେଶର ମଣ୍ଡସୌର୍‌ଠାରେ ଜୁନ୍ ୨୬ରେ ୮ ବର୍ଷର ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା ଉଦ୍ୟମ କରାଯାଇଥିଲା। ଏହି ଘଟଣାର ଦୁଇ ଅଭିଯୁକ୍ତ ଇର୍‌ଫାନ୍ ଓରଫ୍ ଭାଇୟୁ (୨୦) ଏବଂ ଆସିଫ୍ (୨୪)ଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର କୋର୍ଟ ଫାଶୀ ଦଣ୍ଡାଦେଶ କରିଛନ୍ତି। ୧୨ ବର୍ଷରୁ କମ୍ ବୟସର ପିଲାଙ୍କୁ ବଳାତ୍କାର କିମ୍ବା ଯୌନ ନିର୍ଯାତନା ଦେଉଥିବା ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡାଦେଶ ନେଇ ରାଜ୍ୟରେ ଆସିଥିବା ନୂଆ ଆଇନ ଅଧୀନରେ ଏହି ଦଣ୍ଡ ମିଳିଛି। ସେମାନଙ୍କ ବିରୋଧରେ ଆଇପିସି ଏବଂ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଆଇନ ପୋକ୍‌ସୋ ମଧ୍ୟ ଲାଗୁ କରାଯାଇଛି। ଦଣ୍ଡାଦେଶ ପରେ ଦୋଷୀଙ୍କୁ କୋର୍ଟରୁ ଅଣାଯାଉଥିବାବେଳେ ଜଣେ ବ୍ୟକ୍ତି ସେମାନଙ୍କ ଉପରକୁ ଆକ୍ରମଣ କରିଥିବା ମଧ୍ୟ ଜଣାପଡ଼ିଛି।

ଜୁନ୍ ୨୬ରେ ଛୁଟି ହେବା ପରେ ସ୍କୁଲ ସମ୍ମୁଖରେ ନାବାଳିକା ବାପାଙ୍କୁ ଅପେକ୍ଷା କରି ରହିଥିବାବେଳେ ଦୁଇ ଅଭିଯୁକ୍ତ ତାଙ୍କୁ ଅପହରଣ କରି ନେଇଥିଲେ। ଗଣବଳାତ୍କାର ପରେ ତଣ୍ଟିକାଟି ତାଙ୍କୁ ହତ୍ୟା କରିବାକୁ ମଧ୍ୟ ଉଦ୍ୟମ କରିଥିଲେ। ପରେ ପୀଡ଼ିତାଙ୍କ ଗୁପ୍ତାଙ୍ଗ, ବେକ, ମୁହଁ ସମେତ ଶରୀରର ବିଭିନ୍ନ ଅଂଶରେ ଗଭୀର କ୍ଷତ ହୋଇଥିଲା। ଏବେ ବି ଇନ୍ଦୋର ଡାକ୍ତରଖାନାରେ ପୀଡ଼ିତାଙ୍କ ଚିକିତ୍ସା ଚାଲିଛି। ଏହି ଘଟଣାକୁ ନେଇ ଉଭୟ ରାଜ୍ୟ ଏବଂ କେନ୍ଦ୍ର ରାଜନୀତି ସରଗରମ ହୋଇ ଉଠିଥିଲା। ନାବାଳକ/ନାବାଳିକାଙ୍କ ବଳାତ୍କାର ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ନେଇ ଦେଶବ୍ୟାପୀ ଦୃଢ଼ ଦାବି ଉଠିଥିଲା। ତେବେ ମଙ୍ଗଳବାର ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ମିଳିବା ପରେ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ଏସିଆନ ଗେମ୍ସ: ସୌରଭଙ୍କୁ ସ୍ୱର୍ଣ୍ଣ

**ପାଲେମବାଙ୍ଗ, ୨୧।୮(ପି.ଟି.)**

ଏସିଆନ ଗେମ୍ସର ତୃତୀୟ ଦିବସରେ ଭାରତୀୟ ପ୍ରତିଯୋଗୀମାନେ ଆଶାନୁରୂପ ପ୍ରଦର୍ଶନ କରି ଏକାଧିକ ପଦକ ହାସଲ କରିଛନ୍ତି। କେବଳ ଶୁଟିଂରେ ଭାରତୀୟ ଖେଳାଳିମାନେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ୧୬ ବର୍ଷୀୟ ଶୁଟର ସୌରଭ ଚୌଧୁରୀ ସ୍ୱର୍ଣ୍ଣ ପଦକ ହାସଲ କରି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ବାଜି ମାରି ସେ ଭାରତର ସର୍ବକନିଷ୍ଠ ଶୁଟର ଭାବେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ସେହିପରି ଅନ୍ୟତମ ଅଭିଜ୍ଞ ଶୁଟର ସଞ୍ଜୀବ ରାଜପୁତ୍ ମଧ୍ୟ ରୌପ୍ୟ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଦେଇଛନ୍ତି। ୫୦ ମିଟର ରାଇଫଲ ୩ ପୋଜିଶନ ଇଭେଣ୍ଟରେ ସେ ଏହି ସଫଳତା ହାସଲ କରିଛନ୍ତି। ଅନ୍ୟପଟେ ୨୯ ବର୍ଷୀୟ ଶୁଟର ଅଭିଷେକ ବର୍ମା ଆନ୍ତର୍ଜାତିକ ପଦାର୍ପଣରେ ସଫଳତା ପାଇଛନ୍ତି। ସେ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ୨୧୯.୩ ଶୁଟ କରି ବ୍ରୋଞ୍ଜ୍ ଜିତିଛନ୍ତି।

ଉତ୍ତର ପ୍ରଦେଶର ମିରଟ ସହରସ୍ଥିତ କଲିନା ଗାଁର ଜଣେ କୃଷକଙ୍କ ପୁଅ ସୌରଭ ପଞ୍ଚମ ଭାରତୀୟ ଭାବେ ଶୁଟିଂରେ ଏସିଆଡ ସ୍ୱର୍ଣ୍ଣ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଏଗ୍ରିଗେଟରେ ୨୪୦.୭ ଶୁଟ କରି ପ୍ରଥମ ସ୍ଥାନ ଅଧିକାର କରିବା ସହ ପ୍ରଦାର୍ପଣରେ ଏହି ଐତିହାସିକ ସଫଳତା ପାଇଛନ୍ତି। ଏଥି ସହିତ ସେ ଏସିଆନ ଗେମ୍ସ ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ମଧ୍ୟ ସେ ଶ୍ରେଷ୍ଠ ପଦର୍ଶନ କରି ୫୮୬ ଅଙ୍କ ହାସଲ କରି ଶୀର୍ଷ ସ୍ଥାନରେ ରହିଥିଲେ। ଏହି କ୍ରମରେ ସେ ପୂର୍ବତନ ଅଲିମ୍ପିକ୍ ଚାମ୍ପିୟନ କୋରିଆର ଜିନ୍ ଜେଙ୍ଗ୍-ଓହଙ୍କୁ ଦୁଇ ଅଙ୍କରେ ପଛରେ ପକାଥିଲେ। ଜିନ୍ ପୂର୍ବରୁ ୪ଥର ଅଲିମ୍ପିକ ଓ ୩ଥର ବିଶ୍ୱ ଚାମ୍ପିୟନ ହୋଇଥିଲେ। ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିବାରେ ସୌରଭ ପ୍ରଥମ ଭାରତୀୟ ସାବ୍ୟସ୍ତ ହୋଇଛନ୍ତି। ତେବେ ପୂର୍ବରୁ ଅନ୍ୟତମ ଭାରତୀୟ ଶୁଟର ବିଜୟ କୁମାର ୨୦୧୦ ଗୁଆଙ୍ଗଝଉ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପ୍ରଥମଥର ପାଇଁ ସିନିୟର ସ୍ତରରେ ଅଂଶଗ୍ରହଣ କରିଥିଲେ ମଧ୍ୟ ଶାନ୍ତ ସ୍ୱଭାବର ସୌରଭ ବେଶ୍ ପରିପକ୍ୱାତା ଦେଖାଇଥିଲେ।

ଏହା ପୂର୍ବରୁ ସେ ସିନିୟର ଶୁଟରମାନଙ୍କ ସହ ଏକାଠି ପ୍ରଶିକ୍ଷଣ ନେଉଥିଲେ। ସୌରଭଙ୍କ ଏହି ସଫଳତା ସହ ☞ପୃଷ୍ଠା-୧୨



ଧରିତ୍ରୀ
DHARITRI
ବୁଧବାର, ୨୨ ଅଗଷ୍ଟ, ୨୦୧୮



"ବାଂଲାଦେଶକୁ ଗଣପଳାୟନ କରିଥିବା ମୁସଲିମ୍ ରୋହିଙ୍ଗ୍ୟାମାନଙ୍କୁ ଫେରାଇ ଆଣିବା ବିଳମ୍ବିତ ହୋଇପାରେ। ଏହି କ୍ଷେତ୍ରରେ ମ୍ୟାନ୍ମାରକୁ ବାଂଲାଦେଶର ସହାୟତା ଆବଶ୍ୟକ।

-ସୁ୍ୟ କୀ, ମ୍ୟାନ୍ମାର ଷ୍ଟେଟ୍ କାଉନ୍ସେଲର



## ସଂକ୍ଷେପରେ

### ଚେନାବ ନଦୀକୁ ଖସିଲା ଭ୍ୟାନ: ୧୩ ମୃତ

ଜମ୍ମୁ,୨୧।୮(ପି.ଟି.): ଜମ୍ମୁ-କଶ୍ମୀରର କିସ୍ତୱ୍ରର ଜିଲାରେ ମଙ୍ଗଳବାର ଏକ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ୫ ବର୍ଷୀୟା ନାବାଳିକାଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଛି। କିସ୍ତୱ୍ରର ଜିଲାର ମାତା ମଚାଇଲ ମନ୍ଦିରକୁ ଦର୍ଶନ ପାଇଁ ୧୧ ଶ୍ରଦ୍ଧାଳୁଙ୍କ ସମେତ ୧୩ ଜଣ ମଙ୍ଗଳବାର ସକାଳେ ଏକ ଭ୍ୟାନରେ ଯାଉଥିଲେ। ଆଉ ୨୮ କି.ମି. ଅତିକ୍ରମ କରିଥିଲେ ସେମାନେ କିସ୍ତୱ୍ରରରେ ପହଞ୍ଚିଥାନ୍ତେ। ଭ୍ୟାନ ପଦ୍ଦେର ବେଲ୍ଟ ଅଞ୍ଚଳ ଦେଇ ଗତି କରୁଥିବାବେଳେ ୭ଟା ୩୦ ମିନିଟରେ ରାସ୍ତାରେ ଭାରସାମ୍ୟ ହରାଇ ଚେନାବ ନଦୀରେ ଖସିପଡ଼ିଥିଲା। ଫଳରେ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଆହତ ହୋଇଥିବା ଜଣେ ୫ ବର୍ଷୀୟା ଝିଅଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନିଆଯାଉଥିବାବେଳେ ବାଟରେ ସେ ଆଖିବୁଜି ଦେଇଥିଲେ। ୨୪ ଘଣ୍ଟା ମଧ୍ୟରେ କିସ୍ତୱ୍ରର ଜିଲାରେ ଏହା ହେଉଛି ଦ୍ୱିତୀୟ ବଡ଼ ଦୁର୍ଘଟଣା। ସୋମବାର କୁଲ୍ଲିଗାଡ଼ରେ ଭୂସ୍ଖଳନ ଘଟି ୭ ଜଣଙ୍କ ଜୀବନ ଯାଇଥିଲା। ସଦ୍ୟ ଦୁର୍ଘଟଣାକୁ ନେଇ ରାଜ୍ୟପାଳ ଏନ୍.ଏନ୍. ଭୋରା ଶୋକବ୍ୟକ୍ତ କରି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

### ଅହମ୍ମଦ ପଟେଲ କଂଗ୍ରେସ କୋଷାଧ୍ୟକ୍ଷ



ନୂଆଦିଲ୍ଲୀ,୨୧।୮(ପି.ଟି.): ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ସଭା ସଦସ୍ୟ ଅହମ୍ମଦ ପଟେଲଙ୍କୁ ଦଳର କୋଷାଧ୍ୟକ୍ଷ ନିଯୁକ୍ତ କରାଯାଇଛି। ପୂର୍ବରୁ ମୋତିଲାଲ ଭୋରା ଏହି ପଦରେ ଥିଲେ। ନୂଆକରି ସୃଷ୍ଟି କରାଯାଇଥିବା ଏଆଇସିସି ସାଧାରଣ ସମ୍ପାଦକ (ପ୍ରଶାସନ)ରେ ଭୋରାଙ୍କୁ ନିଯୁକ୍ତ କରାଯିବା ପରେ ତାଙ୍କ ସ୍ଥାନରେ ଅହମ୍ମଦଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆନନ୍ଦ ଶର୍ମାଙ୍କୁ ଦଳର ବହିର୍ବ୍ୟାପାର ବିଭାଗ ଅଧ୍ୟକ୍ଷ ନିଯୁକ୍ତ କରଯାଇଛି।

# ଥଳ ଖୋଜୁଛି କେରଳ

କୋଚି/ନୂଆଦିଲ୍ଲୀ, ୨୧।୮(ପି.ଟି.)







ପ୍ରଳୟଙ୍କରୀ ବନ୍ୟା କେରଳରେ ରଚାଇଛି ତାଣ୍ଡବ। ଅଥଳ ଜଳରେ ଉବୁଟୁବୁ ରାଜ୍ୟବାସୀ। ବର୍ଷା ବିପ୍ରାତ ଲକ୍ଷ ଲକ୍ଷ ଲୋକଙ୍କୁ ସର୍ବସ୍ୱାନ୍ତ କରିଦେଇଛି। ଏହି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ତିନି ସୁରକ୍ଷା ବାହିନୀ ଏବଂ ଏନ୍‌ଡିଆର୍‌ଏଫ୍ ସମେତ ସ୍ୱତନ୍ତ୍ର ବଳ ଲାଗିପଡ଼ିଛନ୍ତି। ବିଭିନ୍ନ ରାଜ୍ୟ ମଧ୍ୟ ବଢ଼ାଉଛନ୍ତି ସହଯୋଗର ହାତ। ଉଦ୍ଧାରକାରୀ ଦଳ ଓ ରିଲିଫ୍ ସାମଗ୍ରୀ ପଠାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ଅନେକ ରାଜ୍ୟ। ତଥାପି ଥଳ ଖୋଜୁଛନ୍ତି ରାଜ୍ୟ ସରକାର। ମଙ୍ଗଳବାର କେନ୍ଦ୍ର ସରକାର ୬୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଘୋର୍ ବିପତ୍ତି ସମୟରେ ବିଦେଶରୁ ମିଳିଛି ସାହାଯ୍ୟ। ବନ୍ୟା ଯୋଗୁ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା କେରଳରେ ପୁନଃନିର୍ମାଣ କାର୍ଯ୍ୟ ଲାଗି ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ୭୦୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିବ ବୋଲି ଆଗଭର ହୋଇଛି। ଏ ସମ୍ପର୍କରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଘୋଷଣା କରିଛନ୍ତି। ଅଗଷ୍ଟ ୮ରୁ ଏବେସୁଦ୍ଧା କେରଳରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୨୩୧ ହୋଇଛି।

ପ୍ରକୃତିର କୋପ ଯୋଗୁ କେରଳରେ ହାହାକାର ଖେଳିଯାଇଛି। ବନ୍ୟା ଲାଗି ପ୍ରାୟ ୧୯,୦୦୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା କେରଳ ସରକାର କହିଛନ୍ତି। ପ୍ରାଥମିକ ସ୍ତରରେ ୨,୬୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଦେବାକୁ ମଙ୍ଗଳବାର କେନ୍ଦ୍ର ନିକଟରେ ଦାବି କରିଛନ୍ତି କେରଳ ସରକାର। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ ବିଜୟନ୍ ଏ ସମ୍ପର୍କରେ ପ୍ରକାଶ କରିଛନ୍ତି। ଏଯାବତ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫୦୦ କୋଟି, ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ୧୦୦ କୋଟି ଏବଂ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ କିରେନ୍ ରିଜିଜୁ ୮୦ କୋଟି ଟଙ୍କାର ସହାୟତା ରାଶି ଦେବା ଲାଗି ଘୋଷଣା କରିଛନ୍ତି। ମୋଟ ୬୮୦ କୋଟିରୁ ୬୦୦ ଟଙ୍କାର ସହାୟତା ରାଶି ମଞ୍ଜୁର ହୋଇସାରିଛି। ସେହିପରି ରିଲିଫ୍ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁ ହେବ ନାହିଁ ବୋଲି ସରକାର କହିଛନ୍ତି। ତେବେ ପ୍ରଧାନମନ୍ତ୍ରୀ କେରଳ ପ୍ରତି ଅଧିକ ଉଦାର ହେବା ଦରକାର ବୋଲି ସିପିଆଇ କହିଛି। ବିଭିନ୍ନ ରାଜ୍ୟ ଏବଂ ସରକାରୀ ଅଧିକାରୀ ଓ ଘରୋଇ ତଥା କର୍ପୋରେଟ୍ ସଂସ୍ଥା ମଧ୍ୟ ସହଯୋଗର ହାତ ବଢ଼ାଇଛନ୍ତି। କିନ୍ତୁ କେରଳକୁ ପୁଣିଥରେ ଗଢ଼ିତୋଳିବା ପାଇଁ ୟୁଏଇ ୭୦୦ କୋଟି ଟଙ୍କା ପ୍ରଦାନ କରିବ ବୋଲି ପ୍ରତିଶ୍ରୁତି ଦେଇଥିବା ବିଜୟନ୍ କହିଛନ୍ତି। ନିକଟରେ ୟୁଏଇ ଉପରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ରଶିଦ୍ ଅଲ୍ ମାକ୍‌ତୋମ୍ ଟୁଇଟ୍ କରି କେରଳ ବନ୍ୟା ବିପର୍ଯ୍ୟୟ ପାଇଁ ସମବେଦନା ଜଣାଇଥିଲେ। ୟୁଏଇର ସଫଳ ଇତିହାସରେ କେରଳବାସୀଙ୍କ ଅନେକ ଅବଦାନ ରହିଛି ବୋଲି ସେ କହିଥିଲେ। ମଙ୍ଗଳବାର ଜମ୍ମୁ-କଶ୍ମୀରର ବ୍ୟାଙ୍କ କର୍ମଚାରୀମାନେ କେରଳକୁ ୧୧ କୋଟି ଟଙ୍କା ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ମିଜୋରାମ୍ ୨ କୋଟି ଓ ତ୍ରିପୁରା ସରକାର ୧ କୋଟି ଟଙ୍କା ପ୍ରଦାନ କରିବେ। ରିଲିଫ୍ ଅପରେଶନ୍‌ରେ ସହଯୋଗ କରିବା ପାଇଁ ରାଜ୍ୟଗୁଡ଼ିକର ମହିଳା କମିଶନ୍ ସଦସ୍ୟଙ୍କୁ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା କହିଛନ୍ତି।

କେରଳରେ ବର୍ଷା, ଭୂସ୍ଖଳନ, ବନ୍ୟାର କରାଳ ରୂପ ଯୋଗୁ ମେ ୩୦ରୁ ଏଯାବତ୍ ୩୮୧ ଜଣଙ୍କ ପ୍ରାଣହାନି ଘଟିଥିବା ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ପକ୍ଷରୁ କୁହାଯାଇଛି।। ଆତ୍ମୀୟଙ୍କୁ ହରାଇଥିବା ପରିବାର ଲୋକଙ୍କ ଦୁଃଖ କହିଲେ ନ ସରେ। ଧୀରେ ଧୀରେ କେତେକ ଅଞ୍ଚଳରେ ବନ୍ୟା ଜଳସ୍ତର କମିବାରେ ଲାଗିଥିଲେ ସୁଦ୍ଧା ଏର୍ନାକୁଲମ୍, ଥ୍ରିସୁର, ପାଥନ୍‌ମଥିଟ୍ଟା, ଆଲପ୍ପୁଝା ଓ କୋଲ୍ଲମ୍ ଜିଲା ଉବୁଟୁବୁ ହେଉଛି। ବର୍ତ୍ତମାନ ପରିସ୍ଥିତିରେ ଉଜୁଡ଼ିଯାଇଥିବା କେରଳକୁ ସଜାଡ଼ିବାକୁ ପଡ଼ିବ ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ କେ.ଜେ. ଆଲଫନ୍ସ କହିଛନ୍ତି। କ୍ଷୁଧାତୁର ଲୋକଙ୍କୁ ରନ୍ଧା ଓ ପ୍ୟାକେଟ ଖାଦ୍ୟ ଯୋଗାଇବା ହେଉଛି ପ୍ରଥମ କାର୍ଯ୍ୟ। ସେହିପରି ଅଧିକ ସଂଖ୍ୟକ ଡାକ୍ତର ଓ ନର୍ସଙ୍କୁ ସେବାରେ ଲଗାଇବା ଅତ୍ୟନ୍ତ ଅପରିହାର୍ଯ୍ୟ। ଏବେ ଲୋକେ ରିଲିଫ୍ କ୍ୟାମ୍ପ ଛାଡ଼ି ନିଜ ଘରକୁ ଫେରିବେ। ଭାଙ୍ଗିଯାଇଥିବା ଘରକୁ ସଜାଡ଼ିବା ପାଇଁ ଅନେକ ପ୍ଲମ୍ବର, ଇଲେକ୍ଟ୍ରିସିଆନ ଓ ବଢ଼େଇଙ୍କ ଆବଶ୍ୟକ ରହିଛି। ଏସବୁ ଦିଗକୁ ଏବେ ଗୁରୁତ୍ୱ ଦିଆଯାଉ ବୋଲି ଆଲଫନ୍ସ କହିଛନ୍ତି।

ଘରଦ୍ୱାର ଭାଙ୍ଗିଯାଇଥିବାରୁ ୧୪ ଲକ୍ଷ ଲୋକ ବାସହରା ହୋଇ ଆଶ୍ରୟସ୍ଥଳୀରେ ମୁଣ୍ଡ ଗୁଞ୍ଜିଛନ୍ତି। ତନ୍ମଧ୍ୟରେ ୨.୧୨ ଲକ୍ଷ ମହିଳା ଏବଂ ୧ ଲକ୍ଷ ଶିଶୁ ଅଛନ୍ତି।

- ପୁନଃନିର୍ମାଣ କାର୍ଯ୍ୟ ଲାଗି ସହାୟତା ଲୋଡ଼ିଲେ ବିଜୟନ୍
- ୭୦୦ କୋଟି ଦେବାକୁ ୟୁଏଇର ପ୍ରତିଶ୍ରୁତି
- ୬୦୦ କୋଟି ଟଙ୍କା ମଞ୍ଜୁର କଲା କେନ୍ଦ୍ର
- ୨,୬୦୦ କୋଟିର ସ୍ୱତନ୍ତ୍ର ପ୍ୟାକେଜ୍ ପାଇଁ ଦାବି
- ଅଗଷ୍ଟ ୮ରୁ ମୃତ୍ୟୁସଂଖ୍ୟା ୨୩୧

ରାଜ୍ୟର ବିଭିନ୍ନ ସ୍ଥାନରେ ୩,୨୦୦ ରିଲିଫ୍ କ୍ୟାମ୍ପ ପ୍ରତିଷ୍ଠା ହୋଇଛି। ଗତ ପାଞ୍ଚଦିନରେ ୧.୬୩ ଲକ୍ଷ ଲୋକଙ୍କୁ ପାଣି ଘେରରୁ ଉଦ୍ଧାର କରାଯାଇଛି। ଲୋକଙ୍କୁ ରିଲିଫ୍ ସାମଗ୍ରୀ ଯୋଗାଇଦିଆଯାଉଛି। କୋଚିନ୍ ବନ୍ଦରରେ ବିପୁଳ ରିଲିଫ୍ ସାମଗ୍ରୀ ପହଞ୍ଚିଛି। ବନ୍ୟା ଯୋଗୁ କୋଚି ବିମାନବନ୍ଦରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଠାରେ ୨୨୦ କୋଟି ଟଙ୍କାର କ୍ଷତି ଆକଳନ କରାଯାଇଛି। ବିମାନସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ବିମାନବନ୍ଦରରେ ପୁନଃନିର୍ମାଣ କାର୍ଯ୍ୟ ଚାଲିଛି। ଭାଙ୍ଗିଯାଇଥିବା ରେଳପଥର ମରାମତି କାର୍ଯ୍ୟ ମଧ୍ୟ ଚାଲିଛି। କେରଳରେ କିଛି ଭୟଙ୍କର ରୋଗ ବ୍ୟାପିଥିବା ନ ଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି।

## ରାଜ୍ୟ ସଭା ନିର୍ବାଚନରେ ନୋଟା ବ୍ୟବହାରକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୨୧।୮(ପି.ଟି.)





ରାଜ୍ୟ ସଭା ନିର୍ବାଚନରେ ଉପର ମଧ୍ୟରୁ କୌଣସିଟା ନୁହେଁ (ନୋଟା) ବିକଳ୍ପକୁ ଅନୁମତି ଦିଆଯାଇ ପାରିବନାହିଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଏହାସହ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ବାଚନ କମିଶନ(ଇସି)ଙ୍କ ଏ ସଂକ୍ରାନ୍ତ ବିଜ୍ଞପ୍ତିକୁ ଖାରଜ କରିଦେଇଛନ୍ତି। ନୋଟାକୁ କେବଳ ପ୍ରତ୍ୟକ୍ଷ ନିର୍ବାଚନ ପାଇଁ ବ୍ୟବହାର କରାଯାଇପାରିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ଗତବର୍ଷ ଗୁଜରାଟରେ ଅନୁଷ୍ଠିତ ରାଜ୍ୟ ସଭା ନିର୍ବାଚନ ବେଳେ ଦଳୀୟ ଏମ୍‌ପି ଅହମ୍ମଦ ପଟେଲଙ୍କୁ କଂଗ୍ରେସ ପ୍ରାର୍ଥୀ କରିଥିଲା। ସେତେବେଳେ ରାଜ୍ୟ ସଭା ନିର୍ବାଚନ ପାଇଁ ଉଦ୍ଦିଷ୍ଟ ବାଲଟ୍ ପେପରରେ ନୋଟା ବ୍ୟବସ୍ଥା କରିବା ଲାଗି ଇସି ବିଜ୍ଞପ୍ତି ଜାରି କରିଥିଲେ। ଗୁଜରାଟ ବିଧାନସଭାର ତତ୍କାଳୀନ କଂଗ୍ରେସ ମୁଖ୍ୟ ସଚେତକ ଶୈଳେଶ ମନୁଭାଇ ପରମାର ଇସିଙ୍କ ବିଜ୍ଞପ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଉଚ୍ଚ ସଦନ ପାଇଁ ନିର୍ବାଚନରେ ନୋଟା ବ୍ୟବସ୍ଥାକୁ ଅନୁମତି ଦିଆଗଲେ ଘୋଡ଼ାବେପାର ଓ ଦୁର୍ନୀତି ବଢ଼ିବ ବୋଲି ସେ ଯୁକ୍ତି ବାଢ଼ିଥିଲେ। ଶୈଳେଶଙ୍କ ଆବେଦନର ଶୁଣାଣି କରି ଖଣ୍ଡପୀଠ ଉକ୍ତ ବିଜ୍ଞପ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି। ନୋଟାକୁ କେବଳ ପ୍ରତ୍ୟକ୍ଷ ନିର୍ବାଚନରେ ବ୍ୟକ୍ତିଗତ ଭୋଟରମାନେ ବ୍ୟବହାର କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି। ନିର୍ବାଚନ କମିଶନ ନୋଟା ବ୍ୟବହାର ଆରମ୍ଭ କରି ଭୋଟ ନ ଦେବା କାର୍ଯ୍ୟକୁ ଆଇନତଃ ବୈଧ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ପୂର୍ବରୁ ସୁପ୍ରିମକୋର୍ଟ କହିଥିଲେ।

## ମହିଳାଙ୍କୁ ବିବସ୍ତ୍ର କରି ବୁଲାଇଲେ

ଆରା,୨୧।୮(ପି.ଟି.)

**ବିହାରରେ ବର୍ବରତା**
- ୧୬ ଗିରଫ, ୮ ପୋଲିସ ନିଲମ୍ବିତ
- ରିପୋର୍ଟ ମାଗିଲେ ଏନ୍‌ସିଡବ୍ଲ୍ୟୁ

ବିହାର ଭୋଜପୁର ଜିଲାରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ବିହିୟା ବ୍ଲକ୍‌ର ମୁଖ୍ୟ ବଜାରରେ ଜଣେ ମହିଳାଙ୍କୁ ହତ୍ୟାକାରୀ ମନେକରି ଲୋକେ ଆକ୍ରମଣ କରିଛନ୍ତି। ଏଥିସହ ସେମାନେ ମହିଳାଙ୍କୁ ଉଲଗ୍ନ କରି ବୁଲାଇଛନ୍ତି। ଏହି ମାମଲାରେ ୧୬ ଜଣଙ୍କୁ ଗିରଫ କରାଯାଇଛି। କର୍ତ୍ତବ୍ୟରେ ଅବହେଳା ପାଇଁ ୮ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି।

ପୋଲିସ କହିବା ଅନୁଯାୟୀ, ୧୯ ବର୍ଷୀୟ ବିମଳେଶ ଶାହ ରବିବାର ନିଖୋଜ ହୋଇଯାଇଥିଲେ। ତାଙ୍କ ମୃତଦେହ ସୋମବାର ଏକ ରେଳଧାରଣା ନିକଟରୁ ମିଳିଥିଲା। ଖବର ପାଇ ବିମଳେଶଙ୍କ ଗାଁ ଦାମୋଦରପୁରରୁ ଲୋକେ ଘଟଣାସ୍ଥଳକୁ ଯାଇଥିଲେ। ନିକଟସ୍ଥ ରେଡ୍‌ଲାଇଟ୍ ଏରିଆର କେହି ତାଙ୍କୁ ତଣ୍ଟିଚିପି ହତ୍ୟାକରିଥିବା ସେମାନେ ସନ୍ଦେହ କରିଥିଲେ। ଉତ୍ତ୍ୟକ୍ତ ଗ୍ରାମବାସୀ ଜଣେ ମହିଳାଙ୍କୁ ରାସ୍ତାକୁ ଘୋଷାଡ଼ି ଆଣି ମାଡ଼ ମାରିବା ସହ ଉଲଗ୍ନ କରିଦେଇଥିଲେ। ସେମାନେ ତାଙ୍କୁ ବିବସ୍ତ୍ର ଅବସ୍ଥାରେ ବଜାରରେ ବୁଲାଇଥିବା ଅଭିଯୋଗ ହୋଇଛି। ଏ ନେଇ ବିହାର ପୋଲିସ ମହାନିର୍ଦ୍ଦେଶକଙ୍କୁ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ରିପୋର୍ଟ ମାଗିଛନ୍ତି।

## ଫୁର୍‌ସତ

### ଏଚ୍‌ଆଇଭି ସଂକ୍ରମିତଙ୍କ ପାଇଁ ମାଟ୍ରିମୋନି ପୋର୍ଟାଲ



**ଅହମ୍ମଦାବାଦ:** ଏଚ୍‌ଆଇଭି ଆକ୍ରାନ୍ତ ଲୋକେ ଏଣିକି ସହଜରେ ନିଜ ପାଇଁ ବିବାହ ପ୍ରସ୍ତାବ ଖୋଜି ପାରିବେ, ତାହା ପୁଣି ୱେବ୍ ପୋର୍ଟାଲ୍‌ରେ। ଏଚ୍‌ଆଇଭି ଆକ୍ରାନ୍ତଙ୍କ ପାଇଁ ଏବେ ଏକ ନୂଆ ମାଟ୍ରିମୋନି ସାଇଟ୍ ଲଞ୍ଚ୍ କରାଯାଇଛି। 'matrimonial.gnspplus.org' ନାମକ ଏହି ପୋର୍ଟାଲ୍‌କୁ ଗୁଜରାଟର ଅହମ୍ମଦାବାଦ ସହରରେ ଥିବା ଆଇଆଇଏମ୍ ଅହମ୍ମଦାବାଦଠାରେ ଲଞ୍ଚ୍ କରାଯାଇଛି। ଆଇଆଇଏମ୍ ଅହମ୍ମଦାବାଦର ସହଯୋଗରେ ଏଚ୍‌ଆଇଭି ସଂକ୍ରମିତଙ୍କ କଲ୍ୟାଣ ପାଇଁ କାର୍ଯ୍ୟକରୁଥିବା ଏକ ଏନ୍‌ଜିଓ ଗୁଜରାଟ ଷ୍ଟେଟ୍ ନେଟ୍‌ୱର୍କ ଅଫ୍ ପଜିଟିଭ୍ ପିପୁଲ୍ (ଜିଏସ୍‌ଏନ୍‌ପି+) ପକ୍ଷରୁ ଏହାକୁ ଲଞ୍ଚ୍ କରାଯାଇଛି। ନିଃସଙ୍ଗ ଜୀବନ ବିତାଉଥିବା ଏଚ୍‌ଆଇଭି ସଂକ୍ରମିତ ଲୋକଙ୍କ ପାଇଁ ଜୀବନସାଥୀ ଖୋଜିବାକୁ ଏହା ଆରମ୍ଭ କରାଯାଇଥିବା ଜିଏସ୍‌ଏନ୍‌ପି+ ସଭାପତି ଦୀକ୍ଷା ପଟେଲ କହିଛନ୍ତି।

### ଚନ୍ଦ୍ରରେ ଜଳ ଠାବ କଲା ଚନ୍ଦ୍ରଯାନ



**ୱାଶିଂଟନ୍:** ଚନ୍ଦ୍ରପୃଷ୍ଠରେ ବରଫ ଅବସ୍ଥାରେ ଜଳର ଉପସ୍ଥିତି ନେଇ ସ୍ପଷ୍ଟ କଲା ଭାରତୀୟ ମହାକାଶ ଯାନ 'ଚନ୍ଦ୍ରଯାନ ୧'। ଚନ୍ଦ୍ରର ଅନ୍ଧକାର ତଥା ସର୍ବାଧିକ ଶୀତଳ ପ୍ରାନ୍ତ ମେରୁ ଅଞ୍ଚଳରେ କଠିନ ଅବସ୍ଥାରେ ଜଳର ସନ୍ଧାନ ମିଳିଛି। ଚନ୍ଦ୍ରଯାନର ତଥ୍ୟ ଅନୁଧ୍ୟାନ କରିବା ପରେ ଆମେରିକା ମହାକାଶ ଗବେଷଣା ସଂସ୍ଥାର ବୈଜ୍ଞାନିକମାନେ ଦାବି କରିଛନ୍ତି। ଉତ୍କ୍ଷେପଣ କରାଯିବାର ୧୦ ବର୍ଷ ପରେ ଚନ୍ଦ୍ରଯାନ ନିକଟରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ପ୍ରକାଶ ଯେ, ଭାରତର ପ୍ରଥମ ଚନ୍ଦ୍ରଯାନରେ ଅନେକ ଯାନ୍ତ୍ରିକ ତ୍ରୁଟି ଦେଖାଯିବା ସହ ୨୦୦୯ ଅଗଷ୍ଟ ୨୮ରେ ରେଡିଓ ସଙ୍କେତ ଦେବା ବନ୍ଦ କରି ଦେଇଥିଲା। ଏହାର କିଛି ସମୟ ପରେ ମିଶନ୍ ଶେଷ ହୋଇଥିବା ଇସ୍ରୋ ପକ୍ଷରୁ ଘୋଷଣା କରାଯାଇଥିଲା। କିନ୍ତୁ ସେହି ସମୟରେ 'ଚନ୍ଦ୍ରଯାନ ୧' ୯୫% ଲକ୍ଷ୍ୟ ପୂରଣ କରି ସାରିଥିଲା। ମେରୁ ଅଞ୍ଚଳର ପୃଷ୍ଠରେ ଅଳ୍ପ କିଛି ମିଲିମିଟର ଯାଏ ବରଫ ରହିଛି। ଭବିଷ୍ୟତରେ ଚନ୍ଦ୍ରକୁ ଯାତ୍ରା ଏବଂ ସେଠାରେ ରହଣି ବେଳେ ଏହାକୁ ସମ୍ବଳ ଭାବେ ବ୍ୟବହାର କରଯାଇ ପାରିବ। ଚନ୍ଦ୍ର ଭୂତଳରେ ଥିବା ଜଳକୁ ବାହାର କରିବା ଅପେକ୍ଷା ଏହା ଅତି ସହଜରେ ଉପଲବ୍ଧ ବୋଲି 'ଜର୍ନାଲ୍ ପିଏନ୍‌ଏଏସ୍'ରେ ଉଲ୍ଲେଖ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଦକ୍ଷିଣ ମେରୁରେ ଅଧିକାଂଶ ବରଫ ମହଜୁଦ ହୋଇ ରହିଛି ଏବଂ ଚନ୍ଦ୍ରପୃଷ୍ଠର ଗାତ ସହ ସଂଲଗ୍ନ ହୋଇ ରହିଛି। କିନ୍ତୁ ଉତ୍ତର ଗୋଲାର୍ଦ୍ଧରେ ଥିବା ବରଫ ବିସ୍ତୀର୍ଣ୍ଣ ଅଞ୍ଚଳରେ ପ୍ରସାରିତ ହୋଇ ରହିଛି। ବୈଜ୍ଞାନିକମାନେ ନାସାର 'ମୁନ୍ ମିନେରାଲୋଗ୍ରାଫି ମ୍ୟାପର୍' (ଏମ୍‌ତ୍ରି) ବା ଚନ୍ଦ୍ରରେ ଖଣିଜ ପଦାର୍ଥ ମାପକାରୀ ଯନ୍ତ୍ର ବ୍ୟବହାର କରି ଏହାର ସନ୍ଧାନ ପାଇଥିଲେ। ୨୦୦୮ରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ (ଇସ୍ରୋ) ଦ୍ୱାରା ଉତ୍କ୍ଷେପଣ କରାଯାଇଥିବା 'ଚନ୍ଦ୍ରଯାନ ୧'ରେ 'ଏମ୍‌ତ୍ରି'କୁ ବ୍ୟବସ୍ଥିତ କରାଯାଇଛି।

### ଇତିହାସର ଆଇନାରେ

#### ଅଗଷ୍ଟ ୨୨ର ପ୍ରମୁଖ ଘଟଣା

୧୯୬୧ ଅଗଷ୍ଟ ୨୨ରେ ବର୍ଲିନ୍ ୱାଲ୍ ପାଇଁ ଆଇଦା ସେକ୍‌ମାନ୍ ନାମ୍ନୀ ଜଣେ ମହିଳା ପ୍ରାଣବଳି ଦେଇଥିଲେ। ବର୍ଲିନ୍ ୱାଲ୍ ଉଦ୍ଦେଶ୍ୟରେ ଏହା ଥିଲା ପ୍ରଥମ ପ୍ରାଣବଳି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବର୍ଲିନ୍ ୪ଟି ଆଲାଏଡ୍ ସେକ୍ଟରରେ ବିଭାଜିତ ହୋଇଥିଲା। ୧୯୬୧ ଅଗଷ୍ଟ ୨୩ରେ ବର୍ଲିନ୍ ୱାଲ୍ ନିର୍ମାଣ ହେବା ପରେ ସେକ୍‌ମେନ୍ ରହୁଥିବା ସେକ୍ଟରରୁ ଘରଦ୍ୱାର ଛାଡ଼ି ଏହି ୱାଲ୍ ଅତିକ୍ରମ କରିବାକୁ ଚେଷ୍ଟା କରୁଥିଲେ।

୨୦୦୬ ଅଗଷ୍ଟ ୨୨ରେ ପୁଲକୋଭ ଆଭିଏଶନଏଣ୍ଟରପ୍ରାଇଜ ଫ୍ଲାଇଟ୍ ୬୧୨ ରୁଷିଆ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ୟୁକ୍ରେନ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୧୭୦ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ବିମାନଟି ଆନ୍‌ପାର ଭିଟ୍ୟାଜେଭୋ ବିମାନବନ୍ଦରରୁ ସେଣ୍ଟ ପିଟର୍ସବର୍ଗ ପୁଲକୋଭ ବିମାନବନ୍ଦର ଅଭିମୁଖେ ଯାତ୍ରା କରୁଥିଲା। ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୦ | ୨୪.୦ |
| ଚାନ୍ଦବାଲି | ୩୩.୯ | ୨୫.୪ |
| କଟକ | --- | ୨୪.୨ |
| ପାରାଦ୍ୱୀପ | ୩୨.୭ | ୨୬.୫ |
| ଭୁବନେଶ୍ୱର | ୩୨.୧ | ୨୫.୬ |
| ଗୋପାଳପୁର | ୩୩.୭ | ୨୬.୫ |
| ପୁରୀ | ୩୩.୬ | ୨୬.୬ |
| ଅନୁଗୋଳ | ୩୧.୭ | ୨୩.୭ |
| ବାରିପଦା | ୩୨.୦ | ୨୫.୦ |
| ଝାରସୁଗୁଡ଼ା | ୩୨.୪ | ୨୪.୯ |
| କେନ୍ଦୁଝର | ୩୦.୯ | ୨୩.୪ |
| ସମ୍ବଲପୁର | ୩୨.୪ | ୨୨.୩ |
| ସୁନ୍ଦରଗଡ଼ | --- | ୧୯.୦ |
| ହୀରାକୁଦ | ୩୧.୩ | ୨୧.୦ |
| ତାଳଚେର | ୩୨.୨ | ୨୫.୩ |
| ଭବାନୀପାଟଣା | --- | ୨୫.୪ |
| ବଲାଙ୍ଗୀର | ୩୧.୦ | ୨୫.୦ |
| କୋରାପୁଟ | ୨୨.୬ | ୧୯.୬ |
| ଫୁଲବାଣୀ | --- | ୨୧.୫ |
| ଟିଟିଲାଗଡ଼ | ୩୦.୦ | ୨୨.୦ |
| ମାଲକାନଗିରି | ୨୫.୦ | ୨୪.୪ |
| ସୋନପୁର | ୩୨.୮ | ୨୩.୬ |
| ଦାରିଙ୍ଗିବାଡ଼ି | ୨୭.୦ | ୧୮.୦ |
| ଢେଙ୍କାନାଳ | ୩୨.୧ | ୨୫.୬ |

ଡିଗ୍ରୀ ସେଲ୍‌ସିୟସ୍

### 'ପଙ୍ଗା' ନେବେ କଙ୍ଗନା



**ମୁମ୍ବାଇ:** ବଲିଉଡ୍‌ରେ ପଙ୍ଗା ନେବାକୁ ଯାଉଛନ୍ତି ଅଭିନେତ୍ରୀ କଙ୍ଗନା ରାଣାୱତ୍। କୌଣସି ଅଭିନେତା କିମ୍ବା ନିର୍ଦ୍ଦେଶକଙ୍କ ସାଙ୍ଗରେ ଝଗଡ଼ା କରିବାକୁ ଯାଉନାହାନ୍ତି ସେ, ବରଂ ତାଙ୍କ ଅପ୍‌କମିଂ ଫିଲ୍ମର ନାମ ହେଉଛି 'ପଙ୍ଗା'। ଫିଲ୍ମ ନିର୍ମାତା ଅଶ୍ୱିନୀ ଆୟାର୍ ତିୱାରୀ ନିଜର ଆଗାମୀ ପ୍ରୋଜେକ୍ଟ 'ପଙ୍ଗା'ରେ କଙ୍ଗନାଙ୍କୁ ମୁଖ୍ୟ ଭୂମିକାରେ ନେଇଛନ୍ତି। ଏଥିରେ କଙ୍ଗନା ଜଣେ ଜାତୀୟ ସ୍ତରୀୟ କବାଡ଼ି ଖେଳାଳି ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ଖେଳ ପଡ଼ିଆରେ କବାଡ଼ି ଧୁରନ୍ଧରଙ୍କ ସହ ସେ ପଙ୍ଗା ନେବାକୁ ଯାଉଛନ୍ତି। ଏଥିରେ ନୀନା ଗୁପ୍ତା ଏବଂ ଜସ୍ସି ଗିଲ୍ ମଧ୍ୟ ପ୍ରମୁଖ ଭୂମିକାରେ ରହିଛନ୍ତି। ଏହା ଏକ ପାରିବାରିକ ଫିଲ୍ମ ଏବଂ ଗୋଟିଏ ପରିବାର ସଦସ୍ୟମାନେ କିଭଳି ଏକାଠି ହସି, କାନ୍ଦି ଏକ୍‌ଜୁଟ ରହିବା ସହ ନିଜର ସ୍ୱପ୍ନ ପୂରଣ କରିଛନ୍ତି ତାହା ଉପରେ ଆଧାରିତ ବୋଲି ପ୍ରଯୋଜନା ସଂସ୍ଥା 'ଫକ୍ସ ଷ୍ଟାର୍ ଷ୍ଟୁଡିଓ' ପକ୍ଷରୁ ସୂଚନା ଦିଆଯାଇଛି। କଙ୍ଗନାଙ୍କ ଚାରିପାଖରେ ଫିଲ୍ମର କାହାଣୀ ଗତିଶୀଳ। ତେବେ ଅଶ୍ୱିନୀ ଯେତେବେଳେ ତାଙ୍କୁ କାହାଣୀ ଶୁଣାଇଥିଲେ ତୁରନ୍ତ ରାଜି ହୋଇ ଯାଇଥିଲେ ବୋଲି କଙ୍ଗନା କହିଛନ୍ତି। କାରଣ କାହାଣୀ ସେତିକି ପ୍ରଭାବଶାଳୀ। ତାଙ୍କ ପରିବାର ତାଙ୍କ ପାଇଁ ସାହସର ସ୍ତମ୍ଭ ଏବଂ ଜୀବନର ସବୁ ଉତ୍‌ଥାନ ଏବଂ ପତନ ବେଳେ ସେମାନେ ମୋ ପାଖରେ ଥାଆନ୍ତି ଏବଂ ମୋତେ ସାହସ ଦେଇଥାନ୍ତି ବୋଲି କଙ୍ଗନା କହିଛନ୍ତି। ଫିଲ୍ମର ଆବେଗ ସହ ତୁରନ୍ତ ଯୋଡ଼ି ହୋଇ ଯାଇଥିବା ସେ କହିଛନ୍ତି। ଏହାସହ କବାଡ଼ି ଖେଳାଳି ଭୂମିକାରେ ନିଜକୁ ଅବତୀର୍ଣ୍ଣ କରିବା ଚ୍ୟାଲେଞ୍ଜ୍‌ଭରା ହେବ ବୋଲି ସେ କହିଛନ୍ତି।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.



ଭାଲୁ ଆକ୍ରମଣରୁ ମାଲିକଙ୍କୁ ପୋଷା କୁକୁର ବଞ୍ଚାଇଛି । ଛତିଶଗଡ଼ ଚିରିମୀରି ଅନ୍ତର୍ଗତ କୋରିଆ ଅଞ୍ଚଳରେ ଘଟିଛି ଏପରି ଏକ ଘଟଣା । ମାଲିକଙ୍କୁ ରକ୍ଷା କରିଥିବା କୁକୁରର ଫଟୋ ଏବେ ସୋସିଆଲ ମିଡିଆରେ ଅପଲୋଡ୍ ହୋଇଛି । ସ୍ଥାନୀୟ ଗୋଦରପରାର ୱାର୍ଡ ନମ୍ବର ୩୧ରେ ରହୁଥିବା ଶଙ୍ଖଲାଲ୍‌ଙ୍କୁ ପଣସ ଖାଇବାକୁ ଆସିଥିବା ଭାଲୁ ଆକ୍ରମଣ କରିଥିଲା । ଭାଲୁ ତାଙ୍କର ଜଙ୍ଘକୁ କାମୁଡ଼ି ଧରିଥିଲା । ତେବେ ପାଖରେ ଥିବା ତାଙ୍କ ପୋଷା କୁକୁର ଭାଲୁକୁ ଆକ୍ରମଣ କରିଥିଲା । ଭାଲୁ ଧୀରେଧୀରେ ଜଙ୍ଗଲ ଭିତରକୁ ପଳାଇଥିଲା ।




# ୧୬୨ ତଦନ୍ତକାରୀ ଅଫିସରଙ୍କୁ ମିଳିବ ଏକ୍ସିଲେନ୍ସ ଆୱାର୍ଡ

କଟକ ଅଫିସ, ୨୧।୮

ଦେଶର ୧୬୨ଜଣ ତଦନ୍ତକାରୀ ପୋଲିସ ଅଫିସରଙ୍କୁ 'ଏକ୍ସିଲେନ୍ସ ଇନ୍ ଇନ୍‌ଭେଷ୍ଟିଗେଶନ' ଆୱାର୍ଡ ପ୍ରଦାନ କରାଯିବ। ତଦନ୍ତ କ୍ଷେତ୍ରରେ ସଫଳତା ପାଇଥିବା ଅଧିକାରୀମାନଙ୍କୁ ଏହି ପୁରସ୍କାର ମିଳିବ। ଏଥିରେ ଏକ ତୃତୀୟାଂଶ ମହିଳା ଅଫିସର ରହିବେ ବୋଲି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି କ୍ରମରେ ଓଡ଼ିଶାରୁ ୪ ଜଣ ଅଫିସରଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଜଣେ ମହିଳା ଅଫିସରଙ୍କ ସମେତ ୪ ଜଣଙ୍କ ନାମ ଶୀଘ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପଠାଯିବ ବୋଲି ମଙ୍ଗଳବାର କ୍ରାଇମ୍ ବ୍ରାଞ୍ଚ ଅତିରିକ୍ତ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ କହିଛନ୍ତି। ତେବେ ପୁରସ୍କାର ପାଇଁ ଚୟନ କରାଯାଇଥିବା ଉକ୍ତ ନାମଗୁଡିକ ଏବେ ଡିଜିପିଙ୍କ ଅନୁମୋଦନ ଅପେକ୍ଷାରେ ରହିଥିବା ସେ ସୂଚନା ଦେଇଛନ୍ତି।

■ ପାରଳା ଗଣମୃତ୍ୟୁ ଘଟଣାକୁ ଦୁଇବର୍ଷ ପୂରିଲା

# ଉନ୍ମୋଚନ ହୋଇପାରିନି ରହସ୍ୟ

■ କ୍ରାଇମବ୍ରାଞ୍ଚ ତଦନ୍ତ ଶିଥିଳ ଅଭିଯୋଗ
■ ନ୍ୟାୟକୁ ଚାହିଁ ବସିଛନ୍ତି ପରିବାରବର୍ଗ

ପାରଳାଖେମୁଣ୍ଡି, ୨୧।୮(ସ୍ୱ.ପ୍ର.)

ବହୁ ଚର୍ଚ୍ଚିତ ପାରଳା ଗଣମୃତ୍ୟୁ ଘଟଣାକୁ ମଙ୍ଗଳବାର ଦୁଇବର୍ଷ ପୂରଣ ହୋଇଛି। ଏହି ଘଟଣାରେ ପାରଳା ରାଜପ୍ରାସାଦର ତତ୍କାଳୀନ ମ୍ୟାନେଜର ଅନଙ୍ଗମଞ୍ଜରୀ ପାତ୍ର, ଭଉଣୀ ବିଜୟଲକ୍ଷ୍ମୀ, ଦୁଇଭାଇ ସଞ୍ଜୟ ଓ ସନ୍ତୋଷ ପ୍ରାଣ ହରାଇଥିଲେ। ସେତେବେଳେ ଏହା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଏ ନେଇ ମୃତକଙ୍କ ପରିବାର ପକ୍ଷରୁ ୧୨ଜଣଙ୍କ ନାମରେ ପାରଳାଖେମୁଣ୍ଡି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କ୍ରାଇମବ୍ରାଞ୍ଚ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ଏପର୍ଯ୍ୟନ୍ତ ତଦନ୍ତ ଚାଲିଥିଲେ ବି ରହସ୍ୟ ଉନ୍ମୋଚନ ହୋଇପାରିନାହିଁ କି ଦୋଷୀ ଧରା ପଡ଼ିନାହାନ୍ତି।

ସୂଚନାଯୋଗ୍ୟ, ସମ୍ପତ୍ତି ହଡପ ଉଦ୍ଦେଶ୍ୟ ନେଇ ପାରଳା ମହାରାଜା ଗୋପୀନାଥ ଗଜପତି ନାରାୟଣ ଦେବଙ୍କୁ ନଜରବନ୍ଦୀ କରି ରଖାଯାଇଥିବା ଜନସାଧାରଣ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବିରେ ୨୦୧୬ ଅଗଷ୍ଟ ୧୪ରେ ରାଜପ୍ରାସାଦ ଆଗରେ ଆନ୍ଦୋଳନ କରିଥିଲେ। ଏହି କ୍ରମରେ ଅଚାନକ ଭାବେ ଅଗଷ୍ଟ ୨୧ତାରିଖରେ ଅନଙ୍ଗମଞ୍ଜରୀଙ୍କ ଜଙ୍ଗମ ସାହିସ୍ଥିତ ବାସଭବନର ବନ୍ଦ କୋଠରୀରୁ ଅନଙ୍ଗମଞ୍ଜରୀ, ବିଜୟଲକ୍ଷ୍ମୀ, ସଞ୍ଜୟଙ୍କ ମୃତଦେହ ମିଳିଥିଲା। ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ସନ୍ତୋଷଙ୍କର ପରେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ଏନେଇ ୨୨ତାରିଖରେ ମୃତକଙ୍କ ପରିବାର ପକ୍ଷରୁ ସ୍ଥାନୀୟ ଥାନାରେ ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓଙ୍କ ସମେତ ୧୨ଜଣଙ୍କ ନାମରେ ଏତଲା ଦିଆଯାଇଥିଲା। ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ସେତେବେଳେ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ୨୦୧୬ ଅଗଷ୍ଟ ୨୩ରୁ କ୍ରାଇମବ୍ରାଞ୍ଚର ଏସ୍‌ଆଇଟି ତଦନ୍ତ ଆରମ୍ଭ କରିଥିଲା। ଅଦ୍ୟାବଧି ବିଭିନ୍ନ ପର୍ଯ୍ୟାୟରେ ଅନୁସନ୍ଧାନ ସରିଛି। ମାତ୍ର ଘଟଣାର ରହସ୍ୟ ଉପରୁ ପରଦା ହଟିନାହିଁ।

# କମ୍ ବ୍ୟବଧାନରେ ପରାଜିତ ପ୍ରାର୍ଥୀଙ୍କ ସହ ଆଲୋଚନା

**କଂଗ୍ରେସ ରାଜନୀତି**

■ ଆଗୁଆ ଟିକେଟ୍ ବଣ୍ଟନ ନେଇ ତତ୍ପରତା
■ ଗୋଟିଏ ପରିବାରକୁ ମିଳିବ ଏକାଧିକ ଟିକେଟ୍
■ ବିଜୟ ସମ୍ଭାବନାକୁ ଗୁରୁତ୍ୱ

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନରେ କଂଗ୍ରେସ ୫୦ ବିଧାନସଭା ପ୍ରାର୍ଥୀଙ୍କ ନାମ ଆଗୁଆ ଘୋଷଣା କରିବ। ବର୍ତ୍ତମାନ ନିର୍ବାଚିତ ସମସ୍ତ ୧୫ ବିଧାୟକଙ୍କୁ ଟିକେଟ୍ ମିଳିବା ନିଶ୍ଚିତ ହୋଇଛି। ଉକ୍ତ ୧୫ ଜଣଙ୍କୁ ବାଦ୍ ଦେଇ ମଙ୍ଗଳବାର ୨୫ ବିଧାନସଭାରେ ପରାଜିତ ପ୍ରାର୍ଥୀଙ୍କ ସହ ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂ ଆଲୋଚନା କରିଥିବା ଜଣାପଡିଛି। ସେହିପରି ଗୋଟିଏ ପରିବାରର ଏକାଧିକ ନେତାଙ୍କୁ ମଧ୍ୟ ଟିକେଟ ଦେବ କଂଗ୍ରେସ । ଯେଉଁ ପରିବାର ରାଜନୀତିରେ ସଂପୃକ୍ତ ସେହି ପରିବାରକୁ ଏକାଧିକ ଟିକେଟ ପ୍ରଦାନ କରାଯିବ। ଏନେଇ ସ୍ପଷ୍ଟ କରିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ।

ଏନେଇ ନିରଞ୍ଜନ କହିଛନ୍ତି, ବିଜୟ ସମ୍ଭାବନା ହେଉଛି ଟିକେଟ ଆବଣ୍ଟନର ମୁଖ୍ୟ ମାନଦଣ୍ଡ। ଅମାନତ ହରାଇଥିବା ନେତାଙ୍କୁ ଆଦୌ ବିଚାରକୁ ନିଆଯିବ ନାହିଁ। ଯେଉଁମାନଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଅପରାଧିକ ମାମଲା କରାଯାଇଛି ସେମାନଙ୍କ ଦକ୍ଷତା ଥିଲେ ଟିକେଟ ପ୍ରଦାନ କରାଯିବ। ତେବେ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଯାଇଥିବା ନେତାଙ୍କୁ ଟିକେଟ ମିଳିବ ନାହିଁ ବୋଲି ନିରଞ୍ଜନ କହିଛନ୍ତି। ଗତ ନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କ ଠାରୁ କମ୍ ବ୍ୟବଧାନରେ ପରାଜିତ ପ୍ରାର୍ଥୀଙ୍କୁ ଉକ୍ତ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ସେହି ପ୍ରାର୍ଥୀମାନେ ହେଉଛନ୍ତି– ବାଲିଗୁଡାର କେଲସା ପ୍ରଧାନ, କଣ୍ଟାବାଞ୍ଜିର ସନ୍ତୋଷ ସିଂ ସାଲୁଜା, ସୁକିନ୍ଦାର ଶରତ ରାଉତ, ସୋରୋର ମୃତ୍ୟୁଞ୍ଜୟ ଜେନା, କେନ୍ଦ୍ରାପଡାର ଗଣେଶ୍ୱର ବେହେରା, ଖରିଆରର ଅଧିରାଜ ମୋହନ ପାଣିଗ୍ରାହୀ, ଗୁଣୁପୁରର ପୁରୁଷୋତ୍ତମ ଗମାଙ୍ଗ, ଜଟଣୀର ସୁରେଶ ରାଉତରାୟ, ବ୍ରଜରାଜନଗରରୁ କିଶୋର ପଟେଲ ପ୍ରମୁଖ।

ଏମାନଙ୍କ ବ୍ୟତୀତ ପ୍ରଭାରୀ ସିଂ ନବରଙ୍ଗପୁରର ସଦନ ନାଏକ, ନର୍ଲାରୁ ଜଗନ୍ନାଥ ପଟ୍ଟନାୟକ, ରାଜଗାଙ୍ଗପୁରର ଗ୍ରେଗୋରୀ ମିଞ୍ଜ, ମୋହନାରୁ ଦାଶରଥି ଗମାଙ୍ଗ, ପଟାଙ୍ଗୀରୁ ରାମଚନ୍ଦ୍ର କଦମ୍, ଚିଟିଲାଗଡରୁ ସୁରେନ୍ଦ୍ର ସିଂ ଭୋଇ, ମାଲକାନଗିରିରୁ ମଲ ମାଢୀ, ବରଗଡର ସାଧୁ ନେପାକ, ରେଢାଖୋଲରୁ ଅସରଫ୍ ଅଲ୍ଲୀ ଖାନ୍, ଉମରକୋଟ୍‌ରୁ ଜିତେନ୍ଦ୍ର ନାଥ ସିଂ ଗଣ୍ଡଙ୍କ ସମେତ ଅନ୍ୟାନ୍ୟ ନେତାଙ୍କ ସହ ମଧ୍ୟ ୱାନ–ଟୁ–ୱାନ ଆଲୋଚନା କରିଥିବା ଜଣାପଡିଛି। ନିକଟରେ ଜେଲ୍‌ରୁ ମୁକୁଳିଥିବା ସାନଖେମୁଣ୍ଡିର ପୂର୍ବତନ ବିଧାୟକ ରମେଶ ଜେନା ଏବଂ ଶିଳ୍ପପତି ତିରୁପତି ପାଣିଗ୍ରାହୀଙ୍କୁ ମଧ୍ୟ କଂଗ୍ରେସ ଭବନରେ ଦେଖିବାକୁ ମିଳିଥିଲା।












ଛତିଶଗଡ଼ରେ ଏପରି ଏକ ଗ୍ରାମ ରହିଛି ଯେଉଁଠାରେ ମଦ ପିଉଥିବା କିମ୍ବା ପ୍ରସ୍ତୁତ କରୁଥିବା ଲୋକଙ୍କୁ ଜରିମାନା ବାବଦରେ ନଡ଼ିଆ ଦେବାକୁ ପଡ଼େ । ସ୍ଥାନୀୟ କୋରବା ଜିଲାର ମୈନଗଡ଼ୀ ଗ୍ରାମ ପଞ୍ଚାୟତରେ ଏପରି ଆଇନ ପ୍ରଚଳିତ । ଜରିମାନା ବାବଦରେ ନଡ଼ିଆ ଦେବା ଲୋକମାନଙ୍କ ପାଇଁ ସହଜ ହୋଇଥିଲେ ମଧ୍ୟ ମଦ ଯୋଗୁ ଏପରି କରିବାକୁ ପଡୁଥିବାରୁ ଲୋକେ ଲଜ୍ଜିତ ହୋଇଥାନ୍ତି ।




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ହର୍ଷିତା
ପରିବାରବର୍ଗ



ମନିତ୍
ପରିବାରବର୍ଗ



ଖୁସି
ପରିବାରବର୍ଗ



ସିଧୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।




### BRIDE WANTED

Divorcee groom JE 45, Business 39 (caste-no-bar). Contact: 7873374269. D-63475

Divorcee groom BSNL 46, Engineer 41, Scientist 36. Welcome: 9337197338. D-63476

Kalinga Vaishya Kumuti groom 6'/ 28 years, Pharmaceutical MNC. 8093973530, 9438296801. D-63357

Brahmin boy 1989 B.Tech NIT MBA Xavier Software Bangalore. 7008967858. D-62780

### GROOM WANTED

Beautiful Brahmin girl 1991 5'4" B.Tech, MBA serving Delhi. 9853366347. D-63356

NGOରେ computer operator 43 ବର୍ଷ ଛାଡ଼ପତ୍ର ପାଇଥିବା ଝିଅ ପାଇଁ ଯେ କୌଣସି ଜାତିର ବରପାତ୍ର ଆବଶ୍ୟକ । 8596978540. D-7939

Beautiful Brahmin girl 1987 5'5" MBA divorcee legally separated Suna-sansar. 9937512659. D-7932

Suitable officer match in Govt./ PSU is invited for wheatish beautiful Odia Brahmin PSU Bank Officer 5'4"/ 26 years father is higher grade officer in Central Autonomous body. Contact: 8637282066. D-62779

Now Matrimonial ads. only on Wednesday & Sunday Book 1 Get 1 FREE

## classified




### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

ଭୁବନେଶ୍ୱରର **IIT** ଅରଗୁଲଠାରେ ପିଚୁରୋଡକୁ ଲାଗିକରି ଘରବାରି ପ୍ଲଟ କିଣନ୍ତୁ ଓ ନିଜ ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ। **Ranapratap: 9777342153.** D-63584

Immediate ready for construction land at Rasulgarh near Hitech square (NH-5) @16,20,000/- 9437976031. D-63576

Bhubaneswar ପିତାପଲ୍ଲିଠାରେ NHରୁ 700 mtr. ଦୂରତାରେ boundary wall campus ମଧ୍ୟରେ 30' ରାସ୍ତା ଥାଇ demarcated sthitiban plot ବିକ୍ରିହେବ। 9337110700, 9692619663. D-63575

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

Gharabari Boundary Plot Infront Krapujal Engineering College, Bhubaneswar: 9090899281, 8908805482. D-63474

BDA approved land=2600 construction= 1400 building at Chakeisiani few plots at Satya Vihar for immediate sale. Details: 7008304833. (ବିଷ୍ଣୁ) D-7975

**1500 sqft. gharabari boundary plot at Mancheswar, Bhubaneswar. 9124232466, 9437460564.** D-64891

4 bedroom flat 4000 sqft. full furnished including 4car parking (A-Block) (G-4/5), 3 bedroom flat 2200 sqft. full furnished including 2 car parking (Block-B) BI-4. Ridhisidhi Enclave, ICE Factory Lane, Cuttack Road, Bhubaneswar. Contact No: 9437966312, 9438895266, BBSR: 9123142997. D-7978

### GENERAL

### SALE

Furnished ac restaurant Lewis Road, Ravi Talkies Square, Bhubaneswar. 9437283845, 8249310165. D-63358




A five room house with 3 toilet, 1st floor at VSS Nagar, Main road for office/ family. Contact: 9937280869. D-7974




Madam Monalisa massage club-50% discount full body massage by hiprofile smart lady therapist. 9708545108. D-7948

Herbal full body massage smart boys therapist home service available. Phone: 9937929638. D-7970

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

### AFFIDAVIT

Affidavit before Executive Magistrate, Dhenkanal, 20-08-18 I have changed my name from Reena Das to Suravi Das. Henceforth I shall be known as Suravi Das,W/o. Gopal Das, Dakhinakali Road, Jagannath Vihar, Dhenkanal for all purposes. D-62039

### ଜନ୍ମଦିନ ଶୁଭେଚ୍ଛା



**ନିହାର ରଞ୍ଜନ ବେହେରା**
**ତିରିକଣା**
ଶୁଭ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା । **ଶୁଭେଚ୍ଛା**
**ସହ: ବାପା, ମା, ନିକି।**
ଧ-୭୯୭୧

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ■ଉଜ୍ଜୟିନୀ ୪ ବର୍ଷର ଶିଶୁକୁ ବଳାତ୍କାର
# ୭ ଘଣ୍ଟାର ଶୁଣାଣି ପରେ ଦଣ୍ଡ

**ଉଜ୍ଜୟିନୀ,୨୧।୮(ପି.ଟି.)**

ମଧ୍ୟପ୍ରଦେଶର ଉଜ୍ଜୟିନୀଠାରେ ମାତ୍ର ୭ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ହେଲା ବଳାତ୍କାର ମାମଲାର ଶୁଣାଣି। ୫ ଦିନ ମଧ୍ୟରେ ମାମଲାର ତଦନ୍ତ ପ୍ରକ୍ରିୟା ଶେଷ କରାଯାଇ ଅଭିଯୁକ୍ତ ନାବାଳକଙ୍କୁ ଦଣ୍ଡାଦେଶ କରାଯାଇଛି। ଏହି ଘଟଣାକୁ ଦେଶର ଏକ ଶ୍ରେଷ୍ଠ ଫାଷ୍ଟ ଟ୍ରାକ୍ ଶୁଣାଣି ବୋଲି କୁହାଯାଉଛି। ଚାରିବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରିଥିବା ୧୪ ବର୍ଷୀୟ ନାବାଳକଙ୍କୁ ମଙ୍ଗଳବାର ଦଣ୍ଡାଦେଶ ହୋଇଛି। ଅଭିଯୁକ୍ତଙ୍କୁ ୨ ବର୍ଷ ପାଇଁ କିଶୋର ସୁଧାର ଗୃହକୁ ପଠାଇ ଦିଆଯାଇଛି।

ରାଜ୍ୟର ଉଜ୍ଜୟିନୀ ଜିଲାର ଘାଟିୟା ଗ୍ରାମରେ ଅଗଷ୍ଟ ୧୫ରେ ଶିଶୁକନ୍ୟା ଜଣକ ଅଭିଯୁକ୍ତଙ୍କ ଘରେ ଅନ୍ୟ ପିଲାମାନଙ୍କ ସହ ଖେଳୁଥିଲେ। ଏହାର ସୁଯୋଗ ନେଇ ନାବାଳକ ଜଣକ ତାକୁ ବଳାତ୍କାର କରିଥିଲେ। ପୀଡ଼ିତା ପରିବାର ସଦସ୍ୟଙ୍କ ସମ୍ମୁଖରେ ସବୁ କଥା କହିବା ପରେ ସେମାନେ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ରାଜସ୍ଥାନରୁ ନିଜ ସମ୍ପର୍କୀୟଙ୍କ ଘରୁ ଅଭିଯୁକ୍ତ ବାଳକଙ୍କୁ ଗିରଫ କରାଯାଇଥିଲା ବୋଲି ଉଜ୍ଜୟିନୀ ଏସ୍‌ପି ସଚିନ ଅତୁଲ୍‌କର ସୂଚନା ଦେଇଛନ୍ତି। ତେବେ ୫ ଦିନର ତଦନ୍ତ ପରେ ସୋମବାର ପୂର୍ବାହ୍ନ ୧୦.୪୫ ମିନିଟ୍‌ରେ କୋର୍ଟରେ କେସ୍ ଡାଏରୀ ଦାଖଲ କରାଯାଇଥିଲା। ମାତ୍ର ୭ ଘଣ୍ଟାର ଶୁଣାଣିକରି ସନ୍ଧ୍ୟା ୬ଟାରେ ଜୁଭେନାଇଲ୍ ଜଷ୍ଟିସ ବୋର୍ଡ ବିଚାରପତି ତୃପ୍ତି ପାଣ୍ଡେ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ କରିଥିଲେ ବୋଲି ସରକାରୀ ଓକିଲ ଦୀପେନ୍ଦ୍ର ମାଲୁ ସୂଚନା ଦେଇଛନ୍ତି। ଏହି ଶୁଣାଣି ଏବଂ ରାୟ ଜନସାଧାରଣଙ୍କ ଏକ ସକାରାତ୍ମକ ବାର୍ତ୍ତା ଦେଇଥିବା ଉଜ୍ଜୟିନୀ ଏସ୍‌ପି ପ୍ରକାଶ କରିଛନ୍ତି।

# ଲଘୁଚାପ ଦୁର୍ବଳ

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଓଡିଶା ଉପକୂଳରେ ଏକ ଲଘୁଚାପ ଦୁର୍ବଳ ହୋଇ ମଧ୍ୟପ୍ରଦେଶ ଆଡକୁ ଚାଲିଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ । କେତେକ ସ୍ଥାନରେ ଘଡଘଡି ସହ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ବାୟୁମଣ୍ଡଳରେ ଜଳୀୟ ବାଷ୍ପ ଭରି ରହୁଥିବାରୁ ଆସନ୍ତା ୨୬ ତାରିଖରୁ ବର୍ଷା ପରିମାଣ ବୃଦ୍ଧି ପାଇବ। ସୁନ୍ଦରଗଡ, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଏବଂ ଯାଜପୁର ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

# ପରଲୋକରେ ଯଦୁନାଥ ଦାସମହାପାତ୍ର
## ମୁଖ୍ୟମନ୍ତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

**ଭୁବନେଶ୍ୱର,(ବ୍ୟୁରୋ)/ସୋର, ୨୧।୮(ଡି.ଏନ.ଏ.)**

ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ସାରସ୍ୱତ ପୁରୁଷ ଯଦୁନାଥ ଦାସ ମହାପାତ୍ରଙ୍କ ୮୯ ବର୍ଷ ବୟସରେ ମଙ୍ଗଳବାର ପରଲୋକ ହୋଇଯାଇଛି। ଯଦୁନାଥଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ଦୀର୍ଘଦିନ ଧରି ଯଦୁନାଥ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ୪ ପୁଅ, ବୋହୂ, ୩ ଝିଅ ଓ ସମସ୍ତ ନାତିନାତୁଣୀ ଉପସ୍ଥିତ ଥିଲେ। ଡାକ୍ତରଖାନାରୁ ତାଙ୍କ ମରଶରୀରକୁ ଭୁବନେଶ୍ୱର ଆଇଆରସି ଭିଲେଜସ୍ଥିତ ବାସଭବନକୁ ଅଣାଯାଇ ଶେଷଦର୍ଶନ ପାଇଁ ରଖାଯାଇଛି। ବହୁ ରାଜନେତା, ସାହିତ୍ୟିକ ଏବଂ ବିଶିଷ୍ଟ ବ୍ୟକ୍ତି ଡାକ୍ତରଖାନା ଓ ବାସଭବନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ବୁଧବାର ସକାଳେ ତାଙ୍କ ମରଶରୀରକୁ ଜନ୍ମସ୍ଥାନ ବାଲେଶ୍ୱର ଜିଲା ସୋର ବ୍ଲକ ଅନ୍ତର୍ଗତ କୁଡ଼େଇ ଗ୍ରାମକୁ ନିଆଯାଇ ସେଠାରେ ଅନ୍ତିମ ସଂସ୍କାର କରାଯିବ।



ଯଦୁନାଥ ଦାସମହାପାତ୍ର

ଯଦୁନାଥଙ୍କ ଜନ୍ମ ୧୯୨୯ ମାର୍ଚ୍ଚ ୧ତାରିଖରେ। ତାଙ୍କ ମାତା ରାସମଣି ଦେବୀ ଓ ପିତା ନାରାୟଣ ଦାସମହାପାତ୍ର । ସ୍ଥାନୀୟ ସୋର ସତ୍ୟାନନ୍ଦ ହାଇସ୍କୁଲରେ ଯଦୁନାଥ ମ୍ୟାଟ୍ରିକ ପାସ୍ କରିବା ପରେ ରେଭେନ୍‌ସା କଲେଜରେ ବିଏ ପାସ କରିଥିଲେ । ପରେ କଲିକତା ବିଶ୍ୱବିଦ୍ୟାଳୟରୁ ଏଲଏଲବି ଡିଗ୍ରୀ ହାସଲ କରିଥିଲେ। ଲକ୍ଷ୍ମୀପ୍ରିୟା ଦାସମହାପାତ୍ରଙ୍କୁ ସେ ବିବାହ କରିଥିଲେ। ଆଡଭୋକେଟ ଭାବେ ସେ ନିଜର କ୍ୟାରିୟର ଆରମ୍ଭ କରି ୧୯୬୨ରେ କଂଗ୍ରେସରେ ଯୋଗ ଦେଇଥିଲେ। ବାଲେଶ୍ୱର ଜିଲାରେ ଅନେକ ଦଳୀୟ ପଦପଦବୀରେ ରହି ୧୯୭୧ରେ ସୋର ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ ୧୯୭୪ ଓ ୧୯୮୫ରେ ସେ କଂଗ୍ରେସ ଟିକେଟରେ ସୋରରୁ ବିଜୟଲାଭ କରିଥିଲେ। ୧୯୭୧ ମସିହାରେ ବିଧାନସଭାକୁ ନିର୍ବାଚିତ ହୋଇ ଅର୍ଥମନ୍ତ୍ରୀ ହୋଇଥିଲେ। ୧୯୭୪ ମସିହାରେ ନନ୍ଦିନୀ ଶତପଥୀଙ୍କ ମନ୍ତ୍ରିମଣ୍ଡଳରେ ଶିକ୍ଷାମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୧୯୮୫ ମସିହାରେ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ପୁଣି ଶିକ୍ଷାମନ୍ତ୍ରୀ ରହିଥିଲେ । ବିଭିନ୍ନ ସମୟରେ ଅର୍ଥ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ଭାବେ ମଧ୍ୟ ଦାୟିତ୍ୱ ସମ୍ପାଦନ କରିଛନ୍ତି। କେବଳ ଜଣେ ରାଜନେତା ନୁହନ୍ତି, ଜଣେ ସାରସ୍ୱତ ସାଧକ ଭାବେ ସେ ସୁପରିଚିତ ଥିଲେ। ୬୦ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଯାଇଛନ୍ତି, ଯେଉଁଥିରେ କବିତା, ଗଳ୍ପ, ଉପନ୍ୟାସ, ନାଟକ ଓ ଅନୁବାଦ ପୁସ୍ତକ ରହିଛି। 'ଗ୍ରାମ୍ୟ ନଦୀର ତୀରେ', 'ବିଭୀଷିକା', 'ପରଶମଣି', 'ସୂର୍ଯ୍ୟମନ୍ଦିର', 'ସଂଗ୍ରାମ', 'ଭୁଲି ହୁଏନା', 'କ୍ଷମା କରିବେ କି' ଆଦି ତାଙ୍କର ଶ୍ରେଷ୍ଠ ପୁସ୍ତକ ମଧ୍ୟରୁ ଅନ୍ୟତମ। ତାଙ୍କ ରଚିତ ଆତ୍ମଜୀବନୀ ପୁସ୍ତକ 'ଜୀବନ ସ୍ମୃତି'। ତାଙ୍କ ନାଟକ 'ଭୁଲି ହୁଏନା'କୁ ନେଇ ଚଳଚ୍ଚିତ୍ର ନିର୍ମିତ ହୋଇଛି। 'ଅଥବା ଅନ୍ଧାର' ନାଟକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଏହି ରାଜନେତା ତଥା ସାରସ୍ୱତ ସାଧକଙ୍କ ବିୟୋଗରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସଂସ୍କୃତି ଏବଂ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ମହିଳା ଓ ଶିଶୁ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଏବଂ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକ ନିଷ୍ଫଳ

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ଦାବି ନେଇ ବ୍ଲକଗ୍ରାଣ୍ଟ ସ୍କୁଲ ଓ କଲେଜ ଶିକ୍ଷକମାନେ ଗତ ୧୬ ତାରିଖରୁ ଲୋୟରପିଏମଜିଠାରେ ଧାରଣାରେ ବସିଛନ୍ତି। ଏହି ସମସ୍ୟାର ସମାଧାନ କରିବାକୁ ମଙ୍ଗଳବାର ଅପରାହ୍ନରେ ସଚିବାଳୟରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ତେବେ ବୈଠକରେ କୌଣସି ନିର୍ଯ୍ୟାସ ବାହାରି ପାରି ନାହିଁ। ମିଳିଥିବା ସୂଚନା ଅନୁଯାୟୀ ବୈଠକରେ ଚାକିରି ସର୍ତ୍ତାବଳୀକୁ ସବୁଜ ସଙ୍କେତ ଦିଆଯାଇଥିବା ଜଣାପଡିଛି। ସରକାରୀ ଓ ଅନୁଦାନ ପାଉଥିବା ସ୍କୁଲ କଲେଜ ଭଳି ବ୍ଲକଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀମାନଙ୍କର ଚାକିରି ସର୍ତ୍ତାବଳୀ ଧାର୍ଯ୍ୟ କରାଯିବ। ଶିକ୍ଷକ ଓ କର୍ମଚାରୀମାନେ ବର୍ଷକୁ କେତେଦିନ ଛୁଟି ପାଇବେ, ପ୍ରସବକାଳୀନ ଛୁଟି, ପଦୋନ୍ନତି, ବଦଳି, ଷ୍ଟଡି ଲିଭ, ରିଫ୍ରେସର କୋର୍ସ ଆଦି ଚାକିରି ସର୍ତ୍ତାବଳୀରେ ରହିଛି। ଏହାକୁ ଅଧିକ ତର୍ଜମା କରାଯାଇ ଅର୍ଥ ବିଭାଗର ଅନୁମୋଦନ ପରେ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯିବ। ତେବେ କେବେ ସୁଦ୍ଧା ଏ ନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ସେ ନେଇ ବୈଠକରେ କୌଣସି ସୂଚନା ଦିଆଯାଇ ନାହିଁ। ବୈଠକ ଶେଷରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବୈଠକରେ ଆଲୋଚନା ହୋଇଥିଲା। ଚାକିରି ସର୍ତ୍ତାବଳୀ ବିଷୟରେ ସକାରାତ୍ମକ ନିଷ୍ପତ୍ତି ନିଆଯିବ। ଶିକ୍ଷକମାନେ ଆନ୍ଦୋଳନରୁ ଓହରି ରାଜ୍ୟରେ ଶିକ୍ଷାର ବାତାବରଣ ଫେରାଇ ଆଣିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି। ପୂର୍ଣ୍ଣ ଅନୁଦାନ ନେଇ ସରକାର କୌଣସି ନିଷ୍ପତ୍ତି ନେବାକୁ ସାହସ ଜୁଟାଇ ପାରୁ ନାହାନ୍ତି। ସୁପ୍ରିମକୋର୍ଟ ଏବଂ ଆର୍ଥିକ ବୋଝକୁ ଆଳ କରି ସରକାର ସମୟ ଗଡାଇ ଚାଲିଛନ୍ତି।

୩ ମାସ ପୂର୍ବରୁ ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରି ନ ଥିବାରୁ ଶିକ୍ଷକ ଓ କର୍ମଚାରୀମାନେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ସରକାର ଦାବି ପୂରଣ ନେଇ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଭୟାବହ ଆନ୍ଦୋଳନ ହେବ। ଆସନ୍ତା ୨୫ ତାରିଖରୁ ଶିକ୍ଷକ ଓ କର୍ମଚାରୀମାନେ କର ବା ମର ନୀତିରେ ଗାଁକୁ ଚାଲ ଅଭିଯାନ ଆରମ୍ଭ କରିବେ ବୋଲି ମିଳିତ ମଞ୍ଚ ଚେତାବନୀ ଦେଇଛି।

**ବ୍ଲକ ଗ୍ରାଣ୍ଟ ଶିକ୍ଷକ-କର୍ମଚାରୀ ଦାବି ପ୍ରସଙ୍ଗ**
- ■ଚାକିରି ସର୍ତ୍ତାବଳୀକୁ ମୋହର
- ■ଅନ୍ୟ ଦାବିକୁ ଏଡେଇଲେ ସରକାର
- ■ଆନ୍ଦୋଳନକୁ ଜୋରଦାର କରିବାକୁ ଧମକ


## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ନାରାୟଣ ଜେନା**
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ)
ନହରକଣ୍ଟା, ଭୁବନେଶ୍ୱର
ଆବିର୍ଭାବ: ୦୫।୦୬।୧୯୩୩
ତିରୋଧାନ: ୨୨।୦୮।୨୦୧୪
ଆଜିର ଏହି ପୁଣ୍ୟତିଥିରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମ ସମସ୍ତଙ୍କ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ- ମାଣିକ ଜେନା, ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ। ଧ-୬୩୪୭୭

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବାବାଜୀ ଚରଣ ରାଉତରାୟ**
ଜୟପୁର, ବାଲିଅନ୍ତା, ଖୋର୍ଦ୍ଧା
ବାପା ତାଙ୍କୁ ଚାହୁଁ ଚାହୁଁ ଆଠବର୍ଷ ବିତିଗଲା। ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ନିଃସ୍ୱାର୍ଥପରତା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମର ପାଥେୟ ହେଉ। ଆଜି ୮ମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁଅ ବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ। ଧ-୭୯୧୮


# କାଶୀନଗର: ଡେଙ୍ଗୁରେ ଆଉ ଜଣେ ମୃତ

**କାଶୀନଗର, ୨୧।୮(ଡି.ଏନ.ଏ.)**

ଗଜପତି ଜିଲା କାଶୀନଗର ବ୍ଲକର ସିଙ୍ଗିପୁର ଓ ସିଧାମଡଙ୍ଗ ଗ୍ରାମରେ ଡେଙ୍ଗୁ ଏବଂ ମ୍ୟାଲେରିଆ ଆତଙ୍କ ଥମିବାର ନାଁ ଧରୁନାହିଁ। ପୂର୍ବରୁ ଡେଙ୍ଗୁ ଓ ମ୍ୟାଲେରିଆରେ ୫ଜଣଙ୍କ ଜୀବନ ଯାଇଥିବା ବେଳେ ମଙ୍ଗଳବାର ଆଉ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସିଙ୍ଗିପୁର ଗ୍ରାମର ଜଳେନ୍ଦ୍ର ଜେନା। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଯାଇଥିଲା। ସେଠାରେ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତଦେହ ଗ୍ରାମକୁ ଅଣାଯିବା ପରେ ସତ୍କାର କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ବନ୍ଧୁମାନଙ୍କ ସହ ଆଲୋଚନା ଫଳପ୍ରଦ ହୋଇପାରିବ । କର୍ମକ୍ଷେତ୍ର କିମ୍ବା ପରିବାର ଭିତରେ ଭୁଲ୍ ବୁଝାମଣା କାରଣରୁ ସମସ୍ୟାର ସମ୍ମୁଖୀନ ହୋଇ ପାରନ୍ତି। ପ୍ରତିବନ୍ଧକ ଦେଖାଦେଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ । ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ।

**ବୃଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ, ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ । ବନ୍ଧୁମାନଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ସଭାସମିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ । ନିର୍ମାଣ କାର୍ଯ୍ୟରେ ଗତି ମନ୍ଥର ହେବ କିନ୍ତୁ ସମସ୍ୟାର ସମାଧାନ ହୋଇଯିବ । ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ ।

**ମିଥୁନ** କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ । ଋଣ ପରିଶୋଧ କରିବା ଲାଗି ବିଭିନ୍ନ ପ୍ରକାର ଧନ୍ଦା କରିବା ସକାଶେ ମନ ବଳାଇବେ । ପାରିବାରିକ ସମସ୍ୟା ନିରାକରଣ ସକାଶେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି। ବ୍ୟବସାୟ,ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** ଆଜି କର୍ମକ୍ଷେତ୍ରର କେତେକ ବ୍ୟତିକ୍ରମ କଥା ଓ ଆର୍ଥିକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି। ପାରିବାରିକ ସ୍ତରରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ । କଳା, ସାହିତ୍ୟ, ସଙ୍ଗୀତ ତଥା ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ । ହଠାତ୍ ଆଶା କରୁଥିବା ଶୁଭ ଖବର ଅସମର୍ଥିତ ସୂତ୍ରରୁ ଶୁଣି ଖୁସି ହେବେ।

**ସିଂହ** ଆତ୍ମୀୟମାନଙ୍କ ସକାଶେ ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ସେମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ବହୁତ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସମସ୍ୟା ସମାଧାନ ଦିଗରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ । ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା** ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିବ । ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି । ଗୃହ ସଜ୍ଜା, ଗାଡି ମରାମତି, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିବେ । ସାମାଜିକ ସ୍ତରରେ ଟାଳଟୁଳ ନୀତିରେ କାମ କରି ବନ୍ଧୁଙ୍କ ଅପ୍ରିୟଭାଜନ ହୋଇପାରନ୍ତି।

**ତୁଳା** ବିଭିନ୍ନ ଘରୋଇ କାରଣକୁ କେନ୍ଦ୍ରକରି ମନ ଅସ୍ଥିର ରହିବାରୁ ଦୃଷ୍ଟିକୋଣ ବଦଳିଯିବ । ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ । ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ ନଚେତ୍ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ ।

**ବିଛା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ରହିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ । କ୍ରୀଡା, କଳା, ସାହିତ୍ୟ,ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବାର ସୂଚନା ରହିଛି । ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେଲେ ମଧ୍ୟ ବିଜୟୀ ହେବେ। ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ ଓ ଆଶାଜନକ ସୁଫଳ ମଧ୍ୟ ପାଇବେ।

**ଧନୁ** ପାରିବାରିକ ଅଶାନ୍ତିକୁ କେନ୍ଦ୍ରକରି ମନ ଭଲ ନ ଥିବା କାରଣରୁ କୌଣସି କାମରେ ମନ ଲାଗିବ ନାହିଁ। ସଭାସମିତି କିମ୍ବା ଆଲୋଚନା ପରିସରରେ ଆପଣଙ୍କ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ । ଜମିଜମା କାରବାର,ବିଦ୍ୟୁତ୍ ଉପକରଣ ବ୍ୟବସାୟ ଓ ଶେୟାର ବଜାର, ହୋଟେଲ ମାଲିକମାନେ ଲକ୍ଷ୍ୟହାସଲ କରିପାରିବେ ।

**ମକର** ବିଭିନ୍ନ ଦିଗରୁ ସାହାଯ୍ୟ ଲାଭକରି କାର୍ଯ୍ୟ ହାସଲରେ ସମର୍ଥ ହେବେ । ସାୟାହ୍ନରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି । ପାରସ୍ପରିକ ଆଲୋଚନା, ଗଠନମୂଳକ କାମ, ଲେଖାପଢା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ। ନିର୍ମାଣ ଓ ପରିବହନ, ଜମିଜମା କାରବାର, ଗଠନମୂଳକ କାମରୁ ଲାଭବାନ ହେବେ।

**କୁମ୍ଭ** ପାରିବାରିକ ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ ଗତି କରିବାର ବହୁ ସମ୍ଭାବନା ରହିଛି । ପରିବାରରେ କାହାର ସ୍ୱାସ୍ଥ୍ୟ ସକାଶେ ମନ ବ୍ୟସ୍ତ ରହିପାରେ । କର୍ମକ୍ଷେତ୍ରରେ ମଧ୍ୟ ପରୋକ୍ଷ ଶତ୍ରୁତା କାରଣରୁ ସନ୍ଦେହ ଓ ଭୁଲ୍ ବୁଝାମଣା ଜନିତ ସମସ୍ୟା ବଢ଼ିବ । ଧନିଷ୍ଠା ନକ୍ଷତ୍ର ସକାଶେ ବିଶେଷ କିଛି ଅସୁବିଧା ନ ଥିଲେ ସୁଦ୍ଧା ମାନସିକ ସ୍ତରରେ ଅଶାନ୍ତ ରହିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ସହକର୍ମୀ ସହ ବିବାଦ ବୃଦ୍ଧି ହୋଇପାରେ । ନିଜ ରହଣି ପରିସରସ୍ଥ ଆତ୍ମୀୟମାନଙ୍କ ସହ ସୁସମ୍ପର୍କ ରଖିବା ପାଇଁ ଚେଷ୍ଟାକଲେ ଉପକୃତ ହେବେ । ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

ଆଜି ଶ୍ରାବଣ ଶୁକ୍ଳ ଏକାଦଶୀ ଯୁକ୍ତ ଦ୍ୱାଦଶୀ ବୁଧବାର, ବୈଷ୍ଣବ ସମ୍ମତ ଉନ୍ମିଳନୀ ଏକାଦଶୀ, ପୁତ୍ରଦା ଏକାଦଶୀ ବ୍ରତ ଓ ଉପବାସ, ଇଦ୍ ଜୁହା, ଅଗଷ୍ଟ ୨୨ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ସକାଳ ଘ୬।୫୦ମି. ଗତେ ଘ୮।୨୯ମି. ମଧ୍ୟେ, ଘ୩।୦୫ମି. ଗତେ ଘ୪।୪୪ମି. ମଧ୍ୟେ ଅମୃତବେଳା । ଦିବା ଘ୧୦।୦୮ମି. ଗତେ ଘ୧୧।୪୭ମି. ମଧ୍ୟେ, ଘ୩।୪୧ମି. ଗତେ ଘ୫।୦୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୪୯ମି. ଗତେ ଘ୧।୨୪ମି. ମଧ୍ୟେ ରାହୁକାଳ ।



ସୁନା ଖଟରେ ଶୋଉଥିବା କୋଟିପତି କୁକୁଡ଼ା ବ୍ରିଟେନରେ ରହିଛି । ଏହାର ନାମ ଗିଗୁ । ଏହି କୁକୁଡ଼ା ଏବେ ସୋସିଆଲ୍ ମିଡିଆରେ ବେଶ୍ ଚର୍ଚ୍ଚାରେ ରହିଛି ଏବଂ ସାରା ବିଶ୍ୱରେ କୋଟିପତି କୁକୁଡ଼ାର ମାନ୍ୟତା ହାସଲ କରିଛି । କୁକୁଡ଼ା ପାଖରେ ରହିଛି ସମସ୍ତ ବିଳାସବ୍ୟସନର ସୁବିଧା । ତାକୁ ଜଗିବା ପାଇଁ ସୁରକ୍ଷାକର୍ମୀ ରହିଛନ୍ତି । କୁକୁଡ଼ାଟି ଦାମୀ ଗାଡ଼ିରେ ବୁଲିବାକୁ ଯାଏ । ଗିଗୁ ନାମରେ ୬୭ କୋଟି ଟଙ୍କାର ସମ୍ପତ୍ତି ରହିଛି । ଏସବୁ ସମ୍ପତ୍ତି ଉତ୍ତରାଧିକାରୀ ସୂତ୍ରରେ ଗିଗୁ ତା'ର ମାଲିକଙ୍କଠାରୁ ପାଇଛି । ଗିଗୁର ମାଲିକ ହେଉଛନ୍ତି ବ୍ରିଟେନର ଜଣେ ଖ୍ୟାତିସମ୍ପନ୍ନ ପ୍ରକାଶକ ମାଇଲ୍ସ ବ୍ଲକ୍ ବେଲ୍ ।



## ସଂକ୍ଷେପରେ

ଅପରେଶନ ମୁସ୍କାନ-୨ ନାମ ବଦଳିଲା

### ସେପ୍ଟେମ୍ବରରୁ ନିଖୋଜ ପିଲାଙ୍କୁ ଖୋଜିବ 'ପରୀ-୨'

କଟକ ଅଫିସ, ୨୧।୮: ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ୨୦୧୬ରେ ଆରମ୍ଭ ହୋଇଥିବା ଅପରେଶନ ମୁସ୍କାନ-୨ର ନାମ ପରିବର୍ତ୍ତନ କରାଯାଇଛି। ଏହାର ନୂତନ ନାମ ରଖାଯାଇଛି 'ପରୀ-୨'। ଏନେଇ ମଙ୍ଗଳବାର କ୍ରାଇମ୍ ବ୍ରାଞ୍ଚ ଅତିରିକ୍ତ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି। କ୍ରାଇମ୍ ବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ରାଜ୍ୟରେ ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ ମୁସ୍କାନ-୨ ସଫଳତାର ସହ କାର୍ଯ୍ୟ କରିଛି। ଏବେବି ବହୁତ ପିଲା ନିଖୋଜ ରହିଛନ୍ତି। ସେମାନଙ୍କର ସନ୍ଧାନ ପାଇଁ 'ପରୀ-୨' କାର୍ଯ୍ୟ କରିବ। ଏଥିପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୧ରୁ ୧୫ ତାରିଖ ଓ ୧୬ରୁ ୩୦ ତାରିଖ ଦୁଇଟି ପର୍ଯ୍ୟାୟରେ ଏହି ଟିମ୍ ରାଜ୍ୟ ଏବଂ ରାଜ୍ୟ ବାହାରେ ନିଖୋଜ ପିଲାମାନଙ୍କୁ ଖୋଜିବା କାର୍ଯ୍ୟରେ ନିୟୋଜିତ ହେବ ବୋଲି ଉପାଧ୍ୟାୟ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୬ ଜୁଲାଇ ୨୫ରେ ଅପରେଶନ ମୁସ୍କାନ ଗଠନ କରାଯାଇଥିଲା। ଏହି ଟିମ୍ ୨୦୧୬ରେ ଦୁଇଟି ପର୍ଯ୍ୟାୟରେ ମୋଟ ୨୬୧୦ ପିଲାଙ୍କୁ ଉଦ୍ଧାର କରିଥିଲା ସେଥିରୁ ୨୨୭୧ ନାବାଳକ ୩୩୯ ନାବାଳିକା ଥିଲେ।

### ଓଏସ୍ଆର୍ଟିସି ବସ୍ କର୍ମଚାରୀଙ୍କ ଆନ୍ଦୋଳନ, ଯାତ୍ରୀ ହନ୍ତସନ୍ତ

ଭୁବନେଶ୍ୱର,୨୧।୮(ବ୍ୟୁରୋ): ଓଡ଼ିଶା ରାଜ୍ୟ ସଡ଼କ ପରିବହନ(ଓଏସ୍ଆର୍ଟିସି) ବସ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବା ଯୋଗୁ ରାଜ୍ୟରେ ୬୦୦ରୁ ଉର୍ଦ୍ଧ୍ୱ ବସ ବିଭିନ୍ନ ସ୍ଥାନରେ ଅଟକି ରହିଛି। ୪ଦଫା ଦାବି ପୂରଣ ନେଇ ଏହି କର୍ମଚାରୀମାନେ ଆସନ୍ତା ୩ ଦିନ ଯାଏ ଧର୍ମଘଟ ଡାକରା ଦେଇଛନ୍ତି। କର୍ମଚାରୀମାନେ ଦାବି ପୂରଣ ପାଇଁ ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ ଆରମ୍ଭ କରିଛନ୍ତି। ସମାନ କାମ ପାଇଁ ସମାନ ଦରମା ଏବଂ ସପ୍ତମ ବେତନ କମିଶନ ଅନୁଯାୟୀ ଦରମା ଦେବାକୁ ଦାବି କରାଯାଇଛି। ଓଏସଆରଟିସିର ୬୦୦ ବସ ବନ୍ଦ ହେବା ଯୋଗୁ ଦୂରଦୂରାନ୍ତକୁ ଯିବାକୁ ଅପେକ୍ଷା କରିଥିବା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବାଦାମବାଡି ବସଷ୍ଟାଣ୍ଡରୁ ୬୦ଟି ବସ ଚଳାଚଳ ବନ୍ଦ ରହିଛି। ସେହି ପରି ଭୁବନେଶ୍ୱର ଓ ଅନ୍ୟାନ୍ୟ ସ୍ଥାନରୁ ବସ ଚଳାଚଳ ବନ୍ଦ ରହିଛି। କୋରାପୁଟ, ମାଲକାନଗିରି, ରାୟଗଡା ଓ ଅନ୍ୟାନ୍ୟସ୍ଥାନକୁ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀମାନେ ବସ ଧର୍ମଘଟ ଯୋଗୁ ଯାଇ ନ ପାରି ଅପେକ୍ଷା କରି ରହିଛନ୍ତି। ସମାନ କାର୍ଯ୍ୟକୁ ସମାନ ଦରମା, ସପ୍ତମ ବେତନ କମିଶନ ଆଧାରରେ ଦରମା, ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଆଦି ଆମର ନ୍ୟାଯ୍ୟ ଦାବି। ସରକାର ଏହାକୁ ନ ମାନିଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଓଡିଶା ରାଜ୍ୟ ସଡକ ପରିବହନ ନିଗମ ସଂଘ ପକ୍ଷରୁ କୁହାଯାଇଛି।

# ଖାଦ୍ୟ ସୁରକ୍ଷା ଯୋଜନାକୁ ନେଇ ରାଜନୀତି

- ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ରାଜନୈତିକ ଚାଲ୍: ଭାଜପା
- ରାଜ୍ୟ ସରକାରଙ୍କ ଯୋଜନା ଦେଖି ଭାଜପା ଆତଙ୍କିତ: ବିଜେଡି
- ରାଜ୍ୟ ଓ କେନ୍ଦ୍ର ସରକାର କଥାରେ ହିରୋ, କାମରେ ଜିରୋ: କଂଗ୍ରେସ

ଭୁବନେଶ୍ୱର, ୨୧।୮(ବ୍ୟୁରୋ)

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଆଇନ ପ୍ରକୃତରେ ଗରିବ, ନିଃସ୍ୱ ଓ ଅସହାୟ ଓଡିଆଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି କରାଯାଇଥିବା ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷ ରଙ୍ଗଲାଲ ଜାମୁଡାଙ୍କ ଚିଠି ସ୍ପଷ୍ଟ କରୁଛି ବୋଲି ଭାଜପା ଅଭିଯୋଗ ଆଣିଛି।

ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଗତ ୮ତାରିଖରେ ରଙ୍ଗଲାଲ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସଚିବଙ୍କୁ ଲେଖିଥିବା ଚିଠି ଗଣମାଧ୍ୟମକୁ ପ୍ରଦାନ କରିଛନ୍ତି। ଚିଠିରେ ଉଲ୍ଲେଖ ରହିଛି ଯେ, ଖାଦ୍ୟ ସୁରକ୍ଷା ଆଇନରେ ଦୁର୍ଗମ ଓ ଜନଜାତି ଅଞ୍ଚଳରେ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ସକାଶେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟର ଟ୍ରାଇବାଲ ସବ୍‌ପ୍ଲାନ ଅନ୍ତର୍ଭୁକ୍ତ ୧୧୯ ଜନଜାତି ଉପଯୋଜନା ଅନ୍ତର୍ଭୁକ୍ତ ବ୍ଲକଗୁଡିକରେ ୭୦୯୧ ଯୋଗ୍ୟ ବିବେଚିତ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ



ଖବରଦାତା ସମ୍ମିଳନୀରେ ସମୀର ମହାନ୍ତି।

କରାଯାଇ ନାହିଁ। ଏହାଛଡା ଜୁନ୍ ୨୦୧୮ ସୁଦ୍ଧା ଏହି ବ୍ଲକର ବିଡିଓମାନଙ୍କ ପାଖରେ ୧୫,୮୨୨ ଆବେଦନ ବିଚାର ଲାଗି ପଡି ରହିଛି। ଏହି ସମୟ ଭିତରେ କ୍ୱାର୍ଟର ଶେଷସୁଦ୍ଧା ଅଧିକ ୮,୬୧୧ ଆବେଦନ ପହଞ୍ଚିଛି। ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଆବେଦନକାରୀଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଜଣାପଡିଛି। ରାଜ୍ୟ ସରକାର ଆବଶ୍ୟକ ନିର୍ଦ୍ଦେଶନାମା ଜାରି କଲେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ବାକିଥିବା ତାଲିକାରେ ପରିବାରଗୁଡିକୁ ସାମିଲ ହୋଇପାରିବେ ବୋଲି ଜାମୁଡା କହିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟ ସରକାର ୩ଲକ୍ଷ ୨୮ହଜାର ୮୫୯ ଆବେଦନକାରୀଙ୍କୁ ସାମିଲ କଲେ ମାସକୁ ୪.୬କୋଟି ଟଙ୍କା ହିସାବରେ ବର୍ଷକୁ ୫୫.୨୪କୋଟି ଟଙ୍କା ଖର୍ଚ୍ଚ କମ୍ ହେବ। ଏହି ଅର୍ଥ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରୁ ଖର୍ଚ୍ଚ କମ୍ ହେବ। ଏହାଦ୍ୱାରା ବିନା କେନ୍ଦ୍ରୀୟ ଅନୁଦାନରେ ୭୮୯ ଅଙ୍ଗନୱାଡି ଗୃହ ତିଆରି କରାଯାଇପାରିବ ବୋଲି ଜାମୁଡା ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ପତ୍ରକୁ ଦେଖିଲା ପରେ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଏକ ରାଜନୈତିକ ଚାଲ ବୋଲି ମହାନ୍ତି ଅଭିଯୋଗ କରିଛନ୍ତି।

ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, ରାଜ୍ୟ ସରକାର ଯେତେବେଳେ କେନ୍ଦ୍ରକୁ ଚିଠି ଲେଖି ଜଣାଇଛନ୍ତି, ରାଜ୍ୟରେ ୨୦୧୧-୨୦୧୮ ମଧ୍ୟରେ ବୃଦ୍ଧି ପାଇଥିବା ଜନସଂଖ୍ୟା ଏବଂ ବାଦ୍ ପଡିଥିବା ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ କରାଯାଉ ଏନେଇ କୌଣସି ଉତ୍ତର ମିଳି ନାହିଁ। ସେଥିପାଇଁ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା କରିବାକୁ ବାଧ୍ୟ ହେଲେ। ଭାଜପା ନେତାମାନେ ୩ଲକ୍ଷ ହିତାଧିକାରୀଙ୍କ କଥା କହୁଥିବା ବେଳେ ବାକି ୨୦ଲକ୍ଷଙ୍କ କଥା କାହିଁକି କହୁନି। ଭାଜପା ଆତଙ୍କିତ ହୋଇ ଏଭଳି କହୁଥିବା ପ୍ରତାପ କହିଛନ୍ତି।

ବିରୋଧୀ ଦଳ ନେତା ନରସିଂହ ମିଶ୍ର କିନ୍ତୁ ଏହି ଯୋଜନା କଥା ଉଠାଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ଅଧିକ ଲୋକଙ୍କୁ ଯଦି ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ପାରୁଛି ତେବେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ଆମ ଦେଶ ଓ ରାଜ୍ୟର ଦୁର୍ଭାଗ୍ୟ ହେଉଛି, କେନ୍ଦ୍ର ଓ ରାଜ୍ୟରେ ଥିବା ସରକାର ଯେମିତି ବାହୁସ୍ଫୋଟ ମାରନ୍ତି ତାକୁ କାର୍ଯ୍ୟରେ କରନ୍ତି ନାହିଁ। ଏମାନେ କଥାରେ ହିରୋ ଆଉ କାମରେ ଜିରୋ ବୋଲି ସେ କହିଛନ୍ତି।

### ଆଜି ଭୁବନେଶ୍ୱରରେ ପହଞ୍ଚିବ ବାଜପେୟୀଙ୍କ ଅସ୍ଥିକଳସ

ଭୁବନେଶ୍ୱର, ୨୧।୮(ବ୍ୟୁରୋ)

ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ବୁଧବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅସ୍ଥିକଳସ ଆଣି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ଏହା ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଅଣାଯିବ। ସେଠାରେ ଗୋଟିଏ ଦିନ ଅସ୍ଥିକଳସକୁ ରଖାଯିବ ବୋଲି ଦଳର ମୁଖପାତ୍ର ଗୋଲକ ମହାପାତ୍ର ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗୋଲକ କହିଛନ୍ତି, ଆସନ୍ତା ୨୩ ତାରିଖରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ, ସଭାପତି ବସନ୍ତ ପଣ୍ଡା ଏବଂ ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ରାଜ୍ୟ ନେତୃମଣ୍ଡଳୀ ଅସ୍ଥିକଳସ ଧରି ପୁରୀ ଅଭିମୁଖେ ଯାତ୍ରା କରିବେ। ଏହି ଶୋଭାଯାତ୍ରା ଭୁବନେଶ୍ୱରଠାରୁ ବାହାରି ଅଠରନଳାଠାରେ ପହଞ୍ଚିବ। ସେଠାରୁ ପୁରୀ ଯାଇ ମହୋଦଧିରେ ବିସର୍ଜନ କରାଯିବ। ୨୪ତାରିଖରେ ରାଜଧାନୀର ପ୍ରଦର୍ଶନୀ ପଡିଆଠାରେ ସାର୍ବଜନୀନ ଓ ସର୍ବଦଳୀୟ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ। ଏହି ସଭାରେ ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଦଳର ସବୁ ନେତା ଓ କର୍ମୀମାନେ ଉପସ୍ଥିତ ରହି ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ମହାପାତ୍ର ନିବେଦନ କରିଛନ୍ତି।

# ରାଫେଲ ଦୁର୍ନୀତି ପ୍ରସଙ୍ଗରେ କେନ୍ଦ୍ରକୁ କଂଗ୍ରେସର ଟାର୍ଗେଟ



ଖବରଦାତା ସମ୍ମିଳନୀରେ ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ କଂଗ୍ରେସର ନେତୃବୃନ୍ଦ।

ଭୁବନେଶ୍ୱର, ୨୧।୮(ବ୍ୟୁରୋ)

ରାଫେଲ ଦୁର୍ନୀତି କଥା ଉଠାଇ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ କଂଗ୍ରେସ କଡା ଭାଷାରେ ସମାଲୋଚନା କରିଛି। କେନ୍ଦ୍ର ସରକାର ଏବଂ ରିଲାଏନ୍ସ ମଧ୍ୟରେ ଏନେଇ ଏକ ଅସାଧୁ ଚୁକ୍ତି ହୋଇଛି। ଉପା ସରକାର ସମୟରେ ୨୦୧୨ ଡିସେମ୍ବର ୧୨ରେ ୩୬ଟି ରାଫେଲ ବିମାନ କ୍ରୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରତ୍ୟେକଟି ରାଫେଲ ବିମାନ ୫୨୬.୧୦କୋଟି ଟଙ୍କା ମୂଲ୍ୟରେ କିଣାଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏପ୍ରିଲ ୨୦୧୫ରେ ମୋଦି ସରକାରଙ୍କ ପକ୍ଷରୁ ଜରୁରିକାଳୀନ ଆତ୍ମଘୋଷଣା କରାଗଲା ଯେ, ୩୬ଟି ରାଫେଲ ବିମାନ ପ୍ୟାରିସ୍‌ଠାରୁ କ୍ରୟ କରାଯିବ। ପ୍ରତ୍ୟେକ ବିମାନର ଦାମ୍ ୧୬୭୦.୭୦କୋଟି ଟଙ୍କା ହିସାବରେ ୩୬ଟି ପାଇଁ ୬୦,୧୪୫କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଲା। ଏ ସମ୍ପର୍କରେ ୨୦୧୬ ବାର୍ଷିକ ବିବରଣୀରେ ସ୍ଥାନ ପାଇ ନ ଥିଲା। ମାତ୍ର ରିଲାଏନ୍ସ ଡିଫେନ୍ସ ଲିମିଟେଡ୍ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହା ଉଲ୍ଲେଖ ରହିଥିଲା। ଉପା ସରକାର ୩୬ଟି ରାଫେଲ୍ ବିମାନ ୧୮,୯୪୦କୋଟି ଟଙ୍କା ବିନିମୟରେ ନିର୍ମାଣ କରିବାକୁ ଯୋଜନା କରିଥିଲେ। ତେବେ ମୋଦି ସରକାର କାହିଁକି ଏବଂ କାହା ସ୍ୱାର୍ଥରେ ୩୬ଟି ବିମାନ ପାଇଁ ୪୧,୨୦୬କୋଟି ଟଙ୍କା ଅଧିକ ଖର୍ଚ୍ଚ କଲେ ସେନେଇ ପିସିସି(ପ୍ରଦେଶ କଂଗ୍ରେସ କମିଟି) ପ୍ରଭାରୀ ଜିତେନ୍ଦ୍ର ସିଂ ପ୍ରଶ୍ନ ଉଠାଇଛନ୍ତି। ଏଥିରୁ ଦୁର୍ନୀତିର ଗନ୍ଧ ବାରି ହେଉଛି ବୋଲି ସେ ଅଭିଯୋଗ କରିଛନ୍ତି।

ମଙ୍ଗଳବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିତେନ୍ଦ୍ର କହିଛନ୍ତି ଯେ, ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପ୍ରତିରକ୍ଷା ମନ୍ତ୍ରୀ ୩୬ଟି ଏୟାରକ୍ରାଫ୍ଟ ଚୁକ୍ତିର ଗୋପନୀୟତାକୁ ପ୍ରକାଶ କରିବାକୁ ଅରାଜି ଥିଲେ। ଏନେଇ କେନ୍ଦ୍ର ସରକାର ଏବଂ ଫ୍ରାନ୍ସ ମଧ୍ୟରେ ହୋଇଥିବା ଚୁକ୍ତିନାମାର ଗୋପନୀୟତା ସମ୍ପର୍କରେ କିଛି ଉଲ୍ଲେଖ ନ ଥିଲା। ଭାରତୀୟ ବାୟୁସେନାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୨୬ଟି ବିମାନ କିଣାଯିବାକୁ ନିଷ୍ପତ୍ତି ହୋଇଥିଲା ବେଳେ ସେଥିରୁ ୩୬ଟି ପାଇଁ କାହିଁକି ପ୍ରଧାନମନ୍ତ୍ରୀ ଆଗ୍ରହ ପ୍ରକାଶ କରୁଛନ୍ତି। ଏନେଇ କ୍ୟାବିନେଟ୍ ଅନୁମତି ମଧ୍ୟ ଏ ପର୍ଯ୍ୟନ୍ତ ନିଆଯାଇ ନାହିଁ। ରିଲାଏନ୍ସ ଡିଫେନ୍ସ ଲିମିଟେଡ୍‌ର କୌଣସି ଅଭିଜ୍ଞତା ନ ଥାଇ ତାକୁ ଅଫ୍‌ସେଟ୍ କଣ୍ଟ୍ରାକ୍ଟ ଦିଆଯିବାକୁ ନେଇ ଜିତେନ୍ଦ୍ର ପ୍ରଶ୍ନ ଉଠାଇଛନ୍ତି। ୨୦୧୮ ଫେବୃୟାରୀ ୧୨ରେ ପ୍ରତିରକ୍ଷା ମନ୍ତ୍ରୀ ପିଆଇବିକୁ ଦେଇଥିବା ପ୍ରେସ୍ ବିଜ୍ଞପ୍ତିରେ କାହାରିକୁ ଅଫ୍‌ସେଟ୍ କଣ୍ଟ୍ରାକ୍ଟ ଦିଆଯାଇ ନ ଥିବା ଜଣାଇଥିଲେ। ମାତ୍ର ଫ୍ରାନ୍ସ ଓ ଭାରତର ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ଭାଜପାର ବହୁ ବରିଷ୍ଠ ନେତା ରିଲାଏନ୍ସ ବିମାନ ଉତ୍ପାଦନକାରୀ ସଂସ୍ଥାର ଶୁଭ ଉଦ୍‌ଘାଟନ କାର୍ଯ୍ୟରେ ଯୋଗ ଦେବା ପରେ ଏହାକୁ ନେଇ ଦୁର୍ନୀତିର ଗନ୍ଧ ବାରି ହେଉଥିବା ସେ ଅଭିଯୋଗ କରିଛନ୍ତି।

# ପକ୍ଷଭୁକ୍ତ ହେଲା ଗଣଶିକ୍ଷକ ସଂଘ

**ଗଣଶିକ୍ଷକ ଚାକିରି ନିୟମିତ ମାମଲା**
- ବିରୋଧ କରିଥିଲା ଓଡ଼ିଶା ବିକାଶ ପରିଷଦ
- ସେପ୍ଟେମ୍ବର ୩ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ, ୨୧।୮

ବହୁ ବାଦବିବାଦ ପରେ ଗଣଶିକ୍ଷକ ଲେଭଲ-୫ ଏକ୍ସ କ୍ୟାଡର ସହକାରୀ ଶିକ୍ଷକ ମହାସଂଘର ଆବେଦନକୁ ହାଇକୋର୍ଟ ଗ୍ରହଣ କରିଛନ୍ତି। ସେହିପରି ଜନସ୍ୱାର୍ଥ ମାମଲା ରୁଜୁ କରିଥିବା ଆବେଦନକାରୀ ଓଡ଼ିଶା ବିକାଶ ପରିଷଦର ଆପତ୍ତିକୁ ହାଇକୋର୍ଟ ଖାରଜ କରିଛନ୍ତି। ମହାସଂଘକୁ ପକ୍ଷଭୁକ୍ତ କରା ନ ଯାଇ ମାମଲାର ଶୁଣାଣି ହୋଇପାରିବ ନାହିଁ ବୋଲି ହାଇକୋର୍ଟ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ଫଳତଃ ମହାସଂଘକୁ ମାମଲାରେ ପକ୍ଷଭୁକ୍ତ କରି ମାମଲାର ଦସ୍ତାବିଜ ଦୁଇଦିନ ମଧ୍ୟରେ ହସ୍ତାନ୍ତର କରିବା ପାଇଁ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ ବି.ଆର୍. ଷଡଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୩ ତାରିଖକୁ ଧାର୍ଯ୍ୟ ହୋଇଛି। ମହାସଂଘ ପକ୍ଷରୁ ଆଡଭୋକେଟ ପ୍ରସନ୍ନ କୁମାର ନନ୍ଦ ମାମଲା ପରିଚାଳନା କରୁଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଇଜିଏସ୍ (ଏମ୍ପ୍ଲୟମେଣ୍ଟ ଗ୍ୟାରେଣ୍ଟି ସ୍କିମ୍)ରେ ଚାକିରି ପାଇଥିବା ଶିକ୍ଷକମାନଙ୍କୁ ରାଜ୍ୟ ସରକାର ୨୦୦୮ରେ ଗଣଶିକ୍ଷକ ଭାବେ ଘୋଷଣା କଲେ। ତେବେ ଏହି ଶିକ୍ଷକଙ୍କ ଚାକିରିକୁ ନିୟମିତ କରିବା ପାଇଁ ମହାସଂଘ ବିଭିନ୍ନ ସମୟରେ ଆନ୍ଦୋଳନ କରି ଆସୁଛି। ମନ୍ତ୍ରୀସ୍ତରୀୟ ଆଲୋଚନା ପରେ ୮ ବର୍ଷ ଗଣଶିକ୍ଷକ ଭାବେ କାର୍ଯ୍ୟ କରିଥିବା ଶିକ୍ଷକଙ୍କ ଚାକିରିକୁ ନିୟମିତ କରାଯିବ ବୋଲି ରାଜ୍ୟ ସରକାର ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ୨୦୧୭ ଡିସେମ୍ବରରୁ ୨୦୧୮ ଜାନୁୟାରୀ ମଧ୍ୟରେ ରାଜ୍ୟରେ ୨୦ହଜାରରୁ ଉର୍ଦ୍ଧ୍ୱ ଗଣଶିକ୍ଷକଙ୍କୁ ସରକାର ନିୟମିତ କରିଥିଲେ। ମାତ୍ର ଏହାକୁ ବିରୋଧ କରି ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ୨୦୧୮ ମାର୍ଚ୍ଚ ୨୬ରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ବିକାଶ ପରିଷଦ ପକ୍ଷରୁ ଦର୍ଶାଯାଇଥିଲା ଯେ, ୨୦୧୨ରେ ପ୍ରଣୀତ ଆଇନ ଅନୁଯାୟୀ ଏମାନେ (ନିୟମିତ ହୋଇଥିବା ଗଣଶିକ୍ଷକ) ଓଟିଇଟି ପାସ୍ କରି ନ ଥିବାରୁ ନିୟମିତ ହେବା ପାଇଁ ଅଯୋଗ୍ୟ। ତେଣୁ ସରକାରଙ୍କ ନିଷ୍ପତ୍ତିକୁ ବେଆଇନ ଘୋଷଣା କରିବା ପାଇଁ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟଙ୍କୁ ପିଟିଶନ ଜରିଆରେ ଆବେଦନ କରାଯାଇଥିଲା। ଆବେଦନର ଶୁଣାଣି କରି ହାଇକୋର୍ଟ ନିୟମିତ ପ୍ରକ୍ରିୟା ଉପରେ ରହିତାଦେଶ ଜାରି କରିଥିଲେ। ମାତ୍ର ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ରୁଜୁ କରାଯାଇଥିବା ଜନସ୍ୱାର୍ଥ ମାମଲାରେ ଗଣଶିକ୍ଷକଙ୍କୁ ପକ୍ଷଭୁକ୍ତ କରାଯାଇ ନ ଥିଲା। ଫଳରେ ଗଣଶିକ୍ଷକ ଲେଭଲ-୫ ଏକ୍ସ କ୍ୟାଡର ସହକାରୀ ଶିକ୍ଷକ ମହାସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସଂଘକୁ ପକ୍ଷଭୁକ୍ତ କରିବା ପାଇଁ ପିଟିଶନରେ ନିବେଦନ କରାଯାଇଥିଲା। ମାତ୍ର ଉକ୍ତ ଆବେଦନକୁ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ବିରୋଧ କରାଯାଇଥିଲା।

# ସମସ୍ତ ସରକାରୀ ମେଡିକାଲ କଲେଜରେ ଡାକ୍ତରୀ ସିଟ୍ ପୂରଣ

ଭୁବନେଶ୍ୱର, ୨୧।୮(ବ୍ୟୁରୋ)

ନାମଲେଖା ପାଇଁ ରାଜ୍ୟର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକରେ ରହିଥିବା ସମସ୍ତ ଡାକ୍ତରୀ ସିଟ୍ ପୂରଣ ହୋଇଯାଇଛି। କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ, ବୁର୍ଲା ମେଡିକାଲ କଲେଜ ଓ ହସ୍ପିଟାଲ, ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ, ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, ବାଲେଶ୍ୱର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ, କଟକ ଏସିବି ଡେଣ୍ଟାଲ କଲେଜରେ ଥିବା ସମସ୍ତ ଏମ୍‌ବିବିଏସ୍ ଓ ବିଡିଏ ସିଟ୍ ପୂରଣ ହୋଇଛି। ଅନ୍ୟପଟେ ଭୁବନେଶ୍ୱରରେ ଥିବା ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ସିଟ୍ ପୂରଣ ହୋଇନାହିଁ। ଏଠାରେ ଏମ୍‌ବିବିଏସ୍‌ରେ ୨ଟି ଓ ଡେଣ୍ଟାଲ କଲେଜରେ ୬୪ଟି ବିଡିଏସ୍ ସିଟ୍ ଖାଲି ପଡ଼ିଛି। ସୂଚନାଯୋଗ୍ୟ ଏଠାରେ ଏମ୍‌ବିବିଏସ୍ ଏବଂ ବିଡିଏସ୍‌ରେ ୧୦୦ ଲେଖାଏ ସିଟ୍ ରହିଛି। ତେବେ ବଳକା ସିଟ୍ ପାଇଁ ବୁଧବାର ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ।

# ଚାକିରି ନିୟମିତ ପାଇଁ ସତ୍ୟପାଠ ବିଜ୍ଞପ୍ତି ରଦ୍ଦ

କଟକ ଅଫିସ, ୨୧।୮

ଚାକିରି ନିୟମିତ ପାଇଁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ ମାମଲାରେ ସରକାରଙ୍କ ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି ହାଇକୋର୍ଟ। ୨୦୧୭ ପରଠାରୁ ଶିକ୍ଷକ ଓ ଅଧ୍ୟାପକମାନଙ୍କୁ ନିୟମିତ କରିବା ଆଳରେ ସରକାର ସେମାନଙ୍କଠାରୁ ସତ୍ୟପାଠ ଆହ୍ୱାନ କରିଥିଲେ। ଏ ନେଇ ସରକାର ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଉକ୍ତ ବିଜ୍ଞପ୍ତି ଅନୁଯାୟୀ, ଯେଉଁମାନଙ୍କ ଚାକିରି ନିୟମିତ କରାଯିବ ସେମାନେ ଏକ ସତ୍ୟପାଠ ଦାଖଲ କରିବେ। ଉକ୍ତ ସତ୍ୟପାଠରେ ସେମାନେ ଉଲ୍ଲେଖ କରିବେ ଯେ, ପୂର୍ବରୁ ନିୟମିତ ହେବା ପାଇଁ ସେମାନେ ସରକାରଙ୍କ ବିରୋଧରେ ଯେଉଁସବୁ ମାମଲା କରିଛନ୍ତି ସେ ସବୁକୁ ପ୍ରତ୍ୟାହାର କରିବେ ଓ ଭବିଷ୍ୟତରେ ସରକାରଙ୍କ ନିଷ୍ପତ୍ତି ବିରୋଧରେ ପୁନର୍ବାର କୌଣସି ମାମଲାର ଆଶ୍ରୟ ନେବେ ନାହିଁ। ସରକାରଙ୍କ ଏଭଳି ଅଜବ ବିଜ୍ଞପ୍ତିକୁ ବିରୋଧ କରି କେତେଜଣ ଶିକ୍ଷକ, ଅଧ୍ୟାପକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ଏ.କେ. ରଥ ସରକାରଙ୍କ ପକ୍ଷରୁ ପ୍ରକାଶିତ ଉକ୍ତ ବିଜ୍ଞପ୍ତିକୁ ରଦ୍ଦ କରିବାକୁ ଆଦେଶ ଦେଇଛନ୍ତି। ଆବେଦନକାରୀ ଶିକ୍ଷକ ଓ ଅଧ୍ୟାପକଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବୁଦ୍ଧଦେବ ରାଉତରାୟ ମାମଲା ପରିଚାଳନା କରୁଥିଲେ।






ଆତଙ୍କବାଦ ପ୍ରଶାସନିକ ହିଂସା ଓ ଅନ୍ୟାୟ ଦ୍ୱାରା ବଞ୍ଚି ରହେ। କେବଳ ଏହି ପରିବେଶରେ ହିଁ ଏହା ବଂଚିପାରେ ଓ ବଢିପାରେ। ବେଳେବେଳେ ଏହା ଉର୍ଦ୍ଧ୍ୱର ବାଛବିଚାରହୀନ ଉଦାହରଣକୁ ଅନୁସରଣ କରେ। ବେଳେବେଳେ ଯଦିଓ ଏହା ବିରଳ-ଏହା ତଳୁ ଆରମ୍ଭ ହୁଏ। କିନ୍ତୁ ଉର୍ଦ୍ଧ୍ୱର ଶକ୍ତି- ଯାହାକି ନିମ୍ନର ଉଦାହରଣକୁ ଅନୁସରଣ କରେ। ତାହା ଆତ୍ମହତ୍ୟା କରିବା ପଥରେ ହିଁ ରହିଥାଏ। -ଶ୍ରୀଅରବିନ୍ଦ



# ଫସଲବୀମା ନକାରାତ୍ମକ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍ଏଫ୍‌ବିୱାଇ) ୧୩ ଜାନୁୟାରୀ ୨୦୧୬ରେ ଆରମ୍ଭ ହୋଇଥିଲା। ପୋକ ତଥା ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଫସଲ ନଷ୍ଟ ହେଲେ ଏହି ବାବଦରେ କୃଷକ ଯେଉଁ କ୍ଷତି ସହେ ତାହାକୁ ଭରଣା କରିବା ଲାଗି କେନ୍ଦ୍ର ସରକାର ଏପରି ବ୍ୟବସ୍ଥା କରିଥିଲେ। ଏଥିପାଇଁ ଚାଷୀଙ୍କୁ ଖରିଫ ଫସଲ ପାଇଁ ୨ ପ୍ରତିଶତ ଓ ରବି ଫସଲ ପାଇଁ ୧.୫ ପ୍ରତିଶତ ପ୍ରିମିୟମ ଏବଂ ଉଦ୍ୟାନ କୃଷି ଭଳି ଲାଭଦାୟକ ଚାଷ ଲାଗି ପ୍ରିମିୟମକୁ ୫ ପ୍ରତିଶତ ରଖାଯାଇଛି। ଅର୍ଥାତ୍ କମ୍ ପ୍ରିମିୟମ ଦେଇ ଚାଷୀ ଅଧିକ ସୁରକ୍ଷିତ ହୋଇପାରିବ ବୋଲି ଏହି ଯୋଜନାରେ ବ୍ୟବସ୍ଥା ହୋଇଛି। ଏଠାରେ ମନେରଖିବାକୁ ହେବ ଯେ ଇନ୍‌ସ୍ୟୁରାନ୍ସ ବା ବୀମା ଏକ ନକାରାତ୍ମକ ସୁରକ୍ଷା ଅର୍ଥାତ୍ କ୍ଷତି ଘଟିବା ପରେ ଚାଷୀଙ୍କୁ ବୀମା ଅର୍ଥ ମିଳିପାରିବ। ଯେଉଁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)କୁ ଅନେକ ଗୁଣାରେ ବୃଦ୍ଧି କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା ତାହା ଏପର୍ଯ୍ୟନ୍ତ ସରକାରୀ ସ୍ତରରେ କାର୍ଯ୍ୟକାରୀ କରାଯାଇନାହିଁ। ଚାଷୀଙ୍କଠାରୁ ଅତି ସ୍ୱଳ୍ପ ପରିମାଣରେ ବୀମା ପଲିସି କାର୍ଯ୍ୟକାରୀ କରିବାକୁ ଦିଆଯାଉଥିବା ପ୍ରତିଶ୍ରୁତି ଏକ ବିରାଟ ଧୂଆଁବାଣ। ସିଧାସଳଖ ଚାଷୀଙ୍କ ହାତରୁ ଅର୍ଥ ନେବା ପରିବର୍ତ୍ତେ ଏବେକାର ସରକାର ଏକ ଅଭିନବ ଉପାୟରେ ବିପୁଳ ପରିମାଣର ଅର୍ଥ ପ୍ରିମିୟମ ଆକାରରେ ବୀମା କମ୍ପାନୀମାନଙ୍କୁ ଦେଇ ଦେଉଛନ୍ତି। ମନେରଖିବାକୁ ହେବ ଯେ, ତାହା ହେଉଛି କରଦାତାଙ୍କ ଅର୍ଥ। ଏଥିରେ ଲାଭବାନ ହେଉଥିବା ବୀମା କମ୍ପାନୀମାନେ ସେମାନଙ୍କ ଚତୁରପଣିଆ ପ୍ରଦର୍ଶନ କରିସାରିଲେଣି।

ନିକଟରେ ୱେଦର ରିସ୍କ ମ୍ୟାନେଜମେଣ୍ଟ ସର୍ଭିସେସ ପ୍ରାଇଭେଟ ଲିମିଟେଡ୍ ନାମକ ଏକ ସଂସ୍ଥା ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି ଯେ, ଦେଶର ୬୮ ପ୍ରତିଶତ ଚାଷୀ ଫସଲ ବୀମା ଯୋଜନା ବିଷୟରେ ଜାଣିନାହାନ୍ତି। ଏହାର ପ୍ରଚାର ଓ ପ୍ରସାର ଲାଗି ଢେର ଅର୍ଥ ବ୍ୟୟ କରାଯାଉଥିଲେ ହେଁ କୃଷକ ତା'ର ସୁଫଳ ପାଇପାରୁ ନାହିଁ। ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ବିହାର, ନାଗାଲାଣ୍ଡ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଏବଂ ଗୁଜରାଟ ଆଦି ୮ଟି ରାଜ୍ୟକୁ ନେଇ ଏହି ସର୍ବେକ୍ଷଣ କରାଯାଇଥିଲା। ସର୍ବେକ୍ଷଣ ବେଳେ କୃଷକମାନେ ଅଭିଯୋଗ କରିଥିଲେ ଯେ ଯେଉଁମାନେ ଋଣ କରିନାହାନ୍ତି ସେମାନଙ୍କୁ ଏହି ଫସଲବୀମା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ସମସ୍ୟା ଉପୁଜୁଛି। ଏହାକୁ ବୁଝିବାର ଅନ୍ୟ ଏକ ବାଟ ଅଛି। ଯେଉଁ ଚାଷୀ ଋଣ ନେଇ ଆର୍ଥିକ ସଂସ୍ଥା ଉପରେ ନିର୍ଭରଶୀଳ କେବଳ ମାତ୍ର ସେହି ଚାଷୀଙ୍କୁ ସୁରକ୍ଷିତ ରଖିବାର ଉଦ୍ୟମ ପଛରେ ଏକ ଭିନ୍ନ ଉଦ୍ଦେଶ୍ୟ ରହିଥାଇପାରେ। ସେହି ଉଦ୍ଦେଶ୍ୟ ହେଲା, ଚାଷୀଙ୍କୁ ଋଣ ଦେଇଥିବା ଆର୍ଥିକ ସଂସ୍ଥାକୁ ଓଲଟା ହାତରେ ବୀମା ମାଧ୍ୟମରେ ସୁରକ୍ଷିତ ରଖାଗଲା। ବାସ୍ତବରେ ଚାଷୀର କୌଣସି ଲାଭ ହେଲାନାହିଁ। ଅନ୍ୟପଟେ ଚାଷୀର ସୁରକ୍ଷା ପାଇଁ ଚିନ୍ତିତ ଦର୍ଶାଇବାକୁ ଯାଇ ଆଜିର ବ୍ୟବସ୍ଥା ଅସୁରକ୍ଷିତ ଚାଷୀ ପାଇଁ ଦରଦ ରଖୁନାହିଁ। ଅର୍ଥାତ୍ ଋଣ ଗ୍ରହଣ କରି ନ ଥିବା କୃଷକ ଯେତେବେଳେ ନିଜ ଗୋଡରେ ଛିଡା ହୋଇ ଦେଶକୁ ଖାଦ୍ୟ ଯୋଗାଇବା କାର୍ଯ୍ୟରେ ଲାଗିଛି, ସେଭଳି ଚାଷୀ ପାଇଁ ସରକାରଙ୍କ କୌଣସି ସୁରକ୍ଷା ବ୍ୟବସ୍ଥା ସୃଷ୍ଟି କରାଯାଉନାହିଁ। ସମ୍ଭବତଃ ଏଥିରୁ ବୁଝାପଡୁଛି ଯେ, ବୀମା ବ୍ୟବସ୍ଥାକୁ ଲୋକଲୋଚନକୁ ଆଣିବା ପାଇଁ ସରକାରଙ୍କର ଆଗ୍ରହର ଅଭାବ ରହିଛି।

ଏହି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ପିଏମ୍ଏଫ୍‌ବିୱାଇ ଲାଗି ଉପଭୋକ୍ତା ସେବା କେନ୍ଦ୍ର ଓ ବ୍ୟାଙ୍କ ପକ୍ଷରୁ ସେଭଳି ସହଯୋଗ ଉପଲବ୍ଧ ହେଉ ନାହିଁ। ୨୬ ପ୍ରତିଶତ ଚାଷୀ ଏଥିପାଇଁ ସରକାରୀ ଅଧିକାରୀଙ୍କୁ ଦାୟୀ କରିଥିବା ବେଳେ ୧୭ ପ୍ରତିଶତ କୃଷକ ଅନ୍‌ଲାଇନ ବ୍ୟବସ୍ଥାକୁ ଦୋଷ ଦେଇଛନ୍ତି। ଆଜିର ତଥାକଥିତ ଡିଜିଟାଲ ଭାରତରେ ସବୁ କାର୍ଯ୍ୟକୁ ଅନ୍‌ଲାଇନ କରିବା ପଛରେ ବିଭାଜନମୂଳକ ଉଦ୍ଦେଶ୍ୟ ରହୁଛି। ଅଶିକ୍ଷିତ, ଖଟିଖିଆ ଯିଏ ଦିନମଜୁରି କଲେ ପେଟ ପୋଷୁଛି ଏବଂ ସର୍ବୋପରି କମ୍ପ୍ୟୁଟର ସୁବିଧାରୁ ଦୂରେଇ ରହିଥିବା ନାଗରିକ ମଧ୍ୟ ଆପଣାଛାଏ ସବୁ ଅନ୍‌ଲାଇନ ସୁବିଧାରୁ ବଞ୍ଚିତ ହୋଇଯାଉଛି। ଅନୁରୂପଭାବେ ନୂତନ ଆଇନ ପ୍ରଣୟନ ବ୍ୟବସ୍ଥାକୁ ଦେଖାଯାଉ। ନିକଟ ଅତୀତରେ ନୂଆ ଆଇନ ବିଶେଷକରି ଅର୍ଥନୀତି ସମ୍ପର୍କିତ ଆଇନ ପ୍ରଣୟନ ପୂର୍ବରୁ ଅନ୍‌ଲାଇନ ମାଧ୍ୟମରେ ସାଧାରଣ ନାଗରିକଙ୍କ ମତାମତ ଲୋଡାଯାଉଛି। ଫଳସ୍ୱରୂପ କମ୍ପ୍ୟୁଟର ଜାଣିଥିବା ବ୍ୟକ୍ତି ମଧ୍ୟ ଏଭଳି ଆଇନ ସମ୍ପର୍କରେ ନିଜର ସୁଚିନ୍ତିତ ମତାମତ ରଖିବା ପାଇଁ ୱେବସାଇଟ ଖୋଜି ପାଇବା ସହଜ ନୁହେଁ। ତେଣୁ ମୁଷ୍ଟିମେୟ ଲୋକଙ୍କ ମତକୁ ନେଇ ଭାରତୀୟ ପାର୍ଲାମେଣ୍ଟରେ ଆଇନ ପ୍ରଣୟନ କରାଯାଉଛି। ଅପରପଟେ କୁହାଯାଉଛି ସମ୍ପୃକ୍ତ ଆଇନ ସପକ୍ଷରେ ଭାରତର ଅଧିକାଂଶ ନାଗରିକଙ୍କ ସମର୍ଥନ ରହିଛି। ସେହିଭଳି ସରକାରୀ ଅଧିକାରୀଙ୍କ ଦୁର୍ନୀତିକୁ ସୁବିଧା କରିବା ପାଇଁ ଅଧିକାଂଶ ଟେଣ୍ଡରକୁ ଅନ୍‌ଲାଇନ କରାଯାଉଛି। ପୂର୍ବରୁ ଖବରକାଗଜ ମାଧ୍ୟମରେ ଏସବୁ ପ୍ରକାଶ କରିବାକୁ ବାଧ୍ୟ ହେଉଥିବା ମନ୍ତ୍ରଣାଳୟଗୁଡ଼ିକ ନିଜର ପ୍ରକଳ୍ପର ଆରମ୍ଭ ଓ ଶେଷ ଅବଧି ଏବଂ ଖର୍ଚ୍ଚ ବାବଦରେ ଜନସାଧାରଣଙ୍କୁ ଅବଗତ କରାଉଥିଲେ। ଅନ୍‌ଲାଇନ ବ୍ୟବସ୍ଥା ଲାଗୁହେବା ପରେ କେବଳ ବଛା ବଛା ଠିକାଦାରଙ୍କ ସହ ଅଧିକାରୀଙ୍କ ବୁଝାମଣା ହୋଇଯାଉଛି। ଫଳରେ ଅଧିକ ସଂଖ୍ୟକ ଠିକାଦାର ଭାଗ ନେଇପାରୁ ନାହାନ୍ତି ଏବଂ ସେଥିଯୋଗୁ ପ୍ରକଳ୍ପର ବ୍ୟୟବରାଦ ବୃଦ୍ଧିପାଇବାରେ ଲାଗିଛି। ଏହିଭଳି ପଥରେ ଆଗେଇ ଚାଲିଥିବା ଭାରତ ଖୁବ୍‌ଶୀଘ୍ର ଗ୍ରୀସ୍ ଅର୍ଥନୀତିର ଦୁର୍ଦ୍ଦଶା ଭୋଗିବାର ସବୁ ଲକ୍ଷଣ ଦେଖାଇଲାଣି। ଏହି ପ୍ରଚ୍ଛଦପଟରେ କୃଷକଙ୍କୁ ବଞ୍ଚାଇରଖିବା ଏବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇପଡିଲାଣି।

ତଥାଗତ ସତପଥୀ

## ଚିରନ୍ତନୀ

ତା' ବ୍ୟଥାରେ ବଥାଏ ଯେ
ବାରତା ତାହାର ବୁଝେ
ମୋର ପ୍ରାଣ ମନ
ଅଧର ନୟନ।
(ବ୍ୟବଧାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | B | | C | | | 1 | E | 8 | | | | | |
| 4 | 7 | | | | | | A | | | | | | | |
| | | | 5 | | 9 | | 4 | | | | | | | E |
| | 6 | | | | | C | B | | | | | | 5 | |
| C | 1 | | | | 7 | | 8 | | | B | 0 | 3 | | |
| 3 | | 9 | | E | | | | B | | | | | 8 | |
| | | | | B | | 7 | E | | 4 | | | 2 | C | |
| | D | | | 5 | 4 | | | | | | E | | 6 | |
| 5 | | 8 | | 0 | C | | 2 | | | | 6 | 9 | | |
| | | 7 | A | | | | | | | | | D | | |
| 2 | | 6 | | 1 | B | | 5 | | | 3 | 7 | | | C |
| | 5 | | | | | A | | | | | | | | |
| | A | | 9 | 8 | | 1 | 7 | | | | | 4 | B | |
| | E | | | 3 | 6 | D | | | | | | A | 9 | 0 |
| | | | | D | | | | | | 0 | 2 | | 1 | 5 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 6 | A | 7 | B | 0 | C | 3 | 1 | E | 9 | 4 | 2 | 8 | 5 |
| 8 | 0 | 2 | 3 | 6 | C | B | 4 | 9 | 1 | 7 | 5 | A | D | E |
| 1 | 9 | B | 5 | E | D | 8 | 0 | 7 | 3 | A | 2 | 4 | 6 | C |
| E | 5 | 3 | 9 | 4 | 2 | D | A | 6 | 8 | B | C | 7 | 0 | 1 |
| 4 | 7 | C | 1 | 8 | A | 5 | 2 | E | 6 | D | 0 | B | 9 | 3 |
| 9 | 2 | E | 8 | 1 | 7 | 6 | B | D | A | 5 | 3 | C | 4 | 0 |
| 3 | B | 5 | 4 | 0 | 9 | 1 | E | 2 | 7 | C | 8 | D | A | 6 |
| C | 8 | 4 | E | A | 6 | 3 | 7 | 0 | D | 1 | 9 | 5 | B | 2 |
| 6 | A | 0 | D | 2 | 5 | 9 | 8 | C | 4 | E | B | 1 | 3 | 7 |
| 7 | 1 | D | B | C | 3 | 4 | 5 | A | 0 | 2 | 6 | 9 | E | 8 |
| 2 | E | 1 | 6 | 5 | 4 | 7 | D | 8 | B | 0 | A | 3 | C | 9 |
| A | 3 | 8 | 2 | D | B | 0 | 9 | 5 | C | 6 | 1 | E | 7 | 4 |
| 5 | D | 6 | A | 9 | 8 | E | C | 3 | 2 | 4 | 7 | 0 | 1 | B |
| 0 | 4 | 7 | C | 3 | E | 2 | 1 | B | 9 | 8 | D | 6 | 5 | A |
| B | C | 9 | 0 | 7 | 1 | A | 6 | 4 | 5 | 3 | E | 8 | 2 | D |

ଗତକାଲିର ଉତ୍ତର



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

# ଖଣିକ୍ଷତିଗ୍ରସ୍ତ ଗାଁର ବେଦନା

ଗଛବୃଛରେ ଭରା କେନ୍ଦୁଝରର ଗନ୍ଧମାର୍ଦ୍ଦନ ପାହାଡ଼ରୁ ବର୍ଷ ସାରା ଝରି ଆସୁଥିଲା ଶିଆଳିବୋଡା ଝରଣା। ପର୍ବତ ତଳେ ଥିବା ତଳକାଇଁସାରି ଗାଁର ଆଦିବାସୀଙ୍କ ପାଇଁ ତାହା ଥିଲା ଜୀବନରେଖା। ସେହି ପାଣିରେ ବହି ଆସୁଥିଲା ଜଙ୍ଗଲର ଅମୂଲ୍ୟ ସାର, ମାଟି ହେଉଥିଲା ଉର୍ବର। ଝରଣା ପାଣିରେ ଖାଲି ବର୍ଷାଦିନିଆ ଫସଲ ଲହଡି ଭାଙ୍ଗୁ ନ ଥିଲା, ତା'ସହିତ ଉତୁରୁଥିଲା ଅନେକ ଖରାଦିନିଆ ଫସଲ। ସେହି ଗାଁରେ ଥିବା ପରିବାରଗୁଡ଼ିକ ପାଖରେ ଜମି ଖୁବ୍ ଅଳ୍ପ ହିଁ ଅଛି। କିନ୍ତୁ ସେହି ସ୍ୱଳ୍ପ ଜମି ବି ସେହି ଆଦିବାସୀଙ୍କୁ ପ୍ରଚୁର ଖାଦ୍ୟ ଯୋଗାଉଥିଲା। ଏବେ ସେହି ଝର ଖରାଦିନେ ବହିବା ବନ୍ଦ ହୋଇଯାଇଛି। ଆଉ ବର୍ଷା ଦିନେ ସେଥିରେ ଜୀବନ ନୁହେଁ ଯନ୍ତ୍ରଣା ବହୁଛି। ସେଥିରେ ବହି ଆସୁଛି ପାହାଡ ଉପରେ ଥିବା ଖଣିରୁ ବାହାରୁଥିବା ଲୁହାପଥର ଗୁଣ୍ଡ ଓ ଯେତେ ସବୁ ଖଣି ବର୍ଜ୍ୟ। ତହିଁରେ ପୋତି ହୋଇଯାଉଛି ଆଦିବାସୀଙ୍କ ଜମିବାଡ଼ି। ମାଟି ଟାଣ ହୋଇଯାଉଛି। ସେହି ଗାଁ ଦାଣ୍ଡର ଏକ ବଡ଼ ଅଂଶ ବର୍ଷାଦିନେ କାଦୁଅରେ ସଦା ପଚପଚ। ଦୁଇଟା ନଳକୂପରୁ ଗୋଟିଏ କେବେଠୁ ଖରାପ ହୋଇପଡିଛି। ବର୍ଷା କିଛିଦିନକୁ ଛାଡି ଦେଲେ ବାକି ସବୁ ଦିନ ଧୂଳି, ଧୂଆଁ ଓ କର୍କଶ ଶବ୍ଦର ପ୍ରଦୂଷଣ ତଥା ମାଲମାଲ ଟ୍ରକ୍‌ର ଉଦ୍ଧତ ଦଉଡ଼ରେ ସନ୍ତୁଳି ହୋଇଯାଉଛନ୍ତି ଗାଁ ଲୋକେ। ଗାଁର ମୋଟେ ତିନିଜଣ ହିଁ ଖଣିରେ ମୂଲିଆ କାମ ପାଇଛନ୍ତି।

ପାଖରେ ଆଉଗୋଟେ ଗାଁ ଇଚିଣ୍ଡା। ଗାଁର ଗୋଟେ ପଟେ ବିଶାଳ ଗନ୍ଧମାର୍ଦ୍ଦନ ଓ ଅନ୍ୟସବୁ ପଟେ ଛୋଟଛୋଟ ପାହାଡିଆ ଢିପରେ ବିଛାଡି ହୋଇରହିଛି ଆଦିବାସୀଙ୍କ ବସତି। ଗାଁଟା ଗୋଲାକାର, ମଝି ଖାଲୁଆ ଜାଗାରେ ଗାଁ ଅଧିବାସୀଙ୍କ ସୀମିତ ଚାଷ ଜମି। ଗନ୍ଧମାର୍ଦ୍ଦନ ପର୍ବତରୁ ବହିଆସିଥିବା ମାଙ୍କଡ଼ମୁଣ୍ଡା ଓ ବେତଝରି ଝରଣା ପାଣି ସେହି ଚାଷଜମିରେ ଫଳାଉଥିଲା ସୁନା। ଏବେ ଗୋଟେ ଝରଣା ଖରାଦିନେ ବହିବା ପ୍ରାୟ ବନ୍ଦ ହୋଇଯାଇଛି, କାରଣ ଖଣି କମ୍ପାନୀ ତାହାକୁ ବାନ୍ଧି ପର୍ବତ ଉପରକୁ ଉଠାଉଛି ପାଣି। ଅନ୍ୟଟିରେ ଜଳଧାର ପ୍ରାୟ ଶୁଖିଯାଉଛି ଖରାଦିନେ। କିନ୍ତୁ ବର୍ଷାଦିନେ ସେହି ଝରଣାଗୁଡ଼ିକରେ ବହି ଆସୁଛି ଉର୍ବର ଜମିକୁ ବର୍ବର ଭାବରେ ପୋତି ପକାଉଥିବା ଲୁହାମାଟି। ଅତୀତରେ ସେହି ନାଳରେ ଆନନ୍ଦରେ ଜଳକ୍ରୀଡା କରୁଥିବା ଲୋକେ ଏବେ ଲୁହାମିଶା ଓ ଟ୍ରକ୍‌ଧୁଆ ଗନ୍ଧିଆ ପାଣିରେ ନିରୁପାୟ ବୁଡ଼ଟେ ପକାଇ ନିଜକୁ ସାନ୍ତ୍ୱନା ଦେଉଛନ୍ତି। ଓଡିଶା ଖଣି ନିଗମ ତିନିବର୍ଷ ହେଲାଣି ଇଚିଣ୍ଡା ଗାଁକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରିଛି। ପ୍ରତିଶ୍ରୁତି ଥିଲା ନିଗମ ଗାଁର ସବୁ ଘରକୁ ପାଣି ଯୋଗାଇବ, ସବୁ ଘର ଓ ରାସ୍ତାକୁ ପକ୍କା କରିବ, ପାହାଡ଼ ଉପରୁ ବହି ଆସୁଥିବା ବର୍ଜ୍ୟ ଓ ଲୁହାମାଟିକୁ ରୋକି ସେହି ପାଣିକୁ ଖଣିକାମରେ ବ୍ୟବହାର କରିବ, ବିଦ୍ୟାଳୟ ଓ ଆଙ୍ଗନୱାଡି କେନ୍ଦ୍ରକୁ ଉନ୍ନତ କରିବ, ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ବସ୍ ଯୋଗାଇବ ଏବଂ ଗାଁ ଲୋକଙ୍କୁ ତାଲିମ ଦେଇ ରୋଜଗାରକ୍ଷମ କରିବ। ଆହୁରି ଅନେକ ପ୍ରତିଶ୍ରୁତି ଥିଲା।

ବର୍ଷେ ହେଲାଣି ସବୁ ଘରେ ପ୍ଲାଷ୍ଟିକ୍ ଟାଙ୍କି ଗୋଟେ ବସିଛି ସତ, କିନ୍ତୁ ପାଇପ୍ ସଂଯୋଗ ନାହିଁ, କିଛି ଘର ଅଧାପନ୍ତରିଆ ଗଡ଼ା ହୋଇ ପଡିରହିଛି। ପଞ୍ଚମ ଶ୍ରେଣୀ ଯାଏ ଥିବା ସ୍କୁଲ ଅପନ୍ତରା ହୋଇପଡିଛି। ଛାତ୍ରୀଛାତ୍ରମାନେ ଟ୍ରକ୍ ଧୂଳିରେ ରୁନ୍ଧି ହୋଇଯାଉଛନ୍ତି। ପଞ୍ଚମ ପରେ ପଢ଼ାରେ ପ୍ରାୟ ଡୋରି ଲାଗୁଛି, କାରଣ ଟ୍ରକ୍ ଭିଡରେ ପାହାଡ ସେପଟେ ଥିବା ଶୁଆକାଟିକୁ ପିଲାଙ୍କୁ ଛାଡିବା ପାଇଁ ଲୋକଙ୍କ ସାହସ ଜୁଟୁନି। ସ୍କୁଲ ବସ୍‌ର ଦେଖା ନାହିଁ। ଗୋଲାକାର ହୋଇ ଲମ୍ବି ଯାଇଥିବା ଗାଁ ରାସ୍ତାରେ କେବେ ବୋଧହୁଏ ପିଚୁ ପଡିଥିଲା, ଏବେ ଖାଲି ଗୋଡି ହିଁ ରହିଛି। ଗାଁ ଲୋକେ ଜଙ୍ଗଲ ଜମି ଆଇନ ଅନୁସାରେ ଦଖଲରେ ଥିବା ଜମି ଉପରେ ଅଧିକାର ମାଗିଥିଲେ, ଜଣକୁ ବି ମିଳିନାହିଁ। କେହି କୌଣସି ପ୍ରଶିକ୍ଷଣ ପାଇନାହାନ୍ତି। ପାହାଡ଼ ଆରପଟେ ରହିଛି ଉପରଜାଗର ଗାଁ। ସେହି ଏକା ଅବସ୍ଥା। ସ୍କୁଲ କଡ଼ ଦେଇ ଏକଦା ବହିଯାଉଥିବା ଘାଘାରା ପାଣି ଝର ଓ ଗାଁର ମୁହଁରେ ଥିବା ଡନ୍‌ସା ଝରିରେ ବର୍ଷାଦିନେ ବି ଆଉ ପାଣି ଆସୁନି। ଦିନେ ସେଗୁଡ଼ିକ ବର୍ଷସାରା ଜଳପୂର୍ଣ୍ଣ ଥିଲା। ସେଥିରେ ଖରାଟିଆ ଚାଷ ହେଉଥିଲା। ଗାଁର ଖାଲି ଦୁଇଜଣ ହିଁ କମ୍ପାନୀରେ ଚାକିରି ପାଇଛନ୍ତି। ଅଳ୍ପ କିଛି ବ୍ୟକ୍ତି କେବେ କେମିତି ଶ୍ରମିକ କାମ ପାଆନ୍ତି।

ଏହିସବୁ ଗାଁର ଲୋକେ ଖାଦ୍ୟ ଆବଶ୍ୟକତା ମେଣ୍ଟାଇପାରୁ ନାହାନ୍ତି ନିଜ ଜମିରୁ। ଆଗରୁ ଜଙ୍ଗଲ ତାଙ୍କୁ ଦେଉଥିଲା ଅନେକ ସାଧନ। ଏବେ ସବୁ ପ୍ରାୟ ଶୂନ୍ୟ। ଗାଁ ଲୋକେ ଗୋରୁ ଓ ଛେଳି ରଖିବା ବି କମାଇଦେଲେଣି, କାରଣ ଧୂଳିର ବହଳ ଆସ୍ତରଣରେ ସେମାନଙ୍କ ଖାଦ୍ୟ ହଜିଯାଇଛି। ବାଧ୍ୟ ହୋଇ ଗାଁ ଲୋକେ ଦୂର ସ୍ଥାନକୁ ମଜୁରି ପାଇଁ ଯାଉଛନ୍ତି। ଜୀବନଟା ତାଙ୍କ ପାଇଁ କଷ୍ଟକର ହୋଇଯାଇଛି। ଖଣି ତାଙ୍କ ପାଣି ଓ ଠାଣିକୁ ନିର୍ମମ ଭାବରେ ହାଣିଦେଇଛି। ଖଣି କିଛି କୋଟିପତି ଅବଶ୍ୟ ସୃଷ୍ଟି କରିଛି, ଅନେକ ଦଲାଲ ବାହାରିଛନ୍ତି ଆଉ ସରକାର ବି ଖୁବ୍ ପଇସା ପାଇଛନ୍ତି। କିନ୍ତୁ ଖଣି ପାଖରେ ଥିବା ଲୋକଙ୍କୁ ଦୁର୍ଦ୍ଦଶା ହିଁ ମିଳିଛି। କେନ୍ଦୁଝର ତାହାର ଏକ ବଡ଼ ଉଦାହରଣ। ଦର୍ଶାଯାଇଥିବା ତିନିଟି ଯାକ ଗାଁ କେନ୍ଦୁଝର ସଦର ମହକୁମାଠାରୁ ମାତ୍ର ୧୫ରୁ ୨୫ କିଲୋମିଟର ଦୂରରେ ଅଛି। ଆହୁରି ଦୂରରେ ଥିବା ଖଣି ପାଖ ଅଧିବାସୀଙ୍କ ଅବସ୍ଥା କ'ଣ ଥିବ ତାହା ବାରି ହୋଇ ପଡୁଛି। ୨୦-୨୫ ବର୍ଷ ପୂର୍ବରୁ ଖଣି ଖୋଳା ହେବା ଆରମ୍ଭ ହେଲାଣି କିନ୍ତୁ କ୍ଷତିଗ୍ରସ୍ତ ଲୋକଙ୍କ କଥାକୁ କାହାରି ନିଘା ନାହିଁ। ଆଗ କଥା ଛାଡି ଦେଲେ ବି ଏବର ସମ୍ଭାବନା କିଛି କମ୍ ନାହିଁ। ଜିଲା ଖଣିଜ ପାଣ୍ଠି ଯୋଜନାକୁ ତିନିବର୍ଷ ବି ପୂରି ନାହିଁ, କିନ୍ତୁ କେବଳ କେନ୍ଦୁଝର ଜିଲା ୧୮୦୮ କୋଟି ଟଙ୍କା ଠୁଳାଇ ସାରିଲାଣି। ଅଥଚ ପ୍ରତ୍ୟକ୍ଷ ଭାବରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ଯେମିତି ତହିଁରେ ଭାଗ ନାହିଁ। କିଛି ଗାଁରେ ପିଇବା ପାଣିର ଯୋଜନା ହୋଇଛି। ତାହାକୁ ଛାଡି ଦେଲେ ଆଉ କିଛି ବି ନାହିଁ। ଚାଷ ବୁଡ଼ିଛି, ଜଙ୍ଗଲ ହଜିଛି। ଗାଁର ମହିଳା ଓ ଛୁଆମାନେ ଘରୁ ପଦାକୁ ଗୋଡ କାଢିବା ପାଇଁ ଡରୁଛନ୍ତି କାରଣ ଏବେ ବାହାର ଲୋକଙ୍କ ରାଜତ୍ୱ ଚାଲିଛି ସେହି ସବୁ ଇଲାକାରେ।

ଏକ ସଭ୍ୟ ବ୍ୟବସ୍ଥାରେ କୌଣସି ବର୍ଗ ବି କ୍ଷତିଗ୍ରସ୍ତ ହେବା ଆଦୌ ଗ୍ରହଣୀୟ ନୁହେଁ। ଯଦି ଖଣିଜ ଉତ୍ତୋଳନ ନିହାତି ଆବଶ୍ୟକ ଏବଂ ତହିଁରୁ ଲାଭ ହେଉଛି ତେବେ ସେହି ଲାଭରେ ପ୍ରଥମ ହକ୍ ସ୍ଥାନୀୟ ଲୋକଙ୍କର ରହିବା ନିହାତି ଆବଶ୍ୟକ, କାରଣ ଖଣି ଖନନ ଯୋଗୁ ତାଙ୍କର ହିଁ ସର୍ବପ୍ରଥମ ଓ ସର୍ବାଧିକ କ୍ଷତି ହୋଇଥାଏ। ତାଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲିଯାଇଥାଏ। ଖଣି ଉତ୍ତୋଳନ ସରିଯିବା ପରେ ସେମାନଙ୍କ ଦୁର୍ଦ୍ଦଶା ଆହୁରି ବଢିଯାଏ, କାରଣ ସେତେବେଳକୁ ତାଙ୍କ ପ୍ରାକୃତିକ ସମ୍ପଦ ଧୂଳିସାତ୍ ହୋଇସାରିଥାଏ। ତେଣୁ କ୍ଷତିଗ୍ରସ୍ତ ଲୋକଙ୍କର କେବଳ ବର୍ତ୍ତମାନ ନୁହେଁ, ଭବିଷ୍ୟତକୁ ମଧ୍ୟ ସୁରକ୍ଷିତ ରଖିବା ସରକାରଙ୍କ ଏକ ବଡ଼ ଦାୟିତ୍ୱ।



ହୃଦୟବଲ୍ଲଭ ଦାସ

# ଶିଶୁ ଯୌନନିର୍ଯ୍ୟାତନା

ଦେଶର କୋଣ ଅନୁକୋଣରେ ଏବେ ଅଭାବନୀୟ ଘଟଣାମାନ ଦେଖିବାକୁ ମିଳୁଛି। ତାହା ହେଲା ଶିଶୁକନ୍ୟାଙ୍କୁ ବଳାତ୍କାର। ଏପରି ଅପରାଧକୁ ପ୍ରତିହତ କରିବା ପାଇଁ ସରକାର ନୂଆ ଆଇନ ପ୍ରଣୟନ କରିଛନ୍ତି। ଏହା ହେଉଛି 'ଦି ପ୍ରୋଟେକ୍‌ଶନ ଅଫ୍ ଚିଲ୍‌ଡ୍ରେନ୍ ଫ୍ରମ୍ ସେକ୍ସୁଆଲ ଅଫେନ୍‌ସେସ୍ ଆକ୍ଟ-୨୦୧୨'। ଏହି ନୂଆ ଆଇନର ଉଦ୍ଦେଶ୍ୟ ହେଉଛି ଏଭଳି ଅପରାଧଗୁଡ଼ିକୁ ପ୍ରତିହତ କରିବା ଓ ଅପ୍ରାପ୍ତବୟସ୍କମାନଙ୍କୁ ଯୌନନିର୍ଯ୍ୟାତନାରୁ ରକ୍ଷା କରିବା। ଏଭଳି ଅପରାଧର ବିଚାର ପଦ୍ଧତି ଫୌଜଦାରି କାର୍ଯ୍ୟବିଧି ଆଇନ-୧୯୭୩ ଦ୍ୱାରା ନିୟନ୍ତ୍ରିତ ହେବ। ଶିଶୁମାନଙ୍କ ଉପରେ ପାଶବିକ ଅତ୍ୟାଚାର ଭଳି ଅପରାଧକୁ ଦୌରାଜଜ୍‌ଙ୍କ କୋର୍ଟରେ ବିଚାର କରାଯିବାର ବ୍ୟବସ୍ଥା ରହିଛି। ତା'ଛଡ଼ା ଶିଶୁକନ୍ୟାମାନଙ୍କ ଉପରେ ବଳାତ୍କାର ଜନିତ ମକଦ୍ଦମାଗୁଡ଼ିକ ସରକାରଙ୍କ ଦ୍ୱାରା କେବଳ ସ୍ୱତନ୍ତ୍ର ସରକାରୀ ଓକିଲ ବା ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟରଙ୍କ ଦ୍ୱାରା ପରିଚାଳନା କରିବା ବ୍ୟବସ୍ଥା ରହିଛି। ଯେଉଁ ଆଇନଜୀବୀଙ୍କର ଅତି କମ୍‌ରେ ୭ ବର୍ଷରୁ ଅଧିକ ଅଭିଜ୍ଞତା ଥିବ, ସେମାନେ ଏଭଳି ମକଦ୍ଦମାର ପରିଚାଳନା କରିପାରିବେ। ଏହି ଆଇନଜୀବୀ ସରକାରଙ୍କ ଦ୍ୱାରା ନିଯୁକ୍ତିପ୍ରାପ୍ତ ସରକାରୀ ଓକିଲ ବା 'ପବ୍ଲିକ ପ୍ରସିକ୍ୟୁଟର' ଭାବେ ଗଣାଯିବେ। ଅପ୍ରାପ୍ତବୟସ୍କ ଶିଶୁକନ୍ୟାମାନଙ୍କ ଉପରେ ଏଭଳି ପାଶବିକ ଅତ୍ୟାଚାରକୁ ପ୍ରତିହତ କରିବା ପାଇଁ ଏହି ଆଇନ ବଳରେ ସ୍ୱତନ୍ତ୍ର ଅଦାଲତମାନ ଗଠନ କରାଯାଇଛି। ଏଭଳି ମକଦ୍ଦମାରେ ଆବେଦନକାରୀଙ୍କ ଅଭିଯୋଗପତ୍ର ଆଧାରରେ ବିଚାର ପ୍ରକ୍ରିୟା ଆରମ୍ଭ କରାଯାଇପାରିବ କିମ୍ବା ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଶୀଘ୍ର ବିଚାର କରାଯିବାକୁ ନୂଆ ଆଇନରେ ବ୍ୟବସ୍ଥା ହୋଇଛି।

ଉଲ୍ଲେଖନୀୟ ଯେ, ଶିଶୁକନ୍ୟାଙ୍କ ଉପରେ ବଳାତ୍କାରଜନିତ ଅଭିଯୋଗ ସବୁ 'ଚାଇଲ୍ଡ ରାଇଟ୍ ଆକ୍ଟ-୨୦୦୫' ଆଧାରରେ ଆରମ୍ଭ କରାଯିବା ବ୍ୟବସ୍ଥା ରହିଛି। ଏହାଛଡ଼ା 'ଶିଶୁ ଅଧିକାର ଆୟୋଗ'ଙ୍କ ଅଭିଯୋଗ କ୍ରମରେ ଶିଶୁମାନଙ୍କ ଉପରେ ଯୌନ ଅପରାଧଗୁଡ଼ିକର ବିଚାର କରାଯିବା ବନ୍ଦୋବସ୍ତ ମଧ୍ୟ କରାଯାଇଛି। ଶିଶୁକନ୍ୟାଙ୍କ ଉପରେ ପାଶବିକ ଅତ୍ୟାଚାର ଭଳି ଅପରାଧର ସମ୍ପୂର୍ଣ୍ଣ ବିବରଣୀ ସଂସଦର ୨ଟି ଗୃହରେ ଆଗତ କରାଯିବାର ବ୍ୟବସ୍ଥା ରହିଛି। ମକଦ୍ଦମାଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଗୃହରେ ଆଗତ କରାଯିବା ପରେ ଯଦି ଉଭୟ ଗୃହର ସଦସ୍ୟମାନେ ସମ୍ମତ ହେବେ, ତା'ହେଲେ ଏଭଳି ଅପରାଧକୁ ଦମନ କରିବାକୁ ମୂଳ ଆଇନ ଓ ଅଧିନିୟମରେ ଆବଶ୍ୟକ ସଂଶୋଧନ କରାଯାଇ ପାରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଶିଶୁକନ୍ୟାଙ୍କ ଉପରେ ଏଭଳି ଅପରାଧକୁ ଦୃଢ଼ହସ୍ତରେ ଦମନ କରିବା ପାଇଁ ଏ ସମ୍ପର୍କିତ ଆଇନରେ ସଂଶୋଧନ କରାଯିବା ବିଧିବ୍ୟବସ୍ଥା ରହିଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କିଭଳି ଉପଯୁକ୍ତ ବା କଠିନ ଦଣ୍ଡ ଏପରି କି ମୃତ୍ୟୁଦଣ୍ଡ ଦ୍ୱାରା ଏଭଳି ଅପରାଧକୁ ରୋକାଯାଇ ପାରିବ।

ସ୍ମରଣୀୟ ଯେ, ୩ ବର୍ଷ ପୂର୍ବେ ବେଙ୍ଗାଲୁରୁ ସହରର ଏକ ମର୍ଯ୍ୟାଦାପୂର୍ଣ୍ଣ ପବ୍ଲିକ୍ ସ୍କୁଲରେ ପଢୁଥିବା ଜଣେ ଶିଶୁକନ୍ୟାକୁ ସେହି ବିଦ୍ୟାଳୟର ୨ ଜଣ ଶିକ୍ଷକ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ସେଥିପାଇଁ ସମଗ୍ର ଦେଶରେ ବ୍ୟାପକ ଜନଆନ୍ଦୋଳନ ସୃଷ୍ଟି ହୋଇଥିଲା। ଏଭଳି ଘଟଣା ଯୋଗୁ ସମଗ୍ର ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ଦେଶର ବିଭିନ୍ନ ସ୍ଥାନରେ ଏଭଳି ଜଘନ୍ୟ ଅପରାଧମାନ ଘଟୁଥିବା ଯୋଗୁ କେନ୍ଦ୍ର ସରକାର ଓ ସଂସଦର ଉଭୟ ଗୃହ ଗଭୀର ଉଦ୍‌ବେଗ ପ୍ରକାଶକରି ଏଥିପାଇଁ ଶିଶୁକନ୍ୟାମାନଙ୍କ ଉପରେ ହେଉଥିବା ନାରକୀୟ ଘଟଣାସବୁକୁ କିପରି ରୋକାଯାଇ ପାରିବ ସେଥିପାଇଁ ନୂଆ ଆଇନ ଓ ଅଧିନିୟମ ପ୍ରଣୟନ କଲେ।

କିନ୍ତୁ କଥା ହେଉଛି, କେବଳ ଆଇନ ଦ୍ୱାରା ଏଭଳି ଅପରାଧକୁ ଦମନ କରିହେବ ନାହିଁ। ବରଂ ଏଭଳି ସାମାଜିକ ଅପରାଧକୁ ଦୃଢ଼ ହସ୍ତରେ ଦମନ କରିବାକୁ ହେଲେ କଠିନ ଦଣ୍ଡବିଧାନ ଏପରି କି ମୃତ୍ୟୁଦଣ୍ଡ ଜରୁରୀ। ତା'ହେଲେ ଯାଇ ଏଭଳି ବିକୃତମାନସିକ ବ୍ୟକ୍ତିବିଶେଷଙ୍କ ମନରେ କୋକୁଆ ଭୟ ସୃଷ୍ଟିହେବ। ତା'ଛଡ଼ା ଏ ବାବଦରେ ଜନସାଧାରଣଙ୍କ ମାନସିକତାରେ ପରିବର୍ତ୍ତନ ହେଲେ ସମାଜରୁ ଏଭଳି ଅପରାଧ ଧୀରେ ଧୀରେ କମିଯିବ। ଏଭଳି ଅପରାଧକୁ ମୁକାବିଲା କରିବାକୁ ହେଲେ ବ୍ୟାପକ ଜନଜାଗରଣ ଓ ଜନସଚେତନତାର ଆବଶ୍ୟକତା ରହିଛି। ତା'ହେଲେ ଯାଇ ନିରୀହ ନିଷ୍ପାପ ଶିଶୁକନ୍ୟାଙ୍କ ଉପରେ ଘଟୁଥିବା ଯୌନ ଅତ୍ୟାଚାର କମିଯିବାର ଆଶା ରହୁଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତଥା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଏ ସମ୍ପର୍କରେ ଉଚିତ ପଦକ୍ଷେପ ନେବା ନିତାନ୍ତ ଜରୁରୀ। ଏଭଳି ଅପରାଧ କେବଳ ରୁଗ୍‌ଣ ଓ ବିକୃତ ମାନସିକତା ଥିବା ବ୍ୟକ୍ତିବିଶେଷ କରିଥାନ୍ତି। ତେଣୁ ଏଭଳି ବ୍ୟକ୍ତିବିଶେଷଙ୍କ ଚିକିତ୍ସା ପାଇଁ ସରକାର, ମାନସିକରୋଗ ଚିକିତ୍ସକ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହଯୋଗ ରହିଲେ ଶିଶୁମାନଙ୍କ ଉପରେ ହେଉଥିବା ଯୌନ ଅପରାଧ ଅନେକାଂଶରେ ଯେ କମିଯିବ ଏଥିରେ ସନ୍ଦେହ ନାହିଁ।

ପ୍ରାକ୍ତନ ସ୍ୱତନ୍ତ୍ର ବିଚାରପତି, ସିବିଆଇ,
ମୋ: ୯୪୩୭୦୨୨୭୨୩

## ଏଇ ଭାରତରେ

ସନ୍ତାନଙ୍କ ଭବିଷ୍ୟତ କଥା ଯେତେବେଳେ ଉଠେ, ଅଧିକାଂଶ ମାତାପିତାଙ୍କ ମୁହଁରୁ ଡାକ୍ତର, ଇଞ୍ଜିନିୟର ଶବ୍ଦ ପ୍ରଥମେ ବାହାରେ। ପୁଅ ଭଲ ପାଠ ପଢ଼ି ଡାକ୍ତର କିମ୍ବା ଇଞ୍ଜିନିୟର ହେଉ ବୋଲି ପ୍ରାୟ ଅଧିକାଂଶ ମାତାପିତା ଚାହିଁଥାନ୍ତି। ଏହାସତ୍ତ୍ୱେ ଦେଶସେବା କଥା ଯେତେବେଳେ ଉଠେ ପ୍ରତିଟି ଭାରତୀୟଙ୍କ ମନପ୍ରାଣରେ ଏକ ଭିନ୍ନ ଆବେଗ ଦେଖିବାକୁ ମିଳିଥାଏ। ତାମିଲନାଡୁର ମଦୁରାଇ ଜିଲାରେ ଏଭଳି ଏକ ଗ୍ରାମ ରହିଛି ଯାହାର ମାଟି, ପାଣି, ପବନରେ ଦେଶଭକ୍ତିର ବାସ୍ନା ଫୁଟି ଉଠିଥାଏ। ଗ୍ରାମର ପ୍ରାୟ ପ୍ରତି ପରିବାରର ଏକାଧିକ ସଦସ୍ୟ ଭାରତୀୟ ସେନାରେ କାମ କରିଛନ୍ତି କିମ୍ବା କରୁଛନ୍ତି। ଦୀର୍ଘ ୫୦ ବର୍ଷ ହେଲା ୫୦୦ରୁ ଉର୍ଦ୍ଧ୍ୱ ଯବାନ ସେନାରେ କାର୍ଯ୍ୟ କରିଛନ୍ତି। ଗ୍ରାମର ମୋଟ ଜନସଂଖ୍ୟା ହେଉଛି ୧୫୦୦। ବର୍ତ୍ତମାନ ସେଠାକାର ୩୦୦ ଜଣ ସେନାରେ କାର୍ଯ୍ୟରତ। ଡାକ୍ତର ଏବଂ ଇଞ୍ଜିନିୟରଙ୍କ ଅପେକ୍ଷା ସେନା ଯବାନଙ୍କୁ ଗ୍ରାମବାସୀ ଅଧିକ ସମ୍ମାନ ଜଣାଇଥାନ୍ତି। ସେଥିପାଇଁ ଗ୍ରାମର ପିଢ଼ି ପରେ ପିଢ଼ି ସୈନ୍ୟବାହିନୀ ପ୍ରତି ଆକୃଷ୍ଟ ହୋଇଥାନ୍ତି। ୧୯୬୦ରେ ପ୍ରଥମେ କ୍ୟାପ୍‌ଟେନ୍ ସି. ଥାଙ୍ଗାଭେଲୁ ସେନାରେ ଯୋଗ ଦେଇଥିଲେ। କିନ୍ତୁ କାର୍‌ଗିଲ ଯୁଦ୍ଧ ପରେ ଗ୍ରାମବାସୀଙ୍କ ହୃଦୟରେ ସେନା ପ୍ରତି ଅଧିକ ସମ୍ମାନ ଜାଗ୍ରତ ହୋଇଥିଲା। କାରଣ ଯୁଦ୍ଧରେ ଗ୍ରାମର ଦୁଇ ସନ୍ତାନ କେ. ମାଣିକମ୍ ଏବଂ ଏମ୍.ଏସ୍. ରମଣଙ୍କୁ ବୀରଗତି ପ୍ରାପ୍ତି ହୋଇଥିଲା। ତେବେ ସେନାରେ ଭର୍ତ୍ତି ହେବା ଏତେ ସହଜ ମଧ୍ୟ ନୁହେଁ। ଏଣୁ ଉଚ୍ଚ ପ୍ରାଥମିକ ପାଠ୍ୟକ୍ରମ ଶେଷ କରିବା ପରେ ପରେ ପିଲାମାନେ ସେନା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଥାଆନ୍ତି। ସେନା ପରୀକ୍ଷାରେ ପାସ୍ କରିବା ଲାଗି ସେମାନେ ଗ୍ରାମରେ ଶାରୀରିକ ପ୍ରଶିକ୍ଷଣ ନେଇଥାଆନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଅଗଷ୍ଟ ୧୯୯୩

- ରୁଷିଆର ବୈଦେଶିକ ଅର୍ଥନୈତିକ ସମ୍ପର୍କ ମନ୍ତ୍ରୀ ସର୍ଗେଇ ଗ୍ଲାଡିଏଭ ନିଜ ପଦବୀରୁ ଇସ୍ତଫା ଦେଲେ।
- ସଂସଦ ସଦସ୍ୟ ଥାଇ ମଧ୍ୟ ଜଣେ ବ୍ୟକ୍ତି ଆୟ ଥିବା ପଦବୀରେ ରହିପାରିବା ନେଇ ଏକ ବିଲ୍ ସଂସଦରେ ଗୃହୀତ।



ଜିଲା ଡାଏରୀ

ଯାଜପୁର

## ହାର ମାନୁନାହାନ୍ତି ମଧ୍ୟସ୍ଥ

ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ସବୁ ଯୋଜନାର ଲାଭ ଅଧାବାଟରୁ ମଧ୍ୟସ୍ଥିମାନେ ହଡପ କରି ଚାଲିଛନ୍ତି। ଗରିବ ଲୋକଙ୍କ ପାଇଁ ସରକାର ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ କାର୍ଯ୍ୟକାରୀ କରିଛନ୍ତି। ଏଥିପାଇଁ କାମ ଲୋଡୁଥିବା ଲୋକଙ୍କ ତାଲିକା ପ୍ରସ୍ତୁତ କରାଯାଇ ଜବ୍‌କାର୍ଡ ଦିଆଯାଇଛି। କିନ୍ତୁ ଜବ୍‌କାର୍ଡ ହିତାଧିକାରୀଙ୍କ ପାଖରେ ନ ରହି ପଞ୍ଚାୟତ କର୍ମଚାରୀ ଓ ମଧ୍ୟସ୍ଥଙ୍କ ପାଖରେ ରହୁଛି। ସେମାନେ ଲୋକଙ୍କୁ କାମ ନ ଦେଇ ମେସିନରେ କାମ କରୁଛନ୍ତି। ୨୦୧୬-୧୭ରେ ୨୪୦ ଜଣ, ୨୦୧୭-୧୮ରେ ୬୯୫ ଜଣ ଏବଂ ୨୦୧୮ ଅଗଷ୍ଟ ୧୫ ତାରିଖ ସୁଦ୍ଧା ୪୧ ଜଣଙ୍କୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଥିବା ଜିଲା ପ୍ରଶାସନ ଦାବି କରୁଛି। କିନ୍ତୁ ମଷ୍ଟରରୋଲରେ ଜବ୍‌କାର୍ଡ ନମ୍ବର ପକାଇ ହିତାଧିକାରୀଙ୍କ ଦସ୍ତଖତ ଓ ଟିପଚିହ୍ନ ଜାଲ ହେଉଥିବା ଅଭିଯୋଗ ହେଉଛି। ମଧ୍ୟସ୍ଥିମାନେ ହିତାଧିକାରୀଙ୍କ ପ୍ରାପ୍ୟ ବା ମଜୁରିକୁ ହଡପ କରି ନେଉଛନ୍ତି। ଏହା ଦୃଷ୍ଟିକୁ ଆସିବା ପରେ ହିତାଧିକାରୀଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇ ଆକାଉଣ୍ଟରେ ମଜୁରି ପୈଠ ବ୍ୟବସ୍ଥା ହୋଇଛି। ଏଥିରେ ବି ମଧ୍ୟସ୍ଥିମାନେ ହାର ମାନୁନାହାନ୍ତି। ବିନା କାମରେ କିଛି ଟଙ୍କା ଦେଇ ହିତାଧିକାରୀଙ୍କ ଜରିଆରେ ସେମାନଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନେଉଛନ୍ତି। ଏହାଦ୍ୱାରା ସରକାରଙ୍କ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ।

-ହର୍ଷବର୍ଦ୍ଧନ ବେହେରା

## ପାଠକ ଶ୍ରେଷ୍ଠ ବିଚାରକ

### କୃଷକଙ୍କ ଆୟ ବୃଦ୍ଧି ପାଉନାହିଁ

ମହାଶୟ,

କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଓଡିଶା ସରକାର ସ୍ୱତନ୍ତ୍ର ବଜେଟ ପ୍ରସ୍ତୁତ କରୁଛନ୍ତି। କୃଷି କ୍ୟାବିନେଟ୍ ମଧ୍ୟ ଗଠନ କରାଯାଇଛି। କୃଷି ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କୁ ଏକାଧିକବାର କୃଷିକର୍ମଣ ପୁରସ୍କାର ମିଳିଛି। ଏହା ସତ୍ତ୍ୱେ ଓଡିଶାର କୃଷକଙ୍କ ଆୟ ଆଶାନୁରୂପ ବୃଦ୍ଧି ପାଉନାହିଁ। ଜାତୀୟ ନମୁନା ସର୍ଭେର ୭୦ତମ ରିପୋର୍ଟ ଅନୁସାରେ ପଞ୍ଜାବ, ହରିୟାଣା, କର୍ଣ୍ଣାଟକ, ଛତିଶଗଡ, ରାଜସ୍ଥାନ, ଆସାମ ଓ ପଶ୍ଚିମବଙ୍ଗର କୃଷକଙ୍କ ମାସିକ ଆୟ ଯଥାକ୍ରମେ ୧୦୬୮୨, ୭୮୬୬, ୪୯୩୦, ୩୫୩୧, ୩୧୩୮, ୪୨୧୧ ଓ ୯୭୯ ଟଙ୍କା ଥିବାବେଳେ ଓଡିଶା କୃଷକଙ୍କ ମାସିକ ଆୟ ୧୪୦୭ ଟଙ୍କା। ଏଥିରୁ ଜଣାପଡୁଛି ଯେ, କେବଳ ପଶ୍ଚିମବଙ୍ଗକୁ ବାଦ୍ ଦେଲେ ଓଡିଶାର କୃଷକଙ୍କ ଆୟ ସର୍ବନିମ୍ନ ସ୍ତରରେ। ଏଣୁ ଓଡିଶାର କୃଷକଙ୍କ ଆୟ ବୃଦ୍ଧି ପାଇଁ ରାଜ୍ୟ ସରକାର ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାର ଆବଶ୍ୟକତା ଅଛି। କେବଳ ଧାନଚାଷ କରିବା ପରିବର୍ତ୍ତେ ଅର୍ଥକରୀ ଫସଲ ଚାଷ କରିବା ପାଇଁ କୃଷକଙ୍କୁ ପ୍ରୋତ୍ସାହନ ମିଳୁ। ଗୋଟିଏ ଜମିରେ ବିଭିନ୍ନ କିସମର ଫସଲ ଚାଷ କଲେ ଜମିର ଉର୍ବରତା ବୃଦ୍ଧି ପାଇବା ସହ କୃଷକଙ୍କ ଆୟ ମଧ୍ୟ ବୃଦ୍ଧି ପାଇଥାଏ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଚୋରା ଫୁଲରେ ଦିଅଁ ପୂଜା

ଆଜିକାଲି ଫୁଲ ଚୋର ସଂଖ୍ୟା ବଢ଼ିଲେଣି। ପୂଜା ପାଇଁ ଫୁଲ ଆବଶ୍ୟକ। ସେଥିପାଇଁ ରାତିରୁ ଉଠି ମନ୍ଦିର ଉଦ୍ୟାନ, ରାସ୍ତାକଡ଼ କିମ୍ବା ଅନ୍ୟମାନଙ୍କ ଗଛରୁ ଫୁଲ ତୋଳିବା ପାଇଁ ଲୋକମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ପ୍ରଭାତ ଭ୍ରମଣ କାଳରେ ହାତରେ ଜରି ଧରି ଫୁଲ ତୋଳୁଥିବାର ଦୃଶ୍ୟ ଦେଖିବାକୁ ମିଳେ। କହିବାକୁ ଗଲେ ଏକା ସାଥିରେ ଠାକୁର ଦେଖା ଓ କଦଳୀ ବିକା କାମ କରୁଛନ୍ତି। ବିଚରା ଫୁଲଗଛ ଲଗାଇଥିବା ଲୋକଟି ଫୁଲ ନ ପାଇ ନିରାଶ ହେଉଛି। ତେବେ ଫୁଲ ଚୋରାଇ ଦିଅଁଙ୍କୁ ପୂଜା କଲେ ସେଥିରେ ମଙ୍ଗଳ ହେବା ସମ୍ଭବ ନୁହେଁ। ବରଂ ନିଜ ବାଡିବଗିଚାରେ ଫୁଲଗଛ ଲଗାଇବା ଉଚିତ ଓ ଯତ୍ନର ସହ ଗଛକୁ ବଢାଇ ସେହି ଗଛର ଫୁଲ ତୋଳି ଠାକୁରଙ୍କ ପୂଜା କରିବା ଆବଶ୍ୟକ। ଧରିତ୍ରୀ (୩।୮)ରେ ପ୍ରକାଶିତ ରଞ୍ଜନ କୁମାର ଦାସଙ୍କ 'ଚୋରା ଫୁଲରେ ଦିଅଁ ପୂଜା' ପ୍ରବନ୍ଧ ଏକ ବଳିଷ୍ଠ ଆଲେଖ୍ୟ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସାପ କାମୁଡ଼ାରେ ବାଳକ ମୃତ

**କୋଦଳା,୨୧।୮(ଡି.ଏନ.ଏ.):** ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ବି.ନୂଆପଲ୍ଲୀ ଗ୍ରାମରେ ସାପ କାମୁଡାରେ ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସନ୍ତୋଷ ନାହାକଙ୍କ ପୁଅ ବିକାଶ ନାହାକ (୧୩)। ବିକାଶ ତାଙ୍କ ୨ ଭାଇ ଓ ମା' ସୋମବାର ରାତିରେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ବିକାଶଙ୍କୁ କ'ଣ କାମୁଡିବାରୁ ସେ ଉଠି ପାଟି କରିଥିଲେ। ମା' ଉଠି ଏକ ଚିଟିସାପ ଥିବା ଦେଖିଥିଲେ। ବିକାଶଙ୍କୁ ଗ୍ରାମରେ ଜଡିବୁଟି ଚିକିତ୍ସା ପରେ ଭୋର ସମୟରେ ଅବସ୍ଥା ଗୁରୁତର ହେବାରୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ କବିସୂର୍ଯ୍ୟନଗର ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

### ହରଭଙ୍ଗୀ ଡ୍ୟାମରୁ ରାତ୍ର ଜଗୁଆଳିଙ୍କ ମୃତଦେହ ଉଦ୍ଧାର

**ମୋହନା,୨୧।୮(ଡି.ଏନ୍.ଏ.):** ମୋହନା ବ୍ଲକ ଅଡବା ଥାନା ହରଭଙ୍ଗୀ ଡ୍ୟାମରୁ ଅଡବା ପୋଲିସ ଏକ ମୃତଦେହ ଉଦ୍ଧାର କରିଛି। ମୃତକ ଜଣକ ଭଞ୍ଜନଗର ନିକଟ ପଥରାପଲ୍ଲୀ ଗ୍ରାମର ଗୌରାଙ୍ଗ ବେହେରା। ସେ ଅଡବା ଜଳସେଚନ ବିଭାଗରେ ରାତ୍ର ଜଗୁଆଳି ଭାବେ କାମ କରନ୍ତି। ମଙ୍ଗଳବାର ଗୌରାଙ୍ଗ ଡ୍ୟାମ୍‌କୁ ଗାଧୋଇବାକୁ ଯାଇଥିବାବେଳେ ବୁଡି ଯାଇଥିଲେ। ଅପରାହ୍ନରେ ମୃତଦେହ ଭାସୁଥିବା ଖବର ପାଇ ଅଡବା ଥାନା ଅଧିକାରୀ ମୁକେଶ ଲାକ୍ରା, ଏସ୍‌ଆଇ ମମତା ପଣ୍ଡା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଗୌରାଙ୍ଗଙ୍କର ଅପସ୍ମାର ଥିବାରୁ ସେ ଗାଧୋଇବାବେଳେ ବୁଡି ଯାଇଥିବା ଥାନା ଅଧିକାରୀ ଲାକ୍ରା ସୂଚନା ଦେଇଛନ୍ତି।

### ଗଞ୍ଜେଇ, ମଦ ଜବତ

**ଛତ୍ରପୁର,୨୧।୮(ଡି.ଏନ.ଏ):** ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଅଧିକ୍ଷକ ରାମଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଚଳିତ ମାସରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଗଞ୍ଜେଇ ଓ ମଦ କରାଯାଇଛି। ଏ ନେଇ ୨୭ଟି ମାମଲା ରୁଜୁ ହୋଇଛି। ବେଆଇନ ଗଞ୍ଜେଇ, ମଦ କାରବାରରେ ସମ୍ପୃକ୍ତମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ଗୋଟିଏ କାର୍ ଓ ଗୋଟିଏ ଅଟୋ, ୨ ବାଇକ୍, ୩୯ କିଗ୍ରା ଗଞ୍ଜେଇ, ୫୦୦ ଲିଟର ରନ୍ଧା ମଦ, ୧୨୦୦ ଲିଟର ପୋଚ, ୧୭ ଲିଟର ବିଦେଶୀ ମଦ, ୬୬ ଲିଟର ଭାଟି ରନ୍ଧା ମଦ ଜବତ ହୋଇଥିବା ସୂଚନା ଦିଆଯାଇଛି। ନିରୀକ୍ଷକ ଶେଷଦେବ ଦାସ, ଗଙ୍ଗାଧର ପାଇକରାୟ, ପ୍ରଶାନ୍ତ କୁଅଁର, ଉପନିରୀକ୍ଷକ ଉମାକାନ୍ତ ସ୍ୱାଇଁ, ଦୁର୍ଯ୍ୟୋଧନ ଦିଗାଳ, ନବସ୍ମିତା ନାୟକ, ନିରଞ୍ଜନ ରାଉତ, ମୋହନ ପ୍ରଧାନ, ପାର୍ଥ ରାଉତ, ନିଳିମା ସ୍ୱାଇଁ, ତପସ୍ୱିନୀ ବରାଳ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ମଦ ଜବତ, ଜଣେ ଗିରଫ

**ଦିଗପହଣ୍ଡି,୨୧।୮(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସ ନିମଖଣ୍ଡିପେଣ୍ଠ ଗ୍ରାମରୁ ବିଧାନ ବଳିୟାର ସିଂଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସୋମବାର ସନ୍ଧ୍ୟାରେ ଅଭିଯୁକ୍ତ ବିଧାନ ଭୀଷ୍ମଗିରି ରାମଜୀ କଲେଜ ନିକଟ ରାସ୍ତା କଡ଼ରେ ରନ୍ଧା ଦେଶୀ ମଦ ବିକ୍ରି କରୁଥିବା ବେଳେ ପୋଲିସ ହାବୁଡ଼ରେ ପଡ଼ିଥିଲେ। ତାଙ୍କ ନିକଟରୁ ୨୦ ଲିଟର ବେଆଇନ ମଦ ଜବତ କରାଯାଇଥିଲା। ଥାନା କେସ ନଂ. ୧୪୦/୧୮ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି।

# ଛିଣ୍ଡିଲା ତାର, ଭାସିଗଲେ ୨ ଗର୍ଭବତୀ

- ଲଗାଣ ବର୍ଷା, ଖଡ଼ଗ ନଦୀରେ ବଢ଼ିଲା ଜଳସ୍ତର
- ୬ ଆହତ, ଉଦ୍ଧାର କଲେ ସାହସୀ ଯୁବକ
- ସରୁନି ପୋଲକାମ, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

**ଦାରିଙ୍ଗବାଡ଼ି,୨୧।୮(ଡି.ଏନ.ଏ.)**


ତାରରେ ନଦୀ ପାର ହେଉଛନ୍ତି ମହିଳା।

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଗତ କିଛି ଦିନ ହେଲା ଲଗାଣ ବର୍ଷା ଜାରି ରହିଛି। ଏଭଳି ପରିସ୍ଥିତିରେ ଟିକାପାଟା ନଦୀ ସମେତ ଖଡ଼ଗ ନଦୀରେ ଜଳସ୍ତର ବୃଦ୍ଧିପାଇଛି। ମଙ୍ଗଳବାର ବୁରାଙ୍ଗିଆ ଗ୍ରାମରୁ କିରିକୁଟି ପଞ୍ଚାୟତକୁ ସଂଯୋଗ କରୁଥିବା ଖଡ଼ଗ ନଦୀରେ ଜଳସ୍ତର ବୃଦ୍ଧି ଯୋଗୁ ଗ୍ରାମବାସୀ ନଦୀର ଦୁଇ ପାଖରେ ତାର ଭିଡ଼ି ଯାତାୟାତ କରୁଥିଲେ। ଏହି ତାର ଛିଣ୍ଡି ପଡ଼ିବାରୁ ୨ ଜଣ ଗର୍ଭବତୀଙ୍କ ସମେତ ୬ ଜଣ ନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ପ୍ରଥମେ ତଳେ ବନ୍ଧା ଯାଇଥିବା ତାରଟି ଛିଣ୍ଡି ପଡ଼ିବାରୁ ଗର୍ଭବତୀଙ୍କସମେତ ଅନ୍ୟମାନେ କିଛି ସମୟ ଓହଳି ହୋଇ ରହିଯାଇଥିଲେ। ପରବର୍ତ୍ତୀ ସମୟରେ ଉପର ତାର ମଧ୍ୟ ଛିଣ୍ଡି ପଡ଼ିବାରୁ ମହିଳାମାନେ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ସେମାନଙ୍କ ଚିତ୍କାର ଶୁଣି ଗ୍ରାମର କିଛି ଯୁବକ ନଦୀ ପାର ହୋଇ ଯିବାକୁ ଅପେକ୍ଷା କରିଥିବାରୁ ସେମାନେ ଉକ୍ତ ୬ ମହିଳାଙ୍କୁ ଉଦ୍ଧାର କରିବାକୁ ସାହସ ଜୁଟାଇ ନଦୀକୁ ଡେଇଁ ପ୍ରାୟ ୧ ଘଣ୍ଟା ଉଦ୍ୟମ କରି ସେମାନଙ୍କୁ ଉଦ୍ଧାର କରିଥିଲେ। ନଦୀରେ ଭାସିଯାଉଥିବା ଗର୍ଭବତୀ ସରସ୍ୱତୀ ଅମାୟତ ଏବଂ ପାର୍ବତୀ, ଅମାୟତ ରହିଛନ୍ତି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ୬୦ ବର୍ଷର ବୃଦ୍ଧା ସୈରେନ୍ଦ୍ରୀ ଅମାୟତ, ବିଳାସିନୀ ପ୍ରଧାନୀ,ତିଳୋତ୍ତମା ବିଷାଣି ଏବଂ ଶ୍ରୀମତୀ ଅମାୟତ ବୋଲି ଜଣାପଡ଼ିଛି। ସେମାନଙ୍କୁ ଉକ୍ତ ଗ୍ରାମର ସୁରଥ ମଲ୍ଲିକ, ରମେଶ ପ୍ରଧାନ ଏବଂ ବସନ୍ତ ଅମାୟତ ଉଦ୍ଧାର କରିଥିଲେ। ଖଡ଼ଗ ନଦୀରେ ଦୀର୍ଘ ବର୍ଷ ହେଲା ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିଲେ ସୁଦ୍ଧା ତାହା ମନ୍ଥର ଗତିରେ କରାଯାଉଛି। ଫଳରେ ଗ୍ରାମବାସୀ ନଦୀର ଦୁଇ ପାର୍ଶ୍ୱରେ ତାର ଭିଡ଼ି ଯାତାୟାତ କରୁଛନ୍ତି। ସୂଚନାଯୋଗ୍ୟ, ଗତ ୩ ବର୍ଷ ପୂର୍ବେ ଛାତ୍ରୀମାନେ ଉକ୍ତ ତାରରେ ଆସୁଥିବା ବେଳେ ତାହା ଛିଣ୍ଡି ପଡିବାରୁ ଛାତ୍ରୀମାନେ ଭାସିଯାଇଥିଲେ। ସହଯୋଗୀ ଛାତ୍ରୀ ଜଣେ ସେମାନଙ୍କୁ ଉଦ୍ଧାର କରି ଜିଲାସ୍ତରରେ ପୁରସ୍କୃତ ହୋଇଥିବା ନଜିର ରହିଛି।

# ବିଡିଓଙ୍କ କାର୍ଯ୍ୟକୁ ବିରୋଧ, ଭାଜପାର ଦାବିପତ୍ର

**ଫୁଲବାଣୀ ଅଫିସ, ୨୧।୮**

ଆମ ଗାଁ ଆମ ବିକାଶ ଯୋଜନାରେ ଚାଲିଥିବା ମନମୁଖି କାର୍ଯ୍ୟକୁ ବିରୋଧ କରି ଭାଜପା ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରାଯିବାକୁ ସେମାନେ ଜିଲାପାଳଙ୍କୁ ଅବଗତ କରିଛନ୍ତି। ଯଦି ଆଗାମୀ ଦିନରେ ସେପରି କିଛି ପଦକ୍ଷେପ ନିଆ ନ ଯାଏ, ତାହାଲେ ଭାଜପା ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଚେତାବନୀ ଦେଇଛି। ସରକାର ଯେଉଁ ଯୋଜନା କରୁଛନ୍ତି, ତାର କାର୍ଯ୍ୟକାରିତା ଜନସାଧାରଣଙ୍କ ଟ୍ୟାକ୍ସରେ ହୁଏ। ଏବେ ଆମ ଗାଁ ଆମ ବିକାଶ ଯୋଜନା ଚାଲିଛି। ଏଥିରେ କୌଣସି ସ୍ୱଚ୍ଛତା ଅବଲମ୍ବନ କରାଯାଉନାହିଁ। ଆୟୋଜିତ ଏହି କାର୍ଯ୍ୟ ପାଇଁ ସିଧାସଳଖ ବିଡିଓମାନେ ସରପଞ୍ଚ ଏବଂ ନିର୍ବାହୀ ଅଧିକାରୀଙ୍କୁ ଚାନ୍ଦା ମାଗୁଛନ୍ତି। ଗତ ୧୬ ତାରିଖରେ ଟିକାବାଲିରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟମନ୍ତ୍ରୀ ଆମ ଗାଁ ଆମ ବିକାଶ ଯୋଜନାରେ ୨ କୋଟି ୧୫ ଲକ୍ଷ ଟଙ୍କା ବ୍ୟୟବରାଦ ପାଇଁ ଘୋଷଣା କରିଛନ୍ତି। ଏହି ସମାବେଶରେ ପ୍ରାୟ ୬ ହଜାର ବ୍ୟକ୍ତି ଉପସ୍ଥିତ ଥିଲେ। ସେମାନଙ୍କ ଖାଇବା ପିଇବା, ନେବା ଆଣିବା ପାଇଁ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏଥିଲାଗି ସରପଞ୍ଚ ଏବଂ ନିର୍ବାହୀ ଅଧିକାରୀଙ୍କ ପାଖରୁ ୨୦ ହଜାର ଲେଖାଏ ଟଙ୍କା ମଗାଯାଇଛି। ସରକାରୀ କାର୍ଯ୍ୟକ୍ରମ ପାଇଁ ସରକାର ୨ ପ୍ରତିଶତ କଣ୍ଟିଜେନସି ରଖିଛନ୍ତି। ଏଥିରୁ ବିଡିଓମାନେ ଖର୍ଚ୍ଚ ନ କରି ଚାନ୍ଦା ଆଦାୟ କରୁଛନ୍ତି। ଏପରିକି ଗୋଟିଏ ଗୋଟିଏ ବ୍ଲକରୁ ୫୦ ହଜାର ଟଙ୍କା ଲେଖାଏ ମଗାଯାଇଛି। ଯେଉଁମାନେ ନ ଦେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଧମକ ଦିଆଯାଇଛି। ଯଦି ଏହାର ଅନ୍ତ ନ ଘଟେ ତାହାଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଭାଜପା ଜିଲା ସଭାପତି ଲିଙ୍ଗରାଜ ଦଳବେହେରା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ମକରଧ୍ୱଜ ମଲ୍ଲିକ, ନଗର ସଭାପତି ସନ୍ତୋଷ କୁମାର ପଣ୍ଡା, ଉପ ସଭାପତି ତପନ କୁମାର ପାଢ଼ୀ, ସାଧାରଣ ସମ୍ପାଦକ ତପନ କୁମାର ପାତ୍ର, ମହିଳା ମୋର୍ଚ୍ଚା ସଭାପତି ଅର୍ଚ୍ଚନା ପ୍ରଧାନ, ସାଧାରଣ ସମ୍ପାଦିକା ସ୍ମିତାରାଣୀ ମହାନ୍ତି ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଅଟୋ ଓଲଟି ସ୍କୁଲ ଛାତ୍ରୀଙ୍କ ସମେତ ୧୦ ଆହତ

**ମୋହନା,୨୧।୮(ଡି.ଏନ୍.ଏ.)**

ମୋହନା ବ୍ଲକ ଅଡବା ଥାନା ବାଡେଗୁଡା ପଞ୍ଚାୟତ ନିକଟ ଶିମିଳି ଘାଟିରେ ଅଟୋ ଓଲଟି ସ୍କୁଲ ଛାତ୍ରୀଙ୍କ ସମେତ ୧୦ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁଣ୍ଡିମା ଆଦର୍ଶ ବିଦ୍ୟାଳୟରୁ ଅପରାହ୍ନ ସାଢେ ୪ଟାରେ ଅଟୋ (ନଂ. ଓଡି୦୭ ଏନ-୧୫୧୧)ଯୋଗେ ଛାତ୍ରୀ ଓ କେତେକ ଯାତ୍ରୀ ଶିମିଳି ଫେରୁଥିବାବେଳେ ଶିମିଳି ଘାଟି ବୁଲାଣିରେ ଗାଈ ନେଇ ଯାଉଥିବା ଗାବ୍ରିଏଲ୍ ମାଝିଙ୍କୁ ଅଟୋଟି ଧକ୍କା ଦେଇଥିଲା। ଦୁର୍ଘଟଣାପରେ ଅଟୋଟି ଓଲଟି ପଡିଥିଲା। ଫଳରେ ଏଥିରେ ଥିବା ଶିମିଳି ଗ୍ରାମର ଗୁଣ୍ଡିମା ଆଦର୍ଶ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ପଢୁଥିବା ଛାତ୍ରୀ ରୁପାଲି ମଳିକ, ମିଖଲ ମଳିକ, ସ୍ୱପ୍ନା ମଳିକ, ଜୟରାମ ମଳିକ, ଅଡବା ସରକାରୀ ଉଚ୍ଚ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଛାତ୍ରୀ ଏଷ୍ଟରି ମଳିକ, ୧୦ମ ଶ୍ରେଣୀ ଛାତ୍ରୀ ପୁନମ ନାୟକ, ଗୁଣ୍ଡିମା ଏମ୍‌ଇ ସ୍କୁଲ ଷଷ୍ଠ ଶ୍ରେଣୀ ଛାତ୍ରୀ ପୂଜାରାଣୀ ନାୟକ, ଅଷ୍ଟମ ଶ୍ରେଣୀ ଛାତ୍ରୀ ସାହିଜକୁ ନାୟକ, ଶିମିଳି ଗ୍ରାମର କୁନାଲ ମଳିକ। ଗୁରୁତର କୁନାଲ, ସ୍ୱପ୍ନା ଓ ଗାବ୍ରିଏଲଙ୍କୁ ବ୍ରହ୍ମପୁର ବଡମେଡିକାଲ ପଠାଯାଇଛି। ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଡିଓ ବଂଶୀଧର ଖୋସଲା, ଡବ୍ଲ୍ୟୁଇଓ ସୀମାଞ୍ଚଳ ବେହେରା, ସିଡିପିଓ ମେନକା ଦେବୀ, ଜିଲା ପରିଷଦ ଅଧ୍ୟକ୍ଷା ଅନିତା ରାଣୀ ବେହେରା ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

### ମା' ସିଦ୍ଧ ଭୈରବୀ ମନ୍ଦିର ପରିଚାଳନା ବିବାଦ

# ସମାଧାନ ନେଇ ତହସିଲଦାରଙ୍କ ବୈଠକ


ବୈଠକରେ ତହସିଲଦାର ଓ ଅନ୍ୟମାନେ।

**କନିଷି,୨୧।୮(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ ମନ୍ତ୍ରିଡ଼ି ଗ୍ରାମସ୍ଥିତ ମା' ସିଦ୍ଧ ଭୈରବୀ ମନ୍ଦିରରେ ୨୦ ବର୍ଷ ହେଲା ବିବାଦ ଲାଗି ରହିଛି। ପରିଚାଳନା କମିଟି ଓ ସେବାୟତ, ଟ୍ରଷ୍ଟିମାନଙ୍କ ମଧ୍ୟରେ ଚାଲିଥିବା ଏହି ବିବାଦ ବିଗତ ଦିନରେ ଥାନାରେ ପହଞ୍ଚିବା ସହ ଜିଲାପାଳ, ଏଣ୍ଡାଓମେଣ୍ଟ କମିଶନ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ମାତ୍ର କୌଣସି ସମାଧାନର ପନ୍ଥା ବାହାରି ନ ଥିଲା। ଏନେଇ ମଙ୍ଗଳବାର କନିଷି ତହସିଲଦାର ଡ. ଶରତ ଚନ୍ଦ୍ର ମହାପାତ୍ର ସିଦ୍ଧ ଭୈରବୀ ମନ୍ଦିରର ଉନ୍ନତି ସହ କିଭଳି ଶାନ୍ତି ଶୃଙ୍ଖଳାରେ ମନ୍ଦିର ପରିଚାଳନା ହେବ ସେନେଇ ମନ୍ତ୍ରିଡ଼ି ଗ୍ରାମର ସେବାୟତ ଓ ଟ୍ରଷ୍ଟିମାନଙ୍କୁ ନେଇ ତହସିଲ କାର୍ଯ୍ୟାଳୟରେ ଏକ ବୈଠକ କରିଥିଲେ। କମିଟିର ସଦସ୍ୟମାନେ ଦାନ ହୁଣ୍ଡିରୁ ଲକ୍ଷଲକ୍ଷ ଟଙ୍କା ହେରଫେର କରୁଛନ୍ତି। ତେଣୁ ଆପଣ ଉଚ୍ଚ ଅଧିକାରୀଙ୍କୁ ଜଣାଇ ତୁରନ୍ତ ସେମାନଙ୍କୁ କମିଟିରୁ ବାହାର କରନ୍ତୁ। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଦାନ ହୁଣ୍ଡିରୁ ମିଳୁଥିବା ଅର୍ଥରେ ମନ୍ଦିରର ଉନ୍ନତି କରାଯାଉ ବୋଲି ସେବାୟତ ଓ ଟ୍ରଷ୍ଟିମାନେ ତହସିଲଦାରଙ୍କୁ ଅନୁରୋଧ କରିଥିଲେ। ତହସିଲଦାର ଡ. ମହାପାତ୍ର ତୁରନ୍ତ ସରକାରଙ୍କୁ ଏ ବିଷୟରେ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ମନ୍ଦିର ମୁଖ୍ୟ ସେବାୟତ ଭୈରବ ରଣା, ସନ୍ତୋଷ ରଣା, ଦୀନବନ୍ଧୁ ରଣା, ଦେବରାଜ ରଣା, ଗୋକୁଳ ରଣା, କାଳୁ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ : ୨ ଆହତ, ୩ ଗିରଫ

**ଆସିକା,୨୧।୮ (ଡି.ଏନ୍.ଏ)**

ଗାଙ୍ଗପୁର ଥାନା ଲଣ୍ଡାଜୁଆଳି ଗ୍ରାମର ଦୁଇ ପରିବାର ମଧ୍ୟରେ ସାମାନ୍ୟ କଥାକୁ କେନ୍ଦ୍ର କରି ଗଣ୍ଡଗୋଳ ଓ ପରେ ହାତାହାତି ହୋଇଥିଲା। ଏଥିରେ ଗୋଟିଏ ପକ୍ଷରୁ ସନ୍ତୋଷ ପୋଲଇ ଓ ଅନ୍ୟ ପକ୍ଷର ସତ୍ୟ ପୋଲାଇ ଆହତ ହୋଇଛନ୍ତି। ସେମାନେ ବାଲିସିରା ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ପରସ୍ପର ବିରୋଧରେ ଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ସତ୍ୟଙ୍କୁ ଠେଙ୍ଗାରେ ଆକ୍ରମଣ କରାଯାଇଥିବା ନେଇ ହୋଇଥିବା ଅଭିଯୋଗକୁ ଭିତ୍ତିକରି ନଂ. ୧୧୦/୧୮ରେ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ସନ୍ତୋଷଙ୍କ ସମେତ ରିପୁ ପୋଲାଇଙ୍କୁ ଗିରଫ କରାଯାଇଛି । ସେହିପରି ସନ୍ତୋଷଙ୍କୁ ଖଣ୍ଡାରେ ଆକ୍ରମଣ କରାଯାଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧୧/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତ ସତ୍ୟଙ୍କୁ ଗିରଫ କରିଛି । ଉଭୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

# ଜିଲାପାଳଙ୍କ ଏମ୍‌କେସିଜି ସ୍ୱତନ୍ତ୍ର ବିଦ୍ୟାଳୟ ପରିଦର୍ଶନ

**ମୋହନା,୨୧।୮(ଡି.ଏନ୍.ଏ.):** ଗଜପତି ଜିଲାପାଳ ଅନୂପ ସାହା ମଙ୍ଗଳବାର ମୋହନା ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଗଜପତି ଜିଲାର ଏକମାତ୍ର ଭିନ୍ନକ୍ଷମ ସ୍ୱତନ୍ତ୍ର ବିଦ୍ୟାଳୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟକୁ ଜିଲାପାଳ ସାହା ପରିଦର୍ଶନରେ ଆସି ବିଦ୍ୟାଳୟର ଶ୍ରେଣୀ କକ୍ଷ, ନିର୍ମାଣାଧିନ ଶ୍ରେଣୀଗୃହ, ସ୍ପିଚ୍ ଥେରାପିଷ୍ଟ କକ୍ଷ, ଶୌଚାଳୟ ବୁଲି ଦେଖିଥିଲ। ବଧିର ଛାତ୍ରୀଛାତ୍ରମାନଙ୍କୁ କିଭଳି ସ୍ପିଚ ଥେରାପିଷ୍ଟ ଦିଆଯାଉଛି ତାହା ଅନୁଧ୍ୟାନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଜିଲାପାଳଙ୍କୁ ପାଚେରୀ ନିର୍ମାଣ, ମଧ୍ୟାହ୍ନଭୋଜନ ଓ ପୋଷାକ ବିତରଣ ପାଇଁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବଂଶୀଧର ଖୋସଲା, ଡବ୍ଲ୍ୟୁଇଓ ସୀମାଞ୍ଚଳ ବେହେରା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ପର୍ଶୁରାମ ସେଠୀ, ସିଡିପିଓ ମେନକା ଦେବୀ ପ୍ରମୁଖ ପରିଦର୍ଶନ ବେଳେ ଜିଲାପାଳଙ୍କ ସହ ଉପସ୍ଥିତ ଥିଲେ। ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଦଣ୍ଡାସୀ ସାହୁ, ଉପଦେଷ୍ଟା ସୁରେନ୍ଦ୍ର ଜେନା, ଜୟ ପ୍ରକାଶ ପାଇକ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ଏହାପରେ ଜିଲାପାଳ ଗୁଣ୍ଡିମା ଆଦର୍ଶ ବିଦ୍ୟାଳୟ, କାଟାମା ପଞ୍ଚାୟତ ଓ ହାଇସ୍କୁଲ ଏବଂ ହରଭଙ୍ଗୀ ଡ୍ୟାମ ପରିଦର୍ଶନ କରିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ /ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର


@ ମନୋଜ


@ ମଉନା


@ ସଞ୍ଜୟ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ୱାର୍ଡମେମ୍ବରଙ୍କୁ ନେଇ ବ୍ଲକସ୍ତରୀୟ କମିଟି ଗଠିତ

**ରାଇକିଆ,୨୧।୮(ଡି.ଏନ.ଏ)**

କନ୍ଧମାଳ ଜିଲା ରାଇକିଆ ବ୍ଲକର ସମସ୍ତ ୱାର୍ଡ ମେମ୍ବରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଜିଲା କାର୍ଯ୍ୟକାରିଣୀ ସଭାପତି ପ୍ରତାପ କିଶୋର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ସ୍ତରୀୟ କମିଟି ଗଠନ ପାଇଁ ନିଷ୍ପତ୍ତି ହୋଇଥିଲା। ସଭାପତି ଭାବେ ସଞ୍ଜୀବ ବେହେରା, କାର୍ଯ୍ୟକାରିଣୀ ସଭାପତି ଭାବେ ଲକ୍ଷ୍ମଣ ପ୍ରଧାନ, ଉପ ସଭାପତି ଜ୍ୟୋତି ରଞ୍ଜନ ଦିଗାଳ, ଶ୍ୱେତ ଦିଗାଳ, ସାଧାରଣ ସମ୍ପାଦକ ବିଜୟ କିଶୋର ପ୍ରଧାନ, ସହ ସମ୍ପାଦକ ସୁରଜ କୁମାର ନାୟକ, ତାରାବତୀ ପ୍ରଧାନ, କୋଷାଧ୍ୟକ୍ଷ ଯମରାଜ ପ୍ରଧାନ, ସହ କୋଷାଧ୍ୟକ୍ଷ ଭାବେ ସୁଶୀଳ ପ୍ରଧାନଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ୱାର୍ଡମେମ୍ବରଙ୍କ ଭତ୍ତା ବୃଦ୍ଧି, ମାସିକ ବେତନ ଲାଗୁ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନରେ ୱାର୍ଡ ମେମ୍ବରଙ୍କୁ ସାମିଲ କରାଯିବା ନେଇ ଦାବି ଉପସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା। ଶେଷରେ ଲକ୍ଷ୍ମଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




(Regd. No. MSCS/CR/333/2010)

**SAHARA CREDIT COOPERATIVE SOCIETY LIMITED**
Regd. Office: Sahara India Bhawan, 1, Kapoorthala Complex, Aliganj, Lucknow-226024 , Telefax : 0522-2330155

**NOTICE**

The 9th Annual General Body Meeting of the members of Sahara Credit Cooperative Society Limited is scheduled to be held on Friday, 7th September, 2018 at 11.00 A.M. at 3rd Floor, Sahara India Tower, 7, Kapoorthala Complex, Lucknow- 226024.

**BUSINESS ON AGENDA**
1. To confirm the minutes of last Annual General Body Meeting.
2. To consider and adopt the audited financial statement of accounts for the financial year 2017-2018.
3. To consider and approve the Audit Report and Annual Report for the financial year 2017-18.
4. To consider the audit compliance report.
5. To consider the creation of specific reserve and other funds.
6. To announce dividend distribution for the financial year 2017-18.
7. To consider the disposal of net profit.
8. To approve the annual budget for the financial year 2019-20.
9. To approve the annual action plan for the financial year 2019-20.
10. To consider and approve the appointment of Statutory Auditors.
11. To consider the list of employees who are relatives of members of the Board or of the Managing Director.
12. To consider and Approve the Amendment in the bye-laws of the Society.
13. Any other item, if any, with the permission of Chairperson.

By order of the Board
**For Sahara Credit Cooperative Society Limited**
Sd/-
Managing Director

Place: Lucknow
Date: 13/08/2018

**Note:** Please note that if there is no quorum within half an hour of the time fixed for the scheduled meeting, the meeting shall be adjourned and the adjourned meeting shall be held at 12:00 noon on the same day i.e. 7th September, 2018 to transact the agenda items as aforesaid and that no quorum shall be necessary for transacting the business in the adjourned meeting so held.

**IN THE COURT OF CIVIL JUDGE, SENIOR DIVISION, BHUBANESWAR**
**M.S. No.: 1784/2013**

**State Bank of India, KIIT Square Branch, Bhubaneswar,** through Stressed Assets Recovery Branch, Bhubaneswar by its City Case Officer ...Plaintiff

Versus

**Narottam Mohanty** ...Defendant

To,
**Narottam Mohanty,** S/o: Muralidhar Mohanty, Permanent Vill.: Gadasahee, P.O.: Mangalpur, Via: Soro, Dist.: Balasore-756045. Residing at- HIG-6/304, Bank Colony, Kesura, P.O.: Kesura, Bhubaneswar. Working at Yes Bank Ltd., Plot No.: 31, Bapuji Nagar, Bhubaneswar-9.

**NOTICE UNDER ORDER-5 RULE-20 C.P.C.**

Take notice that the Plaintiff has filed a suit against you for realization of **Rs.2,09,312/-** (Rupees Two lakhs nine thousand three hunderd twelve) with P.I. & F.I. and you are avoiding the service of summons, for which summons can not be served on you in normal course.

You are thereby directed to appear in this Court on **12.11.2018 10.30 A.M.** in person or by a Pleader duly instructed by you to answer all points in the above said suit failing which suit shall be heard and determined in your absence.

Given under my hand and seal of this Court on **18th day of August of 2018.**

**Sd/- Civil Judge, Senior Division Bhubaneswar**

**IN THE COURT OF CIVIL JUDGE, SENIOR DIVISION, BHUBANESWAR**
**M.S. No.: 1783/2013**

**State Bank of India, KIIT Square Branch, Bhubaneswar,** through Stressed Assets Recovery Branch, Bhubaneswar by its City Case Officer ...Plaintiff

Versus

**Raj Kishore Das** ...Defendant

To,
**Raj Kishore Das,** S/o: Sarat Chandra Das, Permanent Vill.: Kahana Raheswar, P.O.: Narada, Via: Tendakuda, Dist.: Kendrapara. Residing at- Plot No.: 4647, Adimata Colony, Mancheswar, P.O.: Mancheswar R.S., Bhubaneswar-17. Working as Electrician at Kalinga Institute of Medical Science, KIIT Campus, P.O.: KIIT, Bhubaneswar-24.

**NOTICE UNDER ORDER-5 RULE-20 C.P.C.**

Take notice that the Plaintiff has filed a suit against you for realization of **Rs.1,04,793/-** (Rupees One lakh four thousand seven hunderd ninety three) with P.I. & F.I. and you are avoiding the service of summons, for which summons can not be served on you in normal course.

You are thereby directed to appear in this Court on **12.11.2018 10.30 A.M.** in person or by a Pleader duly instructed by you to answer all points in the above said suit failing which suit shall be heard and determined in your absence.

Given under my hand and seal of this Court on **18th day of August of 2018.**

**Sd/- Civil Judge, Senior Division Bhubaneswar**

See Career Appointment on every Wednesday & Saturday



“ ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ରାସ୍ତା କାର୍ଯ୍ୟର ତଦନ୍ତ ନିର୍ଦ୍ଦେଶ

**ବ୍ରହ୍ମପୁର ଅଫିସ୍,୨୧।୮ :**କୁକୁଡ଼ାଖଣ୍ଡି ବ୍ଲକ ରୋହିଗାଁରୁ ପାଣ୍ଡିଆଝୋଲି ପର୍ଯ୍ୟନ୍ତ ୫ କିମି ରାସ୍ତା ୧୩କୋଟି ଟଙ୍କାରେ ନିର୍ମାଣ ଚାଲିଛି। ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନ ହୋଇ ଅଧପନ୍ତରିଆ ଭାବେ ପଡ଼ିରହିଛି । ରାସ୍ତା ପାର୍ଶ୍ୱ ବିନା ଲୁହା ଛଡ଼ରେ କରାଯାଇଛି । ଏପରିକି ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଛି । ବିଭାଗୀୟ ଯନ୍ତ୍ରୀଙ୍କୁ ତଦାରଖ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ସେ ତଦାରଖ କରୁନାହାନ୍ତି । ଅନ୍ୟପଟେ ରାସ୍ତା ଅଧାପନ୍ତରିଆ ରହିଥିବା ଯୋଗୁ ଅଞ୍ଚଳବାସୀ ୧୫କିମି ବୁଲି ବୁଲି ଯାଉଛନ୍ତି । ସାମାନ୍ୟ ବର୍ଷା ହେଲେ ପାଣି ଜମି ରହୁଛି। ଚାଷ ଜମିକୁ ପାଣି ଯାଇ ଫସଲ ନଷ୍ଟ ହେଉଛି । ଏମ୍‌ପିଙ୍କ ପ୍ରତିନିଧି ସନାତନ ସିଂ ଏ ସମ୍ପର୍କରେ ରାଜ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ମନ୍ତ୍ରୀ ପାତ୍ର ଗୁରୁତର ସହ ନେଇ ଏହାର ତଦନ୍ତ କରିବାକୁ ଦୁର୍ନୀତି ନିବାରଣ ମହାନିର୍ଦ୍ଦେଶକ ଓ ପୂର୍ତ୍ତ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

### ଭୈରବୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ

**ବ୍ରହ୍ମପୁର ଅଫିସ୍,୨୧।୮:** ମୋହଡ଼ା ସ୍ଥିତ ଭୈରବୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ନିରଞ୍ଜନ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ । ବିଜ୍ଞାନ ଶିକ୍ଷକ ତଥା ଗଞ୍ଜାମ ଜିଲା ପିଲାଙ୍କ ବିଜ୍ଞାନ କଂଗ୍ରେସ ସଂଯୋଜକ ଗୋକୁଳକୃଷ୍ଣ ପଣ୍ଡା ସଂଯୋଜନା କରିଥିଲେ । ଏହି ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ୪୧ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ ବିଶ୍ୱନାଥ ପଣ୍ଡା, ବିପିନ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ବିଷୋୟୀ, ମନସ୍ୱିନୀ ଦାସ, ଇତିଶ୍ରୀ ପାଢୀ, ଲାଲ୍‌ମୋହନ ନାହକ, ସୁରେଶ ଗୌଡ଼, ରାମଚନ୍ଦ୍ର ପ୍ରଧାନ ଓ ଅରକ୍ଷିତ ବେହେରା ପରିଚାଳନାରେ ସହଯୋଗ କରିଥିଲେ। ଅଭିଭାବକ-ଶିକ୍ଷକ ସଂଘ ସଭାପତି ଭଗବାନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଦର୍ଶନୀରେ ୫ ପ୍ରକଳ୍ପ ସମେତ ସମସ୍ତ ପ୍ରକଳ୍ପର ପ୍ରସ୍ତୁତକର୍ତ୍ତାଙ୍କୁ ପୁରସ୍କୃତ କରାଯାଇଥିଲା। ଗତ ୨ ବର୍ଷ ହେଲା ଏଭଳି ପ୍ରତିଯୋଗିତା ଆୟୋଜନ କରାଯାଉଛି ।

### ସଂସ୍କାରବାଦୀ ଅନୁଷ୍ଠାନର ସ୍ମୃତି ସଭା

**ବ୍ରହ୍ମପୁର ଅଫିସ,୨୧।୮:**ଓଡିଆ ଭାଷାର ବିକାଶ ପାଇଁ ବିଚ୍ଛିନ୍ନାଞ୍ଚଳ ତଥା ଝାଡଖଣ୍ଡ ରାଜ୍ୟରେ କାର୍ଯ୍ୟ କରିଥିବା ଭାଷାପ୍ରେମୀ କାଳୀପ୍ରସାଦ ସାମନ୍ତରାୟଙ୍କ ବିୟୋଗ ହୋଇଯାଇଛି । ଏନେଇ ସୋମବାର ବ୍ରହ୍ମପୁର ସାମାଜିକ ଅନୁଷ୍ଠାନ ସଂସ୍କାରବାଦୀ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ତ୍ରିନାଥ ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ସମାନ୍ତରାୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବୃନ୍ଦାବନ ଖଟେଇ, ସଞ୍ଜୟ କୁମାର ମାଝି, ତରୁଣ କୁମାର ପଣ୍ଡା, ରମେଶ ଚନ୍ଦ୍ର ମହାନ୍ତି, କାଶୀନାଥ ବେହେରା, ସୂର୍ଯ୍ୟନାରାୟଣ ବେହେରା ପ୍ରମୁଖ ଓଡିଆ ଭାଷାର ବିକାଶ କ୍ଷେତ୍ରରେ ସ୍ୱର୍ଗତ ସାମନ୍ତରାୟଙ୍କ ଅବଦାନ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ। ଝାଡଖଣ୍ଡ ରାଜ୍ୟର ପୂର୍ବତନ ମନ୍ତ୍ରୀ ଡ. ଦୀନେଶ ଷଡଙ୍ଗୀଙ୍କ ଉପରେ ଚାପ ପକାଇ ସେହି ରାଜ୍ୟରେ ଓଡିଆ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ଦେବାକୁ ସ୍ୱର୍ଗତ ସାମନ୍ତରାୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ନେଇ ସଭାପତି ମତପ୍ରକାଶ କରିଥିଲେ ।

### ଗଞ୍ଜେଇ ଜବତ, ୨ ଗିରଫ

**ଦାରିଙ୍ଗବାଡ଼ି,୨୧।୮(ଡି.ଏନ.ଏ.):** ଦାରିଙ୍ଗବାଡ଼ି ଥାନା ପକ୍ଷରୁ ମଙ୍ଗଳବାର ଏକ କାର ସହ ୩୫ କେଜି ଗଞ୍ଜେଇ ଜବତ କରାଯାଇଛି । ଏଥିରେ ସମ୍ପୃକ୍ତ ଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ସେମାନେ ହେଲେ ପୁରୀ ଜିଲା କଣାସ ଥାନା ତରଡ଼ା ଗ୍ରାମର ମନୋଜ କୁମାର ବେହେରା ଏବଂ ଖୋର୍ଦ୍ଧା ଜିଲା ପୋଖରୀପୁଟ ଥାନା କାରଗିଲ ରୋଡ଼ର ଗୋଲକ ଚନ୍ଦ୍ର ବେହେରା ବୋଲି ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀ କହିଛନ୍ତି । ସେମାନଙ୍କ ନାମରେ ମାମଲା (୧୧୪/୧୮) ରୁଜୁ କରାଯାଇଛି । ବାଲିଗୁଡ଼ା ଅଞ୍ଚଳରୁ ଉକ୍ତ ୨ଜଣ ଏକ କାର ନଂ. (ଓଡି-୦୨ଏଫ-୬୨୫୨)ରେ ଗଞ୍ଜେଇ ନେଇ ଭୁବନେଶ୍ୱର ଯାଉଥିବା ବେଳେ ବାଲିଗୁଡ଼ା ଏସଡିପିଓ ନିତିନ କୁସାଲକରଙ୍କୁ ଖବର ମିଳିଥିଲା । ତାଙ୍କ ନେତୃତ୍ୱରେ ଦାରିଙ୍ଗବାଡ଼ି ପୋଲିସ ସିମନବାଡ଼ିର ବୁଡାଗୁଡ଼ା ଛକରେ କାର ସହ ଗଞ୍ଜେଇ ଜବତ କରିଥିଲା ।

# କେରଳ ବନ୍ୟା: ୧୦୦ରୁ ଊର୍ଦ୍ଧ୍ୱ ଫେରିଲେ ଓଡ଼ିଶା

**ବ୍ରହ୍ମପୁର ଅଫିସ,୨୧।୮**



କେରଳରେ ଫସିରହିଥିବା ଓଡିଆମାନେ ଟ୍ରେନ ଯୋଗେଁ ଆସି ବ୍ରହ୍ମପୁରରେ ପହଞ୍ଚିଛନ୍ତି ।

କେରଳରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ଫସିଥିବା ଓଡିଆ ଲୋକମାନେ ଧୀରେ ଧୀରେ ନିଜ ରାଜ୍ୟ ଓଡିଶାକୁ ଫେରୁଛନ୍ତି । ମଙ୍ଗଳବାର ଗଞ୍ଜାମ, କନ୍ଧମାଳ, ଗଜପତି ଓ ନୟାଗଡ ଜିଲାର ୧୦୦ରୁ ଊର୍ଦ୍ଧ୍ୱ ଲୋକ କେରଳରୁ ଆସୁଥିବା ସ୍ୱତନ୍ତ୍ର ଟ୍ରେନ ଯୋଗେ ବ୍ରହ୍ମପୁର ଷ୍ଟେଶନରେ ଅପରାହ୍ନ ପ୍ରାୟ ୧ଟାରେ ପହଞ୍ଚିଥିଲେ । ସେହିପରି ରାତି ୮.୩୦ମିନିଟ୍‌ରେ ଆସୁଥିବା ଆଉ ଏକ ଟ୍ରେନ ଓ ବିଳମ୍ବିତ ରାତି ୧୨.୩୦ ଆସୁଥିବା ଆଉ ଏକ ସ୍ୱତନ୍ତ୍ର ଟ୍ରେନରେ ଦୁଇଟି ପର୍ଯ୍ୟାୟରେ କେତେକ ଲୋକ ଆସିବେ ବୋଲି ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଦିନବେଳେ ଆସିଥିବା ଲୋକମାନେ ବ୍ରହ୍ମପୁରରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ମଧ୍ୟାହ୍ନଭୋଜନ ଦିଆଯିବା ପରେ ସମସ୍ତେ ବସ୍ ଯୋଗେ ନିଜ ଗ୍ରାମକୁ ଫେରିଥିବା ଜଣାପଡିଛି ।

ସୂଚନା ଅନୁଯାୟୀ, କେରଳରେ ହୋଇଥିବା ଭୟଙ୍କର ବନ୍ୟାରେ ଅଧିକାଂଶ ଅଞ୍ଚଳ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏହି ବନ୍ୟାରେ କେରଳରେ ବିଭିନ୍ନ କାମ କରୁଥିବା କେତେକ ଓଡିଆ ସେଠାରେ ଫସି ଯାଇଥିଲେ। ଏହା ଜଣାପଡିବା ପରେ ଓଡିଶା ସରକାର ସେମାନଙ୍କୁ ଉଦ୍ଧାର କରି ନିଜ ରାଜ୍ୟକୁ ଫେରାଇ ଆଣିବାକୁ ଉଦ୍ୟମ ଆରମ୍ଭ କରିଥିଲେ। ଏନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏକ ୧୩ ଜଣିଆ ପ୍ରତିନିଧି ଦଳ ସେଠାରେ ଥିବା ଓଡିଆ ଲୋକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା ଚଳାଇଛନ୍ତି। ସୂଚନାପ୍ରକାରେ ମଙ୍ଗଳବାର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଗଞ୍ଜାମ, ଗଜପତି, ଫୁଲବାଣୀ ଓ ଗଞ୍ଜାମ ଜିଲାର ଲୋକେ ଫେରିଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ଲୋକ ପରିବାର ସହ ସେଠାକୁ ବୁଲିବାକୁ ଯାଇ ବନ୍ୟାରେ ଫସିଥିବା ବେଳେ ଆଉ କେତେକ ସେଠାରେ ରହି ଶ୍ରମିକଭାବେ କାର୍ଯ୍ୟ କରୁଥିଲେ ବୋଲି ଜଣାପଡିଛି । ସୂଚନାନୁସାରେ, ୧୮ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିଥିଲା । ଅଧିକାଂଶ ସ୍ଥାନରେ ପାଣି ଜମିଥିବା ଯୋଗୁ ବସ୍ ଚଳାଚଳ ବ୍ୟାହତ ହୋଇଥିବା ବେଳେ କେରଳର ତ୍ରିଚୁର ନାମକ ସ୍ଥାନରେ ଫସି ରହିଥିବା ଗଞ୍ଜାମ ଜିଲାର ୧୫ରୁ ଊର୍ଦ୍ଧ୍ୱ ଶ୍ରମିକ ପାଲଗଡ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରୁ ସେମାନେ ବାହାରି ତାମିଲନାଡୁର କୋଏମ୍ବାଟୁର ପର୍ଯ୍ୟନ୍ତ

> ■ସ୍ୱତନ୍ତ୍ର ଟ୍ରେନ ଯୋଗେ ବ୍ରହ୍ମପୁରରେ ପହଞ୍ଚିଲେ
>
> ■ବଖାଣିଲେ କରୁଣ କାହାଣୀ

ଆସି, ସେଠାରୁ ଆଉ ଏକ ଟ୍ରେନ ଯୋଗେ ଚେନ୍ନାଇ ଓ ସେଠାରୁ ବିଜୟୱାଡା ପରେ ବିଶାଖାପାଟଣାରେ ପହଞ୍ଚି ସ୍ୱତନ୍ତ୍ର ଟ୍ରେନ ଏର୍ନାକୁଲମ ସାନ୍ତରାଗାଛି ଯୋଗେ ବ୍ରହ୍ମପୁରରେ ପହଞ୍ଚିଥିବା ସେମାନେ ବଖାଣିଛନ୍ତି । ଗଞ୍ଜାମ ବ୍ଲକ୍‌ର ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଏକ ହୋଟେଲରେ କାମ କରିବା ପାଇଁ ଅଗଷ୍ଟ ୧ ତାରିଖରେ ସେ କେରଳ ଯାଇଥିଲେ। ୬ ରୁ ୭ ଦିନ ଧରି ଲଗାତର ବର୍ଷା ହୋଇଥିଲା । ଯେଉଁଠିରେ ସେ ରହୁଥିବା ଅଞ୍ଚଳରେ ୨ ମହଲା କୋଠା ଉଚ୍ଚରେ ପାଣି ମାଡି ଯାଇଥିଲା। ବନ୍ୟା ଦୃଶ୍ୟ ଦେଖିବା ଅତି ହୃଦୟ ବିଦାରକ ଥିଲା ବୋଲି ସେ କହିଛନ୍ତି। ଆଖି ଆଗରେ ଘରର ଜିନିଷ ପତ୍ର, ମଣିଷ, ପଶୁ ଭାସିଯିବା ଭଳି ଦୃଶ୍ୟ ଦେଖିବା ତାଙ୍କ ଜୀବନର ଏକ କଳାଦିନ ବୋଲି ସେ ବର୍ଣ୍ଣନା କରିଛନ୍ତି । ସେହିପରି ଗଞ୍ଜାମ ପାଟପୁର ଅଞ୍ଚଳର କହ୍ନେଇ ଗୌଡ ମଧ ତାଙ୍କ ବନ୍ୟା ସମୟର ଦୃଶ୍ୟ ବର୍ଣ୍ଣନା କରିବା ଅସମ୍ଭବ ହେବ ବୋଲି କହିଛନ୍ତି। ସେ କହିଛନ୍ତି, ଓଡିଶାରେ ୧୯୯୯ରେ ହୋଇଥିବା ମହାବାତ୍ୟାଠାରୁ କେରଳ ବନ୍ୟା ବଳିଯିବ । ସେହିପରି କନ୍ଧମାଳ ଅଞ୍ଚଳର ଜଣେ ପରିବାର ଯେଉଁଠିରେ ୫ ବର୍ଷର ଝିଅ ଓ ୭ ବର୍ଷର ପୁଅକୁ ନେଇ କେରଳ ବୁଲିବାକୁ ଯାଇଥିବା ସୁଦର୍ଶନ ବେହେରା ଓ ତାଙ୍କ ସ୍ତ୍ରୀ ରୀନା ବେହେରା ବ୍ରହ୍ମପୁରରେ ପହଞ୍ଚିବା ପରେ କୋହଭରା କଣ୍ଠରେ କହିଛନ୍ତି ଯାହା ହେଉ ମୋ ନିଜ ରାଜ୍ୟରେ ପହଞ୍ଚିଲି । ସେ ଆହୁରି କହିଛନ୍ତି, ସେ ନେଇଥିବା ଜିନିଷପତ୍ର ବ୍ୟାଗ, ଟଙ୍କା ଖାଇବା ଜିନିଷ ପତ୍ର ସବୁ ବନ୍ୟାରେ ଭାସି ଯାଇଛି। କେବଳ ପିନ୍ଧିଥିବା ଲୁଗା ନେଇ ନିଜ ଘରକୁ ଫେରିଛି । ଅନ୍ୟ ପକ୍ଷରେ ଓଡିଶାରୁ ଯାଇଥିବା ପ୍ରାୟ ୨୦ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀଙ୍କୁ ମଧ ସେଠାରୁ ଅଣାଯିବାର ବ୍ୟବସ୍ଥା କରାଯାଉଥିବା ଜଣାପଡିଛି ।

## ସହଯୋଗ କଲା ଗଞ୍ଜାମ ଜିଲା ପ୍ରଶାସନ

କେରଳରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ବାସଗୃହ ହରାଇଥିବା ପୀଡିତ ପରିବାରକୁ ଗଞ୍ଜାମ ଜିଲା ପ୍ରଶାସନ ସହଯୋଗର ହାତ ବଢାଇଛି। ଏନେଇ ବ୍ରହ୍ମପୁର ଉପଜିଲାପାଳ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ସରକାରୀ କର୍ମଚାରୀ ତଥା ବେସରକାରୀ ସଂସ୍ଥା ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ, ଲୁଗାପଟା ଏକ ୧୦ ଚକିଆ ଗାଡି ଯୋଗେ ବ୍ରହ୍ମପୁରରୁ କେରଳକୁ ପଠାଯାଇଛି । ଏନେଇ ମଙ୍ଗଳବାର ସନ୍ଧ୍ୟା ୬ଟାରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସବୁଜ ପତକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଚାଉଳ, ଚିନି, ଡାଲି, ଚୁଡା, ତେଲ, ଚା, ଟର୍ଚ୍ଚ, ରେଜେଇ, କ୍ୟାଣ୍ଡେଲ, ଦିଆସିଲି ସହ ନୂଆ ବସ୍ତ୍ର ଇତ୍ୟାଦି ପଠାଯାଇଥିଲା । ଏଥିସହିତ ବ୍ରହ୍ମପୁର ମହାନଗର ବିଜୁ ଜନତା ଦଳ ପକ୍ଷରୁ ପୀଡିତମାନଙ୍କ ପାଇଁ ଆର୍ଥିକ ରାଶି ୧ ଲକ୍ଷ ଟଙ୍କା ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଉପଜିଲାପାଳ ଏହି ଟଙ୍କାକୁ କେରଳ ଜିଲା ପ୍ରଶାସନ ଆକାଉଣ୍ଟକୁ ପଠାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି ।



ବନ୍ୟା ପୀଡିତଙ୍କ ପାଖକୁ ଯାଉଥିବା ସମଗ୍ରୀ ଗାଡିକୁ ଜିଲାପାଳ ସବୁଜ ସଙ୍କେତ ଦେଖାଉଛନ୍ତି ।

## ଆନ୍ତଃ ସ୍କୁଲ କ୍ରିପ୍‌ଟିକ୍ କ୍ରସ୍‌ୱାର୍ଡ଼ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ,୨୧।୮**



ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଡିପଲ୍ ସ୍କୁଲର ଶୁଭ୍ରା ସେଫାଳି ସାହୁ ଏବଂ ଆଦିତ୍ୟ ରାଜ୍ ।

ଡିପଲ୍ ସ୍କୁଲ ପରିସରରେ ଜାତୀୟ ଆନ୍ତଃ ସ୍କୁଲ କ୍ରିପ୍‌ଟିକ୍ କ୍ରସ୍‌ୱାର୍ଡ଼ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମପୁର ଜୋନ୍‌ର ୧୯ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ । ଜାତୀୟ ସଂଯୋଜକ ରାଜ ନାରାୟଣ ସିଂ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏଥିରେ ଡିପଲ୍ ସ୍କୁଲର ଶୁଭ୍ରା ସେଫାଳି ସାହୁ ଏବଂ ଆଦିତ୍ୟ ରାଜ୍ ପ୍ରଥମ ହୋଇଥିବା ବେଳେ ସେଣ୍ଟ ଭିନ୍‌ସେଣ୍ଟ ସ୍କୁଲର ସୌମ୍ୟ ପଟ୍ଟନାୟକ ଏବଂ ରାମଶରଣ ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ମୁଖ୍ୟଅତିଥି ଭାବେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଉପଜିଲାପାଳ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ଏବଂ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଡିପଲ୍ ସ୍କୁଲର ଅଧ୍ୟକ୍ଷ ଫାଦର ସାଜୁ ଏଣ୍ଟୋନି ସିଏମ୍ ଏବଂ ଉପାଧ୍ୟକ୍ଷ ଫାଦର ଭେଲେରିୟନ୍ ସିଏମ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା । ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତା ଦେଶ ବ୍ୟାପୀ ୪୧ ପ୍ରମୁଖ ସହରରେ ଆୟୋଜିତ ହେଉଛି। ପ୍ରତ୍ୟେକ ସ୍କୁଲରୁ ୨ଜଣ ଏଥିରେ ଭାଗନେଇ ପାରିବେ। ସହରସ୍ତରୀୟ ପ୍ରତିଯୋଗିତାଗୁଡ଼ିକରେ ଯେଉଁ ସ୍କୁଲଗୁଡ଼ିକ କୃତିତ୍ୱ ହାସଲ କରିଥିବେ ପ୍ରତିଯୋଗୀମାନେ ଦିଲ୍ଲୀରେ ଆସନ୍ତା ନଭେମ୍ବର କିମ୍ବା ଡିସେମ୍ବରରେ ଆୟୋଜିତ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଭାଗନେବେ । ୩ ଦିନ ଧରି ଉକ୍ତ ପ୍ରତିଯୋଗିତା ଆୟୋଜିତ ହେବ । ବିଜୟୀ ଦଳକୁ ୨୫ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ୧୫ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ।

## ବର୍ଷାରେ ପୋଲ ଭୁଶୁଡିଲା

**ଫିରିଙ୍ଗିଆ, ୨୧।୮**

ପ୍ରବଳ ବର୍ଷା ଯୋଗୁ କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସଲାଗୁଡା ପଞ୍ଚାୟତ ସଲାଗୁଡାରୁ ନେଡିପଦର ରାସ୍ତା ପୃଡେଣି ନାଳ ଉପରେ ଥିବା ଏକ ପୁରୁଣା ପୋଲ ଭୁଶୁଡି ପଡିଛି । ଫଳରେ ଏହି ରାସ୍ତା ତଥା ପୋଲ ଉପରେ ନିର୍ଭର କରୁଥିବା ୫ଗ୍ରାମ ବଦାପାଙ୍କୁ, ନେଡିପଦର, ଲୁମ୍ବାରଖୋଲ, ଗାଡିପଦର, କାତ୍ରାମାଳା ଗ୍ରାମବାସୀ ପ୍ରଭାବିତ ହୋଇଛନ୍ତି । ତୁରନ୍ତ ଏହି ନାଳ ଉପରେ ପୋଲ ନିର୍ମାଣ କରିବାକୁ ଜିଲା ପରିଷଦ ଉପାଧକ୍ଷା ସାରତୀ ମଲ୍ଲିକ ଦାବି କରିଛନ୍ତି । ଏଥିସହ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି ।

## ସବ୍ୟସାଚୀଙ୍କ ନାଁରେ ୨ ମାମଲା

## ଗୋଟିଏର ସାକ୍ଷ୍ୟଗ୍ରହଣ ଶେଷ, ଅନ୍ୟଟିର ତଦନ୍ତ ଅଧିକାରୀ ଅନୁପସ୍ଥିତ

**ବ୍ରହ୍ମପୁର ଅଫିସ,୨୧।୮**

ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କ ନାମରେ ଥିବା ଦୁଇଟି ମାମଲାର ବିଚାର ମଙ୍ଗଳବାର ଗଞ୍ଜାମ ଜିଲା ଏଡିଜେ-୧ କୋର୍ଟରେ ହୋଇଥିଲା । ଦୁଇଟି ମାମଲାର ବିଚାର ହୋଇ, ଗୋଟିଏ ମାମଲାରେ ସମସ୍ତ ସାକ୍ଷ୍ୟ ଗ୍ରହଣ ଶେଷ ହୋଇ ଚୂଡାନ୍ତ ରାୟକୁ ଅପେକ୍ଷା ଥିବା ବେଳେ ଆଉ ଏକ ମାମଲାରେ ତଦନ୍ତକାରୀ ଅଧିକାରୀ ଥିବା ପାରଳଖେମୁଣ୍ଡି ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର ଅନୁପସ୍ଥିତ କାରଣରୁ ବାରମ୍ବାର ଏହି ମାମଲାର ବିଚାର ତାରିଖ ଘୁଞ୍ଚିଥିବା ସବ୍ୟସାଚୀଙ୍କ ଓକିଲଙ୍କ ପକ୍ଷରୁ ଜଣାପଡିଛି।

ସୂଚନାନୁଯାୟୀ, ୨୦୧୫ରେ ସବ୍ୟସାଚୀଙ୍କ ମୁଖ୍ୟ ସହଯୋଗୀ ଦଣ୍ଡପାଣି ମହାନ୍ତିଙ୍କ ଜରିଆରେ ସରପଞ୍ଚ ପ୍ରଦୀପ ବେହେରା ନାମକ ଜଣେ ବ୍ୟକ୍ତି ଏକ ଚିଠି ଓ ମାରଣାସ୍ତ୍ର ପଠାଉଥିବା ବୈଦ୍ୟନାଥପୁର ପୋଲିସ ନଂ.୩୩/୧୫ରେ ଏକ ମାମଲା ସବ୍ୟସାଚୀଙ୍କ ଉପରେ ଲଗାଇଥିଲା। ତେବେ ଏହି ମାମଲାର ବିଚାର ଗଞ୍ଜାମ ଜିଲା ଏଡିଜେ-୧ କୋର୍ଟରେ ସେବେଠାରୁ ଜାରି ରହିଥିଲା । ମାମଲାରେ ମୋଟ୍ ୧୫ ଜଣରୁ ୧୪ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଥିବା ବେଳେ ଜଣେ ସାକ୍ଷୀଙ୍କ ପତ୍ତା ମିଳୁନଥିବା ପୋଲିସ କୋର୍ଟରେ ଦର୍ଶାଇଥିଲା । ତେଣୁ କୋର୍ଟ ଏହାକୁ ବିଚାର କରି ୧୪ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ କରି ଆସନ୍ତା ୨୫ ତାରିଖରେ ଏହାର ଅନ୍ତିମ ରାୟ ଶୁଣାଇବେ ବୋଲି ସୂଚନା ମିଳିଛି। ସେହିପରି ଅନ୍ୟ ଏକ ମାମଲାରେ ସେହି ୨୦୧୫ରେ ବଡବଜାର ଥାନା ଅଞ୍ଚଳରେ ଏମ୍. ଲକ୍ଷ୍ମୀ ନାମକ ଜଣେ ମହିଳାଙ୍କ ଘରେ ସବ୍ୟସାଚୀ ମାରଣାସ୍ତ୍ର ରଖିଥିବା ଅଭିଯୋଗରେ ବଡବଜାର ପୋଲିସ ମାମଲା ନଂ ୩୪/୧୫ ରୁଜୁ କରିଥିଲା । ତେବେ ଏହି ମାମଲାରେ ତଦନ୍ତକାରୀ ଅଧିକାରୀ ଥିବା ବର୍ତ୍ତମାନର ପାରଳାଖେମୁଣ୍ଡି ଏସ୍‌ଡିପିଓ ପାତ୍ର କୋର୍ଟରେ ନିଜର ସାକ୍ଷ୍ୟ ରଖିବାକୁ ଥିବା ବେଳେ ବାରମ୍ବାର ସେ କୋର୍ଟରେ ଅନୁପସ୍ଥିତ ରହୁଥିବା ଜଣାପଡିଛି । ଏହାର ଆଗାମୀ ଶୁଣାଣି ସେପ୍ଟେମ୍ବର ୭ ତାରିଖକୁ ଥିବା ସବ୍ୟସାଚୀଙ୍କ ଓକିଲ ଦୀପକ ପଟ୍ଟନାୟକଙ୍କଠାରୁ ସୂଚନା ମିଳିଛି ।

## ଚିକେନ ରବି ହତ୍ୟା ମାମଲା: ସାକ୍ଷ୍ୟ ଦେଲେ ଦୁଇ ଭାଇ

**ବ୍ରହ୍ମପୁର ଅଫିସ,୨୧।୮**

୨୦୧୦ରେ ବ୍ରହ୍ମପୁର ସହରରେ ଘଟିଥିବା ଚିକେନ ରବି ହତ୍ୟା ମାମଲା ସ୍ଥାନୀୟ ଗଞ୍ଜାମ ଏଡିଜେ-୧ କୋର୍ଟରେ ବିଚାର ଜାରି ରହିଥିଲା। ମଙ୍ଗଳବାର ଏହାର ସାକ୍ଷ୍ୟ ଗ୍ରହଣ ହୋଇଯାଇଛି। ଚିକେନ ରବିଙ୍କର ଦୁଇ ଭାଇ ଟୁବି ବେହେରା ଓ ହାଡୁ ବେହେରା ଉଭୟ କୋର୍ଟରେ ହାଜର ହୋଇ ହତ୍ୟା ଘଟିବା ଦିନର ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଆଉ ଜଣେ ସାକ୍ଷୀ ଥିବା ଚିକେନ ରବିଙ୍କ ଭାଇବୋହୂ ସୁମତୀ ବେହେରା ମଙ୍ଗଳବାର କୋର୍ଟରେ ଶାରୀରକ ଅସୁସ୍ଥତା କାରଣ ଦେଖାଇ ସାକ୍ଷ୍ୟ ନ ଦେବାରୁ ମାମଲାର ପରବର୍ତ୍ତୀ ଶୁଣାଣି ୨୩ ତାରିଖକୁ ଘୁଞ୍ଚିଥିବା ଜଣାପଡିଛି। ସୂଚନାନୁଯାୟୀ, ଚିକେନ ରବିଙ୍କ ୨ ଭାଇ ଟୁବି ଓ ହାଡୁ ସାକ୍ଷ୍ୟ ଦେଇଥିଲେ। କହିଥିଲେ ରବିଙ୍କୁ ଗୁଳିକରି ହତ୍ୟା କରାଯିବା ପରେ ସେମାନେ ତାଙ୍କୁ ଏକ ବାଇକ୍‌ରେ ସ୍ଥାନୀୟ ବଡ ମେଡିକାଲ ନେଉଥିଲେ । ଏହି ସମୟରେ ଚିକେନ ରବିଙ୍କ ଦେହରୁ ବାହାରୁଥିବା ରକ୍ତ ଦୁଇ ଭାଇଙ୍କ ଶାର୍ଟରେ ଲାଗିଥିଲା । ଏପରିକି ଯେଉଁ ବାଇକରେ ନେଇ ଯାଉଥିଲେ ସେଥିରେ ମଧ ରକ୍ତ ଛିଟା ଲାଗିଥିଲା। ପୋଲିସ ଏନେଇ ତଦନ୍ତ କରି ଉକ୍ତ ରକ୍ତ ଭିଜା ଶାର୍ଟ ଓ ଗାଡି ଜବତ୍ କରି ନ ଥିବା କୋର୍ଟରେ କହିଥିଲେ। ଏହାକୁ ନେଇ ପୁଣିଥରେ ପୋଲିସ ପାଇଁ ଅଡୁଆ ବଢିଥିବା ଜଣାପଡିଛି ।

■ ଓଏସ୍‌ଆର୍‌ଟିସି କର୍ମଚାରୀଙ୍କ ୩ ଦିନିଆ ଧର୍ମଘଟ

# ‘ଅସହ୍ୟ ହେଲାଣି ବେତନ ଯାତନା’

**ବ୍ରହ୍ମପୁର ଅଫିସ,୨୧।୮**



ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ସରକାରୀ ଚାକିରି, କିନ୍ତୁ ସରକାରୀ ସୁବିଧାରୁ ବଞ୍ଚିତ। ୩୦ବର୍ଷ ହେଲା ଠିକାରେ ଖଟୁଛନ୍ତି, ଚାକିରିର ସ୍ଥାୟିତ୍ୱ ନାହିଁ । ଅଭିଜ୍ଞତା ଏବଂ ଖଟଣି ତୁଳନାରେ ଦରମା ଅତ୍ୟନ୍ତ କମ୍। ସେଥିରେ ପୁଣି ରାତି ଅଧରେ ଚାକିରି ଯିବାର ସମ୍ଭାବନା ରହୁଛି। ଚଳିବୁ କେମିତି। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଛି। ତଥାପି କିଛି ଫଳ ମିଳିଲାନି । ଏପଟେ ଅସହ୍ୟ ହେଲାଣି ବେତନ ଯାତନା। ୪ଦଫା ଦାବି ନେଇ ମଙ୍ଗଳବାରରୁ ଧର୍ମଘଟ, ଆନ୍ଦୋଳନ କରୁଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ କର୍ମଚାରୀଙ୍କର ଏହା ଥିଲା କୋହଭରା ଅଭିଯୋଗ ।

ବେତନ ଜନିତ ବିଭିନ୍ନ ଦାବି ନେଇ ସଡ଼କ ପରିବହନ ନିଗମ କର୍ମଚାରୀ ମହାସଂଘ ପକ୍ଷରୁ ମଙ୍ଗଳବାରରୁ ୩ ଦିନିଆ ଧର୍ମଘଟ ଆରମ୍ଭ ହୋଇଛି। କର୍ମଚାରୀମାନେ ବ୍ରହ୍ମପୁର ଡିପୋ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଅଭିଯୋଗ ହେଲା, ଏକଦା ଲାଭ ଦାୟକ ସଂସ୍ଥା ଥିବା ଓଏସ୍‌ଆର୍‌ଟିସି ଏବେ ରୁଗ୍ଣା ଅବସ୍ଥାକୁ ଚାଲିଯାଇଛି । ଏଥି ପାଇଁ ସରକାରଙ୍କ ଭୁଲ୍ ନୀତି ଦାୟୀ। ପୂର୍ବରୁ କର୍ମଚାରୀମାନେ ସ୍ଥାୟୀ ନିଯୁକ୍ତି ପାଉଥିଲେ। ଦରମା ମଧ୍ୟ ଠିକ୍ ଠାକ୍ ମିଳୁଥିଲା । କିନ୍ତୁ ୧୯୮୯ ମସିହା ପରଠୁ ଆଉ ସ୍ଥାୟୀ ନିଯୁକ୍ତି ଦିଆଯାଉନାହିଁ। କ୍ଷତି ହେଉଥିବା ଦର୍ଶାଇ ସମସ୍ତଙ୍କୁ ଅସ୍ଥାୟୀ ବା ଠିକା ନିଯୁକ୍ତି ଦିଆଯାଉଛି। ଓଡ଼ିଶାର ବିଭିନ୍ନ ଡିଭିଜନରେ ପ୍ରାୟ ୨ହଜାର କର୍ମଚାରୀ ଅଛନ୍ତି। ଯେଉଁଥିରୁ କେବଳ ବ୍ରହ୍ମପୁର ଡିଭିଜନ ଅଧିନରେ ୮ଶହ କର୍ମଚାରୀ କାର୍ଯ୍ୟ କରୁଛନ୍ତି । ସେଥିରୁ ପ୍ରାୟ ୬ଶହ ଠିକାରେ ନିଯୁକ୍ତି ପାଇଛନ୍ତି । ଏମାନଙ୍କ ମଧ୍ୟରେ କ୍ଲର୍କଠାରୁ ଡ୍ରାଇଭର୍ ଯାଏ, ସମସ୍ତେ ଅଛନ୍ତି। ସୁପ୍ରିମ୍‌କୋର୍ଟ

> ■୩୦ବର୍ଷ ହେଲା ଠିକାରେ ଖଟୁଛନ୍ତି କର୍ମଚାରୀ
>
> ■ସପ୍ତମ ବେତନ କମିଶନ ଲାଗୁ ପାଇଁ ଦାବି
>
> ■ଆନ୍ଦୋଳନ ଯୋଗୁ ଦିନକୁ ଲକ୍ଷେ ଟଙ୍କା କ୍ଷତି

ସମାନ କାମକୁ ସମାନ ଦରମା ଆଦେଶ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନି । ଠିକା ଚାଳକ ଜଣକ ଦିନକୁ ମଜୁରି ଭାବେ ୩୨୦ ଟଙ୍କା ପାଉଛନ୍ତି । ଯେଉଁ ଦିନ କାମକୁ ଗଲେନି, ସେଦିନ ମଜୁରି ମିଳିବନି, ମାସକୁ ୪ଟି ଛୁଟି ଥିଲେ ମଧ୍ୟ ତାହା ମଧ୍ୟ ମିଳୁନି । ଛୁଟି ଦିନରେ ଅତିରିକ୍ତ ଦାୟିତ୍ୱ ଦିଆଯାଉଛି । ଅନ୍ୟପଟେ ସ୍ଥାୟୀ ଡ୍ରାଇଭର୍‌ମାନେ ମାସକୁ ପ୍ରାୟ ୨୦ ହଜାର ଟଙ୍କା ଦରମା ପାଉଛନ୍ତି । ସେଥିରେ ପୁଣି ଛୁଟି ରହିଛି । କାମ ସମାନ, କିନ୍ତୁ ଦରମାରେ ଅନେକ ଫରକ ରହୁଛି। ସପ୍ତମ ବେତନ କମିଶନଙ୍କ ସୁପାରିସ ଲାଗୁ ହେଉନି । ଫଳରେ ଉଭୟ ଠିକା ଏବଂ ସ୍ଥାୟୀ କର୍ମଚାରୀମାନେ ଅଧିକ ଦରମା ପାଇବାରୁ ବଞ୍ଚିତ ହେଉଛନ୍ତି । ଅପରପକ୍ଷରେ କର୍ମଚାରୀଙ୍କୁ ରାତି ଅଧିଆ ଛଟେଇ କରିଦିଆଯାଉଛି । କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉଛି। ଏଣୁ ଠିକା କର୍ମଚାରୀଙ୍କୁ ନିୟମିତ କରିବା, ସମାନ କାମକୁ ସମାନ ଦରମା, ସପ୍ତମ ବେତନ କମିଶନ ଲାଗୁ କରିବା ଏବଂ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବନ୍ଦ ଦାବିରେ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଥିବା ସଭାପତି ବିଭୂତି ଭୂଷଣ ଜେନା ଏବଂ ସାଧାରଣ ସମ୍ପାଦକ ଅରୁଣ କୁମାର ପାଢ଼ୀ ପ୍ରମୁଖ ପ୍ରକାଶ କରିଛନ୍ତି ।

ଅନ୍ୟପଟେ ଆନ୍ଦୋଳନ ଯୋଗୁ ବ୍ରହ୍ମପୁରରୁ ରାଜ୍ୟର ଅନ୍ୟାନ୍ୟ ସ୍ଥାନକୁ ବସ୍ ଚଳାଚଳ ଠପ୍ ହୋଇଯାଇଛି । ଜିଲା ପରିବହନ ପରିଚାଳକ ପ୍ରଶାନ୍ତ କୁମାର ହୋତାଙ୍କ କହିବାନୁଯାୟୀ, ବ୍ରହ୍ମପୁର ଡିପୋରୁ ୩୦ ଏବଂ ଭଞ୍ଜନଗରରୁ ୨୨ ବସ୍ ଚଳାଚଳ ବନ୍ଦ ରହିଛି । ଧର୍ମଘଟ ଯୋଗୁ ଦୈନିକ ୧ ଲକ୍ଷ ଟଙ୍କାର କ୍ଷତି ହେଉଛି । ବ୍ରହ୍ମପୁର ଡିପୋରେ ପ୍ରାୟ ୧୫୮କର୍ମଚାରୀ ରହିଛନ୍ତି। ଓଏସ୍‌ଆର୍‌ଟିସି କାର୍ଯ୍ୟାଳୟରେ କାମ କରୁଥିବା ଏବଂ ଗ୍ୟାରେଜ୍ କର୍ମଚାରୀମାନେ ଆନ୍ଦୋଳନରେ ସାମିଲ୍ ହୋଇନାହାନ୍ତି। ଆଡଭାନ୍ସରେ ଯେଉଁମାନେ ଟିକେଟ୍ କିଣିଥିଲେ, ସେମାନଙ୍କ ଅସୁବିଧା ହୋଇଛି । ସେଥି ପାଇଁ ଏକ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି ।

## ଜାତୀୟ ସଂହତି ଶିବିର

## ୧୦ ସ୍ୱେଚ୍ଛାସେବୀ ମନୋନୀତ

**ବ୍ରହ୍ମପୁର ଅଫିସ,୨୧।୮**

ହାଇଦ୍ରାବାଦସ୍ଥିତ ଜବାହରଲାଲ ନେହେରୁ ବୈଷୟିକ ବିଶ୍ୱବିଦ୍ୟାଳୟରେ ଆସନ୍ତା ୨୬ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ୭ ଦିନିଆ ଜାତୀୟ ସଂହତି ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ତରଫରୁ ୧୦ ସ୍ୱେଚ୍ଛାସେବୀ ଏହି ଶିବିରରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ଉକ୍ତଦଳରେ ପାରଳା ମହାରାଜା ବୈଷୟିକ କଲେଜର ଛାତ୍ରୀ ପ୍ରଜ୍ଞା ଶୁଭସ୍ମିତା ଲେଙ୍କା, ସାଧନା ଶୁଭଲକ୍ଷ୍ମୀ, ରିତ୍ୟୁଶା ଦାଶ ଏବଂ ଛାତ୍ର ଶୁଭମ ଶାଶ୍ୱତ ପୃଷ୍ଟି, ଅତିକ୍ରାନ୍ତ ସାହୁଙ୍କ ସମେତ ଗାନ୍ଧୀ ଇଞ୍ଜିନିୟରିଂ କଲେଜର ଛାତ୍ର ଦୁର୍ଗାପ୍ରସାଦ ମହାକୁଡ, ଦୀପକ ବେହେରା ଓ ଛାତ୍ରୀ କୁନି ସାଗରିଆ ରହିଛନ୍ତି । ସାମନ୍ତିଆପଲ୍ଲୀ କଲେଜ ଛାତ୍ର ଦିବ୍ୟଞ୍ଜୟ ସାହୁ ଓ ଛାତ୍ରୀ ଲୋପାମୁଦ୍ରା ମାଝି ମନୋନୀତ ହୋଇଛନ୍ତି । ସେମାନେ ୨୪ ତାରିଖରେ ହାଇଦ୍ରାବାଦ ଗସ୍ତ କରିବା ନେଇ ପକ୍ଷରୁ ସୂଚନା ମିଳିଛି। ଅଧ୍ୟାପକ ଡ. ପୁରୁଷୋତ୍ତମ ସାହୁ ପ୍ରତିନିଧିଭାବେ ଦଳସହ ଯାତ୍ରା କରିବେ । ଏହି ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ମନୋନୀତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ସଂକ୍ଷେପରେ

### ଛୁରାମାଡ଼ରେ ଅଟୋ ଚାଳକ ଆହତ

ଦିଗପହଣ୍ଡି,୨୧।୮(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ବଡ଼ଡୁମ୍ବୁଲା ଗ୍ରାମର ବାଙ୍କିଆ ସେଠୀଙ୍କ ଛୁରା ମାଡ଼ରେ ଜଣେ ଅଟୋ ଚାଳକ ଆହତ ହୋଇଛନ୍ତି।ସେ ହେଲେ ପ୍ରଦୀପ ସେଠୀ । ମଙ୍ଗଳବାର ସକାଳେ ପ୍ରଦୀପ କରପଡ଼ା ଗ୍ରାମରୁ ଅଟୋ ନେଇ ବଡ଼ଡୁମ୍ବୁଲା ଫେରୁଥିବା ବେଳେ ଝଗଡ଼ାପଲ୍ଲୀ ଛକରେ ବାଙ୍କିଆ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ପ୍ରଦୀପ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି । ଏନେଇ ତଦନ୍ତ ଚାଲିଥିବା ଆଇଆଇସି ଦେବାଶିଷ ମହାନ୍ତି କହିଛନ୍ତି ।

### ବାଇକ ଧକ୍କାରେ ବୃଦ୍ଧ ମୃତ, ଚାଳକ ଗୁରୁତର

ଶଙ୍କରାଖୋଲ,୨୧।୮(ଡି.ଏନ୍.ଏ.)- ଟିକାବାଲି ଥାନା ଡୁଙ୍ଗି ମନ୍ଦିର ନିକଟ ଭଞ୍ଜପଦରରେ ମଙ୍ଗଳବାର ସନ୍ଧ୍ୟାରେ ବାଇକ ଧକ୍କାରେ ବୃଦ୍ଧଙ୍କ ମୃତ ଘଟିଥିବା ବେଳେ ଚାଳକ ଆହତ ହୋଇଛନ୍ତି। ମୃତକ ହେଲେ ସୁକମୁନି କହଁର (୭୦)। ଏନେଇ ଟିକାବାଲି ଥାନାରେ ନଂ. ୭୬/୧୮ରେ ମାମଲା ରୁଜୁ କରାଯାଇ ବାଇକ ଜବତ ହୋଇଛି। ରାଇକିଆ ବ୍ଲକ ରଣବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକ ମନ୍ମଥ ବିଷୋୟୀ ବାଇକ ଯୋଗେ ନିଜ ଘର ଟିକାବାଲିକୁ ଫେରୁଥିବାବେଳେ ଭଞ୍ଜପଦରରେ ବୃଦ୍ଧ ସୁକମୁନି ନିଜ ଘରକୁ ଯିବାପାଇଁ ରାସ୍ତା ପାରି ହେବା ସମୟରେ ବାଇକଟି ଭାରସାମ୍ୟ ହରାଇ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସୁକୁମୁନିଙ୍କୁ ଚିକିତ୍ସା ପାଇଁ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଆହତ ଭୋଇ ଚିକିତ୍ସିତ ହେଉଛନ୍ତି।

### ମୁମ୍ବାଇରୁ ଆସିଲା ଓଡ଼ିଆ ଯୁବକଙ୍କ ମୃତଦେହ

ସୋରଡ଼ା,୨୧।୮(ଡି.ଏନ୍.ଏ.)- ବରାଡ଼ି ସାହିର ଜିତୁ ପ୍ରସାଦ ପାଢ଼ୀଙ୍କ ମରଶରୀର ମଙ୍ଗଳବାର ମୁମ୍ବାଇରୁ ବିମାନ ଯୋଗେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ଏକ ସ୍ୱତନ୍ତ୍ର ଗାଡ଼ିରେ ଅପରାହ୍ନରେ ସୋରଡ଼ା ଅଣାଯାଇଛି। ଜିତୁଙ୍କ ମରଶରୀରକୁ ଅଞ୍ଚଳବାସୀ ଶେଷଦର୍ଶନ କରିବା ପରେ ଶୋଭାଯାତ୍ରାରେ ନଗର ପରିକ୍ରମା କରି ସତ୍କାର କରାଯାଇଥିଲା। ପ୍ରକାଶ ଯେ, ସୋମବାର ଜିତୁ ମୁମ୍ବାଇର ସାକିନାକାର ଏକ ଶିବ ମନ୍ଦିରରେ ଜଳାଭିଷେକ କରି ବିଶ୍ରାମ ନେଉଥିବାବେଳେ ନିକଟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିବା ୨ଜଣଙ୍କୁ ଉଦ୍ଧାର କରିବାକୁ ଯାଇ ନିଜେ ମୃତ୍ୟୁବରଣ କରିଥିଲେ। ତାଙ୍କର ମୃତ୍ୟୁରେ କନ୍ଧୁଣୀ ଦେବି ଯୁବକ ସଂଘ, ବରାଡ଼ି ଯୁବକ ସଂଘ, ସୁପକାରଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

# ଓଡିଆରପି ଅଗ୍ରଗତି ସମୀକ୍ଷା କଲେ ବିଶ୍ୱବ୍ୟାଙ୍କ ଟିମ୍

ଛତ୍ରପୁର/ଗଞ୍ଜାମ,୨୧।୮(ଡି.ଏନ.ଏ.)



ବୈଠକରେ ଉପସ୍ଥିତ ଜିଲାପାଳ ଏବଂ ବିଶ୍ୱବ୍ୟାଙ୍କ ଟିମର ସଦସ୍ୟ ।

ଗଞ୍ଜାମ ଜିଲାରେ ଚାଲିଥିବା ଓଡିଆରପି (ଓଡିଶା ଡିଜାଷ୍ଟର ରିକଭରି ଯୋଜନା)ର ଅଗ୍ରଗତି ସମୀକ୍ଷା ବୈଠକ ମଙ୍ଗଳବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ସୋମବାର ଖଲ୍ଲିକୋଟ ଓ ରଙ୍ଗେଇଲୁଣ୍ଡା ଏବଂ ମଙ୍ଗଳବାର ଗଞ୍ଜାମ ବ୍ଲକର ବିଭିନ୍ନ ଓଡିଆରପି କଲୋନୀକୁ ବିଶ୍ୱ ବ୍ୟାଙ୍କ ଓ ଓସଡମା (ଓଡିଶା ରାଜ୍ୟ ଡିଜାଷ୍ଟର ପରିଚାଳନା କର୍ତ୍ତୃପକ୍ଷ)ର ପ୍ରତିନିଧି ଯାଇ ଅନୁଧ୍ୟାନ କରିଥିଲେ। ଗଞ୍ଜାମ ବ୍ଲକ ପାଲିବନ୍ଧ ପଞ୍ଚାୟତ ପୋଡ଼ମପେଟା ସାଇଡ ୧, ୨ ଏବଂ ଗୋଖରକୁଦାଠାରେ ନିର୍ମିତ ଓଡିଆରପି ଗୃହ ବୁଲି ଦେଖିବା ସହ କ'ଣ ସମସ୍ୟା ରହିଛି ହିତାଧିକାରୀଙ୍କୁ ପଚାରି ବୁଝିଥିଲେ। ପାନୀୟ ଜଳ ଠିକ୍ ଭାବେ ଆସୁ ନ ଥିବା ଏବଂ ଡଷ୍ଟବିନ ନ ଥିବା ମତ୍ସ୍ୟଜୀବୀ ମହିଳାମାନେ କହିଥିଲେ। ସାଇଡ ୧ରେ ୧୯୦ ଘର ଏବଂ ସାଇଡ ୨ରେ ୧୬୯ ଘର ନିର୍ମାଣ କାର୍ଯ୍ୟ ସରିଛି। ପ୍ରାୟ ୧୦୦ ଘରେ ପାଇଖାନା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିବା ଅଭିଯୋଗ ଆସିଥିଲା। ଅନୁଧ୍ୟାନ କରି ଆସିବା ପରେ ବିଶ୍ୱବ୍ୟାଙ୍କ ଟିମ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ତଥ୍ୟ ସଂଗ୍ରହ କରିଥିଲେ। ଓଡିଆରପି କଲୋନୀ ସ୍ଥଳରେ ଥିବା ବିଭିନ୍ନ ସମସ୍ୟା ଓ ଅସୁବିଧା ସମ୍ପର୍କରେ ବୈଠକରେ ବିଶ୍ୱବ୍ୟାଙ୍କ ଟିମ୍ କହିଥିଲେ। ଓଡିଆରପି କଲୋନୀ ସ୍ଥଳରେ ରାସ୍ତା, ଆଲୋକ, ଡ୍ରେନ୍ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। କେତେକ ସ୍ଥାନରେ ଏହାର ବ୍ୟବସ୍ଥା ହୋଇ ନ ଥିବା ବିଶ୍ୱବ୍ୟାଙ୍କ ଟିମ୍ କହିଥିଲେ। ନିର୍ଦ୍ଧାରିତ ସମୟରେ କାମ ସାରିବାକୁ ପରାମର୍ଶ ଦେବା ସହ ନିଜ ମତାମତ ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରିବାକୁ କୁହାଯାଇଥିଲା। ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବିଶ୍ୱ ବ୍ୟାଙ୍କ ପ୍ରତିନିଧି ଦୀପକ ସିଂ ନେତୃତ୍ୱରେ ଆସିଥିବା ୟୁଙ୍ଗ୍ ସାକ୍ ସେରିଆ, ନେହ ବ୍ୟାର୍, ଏମ୍ ରେଡ୍ଡୀ, ସୁନୀତା ସିଂ, ଅତିରିକ୍ତ ଜିଲପାଳ ବିଜୟ ଦାଶ, ଓସଡମାର ଜେନେରାଲ ମ୍ୟାନେଜର ଶୁଭେନ୍ଦୁ ନାୟକଙ୍କ ସମେତ ବିଡିଓ, ତହସିଲଦାର ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୧୩ରେ ହୋଇଥିବା ଫାଇଲିନ୍ ବାତ୍ୟାରେ ଜିଲାର ବହୁ କଚ୍ଚା ଘର ଭାଙ୍ଗିଯାଇଥିଲା। ଏହାପରେ ଚିଲିକା ଓ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ କଚ୍ଚା ଘର ବଦଳରେ ପକ୍କା ଘର ନିର୍ମାଣ ପାଇଁ ରାଜ୍ୟ ସରକାର ଓଡିଆରପି ଆରମ୍ଭ କରିଥିଲେ। ବିଶ୍ୱ ବ୍ୟାଙ୍କ ଏଥିପାଇଁ ସହାୟତା ପ୍ରଦାନ କରୁଛି। ସମୁଦ୍ର ଉପକୂଳବର୍ତ୍ତୀ ଛତ୍ରପୁର, ଗଞ୍ଜାମ, ଚିକିଟି ଓ ରଙ୍ଗେଇଲୁଣ୍ଡା ଏବଂ ଚିଲିକା ଉପକୂଳବର୍ତ୍ତୀ ଖଲ୍ଲିକୋଟ ବ୍ଲକକୁ ଓଡିଆରପିରେ ସାମିଲ କରାଯାଇଥିଲା।

# ବ୍ୟାଗରୁ ନବଜାତ ଶିଶୁପୁତ୍ର ଉଦ୍ଧାର

## ହସ୍ପିଟାଲକୁ ଆଣିବାରୁ ଆଶାକର୍ମୀଙ୍କୁ ଧମକ

ଭଞ୍ଜନଗର,୨୧।୮(ଡି.ଏନ.ଏ.)

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ କେବିରିବରପୁର ଗ୍ରାମ ପୋଖରୀ ନିକଟ ଏକ ବୁଦା ମୂଳରୁ ବ୍ୟାଗରେ ଥିବା ଚଣେ ନବଜାତ ଶିଶୁପୁତ୍ରକୁ ମଙ୍ଗଳବାର ସକାଳେ ଉଦ୍ଧାର କରାଯାଇଛି। ଗ୍ରାମର ଆଶା କର୍ମୀ ଶିଶୁଟିକୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲକୁ ନେଇଥିଲେ। ନବଜାତ ଶିଶୁ ୱାର୍ଡ଼ରେ ଚିକିତ୍ସା ପରେ ସନ୍ଧ୍ୟାରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ସୋମବାର ରାତିରେ କେହି ଅବୈଧ ପୁତ୍ରସନ୍ତାନ ଜନ୍ମ ଦେବାପରେ ଲଜ୍ୟାରୁ ମୁକୁଳିବା ପାଇଁ ତାକୁ ବ୍ୟାଗ୍‌ରେ ଭର୍ତ୍ତିକରି ବୁଦା ମୂଳେ ରଖି ଦେଇଥିଲେ। ମଙ୍ଗଳବାର ସକାଳେ ଗ୍ରାମର ଜଣେ ବ୍ୟକ୍ତି ଗାଧୋଇବାକୁ ଯିବା ବେଳେ ଶିଶୁଟି କାନ୍ଦୁଥିବା ଦେଖିଥିଲେ। ଗ୍ରାମବାସୀ ଜାଣିବା ପରେ ଆଶା କର୍ମୀଙ୍କ ସହାୟତାରେ ଶିଶୁଟିକୁ ହସ୍ପିଟାଲକୁ ନେଇଥିଲେ। ଏହି ସମୟରେ ଦୁଇ ଜଣ ବ୍ୟକ୍ତି ଛୁଆଟିକୁ ଉଦ୍ଧାର କରିଥିବା କହିବା ତାହାର ଲାଳନପାଳନ କରିବାକୁ ଦାବି କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ହସ୍ପିଟାଲରେ ଯୁକ୍ତିତର୍କ ହୋଇଥିଲା। ଏପରିକି ଜଣେ ବ୍ୟକ୍ତି ଆଶା କର୍ମୀଙ୍କୁ ଫୋନରେ ଧମକ ଦେଇଥିଲେ। ଏହାକୁ ନେଇ ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଧମକ ଦେବାରୁ ସେ ଭୟଭୀତ ହୋଇ ପଡ଼ିଥିଲେ। ପରେ ଗ୍ରାମବାସୀଙ୍କ ଉଦ୍ୟମ କ୍ରମେ ସମସ୍ୟାର ସମାଧାନ ହୋଇଛି।

■ ଓଏସ୍ଆର୍‌ଟିସି କର୍ମଚାରୀଙ୍କ ଧାରଣା

# ବସ୍ ଚଳାଚଳ ବନ୍ଦ, ଯାତ୍ରୀ ହଟହଟା

ଭଞ୍ଜନଗର,୨୧।୮(ଡି.ଏନ.ଏ.)




ଆନ୍ଦୋଳନରତ କର୍ମଚାରୀମାନେ।

ନିଖିଳ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ଷ୍ଟାଫ୍ ଆସୋସିଏଶନ ଭଞ୍ଜନଗର ଶାଖା ପକ୍ଷରୁ ୪ ଦଫା ଦାବି ନେଇ ମଙ୍ଗଳବାରଠାରୁ ସ୍ଥାନୀୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଏହା ଗୁରୁବାର ପର୍ଯ୍ୟନ୍ତ ଚାଲିବ। କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ସରକାରୀ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଫଳରେ ଯାତ୍ରୀମାନେ ହଇରାଣ ହୋଇଛନ୍ତି। ସମସ୍ତ ଠିକା କର୍ମଚାରୀଙ୍କୁ ନିୟମିତ ମାନ୍ୟତା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସମାନ କାମକୁ ସମାନ ଦରମା ଓ ବେଆଇନ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ଆଦି ଦାବି ନେଇ ଆନ୍ଦୋଳନ ଚାଲିଛି।

### ଚିଲିକାରୁ ଘେରି ଉଚ୍ଛେଦ

ଛତ୍ରପୁର,୨୧।୮(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ପାଲୁର କେନାଲ ନିକଟ ଚିଲିକାରୁ ଜାଲ ଘେରି ଉଚ୍ଛେଦ କରାଯାଇଛି । ପୂର୍ବରୁ ଏହି ଘେରିକୁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ଉଚ୍ଛେଦ କରାଯାଇଥିଲା । ମାତ୍ର ପୁଣି ବେଆଇନ ଘେରି କରାଯାଇଥିଲା । ଏପରିକି ପାଲୁର କେନାଲ ନିକଟରେ ଚାଲିଥିବା ଚିଙ୍ଗୁଡି ଫାର୍ମକୁ ମଧ୍ୟ ସିଡିଏ ଉଚ୍ଛେଦ କରିଥିଲା । ଘେରି ମାଫିଆ ମାନଙ୍କ ଉପରେ ନଜର ରଖିବାକୁ କୁହାଯାଇଛି। ସେହିପରି ଗଞ୍ଜାମ ବ୍ଲକ ପ୍ରୟାଗୀ ନିକଟ ଚିଲିକା କୂଳରେ ଘେରି ମାଫିଆଙ୍କ ଘର ମଧ୍ୟ ଭଙ୍ଗାଯାଇଛି । ଉକ୍ତ ସ୍ଥାନ ନିକଟ ଚିଲିକାରୁ ଘେରି ମଧ୍ୟ ଉଚ୍ଛେଦ କରାଯାଇଛି ।

### ଚୋରା ମଦ ଜବତ ୪ ଗିରଫ

ଆସିକା,୨୧।୮(ଡି.ଏନ୍.ଏ)

ଆସିକା ଥାନା ବାଲିସିରା ଗ୍ରାମରେ ସୋମବାର ରାତି ଓ ମଙ୍ଗଳବାର ସକାଳେ ପୋଲିସ ଚଢାଉ କରି ୪ଟି ସ୍ଥାନରୁ ୧୯୦ ଲିଟର ମଦ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ଗୁକୁନା ନାଇକ, ମୋହନ ନାଇକ, କୁଞ୍ଜ ନାଇକ ଓ ବାବୁଲା ନାଇକ । ଏ ନେଇ ଆସିକା ଥାନାରେ ପୃଥକ ୪ ମାମଲା (ନଂ.୨୬୧, ୨୬୨, ୨୬୩ ଓ ୨୬୪/୧୮) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି।

■ ସରକାରୀ ବସ୍ ଚଳାଚଳ ବନ୍ଦ

# ଆନ୍ଦୋଳନରେ ଡ୍ରାଇଭର, କଣ୍ଡକ୍ଟର ସାମିଲ



ଆନ୍ଦୋଳନରତ ଡ୍ରାଇଭର ଓ କଣ୍ଡକ୍ଟର।

ଫୁଲବାଣୀ ଅଫିସ, ୨୧।୮

କନ୍ଧମାଳ ଜିଲାରେ ରାଜ୍ୟ ସରକାରଙ୍କ ସଡକ ପରିବହନ ନିଗମ ପକ୍ଷରୁ ଚଳାଚଳ କରୁଥିବା ବସ୍‌ଗୁଡିକ ବନ୍ଦ ରହିଛି। ରାଜ୍ୟ ସଡକ ପରିବହନ ସଂଘ ନିଷ୍ପତ୍ତିକ୍ରମେ ଏହା କରାଯାଇଛି। ବିଭିନ୍ନ ସମୟରେ ଗାଡି ଚଳାଉଥିବା ଡ୍ରାଇଭର ଏବଂ କଣ୍ଡକ୍ଟର ସରକାରଙ୍କ ପାଖରେ ସେମାନଙ୍କ ଦାବି ଉପସ୍ଥାନ କରୁଥିଲେ ମଧ୍ୟ ତାହାକୁ ଅଣଦେଖା କରାଯାଇଛି। ତେଣୁ ତୁରନ୍ତ ଦାବିପୂରଣ ପାଇଁ ସଂଘ ମଙ୍ଗଳବାରରୁ ୩ ଦିନିଆ ଆନ୍ଦୋଳନ କରିଛି। କନ୍ଧମାଳ ଜିଲାର ଦୁର୍ଗମ ଅଞ୍ଚଳକୁ ଯାତାୟାତ କରୁଥିବା ବସ୍‌ଗୁଡିକ ବନ୍ଦ ରହିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଅଧୀନରେ ଚୁକ୍ତି ଭିତ୍ତିରେ କାମ କରୁଥିବା ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କୁ ନିୟମିତ କରିବା, ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସମାନ କାମକୁ ସମାନ ଦରମା, କର୍ମଚାରୀଙ୍କ କ୍ଷେତ୍ରରେ ୭ମ ବେତନ କମିଶନ ଲାଗୁ କରିବା, ମିଥ୍ୟା ଅଭିଯୋଗରେ କର୍ମଚାରୀଙ୍କ ବିରୋଧରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ଦାବିରେ ଏହି ଆନ୍ଦୋଳନ ଚାଲିଥିବା କନ୍ଧମାଳରେ କାର୍ଯ୍ୟରତ ଡ୍ରାଇଭର ନବ କିଶୋର ପ୍ରଧାନ, ଲକ୍ଷ୍ମୀଧର ବେହେରା, ସଦାଶିବ ପ୍ରଧାନ, କଣ୍ଡକ୍ଟର ମୀନକେତନ ସୁଆର, ମୃତ୍ୟୁଞ୍ଜୟ ଦିଗାଲ ଓ ସମୀର ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି।

# କେରଳରେ ବେଲଗୁଣ୍ଠାର ୨ ଶ୍ରମିକଙ୍କ ପତ୍ତା ମିଳୁନି

ଭଞ୍ଜନଗର,୨୧।୮(ଡି.ଏନ.ଏ.)

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ପାଟୁଲିସାହି ଗ୍ରାମର ୨ ଶ୍ରମିକ କେରଳ ଯାଇଥିବା ବେଳେ ପ୍ରଳୟଙ୍କାରୀ ବନ୍ୟା ପରେ ସେମାନଙ୍କ ସହ ଯୋଗାଯୋଗ ହୋଇପାରୁନି। ସେମାନେ ହେଲେ ଗୁନା ସ୍ୱାଇଁ (୩୫) ଓ କାର୍ତ୍ତିକ ସ୍ୱାଇଁ (୫୦)। ଗତ ୫ ଦିନ ହେଲା ଏମାନଙ୍କ ସହ ମୋବାଇଲ ଫୋନରେ ଯୋଗାଯୋଗ ହୋଇପାରୁ ନ ଥିବାରୁ ପରିବାର ଲୋକେ ଚିନ୍ତାରେ ପଡିଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ନିଖୋଜ ୨ଜଣଙ୍କ ପତ୍ତା ଲଗାଇବା ବ୍ୟବସ୍ଥା କରୁ ବୋଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଉକ୍ତ ଗ୍ରାମବାସିନ୍ଦା ପ୍ରଶାନ୍ତ ନାୟକ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ୩ ମାସ ପୂର୍ବେ ଗୁନା ଓ କାର୍ତ୍ତିକଙ୍କ ସମେତ ଅଲେଖ ବେହେରା, ଲଣ୍ଡା ଗୌଡ଼, ଗୁଙ୍ଗୁରା ଗୌଡ଼, ବାବାଜୀ ସ୍ୱାଇଁ କେରଳକୁ ଦାଦନ ଖଟିବାକୁ ଯାଇଥିଲେ। ସେମାନେ କାଇକୋଟ୍ ଅଞ୍ଚଳରେ କାମ କରୁଥିଲେ। ବନ୍ୟା ପୂର୍ବରୁ ଅଲେଖ, ଲଣ୍ଡା, ଗୁଙ୍ଗୁରା ଓ ବାବାଜୀ କେରଳରୁ ଗ୍ରାମକୁ ଫେରି ଆସିଥିଲେ।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

---DIRECT JOINING---
BACK OFFICE / DATA ENTRY / CUSTOMER CARE / BANK TECHNICAL / SURVEY
Qual : Under Matric, 10th, +2, Graduate, ITI, Diploma, B.Tech, MBA, MCA, MSW.
Salary : 5000/- To 30,000/- per month
9114627157, 9078148138

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09205194798

REQUIRED
Applications are invited for Field Verification Work of areas at BBSR, CTC, Jharsuguda, Sambalpur, Bargarh, Bolangir, Boudh, Keonjhar & Rayagada.
Forest Park, BBSR
7537000302, 7978752682

WANTED SALES EXECUTIVE: 02 Nos.
Required for LIGHTING COMPANY at Bhubaneswar
12th Pass with One or Two years Experience in Retail Network is preferred. Interested candidates apply with detail Resume at
hrelectronics18@gmail.com
Ph: 9040218060, 9777100869

URGENTLY REQUIRED
ଏକ I.S.O. Certified ନବନିର୍ମିତ କମ୍ପାନୀର ଅଫିସ୍ ପାଇଁ ସାରା ଓଡ଼ିଶାରୁ ଷ୍ଟାଫ୍ ଆବଶ୍ୟକ। ଯୋଗ୍ୟତା: ୮ମରୁ M.B.A., ବୟସ: (୧୮–୩୫) yrs.
Salary: upto 25,000/-.
CUTTACK- 9938954286, 9439740690
BALASORE- 9178671812, 9439410183

SWAN KHADI
A MNC Company deals with HOME CARE, PERSONAL CARE, COSMETICS Required SALES OFFICERS (for all Odisha)
Salary: 15k to 20k + TA + DA + Incentives
FMCG Background Candidates preferred.
BBSR: 8249682173

19 VACANCY IN MNC
Qual.- 10th To Graduation
Age- (18 To 30) Yrs
Monthly Rs.8000/- To Rs.20000/- + Hostel free.
9937042198, 9937172198

DIRECT JOINING
~ CALL CENTER
~ DATA ENTRY
~ TELE CALLER
~ AUTOCAD
~ BACK OFFICE
~ DELIVERY EXE.
Qual. : +2, +3, ITI, Diploma (Age Below 32 years)
Salary : Rs.(6500 To 16000)
9853844830, 9937529015

Urgently Required
ଆୟୁର୍ବେଦିକ ମସାଜ ସେଣ୍ଟରରେ କାମ କରିବା ପାଇଁ ଝିଅ, ମହିଳା ଆବଶ୍ୟକ ।
(ଖାଇବା ଓ ରହିବା ସୁବିଧା ଅଛି । ଦରମା - 8000/-)
Contact : 7751083098
Khandagiri Square, Bhubaneswar

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

REQUIREMENT
➤ Counsellor/Telecaller
➤ Web Designer
➤ Marketing Executive
➤ CCTV CameraTechnician
➤ Office Boy/Peon
Mail CV: utilityservices60@gmail.com
Call: 8984063442 Bhubaneswar

URGENTLY REQUIRED
ଆୟୁର୍ବେଦିକ SPA ସେଣ୍ଟରରେ କାମ କରିବା ପାଇଁ ଝିଅ, ମହିଳା ଆବଶ୍ୟକ ।
ଖାଇବା ସୁବିଧା ଅଛି । ଦରମା : ୬୦୦୦/-
FRONT RECEPTIONIST
Salary : 9000/-
Mob : 9114402303
DAMANA SQUARE, BHUBANESWAR

ଚେନ୍ନାଇରେ ଚାକିରି / ହିନ୍ଦୀ କହିପାରୁଥିବେ / ଫ୍ରେଶର୍ ହୋଇ ନ ଥିବେ/ ସିକ୍ୟୁରିଟି ଗାର୍ଡ / ଅଫିସ୍ ଆସିଷ୍ଟାଣ୍ଟ / କାର ଡ୍ରାଇଭର / ବ୍ୟକ୍ତିଗତ ସେବକ / ରୋଷେୟା / ଘର ସଫେଇବାଲା/ ବେତନ: ୧୪୦୦୦-୨୦୦୦୦।
ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ,
9884761210

WANTED
For a Photo Lamination & Framing Business House at Bhubaneswar.
1. DRIVER: Candidates should have valid License (LMV & HMV License).
2. SALES EXECUTIVE: Candidates should be +2 Pass or above.
CONTACT NO:
9337170743, 9337170744

ଧରିତ୍ରୀ DHARITRI
is looking for
LAYOUT DESIGNERS
• Minimum 3 years+ experience in news dailies.
• Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.
Apply within 10 days to:
recruitment@dharitri.com
Pay & perks will be the best in the industry for deserving candidates.

The Institute of Chartered Financial Analysts of India University, Odisha
ICFAI® UNIVERSITY
Inviting Applications for the Position of
VICE CHANCELLOR
at Bhubaneswar
www.icfaiuniversity.in
The Institute of Chartered Financial Analysts of India University, Odisha, has been established under The Institute of Chartered Financial Analysts of India University, Odisha Act 5 of 2010.
The University is inviting applications from accomplished academicians for the position of **Vice Chancellor.** The candidate should be a strategic thinker with substantial experience in academic administration to be based at **Bhubaneswar.**
Candidates should have Ph.D in any discipline with a minimum of ten years of experience as Professor in a University system or ten years of experience in an equivalent position in a reputed research and / or academic administrative organisation. Selected candidate is expected to provide leadership to faculty and staff and contribute towards strategic and intellectual growth and development of the University.
Candidates may send their applications with detailed resume with complete details of experience, qualifications, and accomplishments with a brief not exceeding 500 words on "*Why the applicant considers himself / herself suitable for the position of Vice Chancellor*". Applications can be sent through e-mail to, *spl.officer@icfaiuniversity.in* within 10 days from the date of the advertisement.
Campus: The ICFAI University, Odisha, Taraboi, Near IIT Bhubaneswar, Bhubaneswar - 752050, Odisha.

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Part Time / Full Time
Contact: 9938676412

OFFICE STAFF ଆବଶ୍ୟକ
ଭୁବନେଶ୍ୱର Office ପାଇଁ 10th/ above ଯୋଗ୍ୟତା ଥିବା ଯୁବକ ଯୁବତୀ ଆବଶ୍ୟକ। Age: (17-30) yrs. ରହିବାର ସୁବିଧା ଅଛି। Monthly Salary upto Rs.24000/-.
Contact: 9938414918

WALK-IN-INTERVIEW
OUAT, BHUBANESWAR
There will be Walk-in-Interview on **12.09.2018** at **11.00 AM** in the Committee Room of Dean of Research for the post of Research Associate in AICRP on LTFE. For details regarding eligibility and salary etc. the advertisement in OUAT website: **www.ouat.ac.in** and college of agriculture website **www.cabbsouat@org** may be seen.
Dr. K.K. Rout
Professor & OIC
AICRP on LTFE
Dept. Soil Sci. & Ag. Chemistry
OUAT, Bhubaneswar - 751003

PARADIP PORT TRUST
PARADIP-754142, ODISHA (INDIA)
(An autonomous body under Ministry of Shipping, Govt. of India)
SAGARMALA
No. AD/RSC-I-21-67/2014/2975 Dt. 10th Aug, 2018
ADVERTISEMENT
Applications are invited from Indian Nationals for filling up following **Class-I / Class-II** posts on **direct recruitment** basis in Paradip Port Trust.
**(1). Dy. Chief Law Officer (Class-I), (2). Sr. Accounts Officer (Class-I), (3). Assistant Executive Engineer (Town Planning) (Class-I), (4). Deputy Marine Engineer, (Class-I), (5). Engineer In-Charge(Tug) (Class-II).** For further details, refer to our website : **www.paradipport.gov.in**
PPT/PR/283/2018-19, Dt.18.08.2018 Sr. Dy. Secretary

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## PARTICIPATION IN INDIAN HANDICRAFTS & GIFT FAIR

Applications in prescribed format are hereby invited from Handicrafts Entrepreneurs / Organizations having Import Export Code for participation in **Indian Handicrafts & Gift Fairs (Autumn & Spring) during October 2018 & February 2019 at Greater Noida, Expo Mart, New Delhi.** The detail application form is available in the website **www.sidacodisha.org.in** . Interested Entrepreneurs / Organizations involved in Export activities for Handicrafts sector may apply on or before **06.09.2018.**

**Member Secretary**

**State Institute for Development of Arts & Crafts**
Handlooms, Textiles & Handicrafts Department, Government of Odisha
Handicrafts Complex, Gandamunda, P.O: Khandagiri, Bhubaneswar-30
Tel. No.: +91 (0)674-2350318, **E-mail: sidacorissa@gmail.com,**
**Website: www.sidacodisha.org.in**

---

## OCAC — ODISHA COMPUTER APPLICATION CENTRE
## TENDER CALL NOTICE

**Enq. No. : OCAC-TE-07/2018-18046**

Sealed tenders are invited from interested OEMs / Distributors / Authorised Dealers / Suppliers for supply of Desktop Computer, UPS and Printer in the office of the Advocate General, Cuttack. Details are available in the website **www.ocac.in**. Last date for submission of tender document is **11.09.2018, 02:00 P.M.**

**General Manager (Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.: 0674-2567280/2567064/2567295

---

## COLLECTORATE, NABARANGPUR
**(Social Welfare Section)**

**1) Tender Call Notice Number-1779 Dated 20.08.2018**
The Tender Call Notice invited vide letter No. 1779 dated 20.08.2018 by the Collector, Nabarangpur for printing and supply of Mamata Register for 10 ICDS Projects of this district with the detail term & conditions available in the District website www.nawrangapur.nic.in.

**Sd./- District Social Welfare Officer**
**Nabarangpur**

---

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SONEPUR

No. Date : 21.08.2018

### CORRIGENDUM

The last date of receipt of tender documents against the tender call notice No. 3060/ DWH/ 02/ LABCHEM / 18-19, dtd. 31.07.2018 for supply of Laboratory Chemicals & Other Items under NIDAAN to Subarnapur district has been extended upto 31.08.2018 till 1pm & will be opened on the same date i.e. on 31.08.2018 at 2P.M. This is for information to the bonafide bidders to participate in the tender.

**Sd./- (Dr. B L Guru)**
**Chief District Medical & Public Health Officer**
**Subarnapur**

---

## OFFICE OF THE MUNICIPAL COUNCIL, JHARSUGUDA
### QUOTATION CALL NOTICE

No.3288/JM Dt.: 20.08.2018

Sealed tenders are invited from reputed Manufacturers / Companies / Authorised Dealers / Distributors having valid GST certificate / PAN Card for "Providing Fabricator Truss Work and Finishing with interior stage Crafting, Badminton Court Carpeting". The prescribed tender schedule and Detailed Tender Call Notice (DTCN) can be obtained from the cashier on payment of Rs. 10,000.00 in shape of demand draft (non-refundable) in favour of Executive Officer, Jharsuguda Municipality in any Nationalised Bank from Dt. 23.08.2018 to Dt. 03.09.2018 during office hours in working day.

The tender paper with all required documents alongwith EMD amounting to Rs. 40,000.00 (Rupees Forty Thousand) only in shape of Demand Draft in favour of Executive Officer, Jharsuguda Municipality should reach to the undersigned on or before Dt. 03.09.2018, 03:00 PM. The tender will be opened on the same day at 04:00 PM in presence of the quotationer or their authorised representative. All other terms and conditions can be seen in the DTCN. The authority reserves the right to reject any or all the quotation without assigning any reason thereof.

**Sd./- Executive Officer,**
**Jharsuguda Municipality**

---

## ଭୁବନେଶ୍ୱର ମହାନଗର ନିଗମ

ସଂଖ୍ୟା :୭୭୧୯୯ ତା.୨୦.୦୮.୨୦୧୮

### ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦଆଯାଉଅଛି କି, ଭୁବନେଶ୍ୱର ମହାନଗର ନିଗମର ଦକ୍ଷିଣ ପଶ୍ଚିମାଞ୍ଚଳରେ ଥିବା ୮ **ଗୋଟି** ବିଭିନ୍ନ ପାର୍କି ସ୍ଥଳକୁ ଅକ୍ସନ୍ କରିବା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ତରଫରୁ ତା.୧୭.୦୮.୨୦୧୮ ରିଖ ଠାରୁ ତା.୧୮.୦୮.୨୦୧୮ ରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ସ୍ଥିରିକୃତ କରାଯାଇଥିଲା । ଯାହାର ସମସ୍ତ ବିବରଣୀ **www.bmc.gov.in** ରେ ଉପଲବ୍ଧ ଥିଲା । ଏଠାରେ ପ୍ରକାଶ କରାଯାଉଛି ଯେ ତା. ୧୭.୦୮.୨୦୧୮ ରିଖରେ ହେବାକୁ ଥିବା ସ୍ଲଟ ଅକ୍ସନ କୁ ରାଷ୍ଟ୍ରୀୟ ଶୋକ ନିମନ୍ତେ ଛୁଟି ଘୋଷଣା ଦୃଷ୍ଟିରୁ ଏହା ବାତିଲ କରାଯାଇ ୮ ଗୋଟି ପାର୍କି **slots** ର ପୁନଃ ସ୍ଲଟ ଅକ୍ସନ ପାଇଁ **ତା.୨୫.୦୮.୨୦୧୮ ରିଖ ୧୧ ଘଟିକା** ସମୟରେ ସମସ୍ତ ଅକ୍ସନ୍ ମହାନଗର ନିଗମ ଦକ୍ଷିଣ ପଶ୍ଚିମ ମଣ୍ଡଳର କାର୍ଯ୍ୟାଳୟ କକ୍ଷରେ ଚୟନ କରାଯିବ ।

ଏଣୁ ଯେଉଁ ବ୍ୟକ୍ତି ବିଶେଷମାନେ ଉକ୍ତ ନିଲାମ ପ୍ରକ୍ରିୟାରେ ଭାଗ ନେବାକୁ ଚାହୁଁଛନ୍ତି, ତେବେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଧାର୍ଯ୍ୟ ଦିବସ ଓ ସମୟରେ ନିଜର ଦରଖାସ୍ତ ପ୍ରଦାନ କରି ନିଲାମ ପ୍ରକ୍ରିୟାରେ ଉପସ୍ଥିତ ରହିବାକୁ ଅନୁରୋଧ ।

ଉପ ଆୟୁକ୍ତ,ଦକ୍ଷିଣ ପଶ୍ଚିମ ମଣ୍ଡଳ
ଭୁବନେଶ୍ୱର ମହାନଗର ନିଗମ

**ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ**

---

## ODISHA POWER TRANSMISSION CORPORATION LIMITED
**(A Govt. of Odisha undertaking)**
CIN - U40102OR2004SGC007553
**Janapath, Bhubaneswar - 751022**
**OFFICE OF THE DY. GENERAL MANAGER, EHT (C) DIVISION, CUTTACK**
Phone: 0671 2365570, Fax: 0671 2365570, Email: ehtc.div.ctc@optcl.co.in

No. 1001 Date: 20.08.2018

### NOTICE INVITING TENDER - 01 / 2018-19

Sealed tenders are invited from bidders having valid PAN, GSTIN No., labour license, for the work "Annual maintenance contract for cleaning, up keeping & sanitation works of the officer of EHT Construction Division, Cuttack, EHT (C) Sub-Division, Cuttack, EHT (C) Sub-Division, Kendrapara at Marshaghai and along with the office periphery, approach road".

Cost of tender paper (Non-refundable) Rs. 600/- + GST as applicable. EMD: 1% of the total coated price for each tender is to be submitted in shape of DD drawn in favour of EHT (C) Division, Cuttack payable at Cuttack without which the tender shalll be rejected.

Sale of tender documents from **Dt.27.08.2018 to Dt.01.09.2018**. The tenders shall be received upto **1 PM** on **Dt.03.09.2018** and will be opened at **4.00 PM** on same date. For details please visit our website **www.optcl.co.in**. Corrigendum if any will be published in the website only.

**Sd./- Deputy General Manager**
**EHT (C) Division, Cuttack**

---

No.73-MM

## ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଆଠମଲ୍ଲିକ (କେନ୍ଦୁପତ୍ର) ବନଖଣ୍ଡ, ଆଠମଲ୍ଲିକ

ଆଠମଲ୍ଲିକ ତା୧୬।୦୮।୨୦୧୮

ଏତଦ୍ୱାରା ଶ୍ରୀ ଧ୍ରୁବେନ୍ଦ୍ର ବେହେରା, ସା:– ଖଲାରୀ, ପୋ– ଖଲାରୀ (ହୁଲୁରଶିଙ୍ଗା) ଥାନା– ଅନୁଗୁଳ, ଜିଲ୍ଲା– ଅନୁଗୁଳଙ୍କୁ ଅବଗତି କରାଯାଉଅଛି, ନିମ୍ନ ସ୍ୱାକ୍ଷରକାରୀଙ୍କ ଅଫିସ ଆଦେଶନାମା ନମ୍ବର– ୦୮ ତା୨୨।୦୨।୨୦୧୮ରିଖ ଅନୁକ୍ରମରେ ତୁମକୁ କନିଷ୍ଠ କିରାଣି କାର୍ଯ୍ୟରୁ ନିଲମ୍ବିତ ସହିତ ତୁମର ସଦର ମହକୁମା ଉପବନଖଣ୍ଡ ଅଧିକାରୀ, (କେନ୍ଦୁପତ୍ର) ରାମପୁର (ରେଢାଖୋଲ) ଅଫିସକୁ କରାଯାଇଅଛି। ପ୍ରକାଶ ଥାଉକି ତୁମେ ଅପ୍ରାଧିକୃତ ଭାବେ ଅନୁପସ୍ଥିତ ରହି ସରକାରୀ ଚିଠି ପ୍ରାପ୍ତି ସ୍ୱୀକାର କରି ଉତ୍ତର ଦେଉନାହଁ। ଏଣୁ ଉକ୍ତ ବିଷୟ ଅବଗତି ନିମନ୍ତେ ଓ ତତ୍ ବିହିତ କାର୍ଯ୍ୟାବଳୀ ଗ୍ରହଣ କରିବାକୁ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଗଲା।

ସ୍ୱା./– (ଶ୍ରୀ ଶରତ ଚନ୍ଦ୍ର ମହାରଣା)
ବନଖଣ୍ଡ ଅଧିକାରୀ
ଆଠମଲ୍ଲିକ (କେନ୍ଦୁପତ୍ର), ଆଠମଲ୍ଲିକ

08066/11/0001/1819

---

## GOVT. OF ODISHA
## DEPARTMENT OF WATER RESOURCES
### OFFICE OF THE EXECUTIVE ENGINEER JAMBHIRA CANAL DIVISION

No.422-A

**AT/PO- MORADA, DIST.- MAYURBHANJ**
E-mail ID: jambhiracanaldivisionmoradae@yahoo.com

### TENDER CALL NOTICE No.01/2018-19

(i) Name of the works: One No. of work to supply manpower sevices.
(ii) Estimated cost: (1) 1.216 lakh
(iii) Period of completion: 10 (Ten) months
(iv) Date & time of availability of bid document in the Office of O.I.T. 22.08.18 to 30.08.18 during office hour.
(v) Last date / time for receipt of bids in the Office of the O.I.T.: On 30.08.18 upto 03.30 PM
(vi) Date of opening of bid: 30.08.18 at 04.00 PM
(vii) Name and address of the O.I.T.: Executive Engineer, Jambhira Canal Division, Morada.

**Sd./- Executive Engineer**
**Jambhira Canal Division, Morada**

32065/11/0002/1819

---

## ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ, ଭୁବନେଶ୍ୱର

ନଂ. ୧୧୮୦୩ ତା୨୦।୦୮।୨୦୧୮

### ବିଜ୍ଞାପନ

ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମରେ ଥିବା ଶାଖାଗୁଡିକ ନିମନ୍ତେ ଦରକାର ହେଉଥିବା ଚୁକ୍ତିଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ମାସିକ ପାରିଶ୍ରମିକ ଯଥାକ୍ରମେ ଟ.୧୦,୫୬୦/– ଓ ଟ.୮,୬୪୦/– ହାରରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। କୃତକାର୍ଯ୍ୟ ହେଲେ ଉକ୍ତ ଚୁକ୍ତିଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରମାନଙ୍କୁ ସଡ଼କ ପରିବହନ ନିଗମର ବିଭିନ୍ନ ମଣ୍ଡଳ ଅଧୀନରେ ଥିବା ଶାଖାମାନଙ୍କରେ ଅବସ୍ଥାପିତ କରାଯିବ।

ସର୍ତ୍ତାବଳୀ ପୂରଣ କରିଥିବା ପ୍ରାର୍ଥୀମାନେ ନିଗମର ଶାଖା ଜିଲ୍ଲା ପରିବହନ ପରିଚାଳକଙ୍କ ନିକଟରେ ତା୨୪।୦୮।୨୦୧୮ରିଖଠାରୁ ତା୦୬।୦୯।୨୦୧୮ରିଖ ମଧ୍ୟରେ ଧାର୍ଯ୍ୟ କରାଯାଇଥିବା ତାରିଖ ଅନୁସାରେ ଦିବା ୧୧.୦୦ ଘଟିକାଠାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ସାକ୍ଷାତ୍‌କାର ଦେଇପାରିବେ।

ଏହାର ସବିଶେଷ ବିବରଣୀ OSRTC website- **www.osrtc.in** ରେ ଉପଲବ୍ଧ।

ଅଧ୍ୟକ୍ଷ–ତଥା–ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶକ୍ରମେ
ସ୍ୱା./– ସାଧାରଣ ପରିଚାଳକ (ପ୍ରଶାସନ)
ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ, ଭୁବନେଶ୍ୱର

---

## GOVERNMENT OF ODISHA
## OFFICE OF THE ENGINEER-IN-CHIEF, RURAL WORKS, BHUBANESWAR

Letter No. 21334 Dtd.14.08.18

### "e" Procurement Notice for road works under PLAN SCHEME
**(Online-05/2018-19 (Road) C.E., Plan Roads**

610-O

1. Name of the work : Construction of Roads work
2. Total No. of works : 4 (Four) nos.
3. Estimated cost : Varies from 400.00 lakh to 600.00 lakh
4. Class of contractor : Special & Super Class as applicable
5. Period of Completion : Varied from 08 (Eight) to 09 (Nine) calendar months as applicable.
6. Other details :

| Procurement Officer | Bid Identification | No. of Road works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Plan Roads, Odisha, Bhubaneswar | Online-05/2018-19 C.E., Plan Roads | 4 (Four) Nos. | 23.08.2018 at 11.00 AM | 10.09.2018 upto 3.00 PM |

Other details can be seen in the bidding documents, which is available in website www.tendersorissa.gov.in

Any subsequent addendum or corrigendum will be made available in the above website.

25123/11/0029/1819 *Sd./- Chief Engineer, Plan Roads, R.W. Odisha, Bhubaneswar*

---

See Career Appointment on every **Wednesday & Saturday**

---

## POWER GRID CORPORATION OF INDIA LIMITED
**(A Govt. of India Enterprise) A NAVRATNA COMPANY**
Plot No. 4, Unit-41, Niladri Vihar, Chandrashekharpur, Bhubaneswar-751 021
Tel. No.: 0674-2720794, Email: cnmodisha@powergrid.co.in
CIN: L40101DL1989GOI038121 पावरग्रिड

(EASTERN REGION-II), ODISHA PROJECTS (DOMESTIC COMPETITIVE BIDDING)

### INVITATION TO BID

**NIT Ref: ODP/BB/C&M/NIT-04/2018-19 Dated: 22/08/2018**

**Invitation for Bids (IFB) for Package under Single Stage Two Envelope (SSTE) Bidding Procedure (Funding: Domestic)**

**POWERGRID invites online bids through e-portal** https://pgcileps.buyjunction.in **for supply of Boat Ambulance for Malkangiri District Hospital under CSR[ Spcn. no. ODP/ BB/C&M-1420/I-751]:**

| Sl. No. | Estimated Cost (Rs.) | Details/ Site | Downloading of Bid Documents/ Cost of Bid Documents | Deadline of Bid submission Soft copy part Hard copy part |
|---|---|---|---|---|
| 1 | 75.99 Lacs | Malkangiri, Chitrakonda Reservoir | 22/08/2018 to 21/09/2018 (upto 1700 Hrs (IST) INR 2,500/- | 27/09/2018 [1100 hrs (IST)] 27/09/2018 [1100 hrs (IST)] |

1. For Further details including addendum/changes in bidding program, if any, please visit procurement portal **https://pgcileps.buyjunction.in/**
2. Bid documents may be purchased by paying required tender cost mentioned above in the form of demand draft in favour of Power Grid Corporation of India Ltd. payable at Bhubaneswar. Bidders will be required to purchase the Bid Documents from POWERGRID before the last date of sale of bids.
3. The First Envelope (Techno Commercial part) of the bid shall be opened on the deadline of Bid submission of Hard copy of the bid, 30 minutes later.
4. The complete Bidding Documents are also available on our website : **http://www.powergridindia.com** for the purpose of reference only.

PG/OP/ITB/Expression-3

**POWERGRID: INTEGRATING THE NATION THROUGH WIRE AND PEOPLE**

---

## ଜିଲ୍ଲା ଶିଳ୍ପ କେନ୍ଦ୍ର, ନୟାଗଡ଼
### ନୟାଗଡ଼ ଜିଲ୍ଲାର ଶିକ୍ଷିତ ଯୁବକ ଓ ଯୁବତୀଙ୍କ ପାଇଁ
### ଉଦ୍ୟୋଗ ବିକାଶ ତାଲିମ

ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଅଧୀନସ୍ଥ ଜିଲ୍ଲା ଶିଳ୍ପକେନ୍ଦ୍ର, ନୟାଗଡ଼ ଆନୁକୂଲ୍ୟରେ ୧୨ଦିନ ବ୍ୟାପୀ ବ୍ଲକ୍ / ଜିଲ୍ଲାସ୍ତରୀୟ ଉଦ୍ୟୋଗ ବିକାଶ ତାଲିମ ନିମିତ୍ତ ଇଚ୍ଛୁକ ଶିକ୍ଷିତ ଯୁବକ ଓ ଯୁବତୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି।

**ଯୋଗ୍ୟତା / ସର୍ତ୍ତାବଳୀ :**

କ) ପ୍ରାର୍ଥୀ / ପ୍ରାର୍ଥିନୀ ନୟାଗଡ଼ ଜିଲ୍ଲାର ସ୍ଥାୟୀ ବାସିନ୍ଦା ଏବଂ ବୟସ ଅନ୍ୟୂନ ୧୮ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ।
ଖ) ପ୍ରାର୍ଥୀ / ପ୍ରାର୍ଥିନୀ ଅନ୍ୟୂନ ଅଷ୍ଟମଶ୍ରେଣୀ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ଆବଶ୍ୟକ (ଉଚ୍ଚ ଶିକ୍ଷିତ ପ୍ରାର୍ଥୀ / ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ)।

**ଆବେଦନ ପ୍ରଣାଳୀ :**

ଆବେଦନକାରୀ ସାଦା କାଗଜରେ ନିଜର ନାମ, ପିତା/ସ୍ୱାମୀଙ୍କ ନାମ, ଜନ୍ମ ତାରିଖ, ସ୍ଥାୟୀ ଠିକଣା, ଶିକ୍ଷାଗତ ଯୋଗ୍ୟତା, ବର୍ଗ/ଜାତି, ଆଧାର କାର୍ଡ ନକଲ, ଫୋନ୍ ନମ୍ବର, ପାସ୍‌ପୋର୍ଟ ଫଟୋ ଓ କେଉଁ ପ୍ରକଳ୍ପ କରିବାକୁ ଚାହୁଁଛନ୍ତି, ତାହାର ବିବରଣୀ ସହିତ ଜିଲ୍ଲା ଶିଳ୍ପ କେନ୍ଦ୍ର, ନୟାଗଡ଼ଙ୍କୁ ତା୩୦।୦୮।୨୦୧୮ରିଖ ସୁଦ୍ଧା ଦାଖଲ କରିପାରିବେ। ସାକ୍ଷାତ୍‌କାର ଓ ମନୋନୟନ ଶିବିର ତା୩୧।୦୮।୨୦୧୮ରିଖ ଦିବା ୧୧ ଘଟିକା ଏବଂ ତାଲିମ କାର୍ଯ୍ୟକ୍ରମ ତା୦୧।୦୯।୨୦୧୮ରିଖଠାରୁ ୧୨।୦୯।୨୦୧୮ରିଖ ପର୍ଯ୍ୟନ୍ତ ହୋଟେଲ ନୀଳମାଧବ, ଖଣ୍ଡପଡ଼ା ରୋଡ଼, ନୟାଗଡ଼ଠାରେ ଅନୁଷ୍ଠିତ ହେବ।

**ଯୋଗାଯୋଗ :**

୧. ଶିଳ୍ପ ବିକାଶ ଅଧିକାରୀ (IPO), ସମ୍ପୃକ୍ତ ବ୍ଲକ୍
୨. ଜିଲ୍ଲା ଶିଳ୍ପ କେନ୍ଦ୍ର, ନୟାଗଡ଼– ୭୫୨୦୬୯, ଦୂରଭାଷ: ୦୬୭୫୩ – ୨୫୩୭୮୩

ସ୍ୱା./– ଶ୍ରୀ ଚିତ୍ତରଞ୍ଜନ ମିଶ୍ର
ସାଧାରଣ ପରିଚାଳକ
ଜିଲ୍ଲା ଶିଳ୍ପ କେନ୍ଦ୍ର, ନୟାଗଡ଼

---

## OFFICE OF THE COLLECTOR & DISTRICT MAGISTRATE, ANGUL
**(ST & SC Development Section, Ph. No: 06764-231173, e-mail: angdwo@gmail.com)**

**No. 1621 Dt. 18.08.2018**

### ADVERTISEMENT

Fresh applications are invited in prescribed format from the interested eligible Female candidates for engagement of Lady Matron/ Junior Matron on contractual basis initially for a period of one year in Girls Hostels of Angul district managed by ST & SC Development Department, Govt. of Odisha.

A candidate must have graduation degree from a recognized university for the Post of Lady Matron and in case of Junior Matron, she must have passed + 2 Examination. Candidates having experience in Hostel Management/ Working Knowledge of Computer/ Certificate in Nutrition/ Music/ Arts/ Co-curricular activities shall be given preferences.

The candidates should have completed 35 years of age as on 01.01.2018. Preference shall be given to Widows, Divorcee and Single Women (from a single member family) at the time of selection.

The candidates should belong to ST, SC or SEBC category. 1st preference will be given to the ST candidates, 2nd preference to the SC candidates and 3rd preference will be given SEBC candidates.

The Lady Matron will be paid remuneration of Rs. 7500/- (Rupees Seven Thousand Five Hundred) only per months In case of non-availability of graduate candidates passed +2 Examination will be selected as Junior Matron. The Junior Matrons will be paid monthly remuneration of Rs. 6500/- (Rupees Six Thousand Five Hundred) only.

Selection will be done on the basis of mark secured in graduation (for the Post of Lady Matron) and +2 Examination (for the Post of Junior Matron) taking into consideration the relevant past experience and desirable qualifications.

During selection 1st preference will be given to candidates belonging to same village in which the Hostel is located, 2nd preference will be given to the candidates of same Gram Panchayat, 3rd preference will be given to the candidates of same Block and 4th preference will be given to the candidates of the District in which the Hostel is located.

The Matrons so engaged will not be eligible for any scheme of regularization of service Free boarding and lodging facilities as applicable to boarders may be availed by her.

The last date for receipt of applications in the office of the District Welfare Officer, Angul is 10.09.2018 by Regd. Post/ Speed Post only. The envelope containing the application & other documents must be superscribed "Application for the Post of Lady Matron/ Junior Matron". In no case, the applicantion form will be received in the office of DWO, Angul by hand.

Self attested copy of following documents must be enclosed to the application.
1. HSC Certificate, 2. +2 Certificate along with Mark sheet, 3. Graduation Certificate with Mark sheet, 4. Desirable qualification certificate if any, 5. Residential Certificate, 6. Caste Certificate, 7. Proof of marital status (In case of Widows & Divorcees- the certificate from competent authority & for Single Women- self declaration certificate should be attached).

Incomplete applications and late receipt of applications due to postal delay will not be taken into consideration & liable to the rejected. The undersigned reserves the right for cancellation/ modification of this advertisement and increase of Posts without assigning any reason thereof.

Copy of the application form along with Hostel School wise vacancy position of Lady Matron may be obtained from the district website https://angul.nic.in and from the Notice board of DWO, Angul and all Block Office of Angul district.

**Sd./- Collector, Angul**

---

## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା,ସମ୍ବଲପୁର

ପତ୍ର ସଂଖ୍ୟା ୧୮୮୧ ତା୧୮।୮।୨୦୧୮

### ପଞ୍ଚାୟତସ୍ତରୀୟ ଜନଶୁଣାଣି ବିଜ୍ଞାପନ

ଏତଦ୍ୱାରା ସମ୍ବଲପୁର ଜିଲ୍ଲାର ସମସ୍ତ ଜନସାଧାରଣ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଏବଂ ଜବକାର୍ଡଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନୁକୂଲ୍ୟରେ ୨୦୧୭–୧୮ ଆର୍ଥିକ ବର୍ଷ ୨ୟ ପର୍ଯ୍ୟାୟର କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତି ଜନଶୁଣାଣି ଓସାଟ୍ (OSSAAT), ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପରିଚାଳନା କରାଯାଉଅଛି, ଯାହା ନିମ୍ନଲିଖିତ ତାଲିକାରେ ଧାର୍ଯ୍ୟ କରାଯାଇଅଛି । ଅତଏବ ଏଥିନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡିକ ଉପରେ ବିଚାର ବିମର୍ଶ କରାଯିବ ।

| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ | ସ୍ଥାନ | ଉପସ୍ଥିତ ଅଧିକାରୀ |
|---|---|---|---|
| ବାମରା | ୦୪.୦୯.୨୦୧୮ ସମୟ ୧୦.୦୦ | ପଞ୍ଚାୟତ ସମିତି | ଉପଜିଲ୍ଲାପାଳ, କୁଚିଣ୍ଡା |
| ଧନକଉଡା | ୦୫.୦୯.୨୦୧୮ ସମୟ ୧୦.୦୦ | ପଞ୍ଚାୟତ ସମିତି | ଉପଜିଲ୍ଲାପାଳ,ସମ୍ବଲପୁର |
| ଜମନକିରା | ୦୬.୦୯.୨୦୧୮ ସମୟ ୧୦.୦୦ | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ, ସମ୍ବଲପୁର |
| ଯୁଯୋମୁରା | ୧୧.୦୯.୨୦୧୮ ସମୟ ୧୦.୦୦ | ପଞ୍ଚାୟତ ସମିତି | ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ସମ୍ବଲପୁର |
| କୁଚିଣ୍ଡା | ୧୨.୦୯.୨୦୧୮ ସମୟ ୧୦.୦୦ | ପଞ୍ଚାୟତ ସମିତି | ଉପଜିଲ୍ଲାପାଳ, କୁଚିଣ୍ଡା |
| ମାନେଶ୍ୱର | ୧୮.୦୯.୨୦୧୮ ସମୟ ୧୦.୦୦ | ପଞ୍ଚାୟତ ସମିତି | ଉପଜିଲ୍ଲାପାଳ, ସମ୍ବଲପୁର |
| ନାକଟୀଦେଉଳ | ୧୯.୦୯.୨୦୧୮ ସମୟ ୧୦.୦୦ | ପଞ୍ଚାୟତ ସମିତି | ଉପଜିଲ୍ଲାପାଳ, ରେଢାଖୋଲ |
| ରେଢାଖୋଲ | ୨୦.୦୯.୨୦୧୮ ସମୟ ୧୦.୦୦ | ପଞ୍ଚାୟତ ସମିତି | ଉପଜିଲ୍ଲାପାଳ, ରେଢାଖୋଲ |
| ରେଙ୍ଗାଲି | ୨୫.୦୯.୨୦୧୮ ସମୟ ୧୦.୦୦ | ପଞ୍ଚାୟତ ସମିତି | ଉପଜିଲ୍ଲାପାଳ, ସମ୍ବଲପୁର |

*ସ୍ୱା./–ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ମନରେଗା, ସମ୍ବଲପୁର*

---

## GOVERNMENT OF ODISHA
## OFFICE OF THE EXECUTIVE ENGINEER, RWS&S DIVISION, MALKANGIRI
Tel: 06861-231617, Email: eerwss_mal@nic.in, eerwssmlkg@gmail.com, eerwssmlkg@rediffmail.com

### INVITATION FOR BIDS
### NATIONAL COMPETITIVE BIDDING
Bid Identification No. RWSS_MKG_ONLINE_05/2018-19 Dated: 10.08.2018

**No. 595-O:-** The Executive Engineer, RWS&S Division, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

1. Name of the work : Supplying all materials, labor, T&P etc. and construction of different size of ESR with ancillary works in connection with different RPWS in Malkangiri District.
2. No. of works : 05 Nos.
3. Estimated Cost : Rs. 7.09 lakhs to Rs. 24.17 lakhs
4. Tender paper cost : Rs. 4000/- to Rs. 5000/-
5. Class of Contractor :

| Estimated cost upto Rs. 20.00 lakhs | Estimated cost more than Rs. 20.00 lakhs & within Rs. 40.00 lakhs | Estimated cost more than Rs. 40.00 lakhs & within Rs. 150.00 lakhs |
|---|---|---|
| 'D' & 'C' | 'C' & 'B' | 'B' & 'A' |

6. Period of Completion : 03 (Three) calendar months to 06 (Six) calendar months
7. Critical dates:

| Procurement Officer | Bid Identification No. | Availability of tender online for bidding | | Last date of seeking tender clarification | Date of opening of Bid |
|---|---|---|---|---|---|
| | | From | To | | |
| Executive Engineer, RWS&S Division, Malkangiri | RWSS_MKG_ONLINE _05 of 2018-19 | 24.08.2018 at 9.00 AM | 01.09.2018 upto 5.00 PM | 31.08.2018 | 03.09.2018 at 11.00 AM |

- Further details can be seen in the bidding documents, which is available in the e-Procurement portal https://www.tendersorissa.gov.in.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

25044/11/0016/1819 *Sd./- Executive Engineer, RWS&S Division, Malkangiri*

---

## OFFICE OF THE MUNICIPAL COUNCIL, ANGUL

**No. 4636 Date: 20.08.2018**

### QUOTATION CALL NOTICE

Quotations in sealed covers with plain paper are invited from the authorized registered/Manufactures/Firms for supply of A.C having 2.00 Ton capacity and stabilizer of 5 KVA to this Municipality by date 27.08.2018 up to 3.00 P.M. and the same will be opened at 3.30 P.M. on the same day in presence of the quotationer or their authorized agent. They should submit the copy of registration certificate, GST, Aadhar card, PAN card along with the quotation. They should quote the rate per each A.C and stabilizer separately. They are required submit the EMD for Rs. 5,000/- (Rupees Five Thousand) only in shape of demand draft in favour of Executive Officer, Angul Municipality along with quotation. The rate should be quoted including fitting and fixing of the A.C. Quotation received after due date and time shall not be entertained. The authority reserves the right to reject any or all the quotation without assigning any reason thereof.

**Sd./-**
**Executive Officer**
**Angul Municipality**

# ମକାରେ ପୋକ ଦମନ



କାଣ୍ଡବିନ୍ଧା ପୋକ ମକା ଫସଲର ପ୍ରଧାନ ଶତ୍ରୁ। ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ ଆକ୍ରାନ୍ତ ଗଛର ପତ୍ରସନ୍ଧିରେ ୧ ଗ୍ରାମ୍ ଦାନାଦାର, କାର୍ବୋଫ୍ୟୁରାନ୍ ପ୍ରୟୋଗ କରନ୍ତୁ। ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ କ୍ଲୋରୋପାଇରିଫସ୍ କିମ୍ବା ୧.୫ ମିଲି ଫସ୍ପାମିଡନ୍ ମିଶାଇ ସିଞ୍ଚନ କଲେ କାଣ୍ଡବିନ୍ଧା ପୋକର ଦମନ ହୋଇଥାଏ। ପ୍ରଥମ ଥର ସିଞ୍ଚନର ୧୫ ଦିନ ପରେ ଆବଶ୍ୟକ ସ୍ଥଳେ ଦ୍ୱିତୀୟ ଥର ଔଷଧ ସିଞ୍ଚନ କରନ୍ତୁ। ମକା ଫସଲରେ ଭଣ୍ଡା ଖିଆ ପୋକ (ହେଲିକୋଭର୍ପା) ଲାଗିବାର ଦେଖାଯାଏ, ତା'ର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ମାଧ୍ୟମରେ ଏକର ପ୍ରତି ୧୦୦ ଶୁକ ସମତୁଲ ଏଚ୍ଏନ୍ପିଭି ସକାଳ ବା ସନ୍ଧ୍ୟା ସମୟରେ ପ୍ରୟୋଗ କରନ୍ତୁ।

## ଗେଣ୍ଡୁ ଫୁଲ



ଏବେଠୁ ଆଫ୍ରିକା ଗେଣ୍ଡୁ ଲଗାଇବା ଆରମ୍ଭ କରନ୍ତୁ। ଏହି ଗେଣ୍ଡୁର କିସମଗୁଡିକ ହେଲା ଜାଏଣ୍ଟ ବଲ୍, ଆଫ୍ରିକାନ୍ ଏଲୋ, ଆଫ୍ରିକାନ୍ ଅରେଞ୍ଜ୍, ଏରଲି ଏଲୋ, ଏରଲି ଅରେଞ୍ଜ୍, ସେରାକୋଲା, ଆଫ୍ରିକଟ୍, ସନ୍ ଜାଏଣ୍ଟ୍, କ୍ରାଉନ୍ ଅପ୍ ଗୋଲ୍ଡ, ସ୍ୱନ୍ ଗୋଲ୍ଡ, କ୍ୟୁପିଡ୍ ଏଲୋ ଇତ୍ୟାଦି। ୨୫ରୁ ୩୦ ଦିନରେ ତଳି ବା ଡାଳ କଲମୀ ଉପରବେଳା ରୁଅନ୍ତୁ। ତଳିକୁ ଧାଡିକୁ ଧାଡି ୩୦ ସେ.ମି. ଓ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ। ଚାରାଗୁଡିକ ଜମିରେ ଭଲଭାବେ ପ୍ରତିଷ୍ଠିତ ହେବା ପାଇଁ ତଳି ଲଗାଇବା ପରେ ହାଲୁକା ଜଳସେଚନ କରନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୨୦ ଟନ୍ ଗୋବର ଖତ, ୪୦ କି.ଗ୍ରା. ଯବକ୍ଷାରଜାନ, ୮୦ କି.ଗ୍ରା. ଫସ୍ଫରସ୍ ଓ ୮୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ।

# ଗୋ-ପୂଜନ



ଡା. ବୀର କିଶୋର ପରିଡ଼ା

ଗହ୍ମାପର୍ବ, ଏକ ମହାନ୍ ପବିତ୍ର କୃଷିଭିତ୍ତିକ ପର୍ବ । ଶ୍ରାବଣ ମାସର ଶୁକ୍ଲପକ୍ଷ ପୂର୍ଣ୍ଣିମା ତିଥିରେ ଏହି ଗହ୍ମା ପର୍ବ ବା ଗହ୍ମାପୂର୍ଣ୍ଣିମା ପାଳିତ ହୋଇଥାଏ । ଗହ୍ମାର ଅର୍ଥ ଗୋମାତା ଏବଂ ଗୋମାତାଙ୍କୁ ଏହିଦିନ ପୂଜା କରାଯାଉଥିବାରୁ ଏହା ଗହ୍ମାପୂର୍ଣ୍ଣିମା ବୋଲି କୁହାଯାଏ । ଗହ୍ମାର ଅନ୍ୟ ଅର୍ଥ ହେଲା– ଗଭୀରମୁହାଁ ଲଙ୍ଗଳ, ଯାହାକୁ ଭଗବାନ ବଳଭଦ୍ର କୃଷିର ଉନ୍ନତି ପାଇଁ ବ୍ୟବହାର କରିଥିଲେ । ଶ୍ରାବଣ ପୂର୍ଣ୍ଣିମା ଦିନ ଶ୍ରୀକୃଷ୍ଣଙ୍କ ଅଗ୍ରଜ ବଳଭଦ୍ରଙ୍କ ଜନ୍ମ ତିଥିକୁ କୃଷକର ପର୍ବ ଭାବେ ପାଳନ କରାଯାଏ । ଏହି ପୂର୍ଣ୍ଣିମାକୁ ଶ୍ରାବଣୀ ବା ସୌଭାଗ୍ୟ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଧରିତ୍ରୀ ଶସ୍ୟ ଶ୍ୟାମଳାରେ ଭରପୂର ହେବା ସହିତ ମାନବ ସମାଜ ବ୍ୟକ୍ତିଗତ ସ୍ତରରେ ଧନ, ଜନ, ଗୋପ, ଲକ୍ଷ୍ମୀ ଅର୍ଜନ କରିବାରେ ସୌଭାଗ୍ୟଲାଭ କରିଥାନ୍ତି।

ବଳଭଦ୍ରଙ୍କର ମୁଖ୍ୟ ଆୟୁଧ ଲଙ୍ଗଳ। ସେ କୃଷିର ଉନ୍ନତି, ଗୋସେବା ଓ ଗୋରକ୍ଷାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ । ତାଙ୍କର ଏକ ହସ୍ତର ମୁଷଳ ଯାହାକି ଶ୍ରମ ବା ଶିଳ୍ପର ପ୍ରତୀକ ଏବଂ ଅନ୍ୟ ହସ୍ତର ଲଙ୍ଗଳ ହେଉଛି କୃଷିର ପ୍ରତୀକ। ଗୋ–ଗୋଷ୍ଠୀରେ ରୋହିଣୀ ନାମକ ଗାଇ ନିକଟରେ ରାଣୀ ରୋହିଣୀଙ୍କଠାରୁ ବଳଭଦ୍ର ଜନ୍ମଲାଭ କରିଥିବାରୁ ପ୍ରତ୍ୟେକ ହିନ୍ଦୁ ପରିବାର ଗାଈଙ୍କୁ ମାତା ଭାବରେ ସମ୍ବୋଧନ କରି ଗୋ–ଉପାସନା କରି ଆସୁଛନ୍ତି। ଚାଷ କାର୍ଯ୍ୟ ଶେଷରେ ଗହ୍ମାପୂର୍ଣ୍ଣିମାରେ କୃଷି ଉତ୍ପାଦନର ପ୍ରମୁଖ ସହାୟକ ବଳଦକୁ କୃଷକ ତେଲ ହଳଦୀ ଲଗାଇ ସ୍ନାନ କରାନ୍ତି। ତା'ପରେ ସିନ୍ଦୂର ଫୁଲମାଳମାନ ଓ ଶଙ୍ଗରେ ରାଖୀ ବାନ୍ଧି ଦିଅନ୍ତି। ଘର ଦୁଆର ଓ ଗୁହାଳ ଲିପା ପୋଛା ସହିତ କାନ୍ଥରେ ଚିତାକର୍ଷକ ଲଙ୍ଗଳ, ବଳଦ ଆଦିର ଝୋଟି ପକାଇଥାନ୍ତି । କୃଷକ ତା'ର ପରିବାର ସହ ପ୍ରତ୍ୟୁଷରୁ ସ୍ନାନ କରି ପ୍ରଭୁ ଶ୍ରୀ ବଳଭଦ୍ରଙ୍କ ସହ ହଳ ଲଙ୍ଗଳ ଓ ବିଭିନ୍ନ କୃଷି ଉପକରଣ ନି୍ ଏବଂ ଗୋ–ପୂଜା ଆଦି ଆନନ୍ଦଉଲ୍ଲାସରେ ପାଳନ କରିଥାଏ । ଘରେ ଘରେ ପିଠାପଣା, ଖିରି ଖେଚୁଡ଼ି ହୋଇଥାଏ । ଗୋମାତା ତଥା ବଳଦଙ୍କୁ ସୁମିଷ୍ଟ ବ୍ୟଞ୍ଜନ ଯଥା – ପିଠାପଣା, ଏଣ୍ଡୁରିପିଠା, ଦାନା, ସବୁଜ ଘାସ ଆଦି ଖୁଆଇ ପ୍ରଭୁଙ୍କୁ ସୁମରଣା କରିଥାନ୍ତି।

ଶ୍ରୀମନ୍ଦିରରେ ଗହ୍ମା ପର୍ବ ପାଳନର ପରମ୍ପରା ବିଧି ରହିଆସିଛି । ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମୋତ୍ସବ ଓ ରାଖୀ ଲାଗି ଅନୁଷ୍ଠିତ ହୁଏ। ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପ୍ରଭୁ ଶ୍ରୀ ବଳଭଦ୍ରଦେବଙ୍କର ଜନ୍ମୋତ୍ସବ ଅନୁଷ୍ଠିତ ହୋଇଆସୁଛି। ବଳଭଦ୍ରଙ୍କୁ କୃଷକ ଦେବତା ଭାବେ ପୂଜା କରାଯାଉଥିବା ବେଳେ କୃଷି ଉପକରଣ ଏବଂ ବଳଦଙ୍କ ପୂଜା କରିବାର ବିଧି ଏଠାରେ ରହିଆସିଛି।



ଗହ୍ମା ପୂର୍ଣ୍ଣିମା ଦିନ ବଳଭଦ୍ରଙ୍କ ଆୟୁଧ ସହ ବଳଦ ପୂଜା କରିବାକୁ ଏବେ ଗାଁରେ ବଳଦ ଖୋଜିଲେ ଆଉ ମିଳୁନାହାନ୍ତି । ମନୁଷ୍ୟ ସମାଜରେ ପୁତ୍ର ସନ୍ତାନ ପ୍ରତି ଯେଉଁଳି ଗୁରୁତ୍ୱ ଦିଆଯାଉଛି, ଗୋ ସମ୍ପଦ କ୍ଷେତ୍ରରେ ଠିକ୍ ଏହାର ବିପରୀତ ଭଳି ମାଈ ବାଛୁରି ପ୍ରତି ଗୁରୁତ୍ୱ ଦିଆଯାଇ ଅଣ୍ଡିରା ବାଛୁରି ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଛି ଏବଂ ଏମାନଙ୍କୁ ଅନାବଶ୍ୟକ ଭାବି କଂସେଇ ହାତରେ ଟେକି ଦିଆଯାଉଛି। ଆମ ରାଜ୍ୟରେ ଆଜି ବ୍ୟାପକ ଗୋଚାଲାଣ ଯୋଗୁ ଆମ ବିକାଶଧାରାରେ ମୁଖ୍ୟ ଅନ୍ତରାୟ ସୃଷ୍ଟି କରିଛି ।

ଜନସଂଖ୍ୟା ବୃଦ୍ଧି ଓ ପ୍ରାଣୀଜ ପୁଷ୍ଟିକର ଖାଦ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୋସମ୍ପଦର ସୁରକ୍ଷା ସହିତ ଉତ୍ପାଦନ ଓ ଉତ୍ପାଦିକତା ଶକ୍ତିର ଅଭିବୃଦ୍ଧି ନିମନ୍ତେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ବର୍ତ୍ତମାନ ଆମ ରାଜ୍ୟରେ ବିଭିନ୍ନ ସଂକ୍ରାମକ ରୋଗ ବିରୋଧରେ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଗୋମହିଷାଦିଙ୍କ ସୁରକ୍ଷା ନିମନ୍ତେ ଆରମ୍ଭ ହୋଇଛି । ତନ୍ମଧ୍ୟରେ ଫାଟୁଆ, ଆନ୍ଥ୍ରାକ୍ସ, ବ୍ରୁସେଲୋସିସ୍ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆଦି ପ୍ରଧାନ । ଜାତୀୟ ପ୍ରାଣୀଧନ ମିଶନ ଅଧୀନରେ ପ୍ରାଣୀ ଧନବୀମା ଯୋଜନାରେ ଦୁଧିଆଳୀ ଗାଈ, ମଇଁଷି ଓ ବଳଦ ଆଦି ପ୍ରାଣୀଙ୍କୁ ବୀମାକରଣ କରାଯାଉଛି ଏବଂ ବିପଦ ଆପଦ ସମୟରେ ଯଦି ଏମାନଙ୍କର ଆକସ୍ମିକ ମୃତ୍ୟୁ ଘଟିଲେ, ସେ ବାବଦରେ କ୍ଷତିପୂରଣ ଗୋ–ପାଳକମାନଙ୍କୁ ପ୍ରଦାନ କରାଯାଉଛି।

ରାଜ୍ୟ କୃଷିନୀତି–୨୦୧୩ ଅନୁଯାୟୀ, ଚଳିତ ବର୍ଷ ୨୦୧୮–୧୯ଠାରୁ ଆମ ରାଜ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଆରମ୍ଭ ହୋଇଛି । ଏହି ଯୋଜନା ଆପିକଲ ସହାୟତାରେ କାର୍ଯ୍ୟକାରୀ କରାଯାଉଛି । ରାଜ୍ୟରେ ବ୍ୟାପକ କୃଷିଭିତ୍ତିକ ଉଦ୍ୟୋଗ ସ୍ଥାପନ ନିମନ୍ତେ ଉପଲବ୍ଧ ରିହାତି ପ୍ରଦାନ ପାଇଁ ଏକ ସରଳ ତଥା ସମ୍ପୂର୍ଣ୍ଣ ଅନଲାଇନ୍ ପ୍ରକ୍ରିୟା ବ୍ୟବସ୍ଥା କରାଯାଇଛି । ସେଥିନିମନ୍ତେ ରାଜ୍ୟରେ ଯୁବୋଦ୍ୟୋଗୀମାନେ କିପରି ସହଜ ପ୍ରଣାଳୀରେ ଏଣେତେଣେ ନ ଧାଇଁ ଘରେ ବସି ୱେବ୍ସାଇଟ୍ www.apicol.nic.in ମାଧ୍ୟମରେ ଯେପରି ପଞ୍ଜୀକୃତ କୃଷି ଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା କରିବାର ସୁଯୋଗ ପାଇବେ, ସେଥି ନିମନ୍ତେ ଏହି ଯୋଜନାରେ ବ୍ୟବସ୍ଥା ହୋଇଛ । ଏହି ନୂତନ ଯୋଜନାରେ ରାଜ୍ୟ ସରକାର ସାଧାରଣ ବର୍ଗର ପୁରୁଷ ଉଦ୍ୟୋଗୀମାନଙ୍କ ନିମନ୍ତେ ଜମି ମୂଲ୍ୟକୁ ଛାଡ଼ି ସ୍ଥାୟୀ ପୁଞ୍ଜିର ୪୦ ପ୍ରତିଶତ ଏବଂ ଅନୁସୂଚିତ ଜାତି/ଜନଜାତି/ମହିଳା ତଥା କୃଷି ଓ ଆନୁଷଙ୍ଗିକ ବିଷୟରେ ସ୍ନାତକମାନଙ୍କ ପାଇଁ ୫୦ ପ୍ରତିଶତ ବା ସର୍ବାଧିକ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବ୍ସିଡ଼ି ବା ରିହାତି ବ୍ୟବସ୍ଥା କରିଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛୋଟ ଛୋଟ ଉଦ୍ୟୋଗ ପ୍ରତିଷ୍ଠା ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ଉକ୍ତ ସ୍ଥାୟୀ ପୁଞ୍ଜି ନିବେଶ ରିହାତି ଯୋଗ୍ୟ କୃଷି ଉଦ୍ୟୋଗ ତାଲିକାରେ କୃଷି ଓ ଆନୁଷଙ୍ଗିକ କୃଷି ଯଥା – ପ୍ରାଣୀପାଳନ, ମତ୍ସ୍ୟଚାଷ ଓ ଉଦ୍ୟାନକୃଷି ଉପରେ ୬୨ଟି କୃଷି ଉଦ୍ୟୋଗ ପ୍ରକଳ୍ପ ଅନ୍ତର୍ଭୁକ୍ତ କରାଯାଇଛି।

ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମାଧ୍ୟମରେ ଏହିସବୁ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଉଦ୍ୟୋଗୀମାନଙ୍କୁ ଅନ୍ଲାଇନ୍ ପ୍ରକ୍ରିୟାରେ ଆବେଦନ କରିବାକୁ ହେଲେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କର କନ୍ସେଣ୍ଟ ଲେଟର, ଜମିର ପଟ୍ଟା, ଉଦ୍ୟୋଗୀ/ଚାଷୀଙ୍କ ପରିଚୟପତ୍ର (ଆଇ.ଡି.), ପ୍ରକଳ୍ପର ମୂଲ୍ୟ, ଆଧାର ନମ୍ବର, ପାସ୍ପୋର୍ଟ ସାଇଜ ଫଟୋ ଓ ଦସ୍ତଖତ ସ୍କାନିଂ କପି, ବ୍ୟାଙ୍କ ଆକାଉଣ୍ଟ ନମ୍ବର ଆଦି ପ୍ରସ୍ତୁତି ରଖିବାକୁ ହେବ । ପରିଚୟ ପତ୍ର ସହକାରୀ କୃଷି ଅଧିକାରୀ, ସହକାରୀ ଉଦ୍ୟାନ ଅଧିକାରୀ କିମ୍ବା ଏଗ୍ରିଜ୍ନେଟ୍ (agrisnet) ରୁ ମଧ୍ୟ ଉପଲବ୍ଧ କରିପାରିବେ । ସେହିପରି ଆମ ରାଜ୍ୟର ବିଭିନ୍ନ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମାଧ୍ୟମରେ ବିନା ମର୍ଟଗେଜ୍‌ରେ ଉପରୋକ୍ତ ଯୋଜନାରେ ସାମିଲ ହେବାପାଇଁ ରାଜ୍ୟ ସରକାର ବ୍ୟାପକ ପ୍ରୋତ୍ସାହନ ଯୋଗାଇ ଦେଇଛନ୍ତି। ଅବଶ୍ୟ କୃଷି ଉଦ୍ୟୋଗୀମାନଙ୍କୁ ସେମାନଙ୍କର ପ୍ରକଳ୍ପକୁ କେନ୍ଦ୍ର ସମବାୟ ବ୍ୟାଙ୍କ ସହିତ ହାଇପୋଥେକେସନ୍ କରିବାକୁ ପଡ଼ିବ । ସେଥିପାଇଁ ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ଏକ ରାଜିନାମା ସ୍ୱାକ୍ଷର କରିବାକୁ ହେବ।

*–ଉପନିର୍ଦ୍ଦେଶକ (ରୋଗ ନିୟନ୍ତ୍ରଣ), ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ, ମୋ: ୯୪୩୭୬୦୭୩୧୨*

# କିପରି କରିବେ କଲରା ଚାଷ



ଡ. ଶାଶ୍ୱତୀ ପଟ୍ଟନାୟକ

କଲରାର ସ୍ୱାଦ ପିତା କିନ୍ତୁ ଔଷଧୀୟ ଗୁଣ ଲାଗି ଏହା ସର୍ବଜନବିଦିତ। କଲରା ରସରେ ଅନେକ ପ୍ରକାର ପୌଷ୍ଟିକ୍ ତତ୍ତ୍ୱ ଥାଏ ଯାହା ଶରୀର ପାଇଁ ହିତକର। ତନ୍ତୁ ଜାତୀୟ ଖାଦ୍ୟ ଛଡ଼ା ଏଥିରେ ପୋଟାସିୟମ, ଆଇରନ, ମ୍ୟାଗନେସିୟମ, ଭିଟାମିନ୍–ସି, କ୍ୟାଲସିୟମ ଇତ୍ୟାଦି ଥାଏ। ଏଥିରେ ଥିବା ପଲିପେପ୍ଟାଇଡ–ପି ଯାହାକି ମଧୁମେହ ରୋଗୀଙ୍କ ପାଇଁ ବରଦାନ ଭଳି କାମ କରେ। ରକ୍ତରେ ଶର୍କରା ଅଂଶ କମେଇବାରେ ଏହା ସାହାଯ୍ୟ କରିଥାଏ। ଖାଦ୍ୟ ମୂଲ୍ୟ ହିସାବରେ ଦେଖିବାକୁ ଗଲେ ୮୩.୨ ଭାଗ ଜଳୀୟ ଅଂଶ ଥାଏ।



କଲରା ଚାଷ ଉଭୟ ବର୍ଷା ଓ ଖରା ଦିନେ କରାଯାଇପାରିବ। କଲରାର ଅନେକ ଉନ୍ନତ ଧରଣର କିସମ ରହିଛି, ଯଥା: କୋଏମ୍ବାଟୁର ଲଙ୍ଗ, ପୁଷା–ଦୋମୌସୁମୀ, ଲଙ୍ଗଗ୍ରୀନ୍, ହ୍ୱାଇଟ୍ ଲଙ୍ଗ, ହାଇବ୍ରିଡ୍–୪୯, ଅର୍କହରିତ ଇତ୍ୟାଦି। ପ୍ରାୟ ସବୁ ମାଟିରେ ଏହାର ଚାଷ କରାଯାଇପାରିବ। ମାଟି ଦୋରସା ହେଲେ ଭଲ। ଚାଷ ହୋଇଥିବା ପଟାଳିରେ ଯେପରି ପାଣି ଜମି ନ ରହେ ସେଥିପ୍ରତି ନଜର ଦେବା ଆବଶ୍ୟକ। କଲରା ପ୍ରାୟ ୩ ମାସରେ ଅମଳ ଦେଇଥାଏ। ଏକ ଏକରରୁ ପ୍ରାୟ ୨୫–୩୦ କୁଇଣ୍ଟାଲ ଅମଳ ହୋଇଥାଏ। ପ୍ରକୃଷ୍ଟ ବୈଜ୍ଞାନିକ ପଦ୍ଧତି, ଉତ୍ତମ ବିହନ ଚୟନ ଓ ପରିଚାଳନା ମାଧ୍ୟମରେ କଲରା ଚାଷ କଲେ ବେଶ୍ ଦୁଇ ପଇସା ରୋଜଗାର କରିହେବ।

କଲରା ମନ୍ଦାରେ ଲଗାଯାଏ ଓ ପରବର୍ତ୍ତୀ କାଳରେ ଭାଡ଼ିରେ ମଡେଇ ବା ମଞ୍ଚା କରି ହଟେଇ ଦେଲେ ଅମଳ ଭଲ ମିଳେ। ଏକ ଏକର ଜମି ପିଛା ପ୍ରାୟ ୩୦–୪୦ କୁଇଣ୍ଟାଲ ଶଢ଼ା ଗୋବର ଖତ ଦରକାର। ମଞ୍ଜି ଲଗାଇବା ପୂର୍ବରୁ ମନ୍ଦା ପ୍ରସ୍ତୁତ ବେଳେ ଖତ ଦିଅନ୍ତୁ। କଲରା ଲଗାଇବା ସମୟରେ ଏକର ପିଛା ୧୦ କିଲୋଗ୍ରାମ ଯବକ୍ଷାରଜାନ, ୧୨ କିଲୋଗ୍ରାମ ଫସଫରସ ଓ ୨୦ କିଲୋଗ୍ରାମ ପଟାସ ସାର ପ୍ରୟୋଗ କରନ୍ତୁ। ଗଛ ହେବାର ୩ ସପ୍ତାହ ପରେ ଏକର ପିଛା ୧୦ କିଲୋଗ୍ରାମ ଯବକ୍ଷାରଜାନ ଦିଅନ୍ତୁ। ମଞ୍ଜି ଲଗାଇବାର ୩ ରୁ ୪ ସପ୍ତାହ ମଧ୍ୟରେ ମନ୍ଦା ଖୁସାଇ ଘାସ ବାଛି ଗଛ ମୂଳକୁ ହୁଡ଼ା ଟେକି ଦିଅନ୍ତୁ।

ବର୍ଷାଦିନେ ବତର ଦେଖି ପାଣି ମଡ଼ାନ୍ତୁ ଏବଂ ପାଣି ଯେମିତି ଗଛ ମୂଳରେ ଜମି ନ ଯାଏ ସେଥିପାଇଁ ବିଶେଷ ଧ୍ୟାନ ଦେବାକୁ ହୁଏ। ଖରାଦିନେ ମାଟିର ଆବଶ୍ୟକତାକୁ ଦେଖି ପାଣି ମଡାଯିବା ଆବଶ୍ୟକ । ଗଛରେ ଫୁଲ ଫଳ ସମୟରେ ପାଣି ଠିକ୍ ଭାବେ ଦିଆ ନ ଗଲେ ଅମଳ ଆଶାନୁରୂପକ ହୋଇ ନ ଥାଏ। କହିବା ବାହୁଲ୍ୟ ଫୁଲ, ଫଳ ହେଲା ବେଳେ ପାଣିର ଅଭାବ ରହିବା କଥା ନୁହେଁ। କଲାରର ମୁଖ୍ୟ ଶତ୍ରୁ ହେଉଛି ଫଳମାଛି। ଏହା ଫଳକୁ କଣା କରି ନଷ୍ଟ କରିଦିଏ। ପ୍ରତିକାର ସ୍ୱରୂପ ଏକର ପିଛା ୩୦୦ ମିଲିଲିଟର ଏଣ୍ଡୋସଲଫାନ ଔଷଧକୁ ୨୦୦ଲିଟର ପାଣି ସହ ମିଶାଇ ଫସଲରେ ସ୍ପ୍ରେ କରନ୍ତୁ। କଲରାର ବଜାରର ଚାହିଦା ଦେଖି କୁହାଯାଇପାରେ ଯେ ଏହାର ଚାଷ ଲାଭଜନକ। ଏହାଛଡ଼ା ସହର ଓ ସ୍ଥାନ ଅଭାବରେ ଏହାକୁ କୁଣ୍ଡ, ଅଖା, ଡାବଲ ପେଟିରେ ମଧ୍ୟ କରାଯାଇପାରିବ।

*–ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ଚିପିଲିମା, ସମ୍ବଲପୁର*

ପ୍ରଥମ ପୃଷ୍ଠାରୁ...

## ଆମ୍ବକୋଇଲି ପିଠା...

ଭଉଣି ନମିତା, ପୁଅ ପ୍ରକାଶ ଓ ସାନଭାଇ ଅବିନାଶଙ୍କ ସ୍ତ୍ରୀ ପ୍ରମିଳା ଖାଇଥିଲେ। ଅବିନାଶଙ୍କ ପୁଅ ରୋମିଓ (୫)ଙ୍କୁ ମଧ୍ୟ ଖାଇବାକୁ ଦେଇଥିଲେ। ପିତା ଲାଗିବାରୁ ସେ ଖାଇ ନ ଥିଲେ। ଅପରାହ୍ନରେ ପିଠା ଖାଇଥିବା ସୁଧମଣି, ନମିତା, ପ୍ରକାଶ ଓ ପ୍ରମିଳାଙ୍କୁ ଝାଡ଼ାବାନ୍ତି ହେବା ସହ ମୁଣ୍ଡ ବୁଲାଇଥିଲା ଏବଂ ଜିଭ ମଧ୍ୟ ଫୁଲି ଯାଇଥିଲା। କିଏ ଗୁଣି ଗାରେଡି କରିଥିବ ଭାବି ପରିବାର ପକ୍ଷରୁ ଝଡାଫୁଙ୍କା କରାଯାଇଥିଲା। କିନ୍ତୁ ରାତି ସାରା ସମସ୍ତଙ୍କୁ ବାନ୍ତି ହୋଇଥିଲା। ରାତି ପ୍ରାୟ ୨ଟାରେ ପ୍ରଥମେ ନମିତାଙ୍କ ମୃତ୍ୟୁ ଘଟିଥିଲା। ଗାଁଠାରୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୮ କିମି ଦୂର। ସେଥିମଧ୍ୟରୁ ୫ କିମି ଗାଁ ରାସ୍ତା କାଦୁଅ ପଚପଚ ହୋଇଥିବାରୁ ଟ୍ରାକ୍ଟର ଯୋଗେ ସୁଧମଣି, ପ୍ରକାଶ ଓ ପ୍ରମିଳାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେତେବେଳକୁ ରାତି ସାଢେ ୩ଟା ହୋଇଥିଲା। ଡାକ୍ତର ସେମାନଙ୍କୁ ତୁରନ୍ତ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ପଠାଇଥିଲେ। ନବରଙ୍ଗପୁରକୁ ଆସିବା ବାଟରେ ସୁଧମଣିଙ୍କ ମୃତ୍ୟୁ ଘଟିଥିଲା। ପ୍ରମିଳା ଓ ପ୍ରକାଶଙ୍କୁ ଗୁରୁତର ଅବସ୍ଥାରେ ନବରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ ସେମାନଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପ୍ରମିଳାଙ୍କ ମୃତ୍ୟୁ ଘଟିଥିଲା। ପ୍ରକାଶ ଗୁରୁତର ଅବସ୍ଥାରେ ସେଠାରେ ଚିକିତ୍ସିତ ହେଉଛନ୍ତି।

ଜଣାପଡ଼ିଛି ଯେ, ୮ ଦିନ ତଳେ ଆମ୍ବ କୋଇଲିକୁ ବତୁରାଇ ରଖାଯାଇଥିବାବେଳେ ସେଥିରେ ଫିମ୍ପି ଲାଗି ଯାଇଥିଲା। ସୋମବାର ତାହାକୁ ପିଠାକରି ସେମାନେ ଖାଇଥିଲେ। ଜିଲାପାଳ ଡ. ଅଜିତ କୁମାର ମିଶ୍ର ଖବର ପାଇବା ପରେ ବିଡିଓ ରୁନୁ ଲାକ୍ରା, ତହସିଲଦାର କ୍ଷମାଶୀଳ ଭୋଇଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମଇନାପଦର ଗାଁରେ ବିଡିଓ, ତହସିଲଦାର ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଆଶୁତୋଷ ମିଶ୍ର, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଡାକ୍ତର ସନ୍ତୋଷ ପ୍ରଧାନ ପ୍ରମୁଖ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଏଥିସହ ଆମ୍ବକୋଇଲି ଗୁଣ୍ଡ ଏବଂ ପିଠା ଗ୍ରାମରେ କାହା ଘରେ ରହିଛି ପଚାରି ବୁଝିଥିଲେ। ଡମ୍ବରୁଙ୍କ ପଡୋଶୀ ଡମ ସାନ୍ତାଙ୍କ ଘରୁ ପିଠା ଜବତ କରାଯାଇଥିଲା। ବିଡିଓ, ତହସିଲଦାର ଓ ମେଡିକାଲ ଟିମ୍ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଏକ ମିଳିତ ରିପୋର୍ଟ ଜିଲାପାଳଙ୍କୁ ଦିଆଯାଇଛି। ଜିଲାପାଳ ମଧ୍ୟ ଘଟଣା ସମ୍ପର୍କରେ ଏକ ରିପୋର୍ଟଙ୍କୁ ସରକାରଙ୍କୁ ଦେଇଛନ୍ତି। ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୪ ହଜାର ଟଙ୍କା ଦିଆଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଖବର ପାଇଁ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ, ପଛୁଆବର୍ଗ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଚୌଧୁରୀ ଶୋଭାରାଣୀ ମିଶ୍ର ଗ୍ରାମରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ଆମ୍ବ କୋଇଲିକୁ ପିଠା କରି ଖାଇବା ଦ୍ୱାରା ଏଭଳି ହୋଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମିଶ୍ର କହିଛନ୍ତି।

ସୂଚନାଥାଉ କି, ଦୁର୍ଗମ ଅଞ୍ଚଳଗୁଡ଼ିକରେ ଲୋକେ ଖରାଦିନେ ଆମ୍ବ କୋଇଲିକୁ ଶୁଖାଇ ଗୁଣ୍ଡ କରି ଘରେ ରଖିଥାନ୍ତି। ବର୍ଷାଦିନେ ତାହାକୁ ଗରମ ପାଣିରେ ଛାଣି ପେଜ ଓ ପିଠା କରି ଖାଇଥାନ୍ତି । ଏହା ଝରିଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳେ। ଅନେକେ ପରମ୍ପରାଗତ ଆମ୍ବକୋଇଲିରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ଖାଉଛନ୍ତି। ଅର୍ଜୁନଙ୍କ କହିବା ଅନୁଯାୟୀ ତାଙ୍କ ପରିବାରର ୩ ଏକର ଧାନଜମି ଓ ୧୫ ଏକର ଡଙ୍ଗର ଜମି ରହିଛି । ଚଳିତବର୍ଷ ସେ ମକା ଓ ଧାନଚାଷ କରିଛନ୍ତି।

## ଚାକିରି ପାଇଁ ଜୀବନ...



ଅସୁସ୍ଥ ପ୍ରଭାତ ସାହୁ ଓ କୁନା ନାଏକ

ବାକି ଥିବାବେଳେ ଏମାନେ ହାଲିଆ ହୋଇ ତଳେ ପଡ଼ିଯାଇଥିଲେ। ଆମ୍ବୁଲାନ୍ସ ଯୋଗେ ତୁରନ୍ତ ଏମାନଙ୍କୁ ବୌଦ୍ଧ ମେଡିକାଲ ପଠାଇ ଦିଆଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରବାସୀଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ବୌଦ୍ଧ ଏସ୍ପି ସୁଧାଂଶୁ ଶେଖର ମିଶ୍ର, ଏସ୍‌ଡିପିଓ ସାଲେଷ୍ଟିନ ଟିଗା ଓ ଥାନା ଅଧିକାରୀ ସୁବାସ ଚନ୍ଦ୍ର ରାୟଗୁରୁ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ପ୍ରବାସୀଙ୍କ ମୃତଦେହ ଜବତ କରି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଯାଇଛି। ଏକ ଅପମୃତ୍ୟୁ ମାମଲା (ନଂ. ୨୩/୧୮) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ବୁର୍ଲା ମେଡିକାଲ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ପ୍ରବାସୀ ପୂର୍ବରୁ ଅନୁଷ୍ଠିତ ସମସ୍ତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାବେଳେ ଶେଷ ଦୌଡ଼ ପରୀକ୍ଷା ଦେଉଥିଲେ। ଅନ୍ୟପକ୍ଷରେ ଅଧିକାଂଶ ପରୀକ୍ଷାର୍ଥୀ ଶାରୀରିକ ପରୀକ୍ଷା ପୂର୍ବରୁ ଖାଦ୍ୟ ନେଉ ନ ଥିବାରୁ ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ତୁରନ୍ତ ହାଲିଆ ହୋଇ ଏପରି ଅଘଟଣକୁ ଆମନ୍ତ୍ରଣ କରୁଥିବା ଆଇଆର୍‌ବି ପକ୍ଷରୁ କୁହାଯାଇଛି।

ପୂର୍ବରୁ ଗତ ୯ ତାରିଖରେ କଟକ ନରାଜଠାରେ ଓଡ଼ିଶା ସ୍ପେଶାଲ୍ ଆର୍ମଡ ପୋଲିସ (ଓଏସ୍ଏପି) ପକ୍ଷରୁ ନିଯୁକ୍ତି ପାଇଁ ଦୌଡ ବେଳେ ୨ଜଣ ପରୀକ୍ଷାର୍ଥୀ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମଧ୍ୟରୁ କଟକ ଜିଲା ନରସିଂହପୁର ବ୍ଲକ ନୁଖାପଡ଼ା ଗ୍ରାମର ସୁରେଶ ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗତ ୧୧ ତାରିଖରେ କଳାହାଣ୍ଡି ଜିଲା ଭବାନୀପାଟଣାଠାରେ କନଷ୍ଟେବଲ ନିଯୁକ୍ତି ପାଇଁ ହୋଇଥିବା ଦୌଡ଼ରେ ସୁଶାନ୍ତ ନାୟକ ନାମକ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଘଟିଥିଲା।

## ଏସିଆନ ଗେମ୍ସ: ସୌରଭଙ୍କୁ...

ଚଳିତ ଏସିଆନ ଗେମ୍ସରେ ଭାରତ ଶୁଟିଂରେ ପ୍ରଥମ ସ୍ୱର୍ଣ୍ଣ ମୋଟ ଉପରେ ପଞ୍ଚମ ପଦକ ହାସଲ କରିଛି। ଏହାପୂର୍ବରୁ ଅପୂର୍ବୀ ଚାଣ୍ଡିଲା ଓ ରବି କୁମାର ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ୍ ଜିତିଥିଲେ। ସେହିପରି ଦୀପକ କୁମାର ପୁରୁଷ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ପୁଣି ସୋମବାର ୧୮ ବର୍ଷୀୟ ଲକ୍ଷ୍ୟ ପୁରୁଷ ଟ୍ରାପ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ। ଏହାପରେ ସଞ୍ଜୀବ ରାଜପୁତ ମଧ୍ୟ ପଦକ ଜିତିଛନ୍ତି।

ଏସିଆଡର ସବୁ ସଂସ୍କରଣକୁ ବିଚାରକୁ ନିଆଗଲେ ଭାରତ ମୋଟ ଉପରେ ଅଷ୍ଟମ ସ୍ୱର୍ଣ୍ଣ ପଦକ ଜିତିଛି। ଏହାପୂର୍ବରୁ ସୌରଭ ୨୦୧୮ ଜୁନରେ ଜର୍ମାନୀରେ ଅନୁଷ୍ଠିତ ଆଇଏସ୍ଏସ୍ଏଫ୍ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବା ସହ ଜୁନିୟର ସ୍ତରରେ ନୂଆ ବିଶ୍ୱରେକର୍ଡ ସ୍ଥାପନ କରିଥିଲେ। ଏବେ ସେ ଆସନ୍ତା ଅକ୍ଟୋବରରେ ଆର୍ଜେଣ୍ଟିନାର ବୁଏନ୍ସ ଆରିଜରେ ଆୟୋଜନ ହେବାକୁଥିବା ୨୦୧୮ ଯୁବ ଅଲିମ୍ପିକ୍ସରେ ମଧ୍ୟ ଅଂଶଗ୍ରହଣ କରିବେ। ୨୦୧୭ ଡିସେମ୍ବରରେ ଅନୁଷ୍ଠିତ ଦଶମ ଏସୀୟ ଯୁବ ଅଲିମ୍ପିକ୍ସ ଗେମ୍ସ କ୍ୱାଲିଫିକେଶନ ଇଭେଣ୍ଟରେ ସୌରଭ ସ୍ୱର୍ଣ୍ଣ ପଦକ ଜିତି ଜୁନିୟର ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ।

ପ୍ରତିଯୋଗିତା ଅବସରରେ ସୌରଭ ଆଦୌ ଚାପରେ ନ ଥିଲେ ବୋଲି କହିଛନ୍ତି। ସୌରଭ ଏକାଦଶ ଶ୍ରେଣୀରେ ପଢୁଛନ୍ତି। ମିରଟଠାରୁ ୫୩ କି.ମି. ଦୂରରେ ଥିବା ବାଘପତ୍‌ର ବେନୋଲିସ୍ଥିତ ଅମିତ୍ ଶେଓରାନ ଏକାଡେମୀରେ ଶୁଟିଂର କଳା ଶିକ୍ଷା କରିଥିଲେ। ସେ ଆଗକୁ ଏହି ସଫଳତା ଜାରି ରଖିବା ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି। ଘରେ ଥିବା ବେଳେ ସେ ବାପାଙ୍କୁ ଚାଷ କାର୍ଯ୍ୟରେ ସହାୟତା କରୁଥିଲେ।

## ସିଦ୍ଧୁ ଶାନ୍ତିଦୂତ...

ଚଣ୍ଡିଗଡ଼ଠାରେ ଖବରଦାତା ସମ୍ମିଳନୀରେ ଉଦ୍‌ବୋଧନ ଦେବାର କିଛି ସମୟ ପରେ ଇମ୍ରାନ୍‌ଙ୍କ ଏଭଳି ଟୁଇଟ୍ ସାମ୍ନାକୁ ଆସିଛି।

ଅଗଷ୍ଟ ୧୮ରେ ଇମ୍ରାନଙ୍କ ଶପଥଗ୍ରହଣ ସମାରୋହରେ ସିଦ୍ଧୁ ଯୋଗ ଦେଇଥିଲେ। ସେଠାରେ ସେ ପାକିସ୍ତାନ ସେନାମୁଖ୍ୟ ଜେନେରାଲ କମାର ଜାଭେଦ୍ ବାଜ୍‌ୱାଙ୍କୁ ସେ ଆଲିଙ୍ଗନ କରିଥିଲେ। ଏଥିଲାଗି ସେ ରାଜ୍ୟର ବିରୋଧୀ ଭାଜପା, ଅକାଳି ଦଳର ଆକ୍ରୋଶର ଶିକାର ହୋଇଥିଲେ। ଏପରି କି ଖୋଦ୍ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ମଧ୍ୟ ତାଙ୍କୁ ସମାଲୋଚନା କରିଥିଲେ।

ପାକ୍ ସେନାଧ୍ୟକ୍ଷଙ୍କୁ ଆଲିଙ୍ଗନ କରିବା ନେଇ ମଙ୍ଗଳବାର ଚଣ୍ଡିଗଡ଼ଠାରେ ସିଦ୍ଧୁ ସ୍ପଷ୍ଟୀକରଣ ରଖିଛନ୍ତି। ଏହି ପ୍ରସଙ୍ଗରେ ଭାଜପା ଦୋମୁହାଁ ନୀତି ପୋଷଣ କରୁଥିବା ସେ ଅଭିଯୋଗ ଆଣିଛନ୍ତି। ପ୍ରଧାନମନ୍ତ୍ରୀ ଭାବେ ଅଟଳ ବିହାରୀ ବାଜପେୟୀ ଏବଂ ନରେନ୍ଦ୍ର ମୋଦିଙ୍କ ପାକିସ୍ତାନ ଗସ୍ତକୁ ଏହି ଅବସରରେ ସେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀ ଶାନ୍ତି ବାର୍ତ୍ତା ନେଇ ପାକିସ୍ତାନ ଯାଇଥିଲେ। ଏହାପରେ କାର୍ଗିଲ ଯୁଦ୍ଧ ହୋଇଥିଲା। ୫୨୭ ଭାରତୀୟ ଯବାନ ଏଥିରେ ଶହୀଦ ହୋଇଥିଲେ। ସେଥିପାଇଁ କ'ଣ ବାଜପେୟୀଙ୍କୁ ଦାୟୀ କରାଯିବ। ଏହାପରେ ମୋଦି ସାହେବ ବେସରକାରୀ ଭାବେ ସେଠାକୁ ଯାଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫଙ୍କୁ ଆଲିଙ୍ଗନ କରିଥିଲେ। ମୋଦିଙ୍କୁ କ'ଣ ଦେଶପ୍ରେମୀ କୁହାଯିବ ନାହିଁ କି ବୋଲି ସିଦ୍ଧୁ ପ୍ରଶ୍ନ କରିଛନ୍ତି।

## କେରଳ ବନ୍ୟା ପୀଡିତଙ୍କ ପାଇଁ ଡିପ୍ଲୋମା ଇଞ୍ଜିନିୟରର୍ସ , ପୂର୍ବତନ ଏମ୍‌ପିଙ୍କ ସହାୟତା

**ଭୁବନେଶ୍ୱର, ୨୧।୮(ବ୍ୟୁରୋ):** ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରର୍ସ ସର୍ଭିସ ଆସୋସିଏଶନ ପକ୍ଷରୁ କେରଳ ବନ୍ୟା ପ୍ରପିଡୀତଙ୍କ ପାଇଁ ଏକ ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ପ୍ରଦାନ କରାଯାଇଛି। ସେହିପରି ପୂର୍ବତନ ରାଜ୍ୟସଭା ଏମ୍‌ପି ରେଣୁବାଳା ପ୍ରଧାନ ତାଙ୍କର ଏକମାସର ପେନ୍‌ସନ୍ ୨୧, ୫୦୦ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ପ୍ରଦାନ କରିଛନ୍ତି। ଏହି ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିପ୍ଲୋମା ଇଞ୍ଜିନିୟରର୍ସ ଆସୋସିଏଶନ୍ ଏବଂ ରେଣୁବାଳାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

■ବର୍ଷକୁ ଦୁଇଥର ଏନ୍‌ଇଇଟି ପ୍ରସଙ୍ଗ

## ନିଷ୍ପତ୍ତି ବଦଳାଇବେ ସରକାର

**ନୂଆଦିଲ୍ଲୀ,୨୧।୮(ପି.ଟି.)**

ବର୍ଷକୁ ଦୁଇଥର ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି) ନିଷ୍ପତ୍ତିରୁ କେନ୍ଦ୍ର ସରକାର ଓହରିଯିବା ଲାଗି ଚିନ୍ତା କରୁଛନ୍ତି। ଡାକ୍ତରୀ ଏବଂ ଦନ୍ତ ଚିକିତ୍ସା ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ଉଦ୍ଦିଷ୍ଟ ଏନ୍‌ଇଇଟି ବର୍ଷକୁ ଦୁଇଥର ଅନ୍‌ଲାଇନ୍ ମାଧ୍ୟମରେ କରିବା ଲାଗି କେନ୍ଦ୍ର ମାନବ ସମ୍ବଳ ବିକାଶ (ଏଚ୍‌ଆର୍‌ଡି) ମନ୍ତ୍ରଣାଳୟ ଗତମାସ ନିଷ୍ପତ୍ତି ନେଇଥିଲା। ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ଉଦ୍ଦିଷ୍ଟ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ମଧ୍ୟ ବର୍ଷକୁ ଦୁଇଥର କରିବା ଲାଗି ଏଚ୍‌ଆର୍‌ଡି ମନ୍ତ୍ରୀ ପ୍ରକାଶ ଜାଭ୍‌ଡେକର ଘୋଷଣା କରିଥିଲେ। କିନ୍ତୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହାକୁ ପ୍ରତ୍ୟାହାର କରିବା ନେଇ ସୁପାରିସ କରିଥିବା ଏଚ୍‌ଆର୍‌ଡି ମନ୍ତ୍ରଣାଳୟର ଜଣେ ଅଧିକାରୀ ସୋମବାର ସୂଚନା ଦେଇଛନ୍ତି। ବର୍ଷକୁ ଦୁଇଥର ପରୀକ୍ଷା ଆୟୋଜନ ହେବାଦ୍ୱାରା ଛାତ୍ରୀଛାତ୍ରଙ୍କ ଉପରେ ଅତିରିକ୍ତ ଚାପ ପଡ଼ିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଚିନ୍ତାବ୍ୟକ୍ତ କରିଥିଲା। ବିଶେଷକରି ଗ୍ରାମାଞ୍ଚଳରେ ବସବାସ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଅନ୍‌ଲାଇନ୍ ପରୀକ୍ଷା ଜଟିଳ ହେବ ବୋଲି ମଧ୍ୟ ମନ୍ତ୍ରଣାଳୟ କହିଥିଲା। ଏହାପରେ ଏଚ୍‌ଆର୍‌ଡି ମନ୍ତ୍ରଣାଳୟ ଉକ୍ତ ନିଷ୍ପତ୍ତିରୁ ଓହରିଯିବାକୁ ସ୍ଥିର କରିଥିବା ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

Dollar 69.81 (1) | Sensex 38,285.15 (7) | Nifty 11,570.90 (19.15) | Gold 30,600.00 (₹180) | Silver 38,150.00 (₹50)



## ସଂକ୍ଷେପରେ

### କେରଳରେ କମ୍ପାନୀ ବାଣ୍ଟିବେ ଖାଦ୍ୟ ସାମଗ୍ରୀ

ନୂଆଦିଲ୍ଲୀ,୨୧-୮: କେରଳର ବନ୍ୟା ପ୍ରଭାବିତ ଅଞ୍ଚଳଗୁଡିକରେ ଘରୋଇ ବଜାରର ପ୍ରମୁଖ କମ୍ପାନୀଗୁଡିକ ଖାଦ୍ୟ ସାମଗ୍ରୀ ବାଣ୍ଟିବେ। ଆଇଟିସି, କୋକାକୋଲା, ପେପ୍‌ସି, ହିନ୍ଦୁସ୍ତାନ ୟୁନିଲିଭର ଭଳି ପ୍ରମୁଖ ଏଫ୍‌ଏମ୍‌ସିଜି କମ୍ପାନୀଗୁଡିକ ଏହା ମଧ୍ୟରେ ରହିଛନ୍ତି। ଉକ୍ତ କମ୍ପାନୀଗୁଡିକ ୨ ଦିନ ପାଇଁ ବନ୍ୟା ପ୍ରଭାବିତ ସ୍ଥାନଗୁଡିକରେ ପାଣି ବୋତଲ, ଖାଦ୍ୟ ସାମଗ୍ରୀ ସହ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିବେ। କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ହରସିମରତ୍ କୌର ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀଗୁଡିକର ପ୍ରତିନିଧିଙ୍କ ସହ ସୋମବାର ଏ ନେଇ କୌର ଆଲୋଚନା କରିଥିବା ଜଣାଯାଇଛି। ବନ୍ୟା ପ୍ରଭାବିତ ଲୋକଙ୍କ ନିକଟରେ କିଭଳି ଭାବେ କମ୍ପାନୀଗୁଡିକ ଆବଶ୍ୟକ ସେବା ଯୋଗାଇ ପାରିବେ ସେ ନେଇ ଯୋଜନା ସଂକ୍ରାନ୍ତ ଆଲୋଚନା କରାଯାଇଥିବା ସେ ସୂଚନା ଦେଇଛନ୍ତି। ଲୋକଙ୍କ ସହାୟତା ପାଇଁ କମ୍ପାନୀଗୁଡିକ ଆଗ୍ରହ ଦେଖାଇଥିବା ଜଣାପଡ଼ିଛି।

### ୧୦ ଲକ୍ଷ କୋଟି ଏମ୍‌ଏସ୍‌ଏମ୍‌ଇ ଋଣର ମିସ୍ ରିପୋର୍ଟିଂ

ବମ୍ବେ,୨୧-୮: କ୍ଷୁଦ୍ର ବାଣିଜ୍ୟଗୁଡିକୁ ମଞ୍ଜୁର ହୋଇଥିବା ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାର ଋଣ କ୍ଷେତ୍ରରେ ମିସ୍ ରିପୋର୍ଟିଂ ହୋଇଥିବା ଜଣାଯାଇଛି। ଏହି ଋଣ ସଂସ୍ଥାଗୁଡିକର ସ୍ୱତ୍ୱାଧିକାରୀଙ୍କୁ ବ୍ୟକ୍ତିଗତ ଅଗ୍ରିମ ଦର୍ଶାଇ ଦିଆଯାଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ସୁନା ଏବଂ ସମ୍ପତ୍ତି ଭଳି ସମ୍ପତ୍ତି ଆଧାରରେ ଏହି ଋଣ ମଞ୍ଜୁରୀ କରାଯାଇଛି। ଉକ୍ତ ଋଣଗୁଡିକର ଖିଲାପ ହାର ଅତି ନଗଣ୍ୟ। ଇଣ୍ଡିଆନ୍ ବ୍ୟାଙ୍କ ଆସୋସିଏଶନ(ଆଇବିଏ), ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ଆନୁକୂଲ୍ୟରେ ବୋଷ୍ଟନ କନ୍‌ସଲ୍‌ଟିଂ ଗ୍ରୁପ(ବିସିଜି) ପକ୍ଷରୁ ଏହି ରିପୋର୍ଟ ପ୍ରକାଶ ପାଇଛି। ଘରୋଇ ବଜାରର ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ର ଆକାର ୨୫ ଲକ୍ଷ କୋଟି ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଏମ୍‌ଏସ୍‌ଏମ୍‌ଇଗୁଡିକ ସଂସ୍ଥା ଏବଂ ବ୍ୟକ୍ତିଗତ ଭଳି ଦୁଇଟି ବର୍ଗରେ ଋଣ ନେଇଥିବା ଜଣାଯାଇଛି। ସଂସ୍ଥାଗୁଡିକ ନାମରେ ୧୫ ଲକ୍ଷ କୋଟି ଟଙ୍କାର ଋଣ ରହିଥିବା ବେଳେ ବ୍ୟକ୍ତି ଗତ କ୍ଷେତ୍ରରେ ଏହା ୧୦ ଲକ୍ଷ କୋଟି ଟଙ୍କା ରହିଛି। ଅଧିକାଂଶ ଋଣ ସ୍ୱତ୍ୱାଧିକାରୀ ଏବଂ ପରିବାର ସଦସ୍ୟଙ୍କ ନାମରେ ନିଆଯାଇଛି। ବାଣିଜ୍ୟ ଆବଶ୍ୟକତା ଦର୍ଶାଇ ଋଣ ନିଆଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ବର୍ତ୍ତମାନ ବ୍ୟାଙ୍କଗୁଡିକ ଆଧାର ଏବଂ ଡିଜିଟାଇଜେଶନ ଧାରାରେ ବିଶେଷ ଭାବେ ସାମିଲ ହୋଇଥିବାରୁ ଅଣ୍ଡରରାଇଟିଂ କ୍ଷୁଦ୍ର ଋଣ ପ୍ରଦାନ ହ୍ରାସ ଘଟୁଥିବା ବିସିଜି ପାର୍ଟନର ଏବଂ ନିର୍ଦ୍ଦେଶକ ୟଶ୍‌ରାଜ ଏରାଣ୍ଡେ କହିଛନ୍ତି।



“ଅବାଞ୍ଛିତ କଲ୍ ନିୟମକୁ ନେଇ ଘରୋଇ ଟେଲିକମ୍ ସଂସ୍ଥାଙ୍କ ମଧ୍ୟରେ ରହିଥିବା ବିଭିନ୍ନ ଅସୁବିଧାର ଦୂରୀକରଣ ଲାଗି ସେମାନଙ୍କ ସହ ଆଲୋଚନା ହେବ।
– ଆର୍.ଏସ୍.ଶର୍ମା, ଟ୍ରାଇ ଅଧ୍ୟକ୍ଷ



“କେରଳ ବନ୍ୟାରେ ଯେଉଁମାନଙ୍କର ଆଧାର ପରିଚୟପତ୍ର ହଜିଯାଇଛି ବା ନଷ୍ଟ ହୋଇଯାଇଛି ସେମାନେ ଆଧାର ପ୍ରଦାନକାରୀ ଏଜେନ୍ସିଗୁଡିକ ଠାରୁ ଇ-ଆଧାରର ଏକ ନକଲ ମାଗଣାରେ ନେଇ ପାରିବେ।
– ଅଜୟ ଭୂଷଣ ପାଣ୍ଡେ, ସିଇଓ, ୟୁଆଇଡିଏଆଇ

### ହ୍ୱାଟ୍‌ସଆପ୍ ସିଇଓଙ୍କୁ ସରକାରଙ୍କ ପରାମର୍ଶ

# ତୁରନ୍ତ କାର୍ଯ୍ୟକାରୀ କର ଘରୋଇ ଆଇନ

ନୂଆଦିଲ୍ଲୀ,୨୧-୮

- ଭାରତ ଗସ୍ତରେ ହ୍ୱାଟ୍‌ସଆପ୍ ସିଇଓ
- ସ୍ଥାନୀୟ କାର୍ଯ୍ୟାଳୟ ସ୍ଥାପନ ପାଇଁ କହିଲେ ସରକାର
- ମିଥ୍ୟା ଖବର ନିୟନ୍ତ୍ରଣ, ଅଭିଯୋଗ ସମାଧାନ ଉପରେ ଗୁରୁତ୍ୱ




ହ୍ୱାଟ୍‌ସଆପ୍ ପ୍ଲାଟଫର୍ମରେ ମିଥ୍ୟା ଖବର ଆସିବା ଯୋଗୁ ଦେଶରେ ବିଭିନ୍ନ ଅସୁବିଧା ସୃଷ୍ଟି ହୋଇଛି। ହିଂସାକାଣ୍ଡ ସହ ଅନେକ ଲୋକଙ୍କ ଜୀବନ ହାନି ହେବାର ଖବର ମଧ୍ୟ ସାମ୍ନାକୁ ଆସିଛି। ହ୍ୱାଟ୍‌ସଆପ୍ ପ୍ଲାଟଫର୍ମରେ ବ୍ୟାପୁଥିବା ମିଥ୍ୟା ଖବର ଉପରେ ନିୟନ୍ତ୍ରଣ ଜାରି କରିବାକୁ ସରକାର କମ୍ପାନୀକୁ ପୂର୍ବରୁ ନିର୍ଦ୍ଦେଶ ଜାରି କରିଛନ୍ତି। ମଙ୍ଗଳବାରଠାରୁ ହ୍ୱାଟ୍‌ସଆପ୍ ସିଇଓ ଭାରତ ଗସ୍ତରେ ଆସିଥିବା ବେଳେ ଦେଶର ଉଚ୍ଚ ସରକାରୀ ପଦାଧିକାରୀଙ୍କୁ ଭେଟିଥିବା ଜଣାଯାଇଛି। ଘରୋଇ ବଜାରରେ ରହିଥିବା ଆଇନକୁ ଶୀଘ୍ର କାର୍ଯ୍ୟକାରୀ କରାଇବା ଲାଗି ସରକାର ହ୍ୱାଟ୍‌ସଆପ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) କ୍ରିସ ଡାନିଏଲ୍ସଙ୍କୁ ପରାମର୍ଶ ଦେଇଛନ୍ତି। ଡାନିଏଲ୍ସ ସୂଚନା ଏବଂ ପ୍ରଯୁକ୍ତି ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କୁ ଭେଟିଛନ୍ତି।

ହ୍ୱାଟ୍‌ସଆପ୍ ପ୍ଲାଟଫର୍ମରେ ଏଭଳି ଅସୁବିଧାର ସମାଧାନ ଦିଗରେ ସରକାରଙ୍କ କଡ଼ା ଆଭିମୁଖ୍ୟ ଉପରେ ପ୍ରସାଦ କମ୍ପାନୀକୁ ସୂଚିତ କରାଇଛନ୍ତି। ସେହିଭଳି ଘରୋଇ ବଜାରରେ ଏକ କାର୍ଯ୍ୟାଳୟ ସ୍ଥାପନ ପାଇଁ ସରକାର କମ୍ପାନୀକୁ କହିଛନ୍ତି। ହ୍ୱାଟ୍‌ସଆପ୍ ପ୍ଲାଟଫର୍ମରେ ବ୍ୟାପୁଥିବା ମିଥ୍ୟା ଖବର ଉପରେ ନିୟନ୍ତ୍ରଣ ଜାରି ଲାଗି ଟେକ୍ନୋଲୋଜି ସମାଧାନ ଆଣିବା ଉପରେ ଧ୍ୟାନ ଦେବାକୁ କମ୍ପାନିକୁ କୁହାଯାଇଛି। ଘରୋଇ ବଜାରରେ ସୃଷ୍ଟି ଡାଟାର ସ୍ଥାନୀୟକରଣ ନେଇ ସରକାର ବର୍ତ୍ତମାନ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଉକ୍ତ ପଦକ୍ଷେପ ଅନ୍ତର୍ଗତ ବିଭିନ୍ନ ଆର୍ଥିକ ତଥ୍ୟକୁ ଭାରତରେ ସଂରକ୍ଷଣ କରିବାକୁ କମ୍ପାନୀକୁ ସୂଚୀତ କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ହ୍ୱାଟ୍‌ସଆପ୍ ଘରୋଇ ବଜାରରେ ନିଜର ପେପେମେଣ୍ଟ ସେବା ଶୁଭାରମ୍ଭ ଅପେକ୍ଷାରେ ରହିଛି। ସେହିଭଳି ଘରୋଇ ବଜାର ଲାଗି ଏକ ଗ୍ରିଭାନ୍ସ ଅଫିସର ନିଯୁକ୍ତି କରିବାକୁ ହ୍ୱାଟ୍‌ସ ଆପକୁ ଅନୁରୋଧ କରାଯାଇଛି ବୋଲି ପ୍ରସାଦ କହିଛନ୍ତି। ଘରୋଇ ବଜାରରେ ଏକ ଅଫିସ ସ୍ଥାପନ ଦ୍ୱାରା ୟୁଜରଙ୍କ ମଧ୍ୟରେ ସଚେତନତା ସୃଷ୍ଟିକରିବାକୁ କମ୍ପାନୀକୁ ପରାମର୍ଶ ଦିଆଯାଇଥିବା ଜଣାପଡିଛି।

# ‘ବାଣିଜ୍ୟ ନିଅଣ୍ଟ ଚିନ୍ତାଜନକ’

ନୂଆଦିଲ୍ଲୀ,୨୧-୮(ପି.ଟି)



ରାଜୀବ କୁମାର

ବର୍ତ୍ତମାନ ଘରୋଇ ବଜାର ଏକ ଚ୍ୟାଲେଞ୍ଜିଂ ସ୍ଥିତି ଦେଇ ଗତି କରୁଛି। ବିଶ୍ୱ ବଜାରର ବର୍ଦ୍ଧିତ ତୈଳ ଦର, ତୁର୍କୀର ବିତ୍ତୀୟ ବ୍ୟବସ୍ଥା କ୍ଷତିଗ୍ରସ୍ତ ହେବା ଯୋଗୁ ଭାରତୀୟ ମୁଦ୍ରା ଉପରେ ଏହା ଗଭୀର ଭାବେ ପ୍ରଭାବ ପକାଇଛି। ଡଲାରର ବିନିମୟ ମୂଲ୍ୟ ତୁଳନାରେ ଟଙ୍କା ୭୦ ସ୍ତର ଟପିଥିବା ଜଣାପଡ଼ିଛି। ଟଙ୍କା ମୂଲ୍ୟ ହ୍ରାସ କ୍ଷେତ୍ରରେ ଏହା ଏକ ଐତିହାସିକ ରେକର୍ଡ। ମାତ୍ର ଟଙ୍କାର ମୂଲ୍ୟ ହ୍ରାସ ସରକାରଙ୍କ ପାଇଁ ବିଶେଷ ଭାବେ ଚିନ୍ତାର କାରଣ ନୁହେଁ ବୋଲି ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ମଙ୍ଗଳବାର କହିଛନ୍ତି। ଟଙ୍କାର ମୂଲ୍ୟ ହ୍ରାସ ତୁଳନାରେ ବାଣିଜ୍ୟ ନିଅଣ୍ଟ ଅଧିକ ଚିନ୍ତାଜନକ ବୋଲି କୁମାର ଗୁରୁତ୍ୱାରୋପ କରିଛନ୍ତି। ଏପରି ସ୍ଥିତିରେ ରପ୍ତାନି ବୃଦ୍ଧି କରିବା ଉପରେ ସେ ମତ ଦେଇଛନ୍ତି। ଟଙ୍କାର ମୂଲ୍ୟ ଦୃଢ କରିବା କଷ୍ଟକର ବୋଲି ଶିଳ୍ପ ସଂଘ କନଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରୀ (ସିଆଇଆଇ) ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କୁମାର ଏହା ସ୍ପଷ୍ଟ କରିଛନ୍ତି। ଅଗଷ୍ଟ ୧୬ରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୭୦.୨୩ ସ୍ତର ଛୁଇଁଥିଲା। ଅପରପକ୍ଷରେ ସରକାରୀ ନୀତି ନିର୍ଦ୍ଧାରକମାନେ କେବଳ ବିତ୍ତୀୟ ନିଅଣ୍ଟ ଉପରେ ଧ୍ୟାନ ନ ଦିଅନ୍ତୁ ବୋଲି କୁମାର କହିଛନ୍ତି। ଆମେରିକା, ଚାଇନା ଏବଂ ୟୁରୋପୀୟ ସଂଘର ରାଷ୍ଟ୍ରଗୁଡିକ ବିତ୍ତୀୟ ନିଅଣ୍ଟ ଉପରେ ଏତେଟା ପ୍ରାଧାନ୍ୟ ଦେଉ ନ ଥିବା ସେ ପ୍ରକାଶ କରିଛନ୍ତି। ବାଣିଜ୍ୟ ନିଅଣ୍ଟ ଏକ ଚିନ୍ତାର କାରଣ ହୋଇଥିବାରୁ ରପ୍ତାନି ବୃଦ୍ଧି ହେବାର ଆବଶ୍ୟକତା ରହିଛି। ଏପରି ସ୍ଥିତିରେ ନୀତି ଆୟୋଗ ‘ନ୍ୟୁ ଇଣ୍ଡିଆ-୨୦୨୨’ ଏଜେଣ୍ଡା ଆଣିବ ବୋଲି କୁମାର ସୂଚନା ଦେଇଛନ୍ତି।

# କେବଳ ଆଧାର ନକଲରେ ଖୋଲିହେବନି ବ୍ୟାଙ୍କ ଖାତା

**ଆଧାର ସମ୍ପର୍କିତ ଏଫ୍‌ଏକ୍ୟୁ ଜାରି କଲା ୟୁଆଇଡିଏଆଇ**




ନୂଆଦିଲ୍ଲୀ, ୨୧-୮: କେନ୍ଦ୍ର ସରକାର ଆଧାର କାର୍ଡ ବ୍ୟବସ୍ଥାକୁ ମାତ୍ରାଧିକ ଗୁରୁତ୍ୱ ଦେଉଛନ୍ତି। ଫଳରେ ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଏଭଳି ଧାରଣା ସୃଷ୍ଟି ହୋଇଛି ଯେ, ଆଉ କୌଣସି ପରିଚୟପତ୍ର ଥାଉ ବା ନ ଥାଉ କେବଳ ଆଧାର କାର୍ଡ ଖଣ୍ଡେ ଥିଲେ ତାହା ସବୁ କାର୍ଯ୍ୟରେ ଲାଗିବ। କିନ୍ତୁ ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ) ଏଭଳି ଚିନ୍ତାଧାରକୁ ଭୁଲ୍ ପ୍ରମାଣିତ କରିଛି। ୟୁଆଇଡିଏଆଇ ମଙ୍ଗଳବାର ଏକ ଫ୍ରିକ୍ୟୁଏଣ୍ଟ୍‌ଲି ଆସ୍କଡ୍ କୋଶ୍ଚିନ୍‌ସ(ଏଫ୍‌ଓକ୍ୟୁ) ଜାରି କରି ଦର୍ଶାଇଛି, କେବଳ ଆଧାର କାର୍ଡରେ ବ୍ୟାଙ୍କ ଖାତା ଖୋଲି ହେବ ନାହିଁ। ବାୟୋମେଟ୍ରିକ୍ ବା ୱାନ୍ ଟାଇମ୍ ପାସ୍‌ୱାର୍ଡ (ଓଟିପି)ଅଥେଣ୍ଟିକେଶନ ବ୍ୟତୀତ ଆଧାର କାର୍ଡର ନକଲରେ ବ୍ୟାଙ୍କ ଖାତା ଖୋଲାଯାଇ ପାରିବ ନାହିଁ। ସୂଚନା ଅନୁସାରେ ଯଦି କୌଣସି ବ୍ୟାଙ୍କ ଓଟିପି ଓ ବାୟୋମେଟ୍ରିକ୍ ଭେରିଫିକେଶନ ବ୍ୟତୀତ କୌଣସି ବ୍ୟକ୍ତିଙ୍କର ଆକାଉଣ୍ଟ୍ ଖୋଲୁଛନ୍ତି ତେବେ ଏହାକୁ ନେଇ ସମସ୍ୟା ଉପୁଜିଲେ ବ୍ୟାଙ୍କ ହିଁ ଦାୟୀ ରହିବ। ବ୍ୟାଙ୍କ ପକ୍ଷରୁ ଉପୁଜିଥିବା ସମସ୍ୟାରେ ଆକାଉଣ୍ଟ୍‌ଧାରୀ ଦାୟୀ ରହିବେ ନାହିଁ। ଅର୍ଥାତ ଯଦି କୌଣସି ଅସାଧୁ ବ୍ୟକ୍ତି ଅନ୍ୟଜଣଙ୍କ ଭୋଟର କାର୍ଡ ବା ରାଶନ କାର୍ଡ ପ୍ରଦର୍ଶନ କରି ବ୍ୟାଙ୍କ ଖାତା ଖୋଲିବାରେ ସକ୍ଷମ ହୁଅନ୍ତି ସେଭଳି ସ୍ଥଳେ ଆର୍ଥିକ ଠକେଇ ଘଟିଲେ ବ୍ୟାଙ୍କ ଦାୟୀ ରହିବ।

## ଏଫ୍‌ଏକ୍ୟୁରେ ରହିଥିବା ଅନ୍ୟ କେତେକ ପ୍ରଶ୍ନ ଓ ଏହାର ଉତ୍ତର

**ଅନେକ ଏଜେନ୍ସି ବିନା ତର୍ଜମାରେ ଆଧାରର ନକଲ ଗ୍ରହଣ କରୁଛନ୍ତି। ଏଭଳି କରିବା ଉଚିତ୍ କି?**

ଆଧାର ଗ୍ରହଣ କରିବା ପୂର୍ବରୁ ଆଧାର ଆକ୍ଟ ଅନୁସାରେ ଏହାର ବୈଧତା ଯାଞ୍ଚ ହେବା ଜରୁରୀ। ଯଦି ଅନ୍‌ଲାଇନ୍ ଅଥେଣ୍ଟିକେଶନ ବ୍ୟବସ୍ଥା ନାହିଁ ତେବେ ଆଧାର କାର୍ଡ ଉପରେ ଲେଖାଥିବା QR କୋଡ ମାଧ୍ୟମରେ ଅଫ୍‌ଲାଇନ୍ ଭେରିଫିକେଶନ କରାଯିବା ଉଚିତ। ଏହାର ବ୍ୟତିକ୍ରମ ଘଟିଲେ ସମ୍ପୃକ୍ତ ଏଜେନ୍ସି ହିଁ ଦାୟୀ ରହିବ।

**ଏବେ ନିକଟରେ ୟୁଆଇଡିଏଆଇ ନିର୍ଦ୍ଦେଶନାମା ଜାରି କରିଥିଲା ଯେ, ସୋସିଆଲ୍ ମିଡିଆରେ ଆଧାର ନମ୍ବର ଶେୟାର କର ନାହିଁ? ଏହାର ଅର୍ଥ କ’ଣ ଆଧାର କାର୍ଡକୁ ମୁକ୍ତ ଭାବେ ବ୍ୟବହାର କରାଯାଇ ପାରିବ ନାହିଁ?**

ଅର୍ଥ ଠିକ୍ ସେୟା ନୁହେଁ। ବିନା କୌଣସି ଦ୍ୱନ୍ଦ୍ୱରେ ଆବଶ୍ୟକ ସ୍ଥଳେ ଆଧାର ବ୍ୟବହାର କରି ହେବ। ପାନ୍ କାର୍ଡ, ଡେବିଟ୍ କାର୍ଡ, କ୍ରେଡିଟ୍ କାର୍ଡ ବ୍ୟବହାର ଭଳି ଆଧାର କାର୍ଡ ଯେଉଁଠାରେ ଆବଶ୍ୟକ ସେଠାରେ ବ୍ୟବହାର କରାଯାଇ ପାରିବ। କିନ୍ତୁ ଫେସ୍‌ବୁକ୍, ଟୁଇଟର ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଅଯଥାରେ ଶେୟାର କରିବା ଉଚିତ ନୁହେଁ।

**ଯଦି ଆଧାର ମୁକ୍ତ ଭାବେ ବ୍ୟବହାର କରି ହେବ ତେବେ ସୋସିଆଲ୍ ମିଡିଆରେ ଏହାକୁ ଶେୟାର କରିବା ପାଇଁ ୟୁଆଇଡିଏଆଇ କାହିଁକି ବାରଣ କରୁଛି?**

ପାନ୍ କାର୍ଡ, ଡେବିଟ୍ କାର୍ଡ, ବ୍ୟାଙ୍କ ଚେକ୍ ଭଳି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଗତ ଡକ୍ୟୁମେଣ୍ଟ ଯେଉଁଠାରେ ଆବଶ୍ୟକ ସେଠାରେ ଆପଣ ବ୍ୟବହାର କରୁଛନ୍ତି। କିନ୍ତୁ ଏହାକୁ ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ଟୁଇଟର ଭଳି ସୋସିଆଲ୍ ମିଡିଆରେ ଶେୟାର କରୁଛନ୍ତି କି? ଯଦି ନାଁ ତେବେ ଆଧାରକୁ ମଧ ସେହି ହିସାବରେ ଗୁରୁତ୍ୱ ପ୍ରଦାନ କରି ତାହାକୁ ଏଭଳି ସାର୍ବଜନୀନ କ୍ଷେତ୍ରରେ ଶେୟାର କରନ୍ତୁ ନାହିଁ।

**ମୋର ପରିଚୟ ପାଇଁ ଯଦି କୌଣସି ସ୍ଥାନରେ ମୁଁ ଆଧାର ନମ୍ବର ପ୍ରଦାନ କରୁଛି ତେବେ ଏହାର ଅପବ୍ୟବହାର କରାଯାଇ ପାରିବ କି?**

ନା। କେବଳ ଆଧାର ନମ୍ବର ଦ୍ୱାରା ହିତାଧିକାରୀଙ୍କର କେହି କୌଣସି କ୍ଷତି କରିପାରିବେ ନାହିଁ।

**ମୋ ବ୍ୟାଙ୍କ ଆକାଉଣ୍ଟ ସହ ମୋ ଆଧାର ନମ୍ବର ସଂଯୋଗ ହୋଇଛି। ଯଦି ମୋ ଆଧାର ନମ୍ବର ବା ଆଧାର କାର୍ଡ ଅନ୍ୟ କାହା ହାତକୁ ଯାଏ ତେବେ ତାହାକୁ ବ୍ୟବହାର କରି ମୋ ଆକାଉଣ୍ଟ୍‌ରୁ ଟଙ୍କା ଉଠାଇ ପାରିବେ କି?**

ଯେମିତି କେବଳ ଆକାଉଣ୍ଟ ନମ୍ବର ଜାଣିଲେ କେହି ଅନ୍ୟ ଜଣଙ୍କ ବ୍ୟଙ୍କ ଖାତାରୁ ଟଙ୍କା ଉଠାଇ ପାରିବେ ନାହିଁ ଠିକ୍ ସେହିଭଳି ଆଧାର ନମ୍ବର ପାଇଲେ ମଧ ଟଙ୍କା ଉଠାଇବା ସମ୍ଭବ ନୁହେଁ।

**ସବୁଥିରେ ଆଧାର ସଂଯୋଗ କରିବା ଦ୍ୱାରା ମୋର କୌଣସି ସମସ୍ୟା ଉପୁଜିବ ନାହିଁ ତ?**

ନା। ଆପଣଙ୍କ ମୋବାଇଲ୍ ନମ୍ବର ବିଭିନ୍ନ ସଂସ୍ଥା ପାଖରେ ରହିଛି। ପାସ୍‌ପୋର୍ଟ ଅଥରିଟି, ଆୟକର ବିଭାଗ, ବ୍ୟାଙ୍କ ଆଦି ବିଭିନ୍ନ ସ୍ଥାନରେ ଆପଣଙ୍କ ମୋବାଇଲ ନମ୍ବର ରହିଛି। କିନ୍ତୁ ଏହା ଦ୍ୱାରା ଟେଲିକମ୍ ବିଭାଗ ଯେଭଳି ଆପଣଙ୍କର କୌଣସି ତଥ୍ୟ ପାଉ ନାହିଁ ଠିକ୍ ସେହିପରି ଆଧାର ନମ୍ବର ସବୁଥିରେ ସଂଯୋଗ ହେବା ଦ୍ୱାରା ଆଧାର କର୍ତ୍ତୃପକ୍ଷ ମଧ ଆପଣଙ୍କର ଅନ୍ୟ କୌଣସି ତଥ୍ୟ ହାସଲ କରିପାରିବେ ନାହିଁ।

### ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ

# ଘରୋଇ କ୍ଷେତ୍ର ସହଭାଗିତା ବୃଦ୍ଧି ଜରୁରୀ: ନୀତି ଆୟୋଗ

ନୂଆଦିଲ୍ଲୀ,୨୧-୮(ପି.ଟି)

ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମରେ ଘରୋଇ କ୍ଷେତ୍ର ସହଭାଗିତା ବୃଦ୍ଧି ଉପରେ ସରକାରଙ୍କ ଥିଙ୍କ୍ ଟ୍ୟାଙ୍କ ନୀତି ଆୟୋଗ ମଙ୍ଗଳବାର ଗୁରୁତ୍ୱାରୋପ କରିଛି। ଦେଶର ସବୁଠାରୁ ୧୧୭ ପଛୁଆ ଜିଲାର ଉନ୍ନତୀକରଣ ଲାଗି ସରକାର ଏଭଳି ଏକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ଜିଲାଗୁଡ଼ିକର ଉନ୍ନତୀକରଣ ହୋଇ ପାରିଲେ ଏହା ଦେଶର ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହେବ ବୋଲି ଇଣ୍ଡୋ-ୟୁଏସ୍ ଚାମ୍ବର ଅଫ୍ କମର୍ସର ଏକ କାର୍ଯ୍ୟକ୍ରମରେ ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କହିଛନ୍ତି। ଆସନ୍ତା ୩ ବର୍ଷ ମଧ୍ୟରେ ଉକ୍ତ ଜିଲାଗୁଡିକର ଉନ୍ନତୀକରଣ ଲାଗି ସରକାର କାର୍ଯ୍ୟ କରୁଛନ୍ତି। ଏହି ଯୋଜନା ସଫଳ ହେଲେ ଅଭିବୃଦ୍ଧି ୧-୧.୫% ତ୍ୱରାନ୍ୱିତ ହେବ। ଜିଲାଗୁଡିକ ଅଭିବୃଦ୍ଧି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି କାନ୍ତ ଏହା କହିଛନ୍ତି। ଜିଲାଗୁଡିକର ଉନ୍ନତୀକରଣ ପାଇଁ ସରକାର ଏକାକୀ କାର୍ଯ୍ୟ କରିବା ଏକ ଚ୍ୟାଲେଞ୍ଜ। ଏଣୁ ଏଥି ଲାଗି ଘରୋଇ କ୍ଷେତ୍ରର ସହଭାଗିତା ବୃଦ୍ଧି ଜରୁରୀ ବୋଲି କାନ୍ତ ଗୁରୁତ୍ୱାରୋପ କରିଛନ୍ତି।

# ଅନ୍‌ଲାଇନ୍ ଶପିଂ ଛାଡୁଛନ୍ତି ଗ୍ରାହକ

ନୂଆଦିଲ୍ଲୀ,୨୧-୮




- ଚିନ୍ତାରେ ଇ-କମର୍ସ କମ୍ପାନୀ
- ଡ୍ରପ୍‌ଆଉଟଙ୍କ ମଧ୍ୟରେ ଅଧିକାଂଶ ପ୍ରଥମଥରର କ୍ରେତା
- ଗ୍ରାହକଙ୍କୁ ବାନ୍ଧି ରଖିପାରୁନି ଇ-କମର୍ସ

ବର୍ତ୍ତମାନ ଅନ୍‌ଲାଇନ୍‌ରେ ସାମଗ୍ରୀ କ୍ରୟ ବିକ୍ରୟର ଯୁଗ ଆସିଥିବା ବେଳେ ଏଥିରେ ଗତ କିଛି ବର୍ଷ ଧରି ବିଶେଷ ଭାବେ ପରିବର୍ତ୍ତନ ଆସିଛି। ଘରୋଇ ବଜାରରେ ଦୈନିକ ଭିତ୍ତିରେ ୫ କୋଟି ଗ୍ରାହକ ଅନଲାଇନରେ କ୍ରୟ କରୁଥିବାର ରେକର୍ଡ ରହିଥିଲା। ମାତ୍ର ସମାନ ସଂଖ୍ୟକ ଗ୍ରାହକ ଗତ ଗୋଟିଏ ବର୍ଷ ମଧ୍ୟରେ ଅନ୍‌ଲାଇନରୁ ସାମଗ୍ରୀ କ୍ରୟ କରିବା ବନ୍ଦ କରି ଦେଇଥିବା ଜଣାପଡିଛି। ଏଥିଯୋଗୁ ଇ-କମର୍ସ ସଂସ୍ଥାଗୁଡିକ ଗୋଟିଏ ବର୍ଷ ମଧ୍ୟରେ ପ୍ରାୟ ୫୦ ବିଲିୟନ ଡଲାରର ବ୍ୟବସାୟିକ କ୍ଷତି ସହିବାକୁ ପଡିଛି। ଇଣ୍ଟରନେଟ କମ୍ପାନୀ ଗୁଗୁଲ, କନ୍‌ସଲଟାଣ୍ଟ ବ୍ରେନ୍ ଆଣ୍ଡ କମ୍ପାନୀ ଓ ଭେଞ୍ଚର ଫଣ୍ଡ ଓମିଡୟାର ନେଟ୍‌ୱର୍କ ପକ୍ଷରୁ ହୋଇଥିବା ଏକ ଅଧ୍ୟୟନରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ପ୍ରଥମ କ୍ରୟ ପରେ ୫୪ ନିୟୁତ ୟୁଜର ଅନ୍‌ଲାଇନ ଟ୍ରାଞ୍ଜାକ୍ସନ ବନ୍ଦ କରି ଦେଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଏମାନେ ସାଧାରଣତଃ ପ୍ରଥମଥରର ୟୁଜର ତଥା ନିମ୍ନ ଆୟକାରୀ ବୋଲି ଜଣାଯାଇଛି।

ଏମାନେ ଇଂଲିଶ ବ୍ୟତୀତ ଆଞ୍ଚଳିକ ଭାଷା ସହ ଜଡିତ। ଡିଜିଟାଲ କ୍ରେତା ଏବଂ ଡିଜିଟାଲ ଡ୍ରପଆଉଟ ମଧ୍ୟରେ ଅନୁପାତ ୧:୧ ରହିଥିବା ବେଳେ ଏହା କମ୍ପାନୀ ତଥା ଅଂଶୀଦାରଙ୍କ ଲାଗି ବିଶେଷ ଭାବେ ଏକ ଚ୍ୟାଲେଞ୍ଜ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଅତ୍ୟାଧୁନିକ ଫିଜିକାଲ ରିଟେଲ ସହ ଲୋକମାନେ ଏବେ ମଧ ଜଡିତ ନ ଥିବା ଯୋଗୁ ସପିଂ କାର୍ଟ ଆଇକନ୍ ଉପରେ ସେମାନଙ୍କ ଧାରଣା ନ ଥିବା ବିଶେଷଜ୍ଞମାନେ କହିଛନ୍ତି। ଅପର ପକ୍ଷରେ ଇ-କମର୍ସ କ୍ଷେତ୍ରରେ ଭାଷାଗତ ଅସୁବିଧା ରହୁଥିବା ଜଣାଯାଇଛି।

ସେହିଭଳି ୟୁଜର ଇଣ୍ଟରଫେସ୍, ଟଚ୍ ଆଣ୍ଡ ଫିଲ୍ ଅଭିଜ୍ଞତାର ଅଭାବ ଭଳି ଅସୁବିଧା ପାଇଁ ଲୋକମାନେ ଇ-କମର୍ସଠାରୁ ଦୂରେଇ ଯାଉଥିବା ଜଣାଯାଇଛି। ୨୮% ଭାରତୀୟ ଇଣ୍ଟରନେଟ ସହ ଜଡ଼ିତ ଅଛନ୍ତି। ଏପରିସ୍ଥିତିରେ ଇଣ୍ଟରନେଟରେ ଅଧିକ ଲୋକଙ୍କ ସହ ଯୋଡିହେବା ସହ ରାଜସ୍ୱ ସଂଗ୍ରହ କରିବା ଏକ ଚ୍ୟାଲେଞ୍ଜ ବୋଲି ଗୁଗୁଲ ଇଣ୍ଡିଆ ତଥା ଦକ୍ଷିଣ ପୂର୍ବ ଏସିଆର ଉପସଭାପତି ରାଜନ ଆନନ୍ଦନ ସୂଚନା ଦେଇଛନ୍ତି। ଅପରପକ୍ଷରେ ଲୋକମାନେ ଏବେ ମଧ ଅନ୍‌ଲାଇନ ଟ୍ରାଞ୍ଜାକ୍ସନ ଅସୁବିଧାକୁ ସମାଧାନ କରିବାକୁ ସକ୍ଷମ ନୁହନ୍ତି। ଅପରପକ୍ଷରେ ରିଫଣ୍ଡ, ଅଭିଯୋଗ ସମାଧାନ ଭଳି ଅନ୍ୟ କେତେକ ସମସ୍ୟା ରହିଥିବା ବଜାର ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି।

### ଦେଶରେ ୩୭ କୋଟିରୁ ଉର୍ଦ୍ଧ୍ୱ ପାନ୍‌ଧାରୀ

ନୂଆଦିଲ୍ଲୀ, ୨୧-୮: ୨୦୧୭-୧୮ ଆର୍ଥିକ ବର୍ଷର ଶେଷ ତ୍ରୈମାସରେ ଦେଶର ଏକ କୋଟି ୯୬ ଲକ୍ଷ ଜନସାଧାରଣ ପର୍ମାନେଣ୍ଟ ଆକାଉଣ୍ଟ୍ ନମ୍ବର(ପାନ୍) ହାସଲ କରିଛନ୍ତି। ଏହି ନୂତନ ସଂଖ୍ୟାକୁ ମିଶାଇଲେ ଭାରତରେ ପାନ୍‌ଧାରୀଙ୍କ ସଂଖ୍ୟା ୩୭ କୋଟି ୯୦ ଲକ୍ଷରେ ପହଞ୍ଚିଛି। ଆୟକର ବିଭାଗ ପ୍ରଦତ୍ତ ତଥ୍ୟରୁ ଏହା ଜଣାପଡ଼ିଛି। ସୂଚନା ଅନୁସାରେ ବ୍ୟକ୍ତିବିଶେଷ, କମ୍ପାନୀ ଓ ଫାର୍ମଗୁଡ଼ିକୁ ପର୍ମାନେଣ୍ଟ୍ ଆକାଉଣ୍ଟ ନମ୍ବର ଜାରି କରାଯାଇଥାଏ। ମୋଟ ପାନ୍ କାର୍ଡ ମଧ୍ୟରୁ ପ୍ରାୟ ୯୮% ବ୍ୟକ୍ତିବିଶେଷଙ୍କୁ ଜାରି ହୋଇଥିବା ବେଳେ ବାକି ୨% ଫାର୍ମଗୁଡ଼ିକୁ ଜାରି ହୋଇଛି। ଏ ସମ୍ପର୍କରେ ଆୟକର ବିଭାଗର କହିବା ଅନୁସାରେ ପାନ୍‌ଧାରୀଙ୍କ ସଂଖ୍ୟା ବୃଦ୍ଧି ହେଲେ ସରକାରଙ୍କ ଟିକସ ପରିସର ବୃଦ୍ଧିପାଇବ।

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office : Janapath, Bhubaneswar- 751022
Office of the G.M. (ELECT.) E.H.T. (O&M) CIRCLE, JAJPUR ROAD
At- TTS Colony, PO- SOBRA, JAJPUR ROAD,
Dist - JAJPUR PIN - 755019 (ODISHA)
Phone/ Fax No : 06726-220965 (Off), Email : ehtm.cle.jjp@optcl.co.in
CIN : U40102OR2004SGC007553
No. Tech/WO-41/1348 Dated : 21.08.2018
TENDER CALL NOTICE NO. 04/18-19
Sealed tenders are invited from the registered travel agency / Private organization / Individual / owner of the vehicle having GST registration certificate, PAN Card for supply of 01 no. Diesel run hired vehicles 09 seated Non-A.C Bolero or equivalent for S.D.O. (Elect) Grid Sub-Station, Bhadrak under this circle, Cost of Tender paper is Rs. 2,240/- (including GST), EMD- Rs. 2,700/-. Sale of tender documents is from Dated 23.08.2018 to Dated 30.08.2018 (during office hours). Last date of submission of tender is Date 31.08.2018 upto 01.00 P.M. Date of opening of tender is Date 31.08.2018 at 3.00 PM. For details visit our website www.optcl.co.in
Corrigendum if any will be published in the OPTCL website only.
Sd./- General Manager (Elect), EHT (O&M) Circle, Jajpur Road

OFFICE OF THE DEAN & PRINCIPAL
M.K.C.G. MEDICAL COLLEGE,
BERHAMPUR - 760004 (GANJAM)
Tel. (0680) 2292746, Fax: (0680) 2292809
E-mail: prin_mkcgmcberhampur@yahoo.com
mkcgmc.bam@gmail.com, mkcgmc2.bam@gmail.com
website: www.mkcgmch.org
No. 5578/MCB-2018/Welfare/Dated, Berhampur the 21st Aug. 2018
CORRIGENDUM
As per tender call Notice No. 4893 Dt.21.07.2018 the last date for submission of tender towards supply of Electrical & Electronics and other items for Telemedicine Unit was 16.08.2018 (i.e. 21 days from the date of publication). The last date for submission of tender is extended upto 28.08.2018 by 05.00 PM instead of 16.08.2018 and will be opened on the same date (28.08.2018) at 05.00 PM. The rest terms & conditions in the tender remains unaltered.
Sd./- Dean & Principal,
MKCG Medical College, Berhampur

Government of Odisha
Higher Education Department
Pustak Bhawan (2nd Floor), A-11, Suka Vihar, Bhubaneswar-751022
No.30-N
CORRIGENDUM NOTICE
Ref: Advt. No: 03/2018/OHEPEE, Dated: 06.08.2018
Sub: Supply, Installation & Commissioning of "Biometric devices for finger print detection system".
This is general information to all concerned that the changes made in the above said tender document after pre-bid meeting on 16.08.2018 has been uploaded in the website, www.dheodisha.gov.in for information. The changes made in BID submission (EMD), Technical specification, Price Schedule are at pages 8, 15, 19. All other conditions remain unchanged.
Sd./- SPD, OHEPEE-cum-Joint Secretary to Govt.
11001/11/0023/1819

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office : Janapath, Bhubaneswar- 751022
Office of the G.M. (ELECT.) E.H.T. (O&M) CIRCLE, JAJPUR ROAD
At- QTR No. 4R/1, TTS Colony, PO- SOBRA, JAJPUR ROAD,
Dist - JAJPUR PIN - 755019
Phone/ Fax No : 06726-220965 (Off), Email : ehtm.cle.jjp@optcl.co.in
CIN : U40102OR2004SGC007553
No. Tech/WO-25/1345 Dated : 21.08.2018
TENDER CALL NOTICE NO. 05/18-19
Sealed tenders are invited from the reputed Manufacturers / Authorized Dealer having GST registration Certificate, PAN Card for Supply of CO2 Fire Extinguishers of 4.5KG capacity (Aluminium Container) for different Grid Sub-Station, under EHT (O&M) Division, Jajpur Road. Cost of tender paper is Rs. 4,480/- (Including GST), EMD (1% of the quoted price). Sale of Tender documents is from Dated 23.08.2018 (From 10.30 AM) to Dated 01.09.2018 (upto 05.00 PM). Last date of submission of tender is Date 03.09.2018 upto 01.00 PM. Date of opening of tender is date 03.09.2018 at 3.30PM. For details visit our website www.optcl.co.in
Corrigendum if any will be published in the OPTCL website only.
Sd./- General Manager (Elect), EHT (O&M) Circle, Jajpur Road

OFFICE OF THE EXECUTIVE ENGINEER
BHUBANESWAR (R&B) DIVISION NO. IV
BHUBANESWAR
eernb4bbsr@gmail.com
No.400-B
INVITATIONS FOR BIDS THROUGH e-Procurement
No. 4053 Date- 14.08.2018
Bid Identification No- C.C. (R&B) - 04
e – Procurement Notice No. 17 of 2018-19

| | | |
|---|---|---|
| 1 | Name of the Work | Building & Road Works |
| 2 | Total No. of works | 2 Nos. works |
| 3 | Estimated Cost | Rs. 3301800.00 & Rs.884650.00 |
| 4 | Class of Contractor | C & B and D & C |
| 5 | Period of Completion | 6 (Six) Calendar Months & 1 (One) Calendar Month |
| 6 | Type of Tender | Single Cover System |
| 7 | Date & time of availability of bid document in the portal | From Dt.24.08.2018 to 17.00 hrs of Dt.03.09.2018 |
| 8 | Last Date & Time for Receipt of bids in the Portal | Dt.03.09.2018 up to 17.00 hrs |
| 9 | Opening of Bid through online | 04.09.2018 at 11.00 AM |
| 10 | Name & Address of the Officer inviting Bid | Er. Pramod Kumar Nayak, Executive Engineer, Bhubaneswar (R&B) Division No. IV, Bhubaneswar |

Further details can be seen from the e-procurement portal https://tendersorissa.gov.in.
N.B: Subsequent corrigendum / addendum if required shall be available in the website as indicated above.
Sd./- Executive Engineer,
BBSR (R&B) Division No.IV, BBSR
34090/11/0017/1819

# ସଞ୍ଜୀବଙ୍କୁ ରୌପ୍ୟ, ଅଭିଷେକଙ୍କୁ ବ୍ରୋଞ୍ଜ

## ଶୁଟିଂ

ପାଲେମବାଙ୍ଗ, ୨୧ ।୮ (ପି.ଟି.)

ଏସିଆନ ଗେମ୍ସର ତୃତୀୟ ଦିନରେ ଶୁଟିଂରେ ଭାରତୀୟ ପ୍ରତିଯୋଗୀମାନେ ଦମ୍‌ଦାର ପ୍ରଦର୍ଶନ କରି ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସୌରଭ ଚୌଧୁରୀ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଅଭିଜ୍ଞ ଶୁଟର ସଞ୍ଜିବ ରାଜପୁତ୍ ରୌପ୍ୟ ଓ ଅଭିଷେକ ବର୍ମା ବ୍ରୋଞ୍ଜ୍ ଜିତିଛନ୍ତି । ରାଜପୁତ୍ ୫୦ ମିଟର ରାଇଫଲ ୩ ପୋଜିଶନ ଇଭେଣ୍ଟରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି । ସୌରଭ ବାଜି ମାରିବାର କିଛି ସମୟ ପରେ ୩୭ ବର୍ଷୀୟ ରାଜପୁତ ଫାଇନାଲରେ ସ୍ୱର୍ଣ୍ଣ ହାସଲ ଆଶା କରୁଥିଲେ ମଧ୍ୟ ତାଙ୍କୁ ଶେଷରେ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡିଛି । ଗତ ୩ଟି ସଂସ୍କରଣରେ ରାଜପୁତ ଟିମ୍ ମେଡାଲ ଜିତିଥିଲେ । ତେବେ ଏସିଆନ ଗେମ୍ସରେ ଏହା ତାଙ୍କ ପାଇଁ ପ୍ରଥମ ବ୍ୟକ୍ତିଗତ ପଦକ ସାବ୍ୟସ୍ତ ହୋଇଛି ।

ରାଜପୁତ ନିଲିଂ ଓ ପ୍ରୋନ୍ ସିରିଜ୍ ପରେ ୩-୦ରେ ବୃହତ ଅଗ୍ରଣୀ ହାସଲ କରିଥିଲେ । ଫାଇନାଲ୍‌ରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ । ତେବେ ଶେଷ ମୁହୂର୍ତ୍ତ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ରୌପ୍ୟ ଜିତିବାକୁ ସକ୍ଷମ ହୋଇଥିଲେ । ଏହା ସତ୍ତ୍ୱେ ଯମୁନା ନଗରର ଏହି ଶୁଟରଙ୍କ ପାଇଁ ଏହା ଏକ ବଡ଼ ସଫଳତା ଓ ଉପଲବ୍ଧି ସାବ୍ୟସ୍ତ ହୋଇଛି । ସେ ମଧ୍ୟ ଗତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ।

ତାଙ୍କ ବିରୋଧରେ ଏକ ଧର୍ଷଣ ମାମଲା ଚାଲୁ ରହିଥିବାବେଳେ ସେ ଏବେ ବେରୋଜଗାର ଥିଲେ । ତାଙ୍କୁ ଗତ ବର୍ଷ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ଆସିଷ୍ଟାଣ୍ଟ କୋଚ୍ ପଦରୁ ବହିଷ୍କାର କରାଯାଇଥିଲା । ଏବେ ମୁଁ ଏକ ଚାକିରି ପାଇବି ବୋଲି ଆଶାକରୁଛି ଓ ଏହା ମୋ ପାଇଁ ଏକ ବଡ଼ ସଫଳତା ବୋଲି ରାଜପୁତ୍ କହିଛନ୍ତି । ରାଜପୁତ ୪୫୨. ୭ ଅଙ୍କ ଶୁଟ୍ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ । ଚାଇନାର ହୁଇ ଜିଚେଙ୍ଗ୍ ଓ ଜାପାନର ତାକାୟୁକି ମାସୁମୋଟୋ ଯଥାକ୍ରମେ ୪୫୩.୩ ଓ ୪୪୧.୪ ଅଙ୍କ ଶୁଟ କରି ସ୍ୱର୍ଣ୍ଣ ଓ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି ।

ଅନ୍ୟପଟେ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ୨୯ ବର୍ଷୀୟ ଅଭିଷେକ ବର୍ମା ୨୧୯.୩ ଅଙ୍କ ଶୁଟ କରି ତୃତୀୟ ସ୍ଥାନରେ ରହିବା ସହ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି । ମାତ୍ର ୩ ବର୍ଷ ତଳୁ କ୍ୟାରିୟର ଆରମ୍ଭ କରିଥିବା ଆଇନଜୀବୀ ତଥା ଶୁଟର ଅଭିଷେକ ଭଲ ଆରମ୍ଭ କରି ନ ଥିଲେ । ତେବେ ନିଜ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିଥିଲେ ଓ ପଞ୍ଚମ ସିରିଜରେ ଏକାଧିକ ବାର ୧୦.୭ ଅଙ୍କ ଶୁଟ୍ କରି ପଦକ ଜିତିଥିଲେ । ତେବେ ଅଭିଷେକ ଓ ମନୁ ଭାକର ମିକ୍ସ ଟିମ୍ ଇଭେଣ୍ଟରେ ନିରାଶ କରିଥିଲେ । ଏହି ଦୁଇ ଖେଳାଳି ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିପାରି ନ ଥିଲେ ।

ସେହିପରି ମିକ୍ସଡ ଟ୍ରାପ୍ ଇଭେଣ୍ଟରେ ଶ୍ରେୟାସି ସିଂ ଓ ଲକ୍ଷ୍ୟ ଯୋଗ୍ୟତା ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲେ । ତେବେ ଏହି ଯୋଡି ଫାଇନାଲରେ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷକରି ନିରାଶ କରିଛନ୍ତି । ଉଲ୍ଲେଖଥାଉ କି, ଗତ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶ୍ରେୟାସି ମହିଳା ଡବଲ୍ ଟ୍ରାପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ।



ପୋଡ଼ିୟମ ଉପରେ ପଦକ ସହ ସୌରଭ ଚୌଧୁରୀ ଓ ଅଭିଷେକ ବର୍ମା ।



ରୌପ୍ୟ ପଦକ ସହ ସଞ୍ଜୀବ ରାଜପୁତ ।

## ସିପକ୍‌ଟାକ୍ରରେ ଭାରତକୁ ପ୍ରଥମ ପଦକ

ପାଲେମବାଙ୍ଗ, ୨୧ ।୮(ପି.ଟି.)

ଏସିଆନ ଗେମ୍ସରେ ଭାରତ ସିପ୍‌କଟାକ୍ରରେ ଇତିହାସ ସୃଷ୍ଟି କରିଛି । ପ୍ରଥମଥର ପାଇଁ ଭାରତୀୟ ପୁରୁଷ ଦଳ ଏହି କ୍ରୀଡା କୁମ୍ଭରେ ସିପକଟାକ୍ରରେ ପଦକ ହାସଲ କରିଛି । ଦମ୍‌ଦାର ପ୍ରଦର୍ଶନ କରି ଭାରତ ସେମିଫାଇନାଲରେ ପ୍ରବେଶ କରିଥିଲା । ତେବେ ଶକ୍ତିଶାଳୀ ଥାଇଲାଣ୍ଡଠାରୁ ଭାରତ ୦-୨ରେ ପରାସ୍ତ ହୋଇ ଶେଷରେ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଛି । ସେମିଫାଇନାଲରେ ଦୁଇ ପରାଜିତ ଦଳକୁ ବ୍ରୋଞ୍ଜ୍ ପଦକ ପ୍ରଦାନ କରାଯାଇଛି । ୧୯୯୦ ମସିହାରୁ ସପପ୍‌ଟାକ୍ର ଏସିଆନ ଗେମ୍ସରେ ସାମିଲ ହୋଇଆସୁଛି । ତେବେ ଭାରତ ୨୦୦୬ ସଂସ୍କରଣରୁ ଏହି ଇଭେଣ୍ଟରେ ଅଂଶଗ୍ରହଣ କରି ଧୀରେ ଧୀରେ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରଗୁଡିକ ସହ ତାଳ ଦେଇ ପ୍ରଦର୍ଶନରେ ଉନ୍ନତି ଆଣିବାରେ ସକ୍ଷମ ହୋଇଛି ।

ଥାଇଲାଣ୍ଡ ସବୁଠାରୁ ଅଧିକ ୨୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ଏସିଆନ ଗେମ୍ସରେ ସଫଳତମ ଦଳ ସାବ୍ୟସ୍ତ ହୋଇଛି । ମିଆଁମାର ୫ଟି ସ୍ୱର୍ଣ୍ଣ ଜିତି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି । ଗତ ଦୁଇମାସ ହେବ ଭାରତୀୟ ସିପକଟାକ୍ର ଦଳ ଥାଇଲାଣ୍ଡରେ ପ୍ରଶିକ୍ଷଣ ନେଉଥିଲା, ଏହା ଦ୍ୱାରା ପଦକ ଜିତିବାକୁ ସକ୍ଷମ ହୋଇଛି ବୋଲି ମୁଖ୍ୟ କୋଚ୍ ହେମ ରାଜ କହିଛନ୍ତି । ଭାରତୀୟ ଦଳର ୧୨ ଜଣ ସଦସ୍ୟଙ୍କ ମଧ୍ୟରୁ ୮ଜଣ କେବଳ ମଣିପୁରର ଓ ବାକି ୪ଜଣ ଦିଲ୍ଲୀର । ମିଆଁମାର ନିକଟରେ ଥିବାରୁ ମଣିପୁରରେ ଏହି ଖେଳ ବେଶ୍ ଲୋକପ୍ରିୟ । ପରବର୍ତ୍ତୀ ସଂସ୍କରଣରେ ଆମ ମହିଳା ଦଳ ମଧ୍ୟ ସିପକଟାକ୍ରରେ ପଦକ ହାସଲ କରିବ ହେମ ରାଜ ଆଶା ପ୍ରକାଶ କରିଛନ୍ତି । ଆସନ୍ତାମାସରେ ଆୟୋଜନ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ଦଳ ପଦକ ହାସଲ କରିବା ଲକ୍ଷ୍ୟରେ ରହିଛି ବୋଲି ସେ ଆଶାପ୍ରକାଶ କରିଛନ୍ତି ।

## ରେସଲିଂରେ ଦିବ୍ୟାଙ୍କୁ ବ୍ରୋଞ୍ଜ

ଜାକର୍ତ୍ତା, ୨୧ ।୮(ପି.ଟି.)

ଏସିଆନ ଗେମ୍ସରେ ଭାରତୀୟ ମହିଳା ରେସଲର ଦିବ୍ୟା କକ୍ରାନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ମଙ୍ଗଳବାର ୬୮ କେ.ଜି. ବର୍ଗ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ସେ ତାଇପେଇର ଚେନ୍ ୱେନଲିଙ୍ଗଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି । ଏଥି ସହିତ ଚଳିତ ଏସିଆନ ଗେମ୍ସରେ ଦିବ୍ୟା ଭାରତ ରେସଲିଂରେ ପ୍ରଥମ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

୨୦ ବର୍ଷୀୟ ଏସିଆନ ଚାମ୍ପିୟନଶିପ୍ ରୌପ୍ୟପଦକ ବିଜୟିନୀ ଦିବ୍ୟା ବୈଷୟିକ ଦୃଷ୍ଟିକୋଣରୁ ଦୁଇ ପାଦ ଆଗରେ ରହିଥିଲେ ଓ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରି ଚେନ୍‌ଙ୍କୁ ୧୦-୦ରେ ପଛରେ ପକାଇଥିଲେ । ଏହାପୂର୍ବରୁ ବଜରଙ୍ଗ ପୁନିଆ ୬୫ କେ.ଜି. ଓ ଭିନେଶ ଫୋଗତ ୫୦ କେ.ଜି. ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ଦିବ୍ୟା ମଧ୍ୟ ଗତବର୍ଷ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ।



ମହିଳା ୬୮ କେଜି ବର୍ଗ ରେସଲିଂରେ ଭାରତର ଦିବ୍ୟା କକ୍ରାନ (ଡାହାଣ) ଓ ତାଇପେଇର ଚେନ୍ ୱେନ୍‌ଲିଙ୍ଗଙ୍କ ମଧ୍ୟରେ ଲଢ଼େଇ ।




ସିପ୍‌କଟାକ୍ରରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳ ।

## ସେମିରେ ଭାରତୀୟ ପୁରୁଷ, ମହିଳା କବାଡ଼ି ଦଳ

ଜାକର୍ତ୍ତା, ୨୧ ।୮ (ପି.ଟି.)

ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ଓ ମହିଳା କବାଡି ଦଳ ଦମ୍‌ଦାର ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି । ପୂର୍ବରୁ ୭ଥର ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତୀୟ ପୁରୁଷ ଦଳ ଦକ୍ଷିଣ କୋରିଆଠାରୁ ୨୩- ୨୪ରେ ପରାସ୍ତ ହୋଇ ଝଟ୍‌କା ଖାଇବା ପରେ ପ୍ରତ୍ୟାବର୍ତ୍ତନ କରିଥିଲା । ଚତୁର୍ଥ ତଥା ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଭାରତ ୪୯- ୩୦ରେ ଥାଇଲାଣ୍ଡକୁ ହରାଇ ସେମିଫାଇନାଲ ଟିକେଟ ହାସଲ କରିଛି । ଏହା ପୂର୍ବରୁ ଭାରତ ବାଂଲାଦେଶକୁ ୫୦- ୨୧ ଓ ଶ୍ରୀଲଙ୍କାକୁ ୪୪-୨୮ରେ ପରାସ୍ତ କରିଥିଲା । ତେବେ ତୃତୀୟ ମ୍ୟାଚରେ ଦକ୍ଷିଣ କୋରିଆଠାରୁ ଭାରତ ହାରିଥିଲା । ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ସ୍ଥାନରେ ରହି ଭାରତ ସେମିକୁ ଉଠିଛି । ଅପରପକ୍ଷରେ ମହିଳା ବିଭାଗରେ ଭାରତ ଗ୍ରୁପ୍ ଏ'ରେ ମଙ୍ଗଳବାର ଦୁଇଟି ମ୍ୟାଚରେ ଖେଳିଛି । ଦୁଇଟିରେ ବିଜୟ ହାସଲ କରି ଭାରତ ଗ୍ରୁପ୍ ଟପ୍ପର ଭାବେ ସେମିକୁ ଉଠିଛି । ପ୍ରଥମ ମ୍ୟାଚରେ ଭାରତ ୩୮- ୧୨ରେ ଶ୍ରୀଲଙ୍କାକୁ ଓ ପରେ ଆୟୋଜକ ଇଣ୍ଡୋନେସିଆକୁ ୫୪- ୨୨ରେ ହରାଇଛି । ପୂର୍ବରୁ ଭାରତ ଜାପାନକୁ ୪୩- ୧୨ ଓ ଥାଇଲାଣ୍ଡକୁ ୩୩-୨୩ରେ ହରାଇଥିଲା । ସେମିଫାଇନାଲରେ ଭାରତ ଗ୍ରୁପ୍ ବି'ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ଭେଟିବ । ଆସନ୍ତା ୨୩ ତାରିଖରେ ସେମିଫାଇନାଲ ମ୍ୟାଚଗୁଡିକ ଖେଳାଯିବ ଓ ଫାଇନାଲ ମ୍ୟାଚ୍ ୨୪ ତାରିଖରେ ଆୟୋଜନ ହେବ ।

### ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୩୦ | ୧୮ | ୧୨ | ୬୦ |
| ଜାପାନ | ୧୨ | ୧୭ | ୧୮ | ୪୭ |
| କୋରିଆ | ୮ | ୧୨ | ୧୪ | ୩୪ |
| ଇଣ୍ଡୋନେସିଆ | ୫ | ୨ | ୫ | ୧୨ |
| ଇରାନ | ୪ | ୩ | ୫ | ୧୨ |
| ଉତ୍ତର କୋରିଆ | ୪ | ୧ | ୩ | ୮ |
| ଭାରତ | ୩ | ୩ | ୪ | ୧୦ |
| ଚାଇନିଜ୍ ତାଇପେ | ୩ | ୨ | ୫ | ୧୦ |
| ମଙ୍ଗୋଲିଆ | ୨ | ୧ | ୪ | ୭ |
| କାଜାଖସ୍ତାନ | ୧ | ୫ | ୭ | ୧୩ |

## ଭାରତର ଦ୍ୱିତୀୟ ସର୍ବବୃହତ୍ ବିଜୟ

### ମହିଳା ହକି

ଜାକର୍ତ୍ତା, ୨୧ ।୮(ପି.ଟି.)

ଏସିଆନ ଗେମ୍ସ ଇତିହାସରେ ଭାରତୀୟ ମହିଳା ହକି ଦଳ ଦ୍ୱିତୀୟ ସର୍ବବୃହତ୍ ବିଜୟ ହାସଲ କରିଛି । ଭାରତୀୟ ଦଳ ମଙ୍ଗଳବାର ୨୧-୦ ଗୋଲରେ କାଜାଖସ୍ତାନକୁ ହରାଇ ଏହି ଐତିହାସିକ ସଫଳତା ଅର୍ଜନ କରିଛି । ସ୍ଥାନୀୟ ଗେଲୋରା ବଙ୍ଗ୍ କାର୍ନୋ ହକି ଫିଲ୍ଡରେ ଭାରତ ପୁଲ୍ ବି'ରେ ତା'ର ଦ୍ୱିତୀୟ ମ୍ୟାଚରେ କାଜାଖସ୍ତାନକୁ ଭେଟିଥିଲା । ବିଶ୍ୱର ୯ ନମ୍ବର ଦଳ ଭାରତ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା ଓ ଅପେକ୍ଷାକୃତ ଦୁର୍ବଳ ତଥା ବିଶ୍ୱର ୩୪ ନମ୍ବର ଦଳ କାଜାଖସ୍ତାନକୁ କୌଣସି ସୁଯୋଗ ଦେଇ ନ ଥିଲା । ଭାରତ ତରଫରୁ ଗୁରଜିତ କୌର ୭, ୩୬, ୪୪ ଓ ୫୨ତମ ମିନିଟରେ ୪ଟି ଗୋଲ ସ୍କୋର କରିଥିଲେ । ସେହିପରି ଲାଲରେମସିଆମି ୯, ୧୯, ୩୦ତମ ମିନିଟରେ ୩ଟି, ନବନୀତ କୌର ମଧ୍ୟ ୧୧, ୧୨ ଓ ୪୯ତମ ମିନିଟରେ ୩ଟି, ବନ୍ଦନା କାଟାରିୟା ୨୯, ୩୭, ୫୩ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ । ଓଡ଼ିଆ ତାରକା ଲିଲିମା ମିଞ୍ଜ୍ ୩୮ ଓ ୪୪ମିନିଟରେ ଦୁଇଟି ଓ ନଭଜୋତ କୌର ୧୬ ଓ ୫୪ତମ ମିନିଟରେ ୨ଟି ଗୋଲ ସ୍କୋର କରିଥିଲେ । ସେହିପରି ନେହା ଗୋଏଲ ଦଶମ, ଉଦିତା ୩୪, ଅନ୍ୟତମ ଓଡ଼ିଆ ତାରକା ଦୀପ ଗ୍ରେସ୍ ଏକ୍କା ୪୩ ଓ ମୋନିକା ୫୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ଉଲ୍ଲେଖଥାଉ କି, ଭାରତ ପୂର୍ବରୁ ୧୯୮୨ ଏସିଆଡ୍‌ରେ ହଂକଂ ବିପକ୍ଷରେ ୨୨-୦ ଗୋଲରେ ବିଜୟୀ ହୋଇଥିଲା ଓ ଏହା ଏସିଆନ୍ ଗେମ୍ସ ଇତିହାସରେ ସର୍ବବୃହତ୍ ବିଜୟ ବିବେଚିତ ହୋଇଥିଲା । ଶନିବାର ପୁଲ ବି'ରେ ଭାରତୀୟ ମହିଳା ଦଳ ତା'ର ତୃତୀୟ ମ୍ୟାଚରେ ଦକ୍ଷିଣ କୋରିଆକୁ ଭେଟିବ । ସେହିପରି ବୁଧବାର ଭାରତୀୟ ପୁରୁଷ ହକି ଦଳ ପୁଲ୍ ଏ'ରେ ତା'ର ଦ୍ୱିତୀୟ ମ୍ୟାଚରେ ହଂକଂକୁ ଭେଟିବ ।



ଭାରତୀୟ ମହିଳା ହକି ଦଳର ଖେଳାଳିମାନେ ଖୁସି ମୁହୂର୍ତ୍ତରେ ।

## ବୁଧବାର ଭାରତର କାର୍ଯ୍ୟସୂଚୀ

- ଆର୍ଚେରୀ: ମହିଳା କମ୍ପାଉଣ୍ଡ, ସକାଳ ୮ଟା। ପୁରୁଷ କମ୍ପାଉଣ୍ଡ, ସକାଳ ୮ଟା।
- ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ: ପୁରୁଷ ବିଭାଗ ଅପରାହ୍ନ ୧ଟା, ମହିଳା ଟିମ୍ ଫାଇନାଲ ସଂଧ୍ୟା ୫ଟା।
- ବ୍ରିଜ୍: ପୁରୁଷ ଟିମ୍ ଯୋଗ୍ୟତା ପର୍ଯ୍ୟାୟ, ମିକ୍ସଡ ଟିମ୍(ରାଉଣ୍ଡ ରବିନ ୧), ସୁପରମିକ୍ସଡ ଟିମ୍ ଯୋଗ୍ୟତା ପର୍ଯ୍ୟାୟ, ସମସ୍ତ ଇଭେଣ୍ଟ ସକାଳ ୯ଟାରୁ ଆରମ୍ଭ।
- ପୁରୁଷ ହକି: ଭାରତ ବନାମ ହଂକଂ, ଅପରାହ୍ନ ୧୨ଟା ୩୦
- ଶୁଟିଂ: ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ ଯୋଗ୍ୟତା ପର୍ଯ୍ୟାୟ ସକାଳ ୮ଟା। ସ୍ୱର୍ଣ୍ଣ ପଦକ ପାଇଁ ମୁକାବିଲା ପୂର୍ବାହ୍ନ ୧୧ଟା ୩୦। ୨୫ ମିଟର ପିସ୍ତଲ ଯୋଗ୍ୟତା ପର୍ଯ୍ୟାୟ ସକାଳ ୮ଟା ଓ ୧୦ଟା। ସ୍ୱର୍ଣ୍ଣ ପଦକ ଇଭେଣ୍ଟ ପୂର୍ବାହ୍ନ ୧୧ଟା ୩୦।
- ସନ୍ତରଣ: ପୁରୁଷ ୧୦୦ ମିଟର ବଟରଫ୍ଲାଏ ଯୋଗ୍ୟତା ପର୍ଯ୍ୟାୟ ସକାଳ ୮ଟା। ସ୍ୱର୍ଣ୍ଣ ପଦକ ଇଭେଣ୍ଟ ସନ୍ଧ୍ୟା ୫ଟା। ୧୦୦ ମିଟର ବ୍ରେକ୍‌ଷ୍ଟ୍ରୋକ୍ ଯୋଗ୍ୟତା ପର୍ଯ୍ୟାୟ ସକାଳ ୮ଟା, ସ୍ୱର୍ଣ୍ଣ ପଦକ ଇଭେଣ୍ଟ ସନ୍ଧ୍ୟା ୫ଟା ୨୩। ୪x୧୦୦ ମିଟର ଫ୍ରିଷ୍ଟାଇଲ ରିଲେ ହିଟ୍ ସକାଳ ୮ଟା ୩୦। ସ୍ୱର୍ଣ୍ଣ ପଦକ ଇଭେଣ୍ଟ ସନ୍ଧ୍ୟା ୫ଟା।
- ଟାଏକୋଣ୍ଡୋ: ପୁରୁଷ ୮୦ କେଜି ରାଉଣ୍ଡ ଅଫ୍ ୩୨, ସକାଳ ୮ଟା ୪୫।
- ଟେନିସ: ପୁରୁଷ ସିଙ୍ଗଲ୍ସ ସକାଳ ୯ଟା। ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲ ପୂର୍ବାହ୍ନ ୧୧ଟା। ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ସକାଳ ୯ଟା, ମହିଳା ଡବଲ୍ସ ସକାଳ ୯ଟା।
- ପୁରୁଷ ଭଲିବଲ: ଭାରତ ବନାମ କାତାର ସନ୍ଧ୍ୟା ୬ଟା।
- ରେସଲିଂ: ପୁରୁଷ ଗ୍ରୀକୋ ରୋମାନ ୭୭ କେଜି ଅପରାହ୍ନ ୧୨ଟା, ୮୭ କେଜି ଇଭେଣ୍ଟ ଅପରାହ୍ନ ୧୨ଟା, ୯୭ କେଜି ପୂର୍ବାହ୍ନ ୧୧ଟା ୪୮, ୧୩୦ କେଜି ଅପରାହ୍ନ ୧ଟା ୦୬।
- ଉଶୁ(ସେମିଫାଇନାଲ): ମହିଳା ସାନ୍ଦା ସକାଳ ୮ଟା, ପୁରୁଷ ସାନ୍ଦା ସକାଳ ୮ଟା।



❝ କାଉଣ୍ଟି ଖେଳିଥିବାରୁ ଚାପରେ ଥିଲେ ମଧ୍ୟ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଭଲ ସ୍କୋର କରିବାରେ ସମର୍ଥ ହୋଇପାରିଲି।
–ଚେତେଶ୍ୱର ପୂଜାରା, ଭାରତୀୟ ବ୍ୟାଟ୍ସମ୍ୟାନ



❝ ଚଳିତ ବର୍ଷ ୬ଟି ଟୁର୍ନାମେଣ୍ଟରେ ମୋ ପ୍ରଦର୍ଶନରେ ଅସ୍ଥିରତା ରହିଥିଲେ ମଧ୍ୟ ଆସନ୍ତା ୟୁଏସ ଓପନରେ ମୁଁ ଟାଇଟଲ ଜିତିବା ଲକ୍ଷ୍ୟ ରଖିଛି ।
–ସେରେନା ୱିଲିୟମ୍ସ, ଆମେରିକାର ବିଶିଷ୍ଟ ଟେନିସ ଖେଳାଳି

## ସଂକ୍ଷେପରେ

### ନୂଆ ସମ୍ବିଧାନକୁ ରେଜିଷ୍ଟ୍ରି କଲା ବିସିସିଆଇ

ନୂଆଦିଲ୍ଲୀ, ୨୧।୮ (ପି.ଟି.): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ଏହାର ନୂଆ ସମ୍ବିଧାନକୁ ଚେନ୍ନାଇସ୍ଥିତ ରେଜିଷ୍ଟ୍ରାର ଅଫ୍ ସୋସାଇଟିଜ୍ ଅଫ୍ ତାମିଲନାଡୁରେ ଏହାର ନୂଆ ସମ୍ବିଧାନକୁ ରେଜିଷ୍ଟ୍ରି କରିଛି। ଏହାଦ୍ୱାରା ନୂଆ କର୍ମକର୍ତ୍ତା ନିର୍ବାଚନ ପରିଚାଳନା ନେଇ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବାରେ ପ୍ରଶାସକ କମିଟି (ସିଓଏ) ଲାଗି ପଥ ଉନ୍ମୁକ୍ତ ହୋଇଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଷ୍ଟିସ ଲୋଧା କମିଟିର ସଂସ୍କାରମୂଳକ ପ୍ରସ୍ତାବଗୁଡ଼ିକୁ ନେଇ ନୂଆ ସମ୍ବିଧାନ ଗଠନ କରାଯାଇଛି। ଗତ ଅଗଷ୍ଟ ୯ରେ ସୁପ୍ରିମ କୋର୍ଟ ଦେଇଥିବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ ଯାଇ ବିସିସିଆଇ ଏହାର ସିଇଓ ରାହୁଲ ଜୋହରିଙ୍କ ଜରିଆରେ ଚେନ୍ନାଇସ୍ଥିତ ରେଜିଷ୍ଟ୍ରାର ଅଫ୍ ସୋସାଇଟିଜ୍ ଅଫ୍ ତାମିଲନାଡୁରେ ନୂଆ ସମ୍ବିଧାନର ରେଜିଷ୍ଟ୍ରି କରାଇଥିଲେ। ଚେୟାରମ୍ୟାନ ବିନୋଦ ରାୟ ଓ ଡାଏନା ଏଡୁଲ୍‌ଜିଙ୍କୁ ନେଇ ଗଠିତ ପ୍ରଶାସକ କମିଟି କହିଛି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଆମେ ଧନ୍ୟବାଦ ଜଣାଉଛୁ। ବିସିସିଆଇର ନୂଆ ସମ୍ବିଧାନ ରେଜିଷ୍ଟ୍ରି ହେବା ଦ୍ୱାରା ଆମେ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଦେବୁ। ସୁପ୍ରିମକୋର୍ଟ ଯେଉଁ ରାୟ ପ୍ରଦାନ କରିଛନ୍ତି ସେ ନେଇ ରାଜ୍ୟ ଆସୋସିଏଶନଗୁଡ଼ିକୁ ୩୦ଦିନ ମଧ୍ୟରେ ସେମାନଙ୍କର ସ୍ୱୀକାରୋକ୍ତି ଜଣାଇବାକୁ ପଡ଼ିବ ବୋଲି ପ୍ରଶାସକ କମିଟି କହିଛି। ବର୍ତ୍ତମାନ ବିସିସିଆଇର ନୂଆ ସମ୍ବିଧାନ ସ୍ପଷ୍ଟ ହୋଇଛି। କର୍ମକର୍ତ୍ତା ନିର୍ବାଚନ ନେଇ ଆମେ ଖୁବ୍ ଶୀଘ୍ର ଏକ ରୋଡ୍‌ମ୍ୟାପ ଉପସ୍ଥାପନ କରିବୁ ବୋଲି ରାୟ ଏଠାରେ ଖବରଦାତାଙ୍କୁ ସୂଚନା ଦେଇଛନ୍ତି।

### ଖୋ-ଖୋକୁ ଏସିଆ ଅଲିମ୍ପିକ କାଉନ୍‌ସିଲର ସ୍ୱୀକୃତି

ଜାକର୍ତ୍ତା, ୨୧।୮ (ପି.ଟି.)-ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ (ଓସିଏ) ଭାରତର ସ୍ୱଦେଶୀ ଖେଳ ଖୋ-ଖୋ'କୁ ସ୍ୱୀକୃତି ପ୍ରଦାନ କରିଛି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ଏହାକୁ ସ୍ୱାଗତ କରିଛନ୍ତି। ଏଠାରେ ଅଗଷ୍ଟ ୯ରେ ଓସିଏର ଜେନେରାଲ ଆସେମ୍ବ୍ଲି ବସିଥିଲା। ଏଥିରେ ଖୋ-ଖୋକୁ ସ୍ୱୀକୃତି ଦେବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏସିଆନ ଇନ୍‌ଡୋର ଗେମ୍ସରେ ଖୋ-ଖୋ ଏକ ଡେମନଷ୍ଟ୍ରେଶନ ସ୍ପୋର୍ଟ୍ସ ଭାବେ ସ୍ଥାନ ପାଇବ। ପରବର୍ତ୍ତୀ ଏସିଆନ ଗେମ୍ସରେ ଏହି ଖେଳକୁ ସ୍ଥାନିତ କରିବା ଯଥେଷ୍ଟ ସମ୍ଭାବନା ରହିଛି। କ୍ରୀଡ଼ା ମନ୍ତ୍ରୀ ରାଠୋର କହିଛନ୍ତି ବିଶ୍ୱ କ୍ରୀଡ଼ାରେ ଭାରତର ପ୍ରଭାବ ବୃଦ୍ଧି ପାଉଥିବା ଏଥିରୁ ସୂଚୀତ ହେଉଛି। ଭବିଷ୍ୟତରେ ଖୋ-ଖୋ ଖେଳ ଏଣିକି କେବଳ ଏସୀୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସୀମିତ ନ ରହି ଅନ୍ୟ ଦେଶକୁ ପ୍ରସାରିତ ହେବ।

### ଜାତୀୟ ଫୁଟବଲ ଦଳରେ ୩ ଓଡ଼ିଆ

କଟକ ଅଫିସ,୨୧।୮-ତୁର୍କୀଠାରେ ହେବାକୁ ଥିବା ୧୬ବର୍ଷରୁ କମ୍ ବାଳକ ଫୁଟବଲ ଟୁର୍ନାମେଣ୍ଟ ନିମନ୍ତେ ଘୋଷିତ ଜାତୀୟ ଦଳରେ ୩ଜଣ ଓଡ଼ିଆ ସ୍ଥାନ ପାଇଛନ୍ତି। ସେମାନେ ହେଲେ ବି.କେ. ଓରାମ, ସମୀର କେରକେଟା ଓ ଟଙ୍କଧର ବାଘ। ସମୀର ଓ ଓରାମ ପୂର୍ବରୁ ଜାତୀୟ ଦଳରେ ରହିଥିବା ବେଳେ ଟଙ୍କଧରଙ୍କୁ କଟକରେ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ୍ (ଏଆଇଏଫ୍‌ଏଫ୍) ଦ୍ୱାରା ହୋଇଥିବା ପ୍ରତିଭା ଚୟନ କାର୍ଯ୍ୟକ୍ରମରୁ ଜାତୀୟ ଦଳ ନିମନ୍ତେ ବଛାଯାଇଛି। ଏହା ଗତ ଅଗଷ୍ଟ ୮ ଓ ୯ ତାରିଖରେ ହୋଇଥିଲା।

### ଆନ୍ଧ୍ରକୁ ହରାଇଲା ଓଡ଼ିଶା

କଟକ ଅଫିସ,୨୧।୮-ଗୋଆଠାରେ ଚାଲିଥିବା ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ର ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶକୁ ୮-୨ ଗୋଲରେ ଓଡ଼ିଶା ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ସୋନି ବେହେରା ୧୯ତମ, ୫୦ତମ ମିନିଟ୍‌ରେ, ଦୀପା ନାୟକ ୨୯ତମ, ଅତିରିକ୍ତ ୯୩ତମ ମିନିଟ୍‌ରେ, ଯଶୋଦା ମୁଣ୍ଡା ୪୨ତମ, ୪୫ତମ ମିନିଟ୍‌ରେ ୨ଟି ଲେଖାଏ ଗୋଲ ସ୍କୋର କରିଥିବା ବେଳେ ବନ୍ୟା କବିରାଜ ୬୧ତମ ମିନିଟ୍‌ରେ ଓ ମୁନିକା ମିଞ୍ଜ ୮୩ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି । ଆନ୍ଧ୍ରପ୍ରଦେଶ ପକ୍ଷରୁ ବି. ଅନୀଥା ୧୨ତମ ମିନିଟ୍‌ରେ ଓ ୱାଇ ଅନୀଥା ଅତିରିକ୍ତ ୯୧ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି ।

# ଷ୍ଟୋକ୍ସ-ବଟ୍‌ଲରର ଶତକୀୟ ଭାଗୀଦାରି

ନଟିଂହାମ୍, ୨୧।୮ (ପି.ଟି.)

ଟ୍ରେଣ୍ଟବ୍ରିଜଠାରେ ଚାଲିଥିବା ତୃତୀୟ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ଲଢୁଆ ପ୍ରତ୍ୟାବର୍ତ୍ତନ କରିଛି। ଉଇକେଟକିପର ଜୋସ ବଟଲର ଓ ବେନ୍ ଷ୍ଟୋକ୍ସ ୫ମ ଉଇକେଟରେ ଶତକୀୟ (ଅପରାଜିତ ୧୪୬ ରନ) ଭାଗୀଦାରି କରି ଭାରତର ବିଜୟ ପଥରେ ବାଧା ସୃଷ୍ଟି କରିଛନ୍ତି। ଖବରନେବା ବେଳକୁ ଘରୋଇ ଦଳ ଏହାର ଦ୍ୱିତୀୟ ଇନିଂସରେ ୪ ଉଇକେଟ ବିନିମୟରେ ୨୦୮ରନ କରିଛି। ବଟଲର ୯୧ ଏବଂ ୫୨ କରି ଅପରାଜିତ ରହିଛନ୍ତି।

ମ୍ୟାଚରେ ୫୨୧ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ଇଂଲଣ୍ଡ ପୂର୍ବଦିନର ଅସମାପ୍ତ ସ୍କୋର ୨୩/୦ରୁ ମଙ୍ଗଳବାର ଖେଳ ଆରମ୍ଭ କରିଥିଲା। ଦଳ ମଧ୍ୟାହ୍ନ ଭୋଜନ ସୁଦ୍ଧା ୮୪ରନରେ ୪ଟି ଉଇକେଟ ହରାଇ ବସିଥିଲା। ଈଶାନ୍ତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ପେସ୍ ବାହିନୀ ଇଂଲଣ୍ଡ ଟପ୍ ଅର୍ଡରରେ ବିପର୍ଯ୍ୟୟ ଘଟାଇଥିଲେ। ଈଶାନ୍ତ ୨ଟି ଏବଂ ମହମ୍ମଦ ସାମି ଓ ଯଶପ୍ରୀତ୍ ବୁମ୍‌ରା ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଚତୁର୍ଥ ଦିବସ ଖେଳର ୫ମ ବଲ୍‌ରେ କିଟନ ଜେନିଙ୍ଗ୍ସ (୧୩) କଟ୍ ବିହାଇଣ୍ଡ ହୋଇଥିଲେ। ଈଶାନ୍ତ ତାଙ୍କ ୭ଟି ବଲ୍‌ରେ ଦ୍ୱିତୀୟ ଉଇକେଟ ଖସାଇ ଦେଇଥିଲେ। ପୂର୍ବତନ ଅଧିନାୟକ ଆଲିଷ୍ଟର କୁକ୍ (୧୭)ଙ୍କୁ ସେ ଦ୍ୱିତୀୟ ସ୍ଲିପ୍ ଅଞ୍ଚଳରେ କେ.ଏଲ୍. ରାହୁଲଙ୍କ ଦ୍ୱାରା କ୍ୟାଚ ଆଉଟ କରିଦେଇଥିଲେ। ଘରୋଇ ଦଳ ୩୨ ରନ ସ୍କୋରରେ ଦୁଇଟି ଉଇକେଟ ହରାଇ ସାରିଥିଲା। ଜୋ ରୁଟ୍ (୧୩) ଓ ଅଲିଭର ପୋପ୍ (୧୬) ତୃତୀୟ ଉଇକେଟରେ ୩୦ ରନ ଯୋଗ କରିବାରେ ସମର୍ଥ ହୋଇଥିଲେ। ଇଂଲଣ୍ଡ ୧୯ତମ ଓଭରରେ ୫୦ ରନ ଅତିକ୍ରମ କରିଥିଲା। ଏହି ଦୁଇଜଣ ବ୍ୟାଟ୍ସମ୍ୟାନ କିନ୍ତୁ କ୍ରିଜ୍‌ରେ ସହଜ ଅନୁଭବ କରୁ ନ ଥିଲେ। ବୁମ୍‌ରାଙ୍କ ଆଙ୍ଗୁଲାର ଡେଲିଭରି ରୁଟ୍‌ଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବାବେଳେ ପୋପ୍ ପ୍ରତିଟି ସମ୍ଭାବ୍ୟ ସୁଯୋଗରେ ଫ୍ଲାଶି ଡ୍ରାଇଭ୍ ଖେଳୁଥିଲେ। ଏହା ସେମାନଙ୍କ ପତନର କାରଣ ହୋଇଥିଲା। ଉଭୟେ ୫ ବଲ୍ ବ୍ୟବଧାନରେ ୨୫ତମ ଓ ୨୬ତମ ଓଭରରେ ଆଉଟ ହୋଇଥିଲେ। ପ୍ରଥମେ ରୁଟ୍‌ଙ୍କୁ ବିଦାୟ ନେବାକୁ ପଡ଼ିଥିଲା। ସେ ବୁମ୍‌ରାଙ୍କ ଏକ ୱାଇଡଥ ଡେଲିଭରି ଖେଳିବାକୁ ଯାଉଥିବାବେଳେ ଦ୍ୱିତୀୟ ସ୍ଲିପ୍ ଅଞ୍ଚଳରେ ରାହୁଲଙ୍କ ଦ୍ୱାରା କ୍ୟାଚ ହୋଇଥିଲେ। ଶାମିଙ୍କ ବଲ୍‌ରେ କୋହଲି ଏକ ଚମତ୍କାର ଡାଇଭ କ୍ୟାଚ ନେଇ ପୋପ୍‌ଙ୍କୁ ଆଉଟ କରିଦେଇଥିଲେ। କିନ୍ତୁ ପରେ ବେନ୍ ଷ୍ଟୋକ୍ସ ଓ ଉଇକେଟକିପର ଜୋସ୍ ବଟଲର ଲଢୁଆ ବ୍ୟାଟିଂ କରି ଦଳର ବ୍ୟାଟିଂରେ ସୁଧାର ଆଣିଥିଲେ।



ଶତକୀୟ ଭାଗୀଦାରି ଅବସରରେ ଜୋସ ବଟଲର ଓ ବେନ୍ ଷ୍ଟୋକ୍ସ ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:** ୩୨୯।
**ଇଂଲଣ୍ଡ ପ୍ରଥମ ଇନିଂସ:** ୧୬୧।
**ଭାରତ ଦ୍ୱିତୀୟ ଇନିଂସ:** ୩୫୨/୭, ଘୋଷଣା।
**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୨୦୮/୪ (ବଟ୍‌ଲର-୯୧* ଷ୍ଟୋକ୍ସ-୫୨*; ଈଶାନ୍ତ-୨/୬୦, ଶାମି-୧/୪୩, ବୁମ୍‌ରା-୧/୫୮ )।

### ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି
## ଇଣ୍ଡିଆ ବ୍ଲୁ ଚାମ୍ପିୟନ

ବେଙ୍ଗାଲୁରୁ, ୨୧।୮

ଇଣ୍ଡିଆ ରେଡ୍‌କୁ ରୋମାଞ୍ଚକର ଭାବେ ୪ ରନରେ ପରାସ୍ତ କରି ଇଣ୍ଡିଆ ବ୍ଲୁ ଦଳ ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି ଜିତିବାରେ ସଫଳ ହୋଇଛି। ମଙ୍ଗଳବାର କେଏସ୍‌ସିଏ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଇଣ୍ଡିଆ ବ୍ଲୁ ପ୍ରଥମେ ବ୍ୟାଟିଂ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୩୧ ରନ କରିଥିଲା। ଦଳ ପକ୍ଷରୁ ଓପନର ଦୟଲାନ ହେମଲତା ସର୍ବାଧିକ ୪୮ ରନ କରିଥିଲେ। ଭେଲାସ୍ୱାମୀ ବନିତା ଓ ତାନିଆ ଭାଟିଆ ଉଭୟ ୨୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। ପ୍ରତିପକ୍ଷ ଇଣ୍ଡିଆ ରେଡ୍ ପକ୍ଷରୁ ଶିଖା ପାଣ୍ଡେଙ୍କୁ ୨ଟି ଉଇକେଟ୍ ମିଳିଥିଲା। ଜବାବରେ ଦୀପ୍ତି ଶର୍ମାଙ୍କ ନେତୃତ୍ୱାଧୀନ ଇଣ୍ଡିଆ ରେଡ୍ ୭ ଉଇକେଟ୍ ବିନିମୟରେ ୧୨୭ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଦୁଇ ଓପନର ପୁନମ ରାଉତ (୫୨) ଓ ଦୀପ୍ତି (୪୫)ଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି ବ୍ୟାଟ୍ସୱିମ୍ୟାନ ଦୁଇଅଙ୍କ ସ୍କୋର ସ୍ପର୍ଶ କରିପାରି ନ ଥିଲେ। ଉଭୟ ଓପନିଂ ଯୋଡ଼ିରେ ୧୪.୩ ଓଭରରେ ୮୭ ରନ ସଂଗ୍ରହ କରି ଦୃଢ଼ ମୂଳଦୁଆ ପକାଇଥିଲେ ମଧ୍ୟ ମଧ୍ୟକ୍ରମ ବିଫଳତା ଯୋଗୁ ଇଣ୍ଡିଆ ରେଡ୍ ଚାମ୍ପିୟନ ହେବାରୁ ବଞ୍ଚିତ ହୋଇଥିଲା। ଚାମ୍ପିୟନ ଇଣ୍ଡିଆ ବ୍ଲୁ ତରଫରୁ ପୁନମ ଯାଦବ ଓ ରାଧା ଯାଦବ ଯଥାକ୍ରମେ ୩ଟି ଓ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ।

## ଆନ୍ତଃ ସ୍କୁଲ ଫୁଟବଲ: ଡିଏଭି, ପଳାଶୁଣୀ ହାଇସ୍କୁଲ ବିଜୟୀ

ଭୁବନେଶ୍ୱର, ୨୧।୮(କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଡିଏଭି ପୋଖରୀପୁଟ ଓ ପଳାଶୁଣୀ ହାଇସ୍କୁଲ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ଡିଏଭି ୫-୧ ଗୋଲରେ ଜାଭିୟର କେଦାରଗୌରୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ପ୍ରିୟମ ପଟ୍ଟନାୟକ ୨ଟି, ଅଭିଷେକ ଦାସ ୨ଟି ଏବଂ ଆୟୁଷ କୁମାର ମିଶ୍ର ଗୋଟିଏ ଗୋଲ ଦେଇଥିଲେ। ବିଜେବି ଇଂଲିଶ୍ ମିଡିୟମ ସ୍କୁଲ-୨ ପ୍ରିନ୍ସିପାଲ ଖୟନିକା ଦାସ ଅତିଥିଭାବେ ଯୋଗଦେଇ ପ୍ରିୟମ ପଟ୍ଟନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ପଳାଶୁଣୀ ହାଇସ୍କୁଲ ୩-୦ ଗୋଲରେ ଟାଇମ୍ସ ଗୁରୁକୁଳକୁ ହରାଇ ଦେଇଛି। ବିଜୟୀ ଦଳର ଦୁର୍ଗା ମାରାଣ୍ଡି ୨ଟି ଏବଂ ଗୁରୁ ମାନଦ୍ରା ଗୋଟିଏ ଗୋଲ ଦେଇଥିଲେ। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର ସହ ସମ୍ପାଦକ ନବରଞ୍ଜନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଦୁର୍ଗା ମାରାଣ୍ଡିଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ ଆସୋସିଏଶନ ପକ୍ଷରୁ ପ୍ରିୟନାଥ ମିଶ୍ର, ଦିଲୀପ ଦାସ, ପ୍ରଫୁଲ୍ଲ ମିଶ୍ର, ପ୍ରସନ୍ନ ଦାସ, ପ୍ରବାଳ ଦାସ, ପ୍ରଦୀପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




ପ୍ରିୟମ ପଟ୍ଟନାୟକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।

## ସୁନ୍ଦରଗଡ଼ ଚାମ୍ପିୟନ, କେନ୍ଦୁଝର ରନର୍ସଅପ୍



ରାଜ୍ୟ ଉଷୁ ଚାମ୍ପିୟନଶିପ୍‌ରେ ପଦକ ବିଜୟୀ ପ୍ରତିଯୋଗୀମାନେ ।

ଭୁବନେଶ୍ୱର, ୨୧।୮(କ୍ରୀଡ଼ା ପ୍ରତିନିଧି)

ଝାରସୁଗୁଡ଼ାର ବେଲପାହାଡ଼ସ୍ଥିତ ଜୁବିଲି ହଲ୍‌ରେ ୨୬ତମ ଓଡ଼ିଶା ରାଜ୍ୟ ଉଷୁ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲା ଉଷୁ ଆସୋସିଏଶନ ଓ ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ସୁନ୍ଦରଗଡ଼ ସର୍ବାଧିକ ୨୭ ସ୍ୱର୍ଣ୍ଣ, ୨୧ ରୌପ୍ୟ ଓ ୧୬ ବ୍ରୋଞ୍ଜ ପଦକ ଜିତି ଦଳଗତ ଚାମ୍ପିୟନ ହୋଇଛି। କେନ୍ଦୁଝର ଦଳ ୨୭ ସ୍ୱର୍ଣ୍ଣ, ୧୩ ରୌପ୍ୟ, ୯ ବ୍ରୋଞ୍ଜ ସହ ରନର୍ସଅପ୍ ଏବଂ ଖୋର୍ଦ୍ଧା ୧୫ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୨୨ ବ୍ରୋଞ୍ଜ ପଦକ ହାସଲ କରି ତୃତୀୟସ୍ଥାନ ଅଧିକାର କରିଛି। ପ୍ରତିଯୋଗିତାରେ ୨୭ ଜିଲାରୁ ୩୫୦ ପ୍ରତିଯୋଗୀ, ୨୦ ଜଜ୍ ଓ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ବ୍ରାଜିଲର ବ୍ରାସିଲିଆଠାରେ ଅନୁଷ୍ଠିତ ୭ମ ଜୁନିୟର ବିଶ୍ୱ ଉଷୁ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିବା କେନ୍ଦୁଝରର ବାବୁଲୁ ମୁଣ୍ଡା ଓ ଜାତୀୟ ସ୍ତରରେ ବିଭିନ୍ନ ଡ୍ୟାନ୍ସ ଶୋ'ରେ କୃତିତ୍ୱ ଅର୍ଜନ କରିଥିବା ଝାରସୁଗୁଡ଼ାର ଜୈନିକା ଅନ୍‌ସୁରୁଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସାଇ କୋଚ୍ ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜୁରୀ ଦାୟିତ୍ୱ ତୁଲାଇଥିବାବେଳେ ମନୋଜ ଶୁକ୍ଲା ଓ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଜଜ୍ ଭୂମିକା ନିର୍ବାହ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବେଲବାହାଡ଼ ମ୍ୟୁନିସିପାଲ କାଉନସିଲ୍ ଚେୟାରମ୍ୟାନ ପୁରୁଷୋତ୍ତମ ସାହୁ ମୁଖ୍ୟ ଅତିଥି, ଉଷୁ ଆସୋସିଏଶନ ଅଫ ଓଡ଼ିଶା ସଭାପତି ଏସ.ଏସ.ହରିଚନ୍ଦନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଝାରସୁଗୁଡ଼ା ଜିଲା ଉଷୁ ଆସୋସିଏଶନ ସଭାପତି ତ୍ରିନାଥ ଗଲ୍, ସାଧାରଣ ସମ୍ପାଦକ ନବୀନ ସିଂ, ଉଷୁ ଆସୋସିଏଶନ ଅଫ ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସେକ୍ରେଟାରିଏଟ କପ୍ ଫୁଟବଲ

ଭୁବନେଶ୍ୱର, ୨୧।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ସେକ୍ରେଟାରିଏଟ ଏମ୍ପ୍ଲଇଜ୍ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଫାଇଭ୍-ଏ-ସାଇଡ୍ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚରେ ସୂଚନା ଓ ଲୋକସମ୍ପର୍କ ବିଭାଗ ୩-୦ ଗୋଲରେ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗକୁ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅନୁପସ୍ଥିତ ରହିବାରୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ୱାକଓଭର ପାଇଛି। ତୃତୀୟ ମ୍ୟାଚରେ ଅନୁସୂଚିତ ଜାତି ଓ ଉପଜାତି ଓ ସଂଖ୍ୟାଲଘୁ ବିକାଶ ବିଭାଗ ୧-୦ ଗୋଲରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗକୁ ହରାଇଥିବାବେଳେ ସରକାରୀ ଉଦ୍ୟୋଗ ଏବଂ ଯୋଜନା ଓ ସଂଯୋଜନା ବିଭାଗ ମଧ୍ୟରେ ଅନୁଷ୍ଠିତ ୪ର୍ଥ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ୫ମ ମ୍ୟାଚରେ ଅର୍ଥ ବିଭାଗ ୯-୧ ଗୋଲରେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଦୁର୍ଯ୍ୟୋଧନ ବାର୍ଲା ଏକାକୀ ୬ଟି ଗୋଲ ସ୍କୋର କରିଥିଲେ।

# ଆସାମ ବିପକ୍ଷରୁ ଓଡ଼ିଶାର ରଣଜୀ ଅଭିଯାନ

କଟକ ଅଫିସ,୨୧।୮

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ପ୍ରମୁଖ ଘରୋଇ କ୍ରିକେଟ ପ୍ରତିଯୋଗିତା ରଣଜୀ ଟ୍ରଫି ନଭେମ୍ବର ୧ରୁ ଆରମ୍ଭ ହେବ । ଆଗାମୀ ସିଜନ ପାଇଁ ଓଡ଼ିଶା ଏଲିଟ୍ ଗ୍ରୁପ୍-ସିରେ ସ୍ଥାନ ପାଇଛି । ପ୍ରତିଯୋଗିତାରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍ ଆସାମ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ । ଅନ୍ୟପକ୍ଷରେ ସି.କେ. ନାଇଡୁ ଟ୍ରଫି ଓ କୁଚ ବିହାର ଟ୍ରଫି ନିମନ୍ତେ ମ୍ୟାଚ ସୂଚୀ ମଧ୍ୟ ଘୋଷଣା କରାଯାଇଛି । ଉକ୍ତ ୨ଟି ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶା ଗ୍ରୁପ୍-ସିରେ ରହିଛି । ବିସିସିଆଇର ଏହି ଘରୋଇ ଟୁର୍ନାମେଣ୍ଟଗୁଡ଼ିକ ନିମନ୍ତେ ଖୁବ୍‌ଶୀଘ୍ର ଭେନ୍ୟୁ ଘୋଷଣା କରାଯିବ।

**ଘରୋଇ ମାଟିରେ ୫ ରଣଜୀ ମ୍ୟାଚ୍ ଖେଳିବ ଓଡ଼ିଶା**

ଏଲିଟ୍ ଗ୍ରୁପ୍-ସିରେ ଓଡ଼ିଶା ସମେତ ଆସାମ, ଗୋଆ, ହରିୟାଣା, ଜମ୍ମୁ ଓ କଶ୍ମୀର, ଝାଡ଼ଖଣ୍ଡ, ସର୍ଭିସେସ୍, ରାଜସ୍ଥାନ, ତ୍ରିପୁରା ଓ ଉତ୍ତରପ୍ରଦେଶ ରହିଛନ୍ତି । ଓଡ଼ିଶା ପ୍ରଥମେ ଆସାମ ବିପକ୍ଷରେ ଖେଳିବ, ପରେ ଗୋଆ, ଉତ୍ତରପ୍ରଦେଶ, ତ୍ରିପୁରା, ହରିୟାଣା, ରାଜସ୍ଥାନ ବିପକ୍ଷରେ ମ୍ୟାଚ୍‌ଗୁଡ଼ିକ ଘରୋଇ ପରିବେଶରେ ଖେଳିବ । ଏଲିଟ୍ ଗ୍ରୁପ୍-ଏରେ ବରୋଦା, ଛତିଶଗଡ଼, ଗୁଜରାଟ, କର୍ଣାଟକ, ମହାରାଷ୍ଟ୍ର, ମୁମ୍ବାଇ, ରେଲବାଇ, ସୌରାଷ୍ଟ୍ର, ବିଦର୍ଭ ସ୍ଥାନ ପାଇଥିବା ବେଳେ ଏଲିଟ ଗ୍ରୁପ୍-ବିରେ ଦିଲ୍ଲୀ, ବେଙ୍ଗଲ, କେରଳ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ହାଇଦ୍ରାବାଦ୍, ହିମାଚଳପ୍ରଦେଶ, ତାମିଲନାଡୁ ରହିଛନ୍ତି । ପ୍ଲେଟ ଗ୍ରୁପ୍‌ରେ ବିହାର, ଅରୁଣାଚଳପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ସିକିମ ଓ ଉତ୍ତରାଖଣ୍ଡ ରହିଛନ୍ତି । ନଭେମ୍ବର ୧ରୁ ରଣଜୀର ଲିଗ ପର୍ଯ୍ୟାୟ ଆରମ୍ଭ ହୋଇ ଜାନୁୟାରୀ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

**ନଭେମ୍ବର ୨ରୁ ସିକେ ନାଇଡୁ ଟ୍ରଫି**

ରଣ୍‌ଜୀ ଆରମ୍ଭ ହେବାର ଗୋଟିଏ ଦିନ ପରେ ଆରମ୍ଭ ହେବ ସିକେ ନାଇଡୁ ଟ୍ରଫି । ନଭେମ୍ବର ୨ରୁ ଜାନୁୟାରୀ ୧୨ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ । ଓଡ଼ିଶା ଏହି ଟୁର୍ନାମେଣ୍ଟରେ ଏଲିଟ୍ ଗ୍ରୁପ୍-ସିରେ ରହିଛି । ଓଡ଼ିଶା ସମେତ ଛତିଶଗଡ଼, ଗୋଆ, ହରିୟାଣା, ହିମାଚଳପ୍ରଦେଶ, ଜମ୍ମୁ ଓ କଶ୍ମୀର, କେରଳ, ରେଲୱେ, ବିଦର୍ଭ ରହିଛନ୍ତି । ଏଲିଟ୍ ଗ୍ରୁପ୍-ଏରେ ଆସାମ, ବରୋଦା ଦିଲ୍ଲୀ, ଗୁଜରାଟ, ହାଇଦ୍ରାବାଦ, ଝାଡ଼ଖଣ୍ଡ, କର୍ନାଟକ, ମଧ୍ୟପ୍ରଦେଶ, ତାମିଲନାଡୁ, ଏଲିଟ୍ ଗ୍ରୁପ୍-ବିରେ ଆନ୍ଧ୍ରପ୍ରଦେଶ, ବେଙ୍ଗଲ, ମହାରାଷ୍ଟ୍ର, ମୁମ୍ବାଇ, ପଞ୍ଜାବ, ସୌରାଷ୍ଟ୍ର, ରାଜସ୍ଥାନ, ତ୍ରିପୁରା, ଉତ୍ତରପ୍ରଦେଶ ରହିଥିବା ବେଳେ ପ୍ଲେଟ ଗ୍ରୁପ୍‌ରେ ବିହାର, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ସିକିମ ଓ ଉତ୍ତରାଖଣ୍ଡ ସ୍ଥାନ ପାଇଛନ୍ତି ।




| ଓଡ଼ିଶାର ରଣଜୀ କାର୍ଯ୍ୟସୂଚୀ |
| --- |
| ନଭେମ୍ବର ୧ରୁ ୪ ବନାମ ଆସାମ |
| ନଭେମ୍ବର ୧୨ରୁ ୧୫ ବନାମ ଗୋଆ |
| ନଭେମ୍ବର ୨୦ରୁ ୨୩ ବନାମ ଉତ୍ତରପ୍ରଦେଶ |
| ନଭେମ୍ବର ୨୮ରୁ ଡିସେମ୍ବର ୧ ବନାମ ଜମ୍ମୁ ଓ କଶ୍ମୀର |
| ଡିସେମ୍ବର ୬ରୁ ୯ ବନାମ ତ୍ରିପୁରା |
| ଡିସେମ୍ବର ୧୪ରୁ ୧୭ ବନାମ ସର୍ଭିସେସ |
| ଡିସେମ୍ବର ୨୨ରୁ ୨୫ ବନାମ ହରିୟାଣା |
| ଡିସେମ୍ବର ୩୦ରୁ ଜାନୁୟାରୀ ୨ ବନାମ ଝାଡ଼ଖଣ୍ଡ |
| ଜାନୁୟାରୀ ୭ରୁ ୧୦ ବନାମ ରାଜସ୍ଥାନ |

**ଓଡ଼ିଶାର ସିକେ ନାଏଡୁ କାର୍ଯ୍ୟସୂଚୀ**

ନଭେମ୍ବର ୨ରୁ ୫ ବନାମ ହରିୟାଣା
ନଭେମ୍ବର ୧୪ରୁ ୧୭ ବନାମ ଗୋଆ
ନଭେମ୍ବର ୨୨ରୁ ୨୫ ବନାମ ବିଦର୍ଭ
ନଭେମ୍ବର ୩୦ରୁ ଡିସେମ୍ବର ୩ ବନାମ କେରଳ
ଡିସେମ୍ବର ୮ରୁ ୧୧ ବନାମ ରେଲୱେ
ଡିସେମ୍ବର ୧୬ରୁ ୧୯ ବନାମ ଛତିଶଗଡ଼
ଡିସେମ୍ବର ୨୪ରୁ ୨୭ ବନାମ ଜମ୍ମୁ ଓ କଶ୍ମୀର
ଜାନୁୟାରୀ ୯ରୁ ୧୨ ବନାମ ବିଦର୍ଭ

**ନଭେମ୍ବର ୧୯ରୁ କୁଚବିହାର ଟ୍ରଫି**

ଆସନ୍ତା ନଭେମ୍ବର ୧୯ରୁ ଜାନୁୟାରୀ ୩ ପର୍ଯ୍ୟନ୍ତ କୁଚ ବିହାର ଟ୍ରଫି ଲିଗ ପର୍ଯ୍ୟାୟ ଖେଳାଯିବ। ଏହି ଟୁର୍ନାମେଣ୍ଟରେ ମଧ୍ୟ ଓଡ଼ିଶା ଏଲିଟ ଗ୍ରୁପ-ସିରେ ସ୍ଥାନ ପାଇଛି। ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଆସାମ, ଗୋଆ, ଜମ୍ମୁ ଓ କଶ୍ମୀର, କେରଳ, ସୌରାଷ୍ଟ୍ର, ତ୍ରିପୁରା ରହିଛନ୍ତି । ଏଲିଟ୍ ଗ୍ରୁପ୍-ଏରେ ବରୋଦା, ଛତିଶଗଡ଼, ଦିଲ୍ଲୀ, ହିମାଚଳପ୍ରଦେଶ, ମହାରାଷ୍ଟ୍ର, ମୁମ୍ବାଇ, ତାମିଲନାଡୁ, ଉତ୍ତରପ୍ରଦେଶ, ବିଦର୍ଭ, ଏଲିଟ୍ ଗ୍ରୁପ୍-ବିରେ ବେଙ୍ଗଲ, ଗୁଜରାଟ, ହରିୟାଣା, ହାଇଦ୍ରାବାଦ, ଝାଡ଼ଖଣ୍ଡ, କର୍ନାଟକ, ମଧ୍ୟପ୍ରଦେଶ, ପଞ୍ଜାବ, ରାଜସ୍ଥାନ ରହିଥିବା ବେଳେ ପ୍ଲେଟ ଗ୍ରୁପ୍‌ରେ ବିହାର, ଅରୁଣାଚଳପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ସିକିମ, ଉତ୍ତରାଖଣ୍ଡ ରହିଛନ୍ତି ।

**ଓଡ଼ିଶାର କୁଚବିହାର ଟ୍ରଫି କାର୍ଯ୍ୟସୂଚୀ**

ନଭେମ୍ବର ୧୯ରୁ ୨୨ ବନାମ ଗୋଆ
ନଭେମ୍ବର ୨୬ରୁ ୨୯ ବନାମ କେରଳ
ଡିସେମ୍ବର ୩ରୁ ୬ ବନାମ ଆନ୍ଧ୍ରପ୍ରଦେଶ
ଡିସେମ୍ବର ୧୦ରୁ ୧୩ ବନାମ ତ୍ରିପୁରା
ଡିସେମ୍ବର ୧୭ରୁ ୨୦ ବନାମ ଜମ୍ମୁ ଓ କଶ୍ମୀର
ଡିସେମ୍ବର ୨୪ରୁ ୨୭ ବନାମ ସୌରାଷ୍ଟ୍ର
ଡିସେମ୍ବର ୩୧ରୁ ଜାନୁୟାରୀ ୩ ବନାମ ଆସାମ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ବୁଧବାର, ଅଗଷ୍ଟ ୨୨/୨୦୧୮ | Berhampur, Wednesday, August, 22/ 2018

# ୩୧,୮୨୨ ଶିଶୁ ପୁଷ୍ଟିହୀନତାର ଶିକାର

ଛତ୍ରପୁର,୨୧।୮(ଡି.ଏନ.ଏ)

**ଗଞ୍ଜାମ ଜିଲ୍ଲା**

ଗଞ୍ଜାମ ଜିଲା ସମନ୍ବିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକ ମଙ୍ଗଳବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ଶିଶୁମାନେ ଯେଭଳି ପୁଷ୍ଟିହୀନତାର ଶିକାର ନ ହେବେ,ସେଥିପ୍ରତି ଅଧିକ ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ୯.୧ ପ୍ରତିଶତ ଅର୍ଥାତ ୩୧, ୮୨୨ ଶିଶୁ ପୁଷ୍ଟିହୀନତାର ଶିକାର ହୋଇଥିବା ସୂଚନା ଦିଆଯାଇଥିଲା। ଏହା ଯେପରି କମ୍ ରହିବ ସେଥିପ୍ରତି ଧ୍ୟାନ ଦେବାକୁ ସିଡିପିଓମାନଙ୍କୁ କୁହାଯାଇଥିଲା । ବର୍ତ୍ତମାନ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଚିନି ବ୍ୟବହାର କମ୍ କରି ଗୁଡ ବ୍ୟବହାର କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ସ୍ୱଚ୍ଛତା ରଖିବା, ଚାରାରୋପଣ, ଶିଶୁମାନଙ୍କ ପାଇଁ ପାଇଖାନା ଆଦି ସଫାସୁତରା କରିବାକୁ କୁହାଯାଇଛି। ଜିଲାରେ ମୋଟ ୫ ହଜାର ୧୩୯ ଅଙ୍ଗନୱାଡି କେନ୍ଦ୍ର ରହିଥିବା ବେଳେ ସେଥିରୁ ୩ ହଜାର ୬୩୩ କେନ୍ଦ୍ରର ନିର୍ମାଣ ପାଇଁ ସରକାର ଅର୍ଥ ମଞ୍ଜୁର କରିଛନ୍ତି। ୨,୬୦୯ ଅଙ୍ଗନୱାଡି କେନ୍ଦ୍ରର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅନ୍ୟଗୁଡିକୁ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ୬୫ ଅଙ୍ଗନୱାଡି କର୍ମୀ ଓ ୧୬ ସହାୟିକା ପଦବୀ ଖାଲି ପଡିଛି। ତେବେ ଏ ନେଇ ହାଇକୋର୍ଟରେ ମାମଲା ଚାଲିଥିବା କୁହାଯାଇଛି । ମମତା ଯୋଜନାରେ ଅନ୍ତର୍ଭୁକ୍ତ ମା'ମାନଙ୍କୁ ସେମାନଙ୍କ ପ୍ରାପ୍ୟ ଖୁବଶୀଘ୍ର ପ୍ରଦାନ କରାଯିବ । ମିଶନ ଶକ୍ତିରେ ସ୍ୱୟଂ ସହାୟକ ଗୋଷ୍ଠୀର ଜମା ଖାତା ଖୋଲିବାରେ ବ୍ୟାଙ୍କଗୁଡିକ ଅସହଯୋଗ କରୁଥିବା ସିଡିପିଓମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେସବୁ ବ୍ୟାଙ୍କର ତାଲିକା ଦେବାକୁ ଜିଲାପାଳ କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବ୍ରହ୍ମପୁର ଉପଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ଜିଲାର ସମସ୍ତ ବ୍ଲକର ସିଡିପିଓ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କାର-ବାଇକ୍ ମୁହାଁମୁହିଁ ଧକ୍କା
# ବାପା, ଝିଅ ଗୁରୁତର

ହିଞ୍ଜିଳିକାଟୁ,୨୧।୮(ଡି.ଏନ.ଏ.):

ହିଞ୍ଜିଳି ଥାନା ସାରୁ ଛକରେ ମଙ୍ଗଳବାର କାର ଓ ବାଇକ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଆରୋହୀ ବାପା ଓ ଝିଅ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କବିସୂର୍ଯ୍ୟନଗର ଥାନା ଏ. ବରିଡ଼ା ଗ୍ରାମର ଭଗବାନ ପ୍ରଧାନ ଓ ତାଙ୍କ ଝିଅ କାଜଲ। ବ୍ରହ୍ମପୁର ମେଡ଼ିକାଲ କଲେଜରେ କାଜଲଙ୍କ ନାମ ଲେଖାଇବା ପାଇଁ ଭଗବାନ ତାଙ୍କୁ ବାଇକରେ ବସାଇ ନେଉଥିଲେ। ସାରୁ ଛକରେ ବିପରୀତ ଦିଗରୁ ଆସୁଥିବା କାର ସହ ବାଇକ ଧକ୍କା ହେବାରୁ ଉଭୟେ ପଡ଼ିଯାଇ ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ପଠାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି।

# କାଜୁ ଜଙ୍ଗଲରୁ ମୃତ ହାତୀ ଉଦ୍ଧାର



ହାତୀ ମୃତଦେହ ପୋତାଯାଉଛି ।

ସୋରଡ଼ା,୨୧।୮(ଡି.ଏନ୍.ଏ)

ଗାଜଲବାଡ଼ି ବନାଞ୍ଚଳର ଏକ କାଜୁ ବଗିଚାରେ ସୋମବାର ୫ ବର୍ଷର ମାଈ ହାତୀର ମୃତ୍ୟୁ ହୋଇଛି। ଖବର ପାଇ ବନ ବିଭାଗ କର୍ମଚାରୀ ଭଞ୍ଜନଗର ଡିଏଫ୍ଓଙ୍କ ନିର୍ଦ୍ଦେଶରେ ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକଙ୍କ ସମେତ ବିଭାଗୀୟ ଅଧିକାରୀ ପହଞ୍ଚିଥିଲେ। କିନ୍ତୁ ମୃତ ହାତୀକୁ ଅନ୍ୟ ହାତୀ ପଲ ଘେରି ରହିଥିବାରୁ କର୍ମଚାରୀ ମୃତଦେହ ଉଦ୍ଧାର କରିନପାରି ଫେରିଯାଇଥିଲେ। ମଙ୍ଗଳବାର ସକାଳୁ ବାଣ ଫୁଟାଇ ହାତୀ ପଲଙ୍କୁ ଘଉଡ଼ାଇବା ପରେ ମୃତହାତୀକୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସକ ପ୍ରବୀର କୁମାର ମହାପାତ୍ର ବ୍ୟବଚ୍ଛେଦ କରିଥିଲେ। ପରେ କର୍ମଚାରୀମାନେ ସେଠାରେ ହାତୀକୁ ପୋତି ଦେଇଥିଲେ। ତେବେ ବହୁ ଦିନ ଧରି ଖାଦ୍ୟ ନପାଇ ଶ୍ୱାସ କ୍ରିୟାଜନିତ ଯନ୍ତ୍ରଣା ଯୋଗୁ ହାତୀର ମୃତ୍ୟୁ ହୋଇଥିବା ଡାକ୍ତର ମହାପାତ୍ର କହିଛନ୍ତି। ଡିଏଫ୍ଓ ପି.ରାମସ୍ୱାମୀ, ଏସ୍‌ସିଏଫ୍ଓ ବିଭୂତି ଭୂଷଣ ବେହେରା, ଉପସ୍ଥିତ ଥିଲେ। ଉକ୍ତ ଅଞ୍ଚଳରେ ଆହୁରି ୨୬ ହାତୀ ଥିବା ଜଣାପଡ଼ିଛି।

## ■ ୨ ଜୁଆ ଆଡ୍ଡାରୁ ୭ ଗିରଫ
# ଟଙ୍କା, ବାଇକ୍ ଜବତ

ଛତ୍ରପୁର,୨୧।୮(ଡି.ଏନ.ଏ.)

ଗଞ୍ଜାମ ପୋଲିସ ଜିଲା ଚମାଖଣ୍ଡି ଥାନା ପକ୍ଷରୁ ସୋମବାର ରାତିରେ ପୃଥକ ୨ଟି ସ୍ଥାନରେ ଚାଲିଥିବା ଜୁଆ ଆଡ୍ଡାରେ ଚଢାଉ କରାଯାଇ ୭ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୯ଟି ବାଇକ୍ ଏବଂ ୨୩ ହଜର ୩୭୦ ଟଙ୍କା ଜବତ ହୋଇଛି। କୌଣସି ସୂତ୍ରରୁ ଖବର ପାଇ ପୋଲିସ ସୋମବାର ରାତିରେ କଣମଣା ଅଞ୍ଚଳରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରିଥିଲା। ସେଠାରୁ ୩ ଜଣଙ୍କୁ ଗିରଫ କରିବା ସହ ୬ ବାଇକ ଓ ୩ ହଜାର ୬୪୦ ଟଙ୍କା ଜବତ ହୋଇଥିଲା। ପରେ ରଘୁନାଥପୁର ଅଞ୍ଚଳରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢାଉ କରାଯାଇ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୯ ହଜାର ୭୩୦ ଟଙ୍କା ଓ ୩ ବାଇକ ଜବତ ହୋଇଛି। ଏ ନେଇ ପୋଲିସ ପକ୍ଷରୁ ୨ ମାମଲା (ନଂ.୭୯, ୮୦/୧୮ ) ରୁଜୁ ହୋଇଛି। ବୁଧବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

ଜି.ଉଦୟଗିରି,୨୧।୮(ଡି.ଏନ.ଏ.)

ଜି.ଉଦୟଗିରି ପୋଲିସ ପକ୍ଷରୁ ଭାରତୀୟ ଷ୍ଟେଟବ୍ୟାଙ୍କ ଆନୁକୂଲ୍ୟରେ ସୋମବାର ଜି.ଉଦୟଗିରି ବନ୍ଧ ଛକରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଟ୍ରାଫିକ ନିୟମ ମାନିବା, ହେଲମେଟ ବ୍ୟବହାର କରିବା, ଦ୍ରୁତ ଗତିରେ ଗାଡ଼ି ନ ଚଲାଇବା, ବିନା ଲାଇସେନ୍ସରେ ଗାଡ଼ି ନ ଚଳାଇବା ପାଇଁ ଲୋକଙ୍କୁ ସଚେତନ କରାଯାଇଛି । ଭାରତୀୟ ଷ୍ଟେଟବ୍ୟାଙ୍କ ତରଫରୁ ଗାଡ଼ି ନିୟନ୍ତ୍ରଣ କରିବା ପାଇଁ ଷ୍ଟପ ବୋର୍ଡ ଦିଆଯାଇଥିଲା ଓ ଏହି ବୋର୍ଡ ସହରର ୬ଟି ସ୍ଥାନରେ ଲାଗିଥିଲା । ଜି.ଉଦୟଗିରି ବନ୍ଧ ଛକରେ ଷ୍ଟପ ବୋର୍ଡକୁ ଭାରତୀୟ ଷ୍ଟେଟବ୍ୟାଙ୍କର ମୁଖ୍ୟ ପରିଚାଳକ (ଅଡିଟ) ମୃତ୍ୟୁଞ୍ଜୟ ସାମଲ ଉଦ୍‌ଘାଟନ କରିଥିଲେ। ଜି.ଉଦୟଗିରି ପୋଲିସ ଆଇଆଇସି ବାଳକୃଷ୍ଣ କହଁର, ବ୍ୟାଙ୍କର ଜି.ଉଦୟଗିରି ଶାଖା ପରିଚାଳକ କୁମାର ବେହେରାଙ୍କ ସମେତ ପୋଲିସ ଓ ବ୍ୟାଙ୍କର କର୍ମଚାରୀ ଉପସ୍ଥିତ ଥିଲେ ।


















2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ